

ପ୍ରି-କ୍ୱାର୍ଟରରେ ହମ୍ପି, ଦିବ୍ୟା

ପୃଷ୍ଠା ୬


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 115 | ଭାଗ ୩୩ | ସଂଖ୍ୟା ୧୧୫ Bhubaneswar | Wednesday 16 July 2025 | Page 8 Rs. 4.00 ● ଭୁବନେଶ୍ୱର ବୁଧବାର ୧୬ ଜୁଲାଇ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


# କାନ୍ଦୁଛି ଗାଁ, ଝୁରୁଛି କ୍ୟାମ୍ପସ୍





## ୨୦ ଲକ୍ଷ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

## କଠୋର ଦଣ୍ଡ ବିଧାନ ପାଇଁ ଦେଲେ ପ୍ରତିଶ୍ରୁତି

## ରାତି ଅଧରେ ଏମ୍ସରେ ହାଇଡ୍ରାମା

## ଗାଁ ମଶାଣିରେ ଜଳିଲା ଜୁଇ

ଭୁବନେଶ୍ୱର,୧୫।୭(ସଂଚାର ବ୍ୟୁରୋ): ଜୀବନ ଯୁଦ୍ଧରେ ହାରିଗଲେ ଏଫ୍‌ଏମ କଲେଜ ଛାତ୍ରୀ। ଜୀବନ ମରଣ ସହ ସଂଘର୍ଷ ପରେ ଗତକାଲି ରାତିରେ ଆଖି ବୁଜିଛନ୍ତି ପୀଡ଼ିତା ସୌମ୍ୟାଶ୍ରୀ ବିଶି। ବାଲେଶ୍ୱର ଫକୀରମୋହନ କଲେଜ କର୍ତ୍ତୃପକ୍ଷଙ୍କ ନିର୍ଯାତନାର ଶିକାର ହେବା ପରେ ଗତ ଶନିବାର ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ ସୌମ୍ୟାଶ୍ରୀ। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବାଲେଶ୍ୱର ଓ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ସଂକଟାପନ୍ନ ଅବସ୍ଥାରେ ଏମ୍ସରେ ତାଙ୍କର ଚିକିତ୍ସା ଚାଲିଥିଲା। ତାଙ୍କ ଶରୀରର ୯୦ରୁ ୯୫ ପ୍ରତିଶତ ଅଂଶ ପୋଡିଯାଇଥିଲା। ୯୮ ପ୍ରତିଶତ ଭେଣ୍ଟିଲେଟରର ସହାୟତାରେ ତାଙ୍କର ଚିକିତ୍ସା ଚାଲିଥିଲା। କିନ୍ତୁ ସୋମବାର ବିଳମ୍ବିତ ରାତିରେ ଏମ୍‌ସ କର୍ତ୍ତୃପକ୍ଷ ତାଙ୍କୁ ମୃତ (କ୍ଲିନିକାଲ୍ ଡେଥ୍) ଘୋଷଣା କରିଛନ୍ତି। ଛାତ୍ରୀଙ୍କ ସଂଘର୍ଷର ଦୁଃଖଦ ଅନ୍ତ ଘଟିଛି। ବିଳମ୍ବିତ ରାତିରେ ଏହି ଖବର ଜଣାପଡ଼ିବା ପରେ ସମସ୍ତେ ସ୍ତମ୍ଭୀଭୂତ ହୋଇଯାଇଛନ୍ତି। ରାତି ୧୨ଟାରେ ପରିବାର ସଦସ୍ୟ ଓ ହସ୍ପିଟାଲରେ ଉପସ୍ଥିତ ଥିବା ସାଙ୍ଗମାନଙ୍କୁ ଛାତ୍ରୀଙ୍କ ମୃତ୍ୟୁ ସମ୍ପର୍କରେ ଅବଗତ କରାଯାଇଥିଲା। ସଙ୍ଗେ ସଙ୍ଗେ ହସ୍ପିଟାଲ ପରିସର କାନ୍ଦବୋବାଳିରେ ଫାଟି ପଡ଼ିଥିଲା। ଏହାର କିଛି ସମୟ ପରେ ଡାକ୍ତର ତାଙ୍କୁ ବିଧିବଦ୍ଧ ଭାବେ ମୃତ ଘୋଷଣା କରିଥିଲେ ।

ଅନ୍ୟପଟେ କଲେଜ ଛାତ୍ରୀଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ରାତି ଅଧରେ ଏମସ ପରିସରରେ ଶାସକ ଓ ବିରୋଧୀ ଦଳ ମଧରେ ଛକାପଞ୍ଝା ଦେଖିବାକୁ ମିଳିଥିଲା। ଆମ୍ବୁଲାନ୍ସରେ ମୃତଦେହ ହସ୍ପିଟାଲରୁ ପୋଷ୍ଟମର୍ଟମ୍ ରୁମ୍‌କୁ ନିଆଯିବା ସମୟରେ ଯୁବ ଓ ଛାତ୍ର ବିଜେଡି କର୍ମକର୍ତ୍ତାମାନେ ବାଟ ଓଗାଳିଥିଲେ। ଲୁଚାଛପା ଭାବେ ମୃତଦେହ ବାହାରକୁ ନେବା ପାଇଁ ଷଡ଼ଯନ୍ତ୍ର କରାଯାଉଥିବା ସେମାନେ ଅଭିଯୋଗ କରିଥିଲେ। ଫଳରେ ପୁଲିସ ସହ ସେମାନଙ୍କର ଧସ୍ତାଧସ୍ତି ହୋଇଥିଲା। ନେତା ଏମ୍‌ସରେ ପହଞ୍ଚିଥିଲେ। ସେମାନେ ଭିତରକୁ ଯାଇ ଏମ୍‌ସର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ଖବର ପାଇ ବିଜେଡିର ବହୁ ଯୁବ ଓ ଛାତ୍ର ନେତା ଏମ୍‌ସ ପରିସରରେ ପହଞ୍ଚିବା ସହ ସରକାର ଲୁଚାଚୋରାରେ ଶବ ସତ୍କାର ପାଇଁ ଷଡ଼ଯନ୍ତ୍ର କରୁଛନ୍ତି ବୋଲି ଆରୋପ ଲଗାଇଥିଲେ। ଏହାପରେ ରାତି ପ୍ରାୟ ସାଢ଼େ ୧ଟା ସମୟରେ ପୋଷ୍ଟମର୍ଟମ୍ ରୁମ୍‌କୁ ନେବା ପାଇଁ ପଛ ଦ୍ୱାରରେ ଆମ୍ବୁଲାନ୍ସରେ ମୃତଦେହ ରଖାଯାଇଥିଲା। କିନ୍ତୁ ସେଠାରୁ ଆମ୍ବୁଲାନ୍ସ ବାହାରିବା ସମୟରେ ବିଜେଡି କର୍ମକର୍ତ୍ତାମାନେ ଆମ୍ବୁଲାନ୍ସ ଆଗରେ ➪ପୃଷ୍ଠା-୬

ଏହି ଘଟଣାକୁ ବିଜେଡି ଦୁର୍ଭାଗ୍ୟଜନକ କହିଥିବା ବେଳେ କଂଗ୍ରେସ କର୍ମକର୍ତ୍ତାମାନେ ଧାରଣା ଦେଇଥିଲେ।

ସେହିପରି କୌଣସି ଅଘଟଣ ଆଶଙ୍କାରେ ସଙ୍ଗେ ସଙ୍ଗେ ଏମ୍‌ସ ପରିସରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। କମିସନରେଟ୍ ପୋଲିସର ବରିଷ୍ଠ ଅଧିକାରୀମାନେ ପହଞ୍ଚିଥିଲେ। ସେଠାରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ରାତି ପ୍ରାୟ ୧୨ଟା ୪୫ ବେଳକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବିଧାୟକ ଆକାଶ ଦାସନାୟକ, ଈରାଶିଷ ଆଚାର୍ଯ୍ୟ, ବାବୁ ସିଂହ, ଅମର ନାୟକଙ୍କ ସମେତ ଶାସକ ଦଳର ବହୁ

## ୟୁଜିସି ଫ୍ୟାକ୍ଟ ଫାଇଣ୍ଡିଂ କମିଟି କରିବ ତଦନ୍ତ

### ୭ ଦିନରେ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ

ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣାର ନିରବଚ୍ଛିନ୍ନ ତଦନ୍ତ ପାଇଁ ୟୁଜିସି ପକ୍ଷରୁ ଏକ ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଗଠନ କରାଯାଇଛି। ୟୁଜିସି ସଦସ୍ୟ ତଥା ନୂଆଦିଲ୍ଲୀସ୍ଥିତ ଗୁରୁ ଗୋବିନ୍ଦ ସିଂହ ଇନ୍ଦ୍ରପ୍ରସ୍ଥ ୟୁନିଭର୍ସିଟିର ପ୍ରଫେସର ରାଜ ମିତ୍ତଲଙ୍କ ଅଧକ୍ଷତାରେ ଗଠିତ ଏହି କମିଟିରେ ଆଉ ତିନି ଜଣ ସଦସ୍ୟ ରହିଛନ୍ତି।

## କ୍ଷମା ମାଗନ୍ତୁ ରାହୁଲ: ଧର୍ମେନ୍ଦ୍ର

ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ କଡ଼ା ଜବାବ ଦେଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ କହିଛନ୍ତି ଯେ ସୌମ୍ୟାଶ୍ରୀଙ୍କ ଅକାଳ ବିୟୋଗକୁ ନେଇ ରାହୁଲ ରାଜନୀତି କରିବା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ। ଏକ ସମ୍ବେଦନଶୀଳ ବିଷୟକୁ ରାଜନୈତିକ ଅସ୍ତ୍ର କରିବା ତାଙ୍କର ଶସ୍ତା ମାନସିକତାକୁ ଦର୍ଶାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ➪ପୃଷ୍ଠା-୬

## ଗୁରୁତ୍ୱପୂର୍ଣ୍ଣ ବୈଠକରେ ସାରଗର୍ଭକ ଚର୍ଚ୍ଚା

### ସରକାର ସବୁ ପଦକ୍ଷେପ ନେଉଛନ୍ତି

ଆଜି ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ମାମଲାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏହି ଘଟଣା ସହ ଯେଉଁମାନେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସାମିଲ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୈଠକରେ ସାମିଲ୍ ଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ସେ କହିଛନ୍ତି ଯେ ଆଇନ ତା' ବାଟରେ ଯିବ। ଯେଉଁମାନେ କର୍ତ୍ତବ୍ୟରେ ଅବହେଳା କରିଛନ୍ତି, ସେମାନଙ୍କ ବିରୋଧରେ ➪ପୃଷ୍ଠା-୬

---

### ରେଭେନ୍ସା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ସମାରୋହରେ ରାଷ୍ଟ୍ରପତି

# ଆମର ଭାଷା ଅନେକ, କିନ୍ତୁ ଭାବନା ଏକ



## ବାଳିକା ଉଚ୍ଚ ବିଦ୍ୟାଳୟର ପୁନର୍ବିକାଶ ଲାଗି ଶିଳାନ୍ୟାସ

## ଧର୍ମେନ୍ଦ୍ରଙ୍କୁ 'କଳିଙ୍ଗ ରତ୍ନ ପୁରସ୍କାର'

କଟକ,୧୫।୭(ସଂଚାର ବ୍ୟୁରୋ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି କଟକଠାରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ସମାରୋହରେ ଯୋଗ ଦେଇଛନ୍ତି। ସମାରୋହରେ ଉଦବୋଧନ ଦେଇ ରାଷ୍ଟ୍ରପତି କହିଛନ୍ତି, ଏହି ଶିକ୍ଷାନୁଷ୍ଠାନ ସ୍ୱାଧୀନତା ସଂଗ୍ରାମର ଏକ ସକ୍ରିୟ କେନ୍ଦ୍ର ଥିଲା ଏବଂ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠନ ଆନ୍ଦୋଳନ ସହ ଜଡିତ ଥିଲା। ଶିକ୍ଷାର ବିକାଶ ଓ ମହିଳା ସଶକ୍ତିକରଣ କ୍ଷେତ୍ରରେ ଏହି ଶିକ୍ଷାନୁଷ୍ଠାନ ନିରନ୍ତର ମୂଲ୍ୟବାନ ଯୋଗଦାନ ଦେଇ ଆସୁଛି। ଏହାର ଅନେକ ପୂର୍ବତନ ବିଦ୍ୟାର୍ଥୀ ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷାବିତ୍, ସାହିତ୍ୟିକ, ଦାର୍ଶନିକ, ରାଜନେତା, ସମାଜ ସଂସ୍କାରକ, ବୈଜ୍ଞାନିକ ଓ କଳାକାର ଭାବେ ଭାରତର ଗୌରବ ବୃଦ୍ଧି କରିଛନ୍ତି। ରେଭେନ୍ସା ବିଶ୍ୱବିଦ୍ୟାଳୟ ଗବେଷଣା, ନବସୃଜନ ଓ ଅନ୍ତର୍ଭୁକ୍ତିକରଣ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି କରୁଛି ବୋଲି ରାଷ୍ଟ୍ରପତି ଖୁସିର ସହ ଉଲ୍ଲେଖ କରିଥିଲେ। ଏହି ଅନୁଷ୍ଠାନ ପରାମର୍ଶ ସେବା ଓ ପ୍ରଯୁକ୍ତିବିଦ୍ୟା ସ୍ଥାନାନ୍ତର ମାଧମରେ ଅନେକ ଶିଳ୍ପ ଅଂଶୀଦାରଙ୍କ ନିକଟରେ ନିଜର ବିଶେଷଜ୍ଞତା ପହଞ୍ଚାଇଛି। ଏହାର 'ଡିଜାଇନ, ନବସୃଜନ ଓ ଉଦ୍ୟମିତା କେନ୍ଦ୍ର' ବିଚାରବିମର୍ଶ, ଗବେଷଣା ଓ ଉଦ୍ୟୋଗ ବିକାଶକୁ ପ୍ରୋତ୍ସାହନ ଦେଉଛି। ବିଶ୍ୱବିଦ୍ୟାଳୟ ଆଦିବାସୀ ଅଞ୍ଚଳ, ଅନୁନ୍ନତ ଗୋଷ୍ଠୀ ଓ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ନାମ ଲେଖା ବୃଦ୍ଧି କରିବା ଉପରେ ଧ୍ୟାନ ଦେବା ସନ୍ତୋଷର ବିଷୟ ବୋଲି ସେ କହିଥିଲେ। ରାଷ୍ଟ୍ରପତି କହିଥିଲେ ଯେ ବର୍ତ୍ତମାନ ହେଉଛି ବିଜ୍ଞାନ ଓ ପ୍ରଯୁକ୍ତିର ଯୁଗ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଥ୍ରୀଡି ପ୍ରିଣ୍ଟିଂ ଏବଂ କ୍ଲାଉଡ୍ କମ୍ପ୍ୟୁଟିଂ ଆମ ଚିନ୍ତାଧାରା ଏବଂ କାର୍ଯ୍ୟ ଶୈଳୀରେ ଏକ ବ୍ୟାପକ ପରିବର୍ତ୍ତନ ଆଣିଛି। ➪ପୃଷ୍ଠା-୬

## ରେଭେନ୍ସା ବିଶ୍ୱବିଦ୍ୟାଳୟ ଏକ ବ୍ରାଣ୍ଡ୍



କଟକ,୧୫।୭(ସଂଚାର ବ୍ୟୁରୋ): ରେଭେନ୍ସା ବିଶ୍ୱବିଦ୍ୟାଳୟ କେବଳ ଏକ ଅନୁଷ୍ଠାନ ନୁହେଁ, ଏହା ଏକ ବ୍ରାଣ୍ଡ। ମହାବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ରେଭେନ୍‌ସାର ଯାତ୍ରା ଗୌରବମୟ। ଆମେ ଯେତେବେଳେ ରେଭେନ୍‌ସା କଲେଜରେ ➪ପୃଷ୍ଠା-୬

## ନୂଆ ଅଧ୍ୟାୟ ଉନ୍ମୋଚନ କରିବ ରେଭେନ୍ସା ସଂସ୍କୃତି



ରେଭେନ୍ସା ବିଶ୍ୱବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଆମ ସମସ୍ତ ଓଡ଼ିଆ ଲୋକଙ୍କ ପାଇଁ ଏକ ସଂସ୍କୃତି, ପରମ୍ପରା ଓ ସ୍ପନ୍ଦନ ସଦୃଶ। ଏକବିଂଶ ଶତାବ୍ଦୀରେ ରେଭେନ୍ସାର ସଂସ୍କୃତି ବିଶ୍ୱରେ ନୂଆ ଅଧ୍ୟାୟ ଉନ୍ମୋଚନ କରିବ ➪ପୃଷ୍ଠା-୬

## ମହାକାଶରୁ ଫେରିଲେ ଶୁଭାଂଶୁ



ନୂଆଦିଲ୍ଲୀ, ୧୫।୭: ମହାକାଶରୁ ଫେରିଲେ ଶୁଭାଂଶୁ ଶୁକ୍ଲା। ଖୁସିରେ ଝୁମି ଉଠିଲା ପୁରା ଭାରତ। ଐତିହାସିକ ଅକ୍ସିଆମ-୪ ମିଶନ ପୂରା କରି ଭାରତ ପାଇଁ ଇତିହାସ ରଚିଛନ୍ତି ଶୁଭାଂଶୁ। ଯାହା ଆଗାମୀ ଦିନରେ ଭାରତୀୟ ମହାକାଶ ବିଜ୍ଞାନକୁ ନୂଆ ଦିଶା ଦେଖାଇବ। ଏହି ବହୁ ପ୍ରତିକ୍ଷିତ ମୁହୂର୍ତ୍ତକୁ ପୂରା ଦେଶ ଅପେକ୍ଷା ରହିଥିଲା। ଡ୍ରାଗନ କ୍ୟାପ୍‌ସୁଲରୁ ପୃଥିବୀ ପୃଷ୍ଠରେ ପାଦ ପକାଇବା କ୍ଷଣି ସମଗ୍ର ଦେଶ କହିଥିଲା ସ୍ୱାଗତଂ ଶୁଭାଂଶୁ। କାନ୍ଦି ପକାଇଥିଲେ ବାପା ମାଆ। ଖୁସିରେ ଝୁମି ଉଠିଥିଲେ ଦେଶବାସୀ। କାରଣ ୧୮ ଦିନ ଅନ୍ତର୍ଜାତୀୟ ସ୍ପେଶ ଷ୍ଟେସନରେ ➪ପୃଷ୍ଠା-୬

# ସୋସିଆଲ ମିଡିଆ ଚଳାଇବା ନାଁରେ ଟଙ୍କା ଚଳୁ



## ଛାତ୍ରୀମୃତ୍ୟୁ ଘଟଣାରୁ ଫିଟୁଛି ଗୁମର

## ଶୋକ, ଶୁଭେଚ୍ଛାରେ ସୋସିଆଲ ମିଡିଆ ସୀମିତ

ଭୁବନେଶ୍ୱର,୧୫।୭(ସଂଚାର ବ୍ୟୁରୋ): ନିଜ ନିଜର ସୋସିଆଲ ମିଡିଆ ଚଳାଇବାପାଇଁ ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ସଚିବମାନେ ଲକ୍ଷାଧିକ ଟଙ୍କା ବ୍ୟୟ କରୁଛନ୍ତି। ଟେଣ୍ଡର ଜରିଆରେ ସଂସ୍ଥା ଚୟନ କରୁଛନ୍ତି। କାମ ପାଇବାକୁ ଲାଗୁଛି ପ୍ରତିଯୋଗିତା। ବିଭିନ୍ନ ମାନଦଣ୍ଡ ଦେଖାଇ କାମ ପାଉଛନ୍ତି। ତେବେ ମୁଖ୍ୟ କାମ ହେଉଛି ସୋସିଆଲ ମିଡିଆରେ ମନ୍ତ୍ରୀ, ସଚିବ, ବିଭାଗ ଓ ସରକାରଙ୍କ ଛବିକୁ ଚମକାଇବା। ଏଥିପାଇଁ ପ୍ରଫେସନାଲମାନଙ୍କୁ ନିୟୋଜିତ କରୁଥିବା ଦର୍ଶାଇ ରାଜକୋଷକରୁ ବିପୁଳ ଅର୍ଥ ନେଉଛନ୍ତି। ନିଜର ପ୍ରଚାର ପ୍ରସାର ପାଇଁ ବି ସରକାରୀକଳ ହାତ ଖୋଲି ଦେଉଛନ୍ତି। ହେଲେ ଟେଣ୍ଡର ହେଉଁ କିମ୍ବା ଚୟନ, ଯେଉଁଭଳି ଶକ୍ତି ପ୍ରଦର୍ଶନ କରି ଲକ୍ଷାଧିକ ଟଙ୍କା ବ୍ୟୟରେ ସଂସ୍ଥାମାନେ କାମ ନେଉଛନ୍ତି ସେହି ଅନୁଯାୟୀ ପ୍ରଦର୍ଶନ କରୁନାହାନ୍ତି। ଥରେ କାମ ହାତେଇଲା ପରେ ଏକ ପ୍ରକାର ଛୁ' ➪ପୃଷ୍ଠା-୬

# ଧୈର୍ଯ୍ୟହରା ହୋଇଗଲେ କି ସୌମ୍ୟାଶ୍ରୀ ?



## କାର୍ଯ୍ୟାନୁଷ୍ଠାନ ପାଇଁ ହୋଇଥିଲା ସୁପାରିସ

## ମିଡିଆ ଟ୍ରାଏଲରେ ବଳିପଡ଼ିଲେ ଅଧକ୍ଷ !

ଭୁବନେଶ୍ୱର,୧୫।୭(ସଂଚାର ବ୍ୟୁରୋ): ସୌମ୍ୟାଶ୍ରୀ ବିଶି ଆତ୍ମହତ୍ୟା ଘଟଣାରେ ଏଫଏମ କଲେଜର ଆଭ୍ୟନ୍ତରଣୀ ଅଭିଯୋଗ କମିଟି ସଦସ୍ୟଙ୍କ ବୟାନ ପୁଣି ଥରେ ଅନେକ ଅସମାହିତ ପ୍ରଶ୍ନ ସୃଷ୍ଟି କରିଛି। ଏହି ବିବାଦ ଆରମ୍ଭ ହୋଇଥିଲା ମାତ୍ର ୧୬ ଦିନ ପୂର୍ବରୁ। ଗତ ୩୦ ତାରିଖରେ ଅନୁଷ୍ଠିତ ଚତୁର୍ଥ ସେମିଷ୍ଟାର ପରୀକ୍ଷାରେ ବସିବାକୁ ସୌମ୍ୟାଶ୍ରୀଙ୍କୁ ଅନୁମତି ମିଳିନଥିଲା। କାରଣ ତାଙ୍କ ଆଟେଣ୍ଡାନ୍ସ ଥିଲା ମାତ୍ର ୩୫ ପ୍ରତିଶତ। ତେଣୁ ସେ ଅଧକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ପରଦିନ ସ୍କୁଲରେ ପହଁଚିଥିଲା ପୋଲିସ। ୧ ତାରିଖରେ ଅଧକ୍ଷ ଦିଲ୍ଲୀପ ଘୋଷ ଗଠନ କଲେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି। କମିଟିକୁ ସୌମ୍ୟାଶ୍ରୀଙ୍କ ଅଭିଯୋଗର ତଦନ୍ତ ଦାୟିତ୍ୱ ଦିଆଗଲା। ସୌମ୍ୟାଶ୍ରୀ ଶିକ୍ଷା ବିଭାଗର ଏଚଓଡି ସମୀର ସାହୁଙ୍କ ବିରୋଧରେ ଆଣିଥିଲେ ମାନସିକ ଓ ଯୌନ ନିର୍ଯାତନା ଅଭିଯୋଗ। ଏହାର ତଦନ୍ତ ଆରମ୍ଭ ହୋଇଥିଲା ୩ ତାରିଖରୁ। ୯ ତାରିଖ ରାତି ୯ଟା ୧୫/୨୦ ବେଳକୁ କମିଟି ଅଧକ୍ଷଙ୍କୁ ରିପୋର୍ଟ ଦେଇଥିଲେ।

କମିଟି ସଦସ୍ୟଙ୍କ କହିବା କଥା ହେଲେ ସେମାନେ ମାନସିକ ନିର୍ଯାତନା ନେଇ ସୌମ୍ୟାଶ୍ରୀ ଆଣିଥିବା ଅଭିଯୋଗର ଅନେକ ପ୍ରମାଣ ପାଇଛନ୍ତି। ସୌମ୍ୟାଶ୍ରୀଙ୍କ ସହପାଠୀମାନେ ବି ଏଥିରେ ଏକମତ ହୋଇଥିଲେ। ସାମାନ୍ୟ ବିଳମ୍ବ ହେଲେ ୪୫ ମିନିଟ ଧରି ଶିକ୍ଷାର୍ଥୀଙ୍କୁ ଶ୍ରେଣୀଗୃହ ବାହାରେ ଛିଡା କରାଇଦେଉଥିଲେ। ଏଭଳି ପନିସମେଣ୍ଟକୁ କିଏ କେଉଁଭଳି ନେଉଥିଲେ। କିଏ ଏହାକୁ ହାଲୁକା ଭାବେ ନେଉଥିଲେ ତ କିଏ ସୌମ୍ୟାଶ୍ରୀଙ୍କ ଭଳି ମାନସିକ ସ୍ତରରେ ଭାଙ୍ଗିପଡୁଥିଲେ। ସୌମ୍ୟାଶ୍ରୀ ବି ଏଭଳି ପନିସମେଣ୍ଟ ଓ ଏଚଓଡିଙ୍କ ରୁଢ ବ୍ୟବହାରରେ ମାନସିକ ଭାବେ ଭାଙ୍ଗି ପଡିଥିଲେ। ତେବେ ଯୌନ ନିର୍ଯାତନା ଅଭିଯୋଗର ସୌମ୍ୟାଶ୍ରୀ କୌଣସି ପ୍ରମାଣ ଦେଇପାରିନଥିଲେ। ଅବଶ୍ୟ ଏଭଳି ଅଭିଯୋଗର ସବୁ ସମୟରେ ପ୍ରମାଣ ମିଳିନଥାଏ। କିନ୍ତୁ ତାଙ୍କର ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ ସହପାଠୀମାନେ ଏଭଳି ➪ପୃଷ୍ଠା-୬

# ଯାଦୁଆ ବିକୁଛି ଯାଦୁ ମଲମ









## ପୁଣି ଖୋଲିବ ପରୀ, ବ୍ଲାକରୋଜ, ପିହୁ, ମମିତା ଫାଇଲ୍

ଭୁବନେଶ୍ୱର,୧୫।୭(ସଂଚାର ବ୍ୟୁରୋ): ଓଡ଼ିଆରେ ଗୋଟି ଢଗ ଅଛି, ଯାଦୁଆ ବିକୁଛି ଯାଦୁ ମଲମ। ଏହାର ଅର୍ଥ କାହାରିକୁ ବୁଝାଇବାର ଆବଶ୍ୟକତା ନାହିଁ। ବର୍ତ୍ତମାନ ରାଜ୍ୟରେ ବିଜେଡିର ସ୍ଥିତି ଏହି ଯାଦୁଆ ଭଳି ହୋଇଛି। ଦଳର ମଙ୍ଗ ଧରିଥିବା ନେତାମାନେ ଯାଦୁରେ ଶଢୁଛନ୍ତି, ହେଲେ ସେମାନେ ସରକାରଙ୍କ ଯାଦୁ ଭଲ କରିବାକୁ ଲମ୍ବାଚଉଡା ପରାମର୍ଶ ଦେଇ ମଲମ ବିକିବାକୁ ଚେଷ୍ଟା କରୁଛନ୍ତି। ତେଣୁ ଏବେ ସରକାର ଏହି ଯାଦୁଆଙ୍କ ଯାଦୁକୁ ଉଖୁରେଇବାକୁ ଯୋଜନା କରିଛନ୍ତି।

୨୪ ବର୍ଷର ବିଜେଡି ସରକାରରେ ପ୍ରଣବ ପ୍ରକାଶ ଦାସ ଓରଫ କ୍ରୀତଦାସ, ଅରୁଣ ସାହୁ, ସଂଜୟ ଦାସବର୍ମା, ଅତନୁ ସବ୍ୟସାଚୀ ନାୟକ, ଦିବ୍ୟଶଙ୍କର ମିଶ୍ର, ପ୍ରତାପ ଜେନା, ବ୍ୟୋମକେଶ ରାୟଙ୍କ ଭଳି ମଙ୍ଗୁଆଳ ନେତାଙ୍କମାନେ ଯାଦୁରେ ଷଢି ଯାଇଛନ୍ତି। ସେମାନଙ୍କ ବିରୋଧରେ ଯେଉଁଭଳି ସାଂଘାତିକ ଅଭିଯୋଗ ଉଠିଥିଲା ତାକୁ କେବଳ ନବୀନ ସରକାର ହିଁ ଚାପି ଦେଇଥିଲେ। ଯେଉଁଥିପାଇଁ ସେମାନେ ନିଜକୁ ପାପମୁକ୍ତ ବୋଲି ଦାବି କରି ବିଜେପି ସରକାରର ଖୁଣ ବାହାର କରୁଛନ୍ତି। ସରକାର ବଦଳିଯିବା ପରେ ବିଜେଡିର ଏହିସବୁ କଳଙ୍କିତ ନେତାମାନେ ନିଜ ଦୋଷମୁକ୍ତ ବୋଲି ଭାବି ଲମ୍ବା ଡିଆଁ ମାରୁଛନ୍ତି।

ତେଣୁ ବିଜେଡିର ମଙ୍ଗ ଧରିଥିବା ଏହି ନେତାଙ୍କ ପର କାଟିବାକୁ ବିଜେପି ପ୍ରସ୍ତୁତି ଆରମ୍ଭ କରିଛି। ବ୍ଲାକରୋଜ ଦୁର୍ନୀତିରୁ ଆରମ୍ଭ କରି ପରୀ ହତ୍ୟା ଘଟଣା, ପିହୁ ନିଖୋଜ ଘଟଣା, ମମିତା ମେହେର ହତ୍ୟା ଘଟଣା, ମାହାଙ୍ଗା ତ୍ରିପଲ୍ ମର୍ଡର, ଚିଟଫଣ୍ଡ ସ୍କାମ ଭଳି ବଡ ବଡ ଘଟଣା ଦୁର୍ଘଟଣାର ଫାଇଲ ରିଓପନ କରିବାକୁ ଯୋଜନା କରାଯାଉଛି। ➪ପୃଷ୍ଠା-୬

# ଟ୍ୱିଟ୍ ମାଷ୍ଟର ନବୀନ

## କେବଳ ସୋସିଆଲ ମିଡିଆରେ ଦାୟିତ୍ୱ ତୁଲାଉଛନ୍ତି

## ରାଜଧାନୀ ରାଜନୀତି କରୁଛନ୍ତି ଦଳର ବରିଷ୍ଠ ନେତା

## ବିଜେଡି ସବୁ ଜାଣି କ'ଣ ଆତ୍ମହତ୍ୟାକୁ ଅପେକ୍ଷା କରିଥିଲେ ?



ଭୁବନେଶ୍ୱର,୧୫।୭(ସଂଚାର ବ୍ୟୁରୋ): ବିଜେଡି ବିରୋଧୀ ଦଳକୁ ଆସିବା ପରେ ରାଜ୍ୟବାସୀଙ୍କର ନବୀନ ପଟ୍ଟନାୟକଙ୍କ ଠାରୁ ବହୁତ କିଛି ଆଶା ଥିଲା। ରାଜନୀତିରେ ତାଙ୍କର ଧର୍ମନିରପେକ୍ଷ ଆଭିମୁଖ୍ୟ ବିଜେଡିକୁ ବିରୋଧୀ ଦଳ ଭାବେ ଅଧିକ ପ୍ରଭାବୀ କରିବ ବୋଲି ଆଶା କରାଯାଉଥିଲା। ହେଲେ ଗତ କିଛି ଘଟଣାକ୍ରମକୁ ଦେଖିଲେ ବିଜେଡିର ଶସ୍ତା ରାଜନୀତି କରିବା ନବୀନଙ୍କ ଭାବମୂର୍ତ୍ତୀ ସହ ଖାପ ଖାଉନି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। କେବଳ ଟ୍ୱିଟ କରି ସେ ନିଜ ଦାୟିତ୍ୱ ତୁଲାଇ ଦେଉଥିବା ବେଳେ ଦଳର ବରିଷ୍ଠ ନେତାମାନେ ଗ୍ରାଉଣ୍ଡକୁ ନଯାଇ ରାଜଧାନୀରେ ବସି ରାଜନୀତି କରୁଛନ୍ତି। ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ବେଳେ ସୋସିଆଲ ମିଡିଆ ଏକ୍ସ ଓ ଫେସବୁକରେ ଯେତିକି ଆକ୍ଟିଭ ନଥିଲେ, ବିରୋଧୀ ଦଳକୁ ଆସିବା ପରେ ତାଠାରୁ ଢେର ଅଧିକ ସକ୍ରିୟ ହୋଇଯାଇଛନ୍ତି। ଶ୍ରୀମନ୍ଦିର ବିଭ୍ରାଟ ଠାରୁ ଆରମ୍ଭ କରି ସୌମ୍ୟାଶ୍ରୀଙ୍କ ଆତ୍ମାହୁତୀ ଘଟଣା ପର୍ଯ୍ୟନ୍ତ ସବୁବେଳେ ନବୀନ ଟ୍ୱିଟ କରି ନିଜ ଦାୟିତ୍ୱ ତୁଲାଇ ଦେଉଛନ୍ତି। ରାଜନୈତିକ ସମୀକ୍ଷକଙ୍କ ମତରେ ନବୀନଙ୍କ ପରି ଅଭିଜ୍ଞ ପ୍ରଶାସକଙ୍କ ଠାରୁ ବିଜେପି ସରକାର ଗଠନମୂଳକ ପରାମର୍ଶ ଓ ମାର୍ଗଦର୍ଶନ ପାଇବା କଥା। ଅନ୍ୟ ରାଜନୈତିକ ଦଳଙ୍କ ପରି ନବୀନଙ୍କୁ ସବୁ ଘଟଣାକୁ ରାଜନୀତିକରଣ କରିବା ଆଶା କରାଯାଉନଥିଲା। କରଣ ସେ ସରକାରରେ ଥିବା ସମୟରେ ମଧ ଏଭଳି ରାଜନୀତିକରଣକୁ ପ୍ରଶ୍ରୟ ଦେଉନଥିଲେ।

୨୪ ବର୍ଷ ସରକାରରେ ଥିବା ବେଳେ ଯାହା, ୧୩ ମାସ ହେଲା ବିରୋଧୀ ଦଳରେ ଥାଇ ମଧ ସେଇ ଆଭିମୁଖ୍ୟ। ସରକାରରେ ଥିବା ବେଳେ କୌଣସି ଗୋଟିଏ ହେଲେ ବଡ ଘଟଣାରେ ସାମ୍ବାଦିକ ସମ୍ମିଳନୀ ଡାକି ରାଜ୍ୟବାସୀଙ୍କ ମନରେ ଥିବା ପ୍ରଶ୍ନ ଓ ସନ୍ଦେହ ଦୂର କଲେ ନାହିଁ। ଏବେ ବିରୋଧୀ ଦଳରେ ମଧ ମାଳ ମାଳ ପ୍ରସଙ୍ଗ ଆସୁଥିଲେ ବି ନବୀନ ମିଡିଆକୁ ସାମ୍ନା କରୁନାହାଁନ୍ତି କି ତାଙ୍କ ଚେଲାଚାମୁଣ୍ଡାମାନେ ତାଙ୍କୁ ସେତିକି କରେଇ ଦେଉନାହାଁନ୍ତି। ନବୀନଙ୍କୁ ସୋସିଆଲ ମିଡିଆରେ ଆକ୍ଟିଭ ରଖି ଚେଲାଚାମୁଣ୍ଡାମାନେ ମାଇଲେଜ ନେବାକୁ ଯେଉଁ ଉଦ୍ୟମ କରୁଛନ୍ତି ତାହା ଦଳ ପାଇଁ ବୁମେରାଂ ହେଉଛି। କାରଣ ଯେଉଁମାନେ ଏହି ରାଜନୀତିକରଣର ନେତୃତ୍ୱ ନେଉଛନ୍ତି ସେମାନେ ରାଜ୍ୟବାସୀଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ➪ପୃଷ୍ଠା-୬

# ୩ଦିନ ହେବ ୩ ଗାଁକୁ ପାନୀୟ ଜଳଯୋଗାଣ ବନ୍ଦ

## ଦୂଷିତ ପାଣି ବ୍ୟବହାର ଯୋଗୁଁ ଝାଡ଼ାବାନ୍ତି ଆଶଙ୍କା

## ବିଭାଗୀୟ ଉଦାସୀନତାରୁ ଏଭଳି ସମସ୍ୟା

## ପାଇପ ଫାଟି ବିଭିନ୍ନ ସ୍ଥାନରେ ବାହାରୁଛି ପାଣି



**ଗରଡପୁର,୧୫।୭(ସଂଚାର ବ୍ୟୁରୋ):** ବିଭାଗୀୟ ଉଦାସୀନତା ଯୋଗୁ ତିନୋଟି ଗାଁ ଲୋକେ ଏବେ ପାଣି ପାଇଁ ବଞ୍ଚିତ ହୋଇଛନ୍ତି । ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ବା ବିଭାଗୀୟ ଅଧିକାରୀ ସବୁ ଜାଣି ମଧ୍ୟ ନଜାଣିଲା ଭଳି ଚୁପ୍ ରହୁଛନ୍ତି ଯାହା ଫଳରେ ଗରଡପୁର ବ୍ଲକ ବେଡାରୀ ଗ୍ରାମରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଠପ୍ ହୋଇଯାଇଛି । ରବିବାର ସକାଳେ ପାଣି ଉଠା ମଟର ଅଚଳ ହୋଇଯାଇଛି। ଫଳରେ ଏହି ପ୍ରକଳ୍ପ ଉପରେ ନିର୍ଭର କରୁଥିବା ବେଡାରୀ, ସୋଲପାଟ ଓ କୁଳଡୁଠୀ ଗ୍ରାମର ପ୍ରାୟ ୬ ଶହରୁ ଊର୍ଦ୍ଧ୍ୱ ପରିବାର ପାନୀୟ ଜଳ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗ୍ରାମବାସୀମାନେ ବାଧ ହୋଇ ନଦୀ ପୋଖରୀରୁ ଦୂଷିତ ଜଳ ବ୍ୟବହାର କରୁଛନ୍ତି। ଯାହାଫଳରେ ଝାଡ଼ାବାନ୍ତି ବ୍ୟାପିବାର ଆଶଙ୍କା ଦେଖାଦେଉଛି। ୨୦୦୮ ମସିହାରୁ ଏହି ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିଲେ ମଧ୍ୟ ଏଠାରେ ଓଭରହେଡ୍ ପାଣିଟାଙ୍କି କାର୍ଯ୍ୟ ଶେଷ ହୋଇନଥିବାରୁ ଗ୍ରାମବାସୀମାନେ ସବୁ ସମୟରେ ପାନୀୟଜଳ ପାଇପାରୁ ନାହାଁନ୍ତି। କମ୍ ପାୱାରର ବିଦ୍ୟୁତ୍ ପାଣି ଉଠା ମଟର ଲାଗିଥିବାରୁ ଏକକାଳୀନ ସମସ୍ତ ଗ୍ରାମବାସୀମାନଙ୍କୁ ଏକା ସମୟରେ ପାଣି ଯୋଗାଇ ଦିଆଯାଇପାରୁ ନାହିଁ। ମାଟିତଳେ ଯାଇଥିବା ପାଣି ପାଇପ୍ ଗୁଡିକ ଅଧିକାଂଶ ସ୍ଥାନରେ ଫାଟିଯିବାରୁ ମାଟିଆ ଓ ଅପରିଷ୍କାର ପାଣିକୁ ଲୋକମାନେ ବ୍ୟବହାର କରିବାକୁ ବାଧ ହେଉଛନ୍ତି ।

ତେବେ ରବିବାର ସକାଳ ଠାରୁ ପାଣି ଉଠା ମଟର ଅଚଳ ହୋଇଯାଇଛି। ଫଳରେ ଏହି ପ୍ରକଳ୍ପ ଉପରେ ନିର୍ଭର କରୁଥିବା ବେଡାରୀ, ସୋଲପାଟ ଓ କୁଳଡୁଠୀ ଗ୍ରାମର ପ୍ରାୟ ୬ ଶହରୁ ଉର୍ଦ୍ଧ୍ୱ ପରିବାର ପାନୀୟ ଜଳ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗରଡପୁର ବ୍ଲକର ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଛନ୍ତି, ପାନୀୟ ଜଳ ଯୋଗାଇବା ଓ ସମସ୍ତ ରକ୍ଷଣାବେକ୍ଷଣ ଦାୟିତ୍ୱ ଗ୍ରାମପଞ୍ଚାୟତର। କିନ୍ତୁ ଗରଡପୁର ବ୍ଲକରେ କୌଣସି ମେକାନିକ୍ ନଥିବାରୁ ଏହିପରି ବିଭିନ୍ନ ଗ୍ରାମରେ ଦିନ ଦିନ ଧରି ପାଣିଟାର ଅଚଳ ହୋଇପଡୁଛି।

ପାନୀୟ ଜଳ ଯୋଗାଣ ଦାୟିତ୍ୱ ଗ୍ରାମପଞ୍ଚାୟତକୁ ଦିଆଯାଇଥିବାରୁ ଗ୍ରାମବାସୀଙ୍କ ଅଭିଯୋଗ ଗୁଡିକୁ ବ୍ଲକର କନିଷ୍ଠ ଯନ୍ତ୍ରୀ, ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଜଣାଇ ଦେଇ ଚୁପ୍ ହୋଇ ବସି ପଡୁଛନ୍ତି। କିନ୍ତୁ ବିଭାଗୀୟ ଯନ୍ତ୍ରୀ ନା ପଞ୍ଚାୟତ କର୍ମଚାରୀ କେହି ହେଲେ ବି ସମସ୍ୟାର ସମାଧାନ କରୁନାହାନ୍ତି । ବର୍ତ୍ତମାନ ବର୍ଷା ଋତୁ ଚାଲିଥିବାରୁ ଗ୍ରାମବାସୀମାନେ ନଦୀ ପୋଖରୀର ଜଳକୁ ପାନୀୟ ଜଳ ରୂପେ ବ୍ୟବହାର କରିବାକୁ ବାଧ ହେଉଥିବାରୁ ଝାଡ଼ାବାନ୍ତି ରୋଗର ଆଶଙ୍କାକୁ ଏଡାଇ ଦିଆଯାଇନପାରେ । ତେଣୁ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ବେଡାରୀ ପାନୀୟଜଳ ପ୍ରକଳ୍ପକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରି ଗ୍ରାମବାସୀମାନଙ୍କୁ ପାନୀୟଜଳ ଯୋଗାଇବାକୁ ଦାବି ହେଉଛି।



# ପାଣି ଘେରରେ ସାତଭାୟାବାସୀଙ୍କ ଥଇଥାନସ୍ଥଳୀ ବଗପାଟିଆ

**ରାଜନଗର,୧୫।୭(ସଂଚାର ବ୍ୟୁରୋ):** ବଂଗୋପସାଗର ଆଁ ମୁହଁରେ ସଂତ୍ରସ୍ତ ଅବସ୍ଥାରେ ଥିବା ବିପନ୍ନ ସାତଭାୟାର ୭୧୯ ପରିବାରକୁ ବଗପାଟିଆ ଠାରେ ଥଇଥାନ କରାଯାଇଛି। ମାତ୍ର ବିପନ୍ନ ଅଧିବାସୀ ବଗପାଟିଆରେ ନର୍କ ଯନ୍ତ୍ରଣା ଭୋଗୁଛନ୍ତି। ବଗପାଟିଆ ଥଇଥାନସ୍ଥଳୀ କନେକ୍ଟିଭ ରାସ୍ତା ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି। ମାତ୍ର ସାମାନ୍ୟ ବର୍ଷାରେ ଥଇଥାନସ୍ଥଳୀ ରାସ୍ତାରେ ଯାତାୟତ କରିହେଉନି। ଥଇଥାନସ୍ଥଳୀରେ ଥିବା ୧୮ଟି କନେକ୍ଟିଭ ରାସ୍ତା ମଧ୍ୟରୁ ୨ନମ୍ବର, ୩ ନମ୍ବର, ୪ ନମ୍ବର, ୫ ନମ୍ବର, ୬ ନମ୍ବର, ୭ ଓ ୮ ନମ୍ବର ରାସ୍ତାରେ ଏବେ ଆଣ୍ଠୁଏ ପଙ୍କ। ଏହାବାଦେ ରାସ୍ତା ଉପରେ ୨ଫୁଟ ଉଚ୍ଚର ବର୍ଷାଜଳ ଜମି ରହିଛି। ଏହିପଟେ ରହୁଥିବା ଲୋକମାନେ ଘରୁ ବାହାରକୁ ବାହାରି ପାରୁନାହାଁନ୍ତି। ଏକ ପ୍ରକାର ଜଳବନ୍ଦୀ ଜୀବନ ବିତାଉଛନ୍ତି। ରାସ୍ତାର ୨ଫୁଟ ପାଣି ଓ କାଦୁଅ ଯୋଗୁଁ ଛାତ୍ର ଛାତ୍ରୀମାନେ ବିଦ୍ୟାଳୟକୁ ଯାଇପାରୁନାହାଁନ୍ତି। ଏପରିକି ରାସନ ସାମଗ୍ରୀ ପାଇଁ ଯାଇପାରୁନାହାଁନ୍ତି। ଥଇଥାନସ୍ଥଳୀରେ ମାଟି ଫିଲିଙ୍ଗ କାମ ଅଧାପନ୍ତରିଆ କରି ଛାଡିଦିଆଯିବା ଯୋଗୁଁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଖାଲୁଆ ସ୍ଥାନଗୁଡିକରେ ପାଣି ଜମି ରହିବା ସହ ପାଣି ନିଷ୍କାସନ ହୋଇନପାରିବାରୁ ବର୍ଷାଜଳ ଏବେ ଘରେ ପଶିଲାଣି। ଯେଉଁ ପରିବାରଗୁଡିକ କୋଠାଘର ନିର୍ମାଣ ଶେଷ କରିନପାରି ମାଟିଘରେ ରହୁଛନ୍ତି, ସେମାନଙ୍କଘରର ଚଟାଣ ସନ୍ତସନ୍ତିଆ ହୋଇପଡ଼ିଛି।୧୦ ମାସ ତଳେ କେନ୍ଦ୍ରପଡା ଜିଲ୍ଲାପାଳ ଘନଘନ ବୈଠକ କରି ସାତଭାୟାକୁ ଆଦର୍ଶ କଲୋନୀ କରାଯିବ ଓ ସବୁ ସମସ୍ୟା ସମାଧାନ ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିଥିଲେ। ମାତ୍ର ଆଜିଯାଏଁ କୌଣସି କାମ କରାଗଲା ନାହିଁ। ଏପଟେ ସାତଭାୟାର ଲୋକେ ଏକପ୍ରକାର ଗୃହବନ୍ଦି ଜୀବନ ବିତାଉଛନ୍ତି ବୋଲି ସରପଞ୍ଚ ପ୍ରସନ୍ନ କୁମାର ପରିଡ଼ା ଓ ସୁଦର୍ଶନ ରାଉତ କହିଛନ୍ତି। ଲଗାଣ ବର୍ଷା ଆରମ୍ଭ ହେବା ଦିନ ଠାରୁ ଏପରି ଅବସ୍ଥା ସୃଷ୍ଟି ହୋଇଥିଲେ ମଧ ପ୍ରଶାସନ କୌଣସି ପଦକ୍ଷେପ ନନେବା ଅଧିବାସୀଙ୍କ ମଧ୍ୟରେ ତୀବ୍ର ପତିକ୍ରିୟା ସୃଷ୍ଟି କରିଛି।

# ଛାତ୍ରୀଙ୍କୁ ତାଲା ପକାଇ ପଳାଇଲେ ଶିକ୍ଷକ

● ଦୁଇ ଘଣ୍ଟା ପରେ ଉଦ୍ଧାର କଲେ ଗ୍ରାମବାସୀ



**ମହାକାଳପଡ଼ା,୧୫।୭ (ସଂଚାର ବ୍ୟୁରୋ):** ଆଜି ମହାକାଳପଡ଼ା ବ୍ଲକ ବଉଳକଣୀ ପଞ୍ଚାୟତର ସରକାରୀ ପ୍ରାଥମିକ ବିଦ୍ୟାଳୟ, ବଉଳକଣୀ ରେ ଆଜି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବଉଳକଣୀ ଗ୍ରାମର ସୁବାଷ ଜେନାଙ୍କ ଝିଅ ଶ୍ରୁତି ଜେନା ଦ୍ୱିତୀୟ ଶ୍ରେଣୀର ଛାତ୍ରୀ। ଆଜି ସେ ବିଦ୍ୟାଳୟକୁ ପାଠ ପଢ଼ିବାକୁ ଯାଇଥିଲା। ବିଦ୍ୟାଳୟରେ ଛୁଟି ସମୟରେ ସେ ଶୋଇ ପଡ଼ିଥିବାରୁ ଶିକ୍ଷକ ତାଲା ଦେଇ ଚାଲିଯାଇଥିଲେ। ନିଦ ଭାଙ୍ଗିଲା ପରେ ପିଲାଟି କବାଟ ଝରକା ବାଡେଇ ଚିତ୍କାର କରିଥିଲା। ଗୋଟିଏ ଝରକା କବାଟ ଖୋଲା ଥିବାରୁ ପିଲାର କାନ୍ଦ ଶୁଣି ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ସାଲବେଗ ମାହାଳି ଙ୍କୁ ଜଣାଇଥିଲେ। ସରପଞ୍ଚ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ପିଲାଟିକୁ ଉଦ୍ଧାର କରିଥିଲେ। ଯାହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଏନେଇ ଆମେ ବିଦ୍ୟାଳୟର ଶିକ୍ଷକ ଓ ମଣ୍ଡଳ ଶିକ୍ଷା ଅଧିକାର ଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ସୁଦ୍ଧା ତାଙ୍କ ସହିତ ଯୋଗାଯୋଗ ହୋଇ ପାରିନଥିଲା।

# ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବଙ୍କ କେନ୍ଦ୍ରାପଡ଼ା ଗସ୍ତ

**କେନ୍ଦ୍ରାପଡ଼ା,୧୫।୭(ସଂଚାର ବ୍ୟୁରୋ):** ବିଜେପିର ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ତିନିମୁହାଣି ସ୍ଥିତ ରାମ ମନ୍ଦିର ପରିଦର୍ଶନରେ ଆସି ରାମ ମନ୍ଦିର ପରିଚାଳନା କମିଟି ସଭାପତି ବିବେକାନନ୍ଦ ମହାରଣାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ନିର୍ମାଣଧିନ ମନ୍ଦିର କାର୍ଯ୍ୟ ବିଷୟରେ ବୁଝିବା ସହ ତ୍ୱରାନ୍ୱିତ କରିବାକୁ ମନ୍ଦିର କମିଟିର ସମସ୍ତ ସଦସ୍ୟ ମାନଙ୍କ ସହିତ ଆଲୋଚନା କରିଥିଲେ। ବୈଠକରେ ଆଇନଜୀବୀ ଶାନ୍ତି ସ୍ୱରୂପ ଭୂୟାଁ, ତୁଷାର ଘୋଷ, ରାଜକିଶୋର ସାହୁ, ଉମେଶ ଜେନା, ପ୍ରତାପ ବେହୁରା ପ୍ରମୁଖ ଉପସ୍ଥିତ ଥିଲେ ।



# ସୌମ୍ୟାଶ୍ରୀ ମୃତ୍ୟୁ ଘଟଣାରେ ମିଳିତ ବିରୋଧୀଦଳ ପକ୍ଷରୁ ମହମବତୀ ଶୋଭାଯାତ୍ରା



**କେନ୍ଦ୍ରାପଡ଼ା,୧୫।୭ (ସଂଚାର ବ୍ୟୁରୋ):** ବାଲେଶ୍ୱର ଫକିରମୋହନ ବିଶ୍ୱବିଦ୍ୟାଳୟର ଛାତ୍ରୀ ଶୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାରେ କେନ୍ଦ୍ରାପଡ଼ାର ମିଳିତ ବିରୋଧୀଦଳଙ୍କ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଏକ ମହମବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରା ପୁରୁଣା ବସଷ୍ଟାଣ୍ଡରୁ ବାହାରି ସହର ପରିକ୍ରମା କରି ତିନିମୁହାଣିଛକ ପର୍ଯ୍ୟନ୍ତ ଯାଇ ସେଠାରେ ମୃତ ଛାତ୍ରୀଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ସିପିଆଇ ନେତା ଆଇନ୍‌ଜୀବୀ ରମଣୀ ରଞ୍ଜନ ରାଉତରାୟ,ଆଦିକନ୍ଦ ରାଉଳ, ସିପିଆଇ(ଏମ)ନେତା ଗୟାଧର ଧଳ, ସମାଜସେବୀ ଡ. ଚୈତନ୍ୟ ଚରଣ ପରିଡ଼ା, ଛାତ୍ର କଂଗ୍ରେସ ନେତା ଉମେଶ ପାଢ଼ୀ, ଶ୍ରମିକ ନେତା ଜିଲ୍ଲା କଂଗ୍ରେସ ସଂଯୋଜକ ପ୍ରଫୁଲ୍ଲ ଦାସଙ୍କ ସମେତ ବହୁ ସମାଜସେବୀ, ବୁଦ୍ଧିଜୀବୀ ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ ।

# ମହାକାଳପଡା ବିଧାୟକଙ୍କ ସମୀକ୍ଷା



**ମାର୍ଶାଘାଇ,୧୫।୭(ସଂଚାର ବ୍ୟୁରୋ):** ମହାକାଳପଡ଼ା ନିର୍ବାଚନମଣ୍ଡଳୀର ସମସ୍ତ ବିଭାଗରେ ପ୍ରଶାସନିକ ସ୍ତରର ସମୀକ୍ଷା କରିଛନ୍ତି ମହାକାଳପଡ଼ା ବିଧାୟକ ଡ଼ ଦୁର୍ଗାପ୍ରସନ ନାୟକ । ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ସାମାଜିକ ସୁରକ୍ଷା, ବିଜୁଳି, ସାଧାରଣ ଯୋଗାଣ, ମତ୍ସ୍ୟ, ପ୍ରାଣୀ ଚିକିତ୍ସା,ପୂର୍ତ୍ତ,ଗ୍ରାମ୍ୟ ଉନ୍ନୟନ, ଜଳ ନିକାସ, ତଟବନ୍ଧ ଆଦି ବିଭାଗର ଅଧିକାରୀ ମାନଙ୍କ ସହିତ ସମୀକ୍ଷା ବୈଠକ କରି ମହାକାଳପଡ଼ା ନିର୍ବାଚନମଣ୍ଡଳୀର ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ମାର୍ଶାଘାଇ ବ୍ଲକ ସଭାଗୃହରେ ଦୀର୍ଘ ସମୟଧରି ଏହି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । କେନ୍ଦ୍ରାପଡ଼ା ଜିଲ୍ଲାପାଳ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଏଡିଏମ ରବୀନ୍ଦ୍ର ମଲିକ, ଉପ ଜିଲ୍ଲାପାଳ ଅରୁଣ ନାୟକ, ମାର୍ଶାଘାଇ ପଞ୍ଚାୟତ ସମିତି ଅଧକ୍ଷା ମଧୁସ୍ମିତା ସାମଲ, ମହାକାଳପଡ଼ା ପଞ୍ଚାୟତ ସମିତି ଅଧକ୍ଷା ମୀରାରାଣୀ ମହାନ୍ତି, ମହାକାଳପଡ଼ା ବିଡ଼ିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ମାର୍ଶାଘାଇ ବିଡ଼ିଓ ପଞ୍ଚାନନ ମଲିକ, ମାର୍ଶାଘାଇ ତହସିଲଦାର ଶ୍ରୀକାନ୍ତ ପରିଜା ପ୍ରମୁଖ ମଂଚାସୀନ ଥିଲେ ।

# ବୋଟ୍ ସହ ୧୦ କୁଇଣ୍ଟାଲ ବାତରା ଚେର ଜବତ

**ରାଜନଗର,୧୫।୭(ସଂଚାର ବ୍ୟୁରୋ):** ଭିତରକନିକା ଜାତୀୟ ଉଦ୍ୟାନର କାକରାନାସୀ ଫରେଷ୍ଟ ବ୍ଲକ ଅଞ୍ଚଳରେ ମଫିଆମାନେ ଜଳପଥରେ ଆସି ଶିକାର କରିବା ସହ ବାତରା ଗଛର ଚେର କଟିନେଉଥିବା ଖବର ମିଳିଥିଲା। ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବଙ୍କ ନିର୍ଦ୍ଦେଶ କ୍ରମେ ଏସିଏଫ ମାନସ କୁମାର ଦାସ, ଗଗନ କୁମାର ମଲ୍ଲିକ ଓ ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରା ନେତୃତ୍ୱରେ ଦୁଇଟି ଟିମ ଗଠନ କରାଯାଇ ଗତକାଲି ସନ୍ଧ୍ୟାରୁ ଏହା ଉପରେ ନଜର ରଖିଥିଲେ। ମାଫିଆମାନେ ବାତରା ଚେର ନେଉଥିବା ବୋଟକୁ ବୁଲାଇ ନପାରି କୂଳରେ ଲଗାଇ ଘଞ୍ଚ ଜଙ୍ଗଲ ଭିତରକୁ ପଳାଇଥିଲେ। ୨୦ ରୁ ଅଧିକ ବନ କର୍ମଚାରୀ ଏହି ଚଢ଼ାଉରେ ସାମିଲ ଥିଲେବି ଜଣେ ବି ମାଫିଆକୁ ଧରିପାରିନଥିଲେ। ବନ ବିଭାଗ ଟିମ ମାଫିଆ ମାନେ ବ୍ୟବହାର କରୁଥିବା ବୋଟ ସହିତ ବୋଟରେ ଥିବା ୧୦ କୁଇଣ୍ଟାଲ ବାତରା ଚେର ଜବତ କରିଛନ୍ତି। ଏହି ବାତରା ଗଛର ଚେରରେ ଚନ୍ଦନ ଲେପ ଦିଆଯାଇ ଚନ୍ଦନ କାଠ କହି ବିକ୍ରି କରାଯାଉଥିବା ଜଣାପଡ଼ିଛି।

# ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା

**ମାହାଙ୍ଗା,୧୫।୭ (ସଂଚାର ବ୍ୟୁରୋ):** ମାହାଙ୍ଗା ଥାନା ଅନ୍ତର୍ଗତ କୋଳିଅଠା ଗ୍ରାମର ରମେଶ ଚନ୍ଦ୍ର ସେଠି ଙ୍କ ପୁଅ ରାଜେନ୍ଦ୍ର ସେଠି (୨୫)ଆତ୍ମହତ୍ୟା କରିଥିବା ଜଣାପଡିଛି । ସୂଚନା ମୁତାବକ ଆଜି ସକାଳୁ ରାଜେନ୍ଦ୍ର ଘରେ ନିଜର ନିତ୍ୟକର୍ମ ସାରି ୮ଟା ସମୟରେ ଘରୁ ବାହାରି ଯାଇଥିଲା । ଏହାର କିଛି ସମୟ ପରେ ମେରିପୁର ବାଟ ମହାପୁରୁଷଙ୍କ ନିକଟରେ ମୁର୍ମୁଷ ଅବସ୍ଥା ରେ ପଡ଼ିଥିବା ର ସ୍ଥାନୀୟ ଅଂଚଳ ର ଲୋକେ ଦେଖିବାକୁ ପାଇଥିଲେ । ପରେ ପରିବାର ଲୋକଙ୍କୁ ଖବର ଦେବା ପରେ ପରିବାର ଲୋକେ ସେଠାରେ ପହଂଚି ତାଙ୍କୁ ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନେଇଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ କଟକ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ଓ ପରେ ଶବ ବ୍ୟବଚ୍ଛେଦ କରାଯାଇଥିଲା ।

# ସୁଶ୍ରୀସଙ୍ଗିତାଙ୍କ ଭତ୍ତା ଅନୁମୋଦନ କଲା ବିଭାଗ

**'ସଂଚାର'ରେ ଖବର ପ୍ରକାଶ ପରେ ଘରେ ପହଞ୍ଚି ପରୀକ୍ଷା କରାଇଥିଲା ବିଭାଗ**

**ମିଳିଥିଲା ଭିନ୍ନକ୍ଷମ ପ୍ରମାଣପତ୍ର**



**ମହାକାଳପଡ଼ା,୧୫।୭ (ସଂଚାର ବ୍ୟୁରୋ):** ୧୧ ବର୍ଷୀୟ ସୁଶ୍ରୀସଙ୍ଗିତା ସାହୁ ତାଙ୍କର ନାର୍ଯ୍ୟ ଅଧିକାର ପାଇବେ। ଦୀର୍ଘ ୧୩ ବର୍ଷ ଧରି ଥିବା ଅପେକ୍ଷାର ଅନ୍ତ ଘଟିଛି। ତାଙ୍କ ଭିନ୍ନକ୍ଷମ ଭତ୍ତା ଆବେଦନକୁ ବିଭାଗ ତରଫରୁ ଅନୁମୋଦନ କରାଯାଇଛି। ଯାହା ପରିବାର ମୁହଁରେ ହସ ଫୁଟାଇଛି।

ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ତେର ଗାଁ ପଞ୍ଚାୟତର ତେର ଗାଁ ପଟଣା ଗ୍ରାମର ସରୋଜକାନ୍ତ ସାହୁଙ୍କ ଝିଅ ସୁଶ୍ରୀସଙ୍ଗିତା ସାହୁଙ୍କ କାନକୁ ଭଲସେ ଶୁଭୁନଥିଲା। ଭିନ୍ନକ୍ଷମ ପ୍ରମାଣପତ୍ର ହୋଇ ପାରୁନଥିଲା ବୋଲି ସେ ଭତ୍ତା ପାଇବାରୁ ବଞ୍ଚିତ ଥିଲେ । ପରିବାର ତରଫରୁ ବହୁତ ଥର ପ୍ରମାଣପତ୍ର ଟିଏ କରାଇବା ପାଇଁ ଚେଷ୍ଟା କରି ମଧ ବିଫଳ ହୋଇଥିଲେ। ସବୁ ଆଡ଼ୁ ନିରାଶ ହେବାପରେ ଶେଷରେ ଆମ ପ୍ରତିନିଧି ପ୍ରଭାତ ରଞ୍ଜନ ଜେନାଙ୍କ ନିକଟରେ ନିଜର ଦୁଃଖ ପ୍ରକାଶ କରିଥିଲେ ପରିବାର। ଏ ସମ୍ପର୍କିତ ଖବର ଦୈନିକ ଖବରକାଗଜ ସଂଚାର ରେ ପ୍ରକାଶ ପାଇବା ପରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୁଶ୍ରୀ ସଙ୍ଗିତା ଙ୍କୁ ଘରେ ପହଞ୍ଚି ମେଡିକାଲ୍ ଟେଷ୍ଟ କରି ୬୭% ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଭିନ୍ନକ୍ଷମ ପ୍ରମାଣପତ୍ର ପାଇବା ପରେ ସେ ଭିନ୍ନକ୍ଷମ ଭତ୍ତା ପାଇଁ ଆବେଦନ କରିଥିଲେ। ତାଙ୍କ ଆବେଦନକୁ ବିଭାଗ ତରଫରୁ ଅନୁମୋଦନ କରାଯାଇଛି। ଜୁନ୍ ରୁ ସେ ପିଛିଲା ଭାବେ ଭତ୍ତା ପାଇବେ। ଏନେଇ ବିଭାଗ ତରଫରୁ ସୂଚନା ଦିଆଯାଇଛି।

# ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସର ସମ୍ପାଦକ ହେଲେ ସୟଦ ସାହାନୱାଜ୍



**କେନ୍ଦ୍ରାପଡ଼ା,୧୫।୭(ସଂଚାର ବ୍ୟୁରୋ):** ଓଡିଶା ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଅଖିଳ ଭାରତୀୟ ଛାତ୍ର କଂଗ୍ରେସର ଅନୁମୋଦନ କ୍ରମେ ପ୍ରଦେଶ ଛାତ୍ର କଂଗ୍ରେସର ସମ୍ପାଦକ ଭାବେ କେନ୍ଦ୍ରାପଡାର ପୁଅ ସୟଦ ମହମ୍ମଦ ସାହାନୱାଜଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ସୟଦ ସାହାନୱାଜ ହେଉଛନ୍ତି କେନ୍ଦ୍ରାପଡା ସହରର ଫକିରାବାଦସ୍ଥିତ କଂଗ୍ରେସର ବରିଷ୍ଠ ସଂଖ୍ୟାଲଘୁ ନେତା ତଥା ପୂର୍ବତନ ଜିଲ୍ଲା କଂଗ୍ରେସ ସଂଖ୍ୟାଲଘୁ ବିଭାଗର ଅଧକ୍ଷ ତଥା ଅଧୁନା ରାଜ୍ୟ କଂଗ୍ରେସ ସଂଖ୍ୟାଲଘୁ ବିଭାଗର ସାଧାରଣ ସମ୍ପାଦକ ସୟଦ ଅବଦୁଲ ସାରଙ୍କ କନିଷ୍ଠ ପୁତ୍ର । ଏହି ନିଯୁକ୍ତି ପାଇଁ ସୟଦ ସାହାନୱାଜ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ଅଖିଳ ଭାରତୀୟ ଛାତ୍ର କଂଗ୍ରେସର ସଭାପତି ବରୁଣ ଚୌଧୁରୀ, ପିସିସି ସଭାପତି ଭକ୍ତ ଚରଣ ଦାସ, ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଯୁବ କଂଗ୍ରେସର ସମ୍ରାଟ ଜେନା ଓ ପିସିସି ସଦସ୍ୟ ସଞ୍ଜୟ ରାଉତଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ଅବକାରୀ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ

**ଆଳି,୧୫।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଆଳି ଅବକାରୀ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଚୋରା ମଦ ଜବତ କରାଯିବା ସହ ଜଣଙ୍କୁ ଗିରଫ କରାଯାଇଛି। ରାଜକନିକା ଥାନା ଅନ୍ତର୍ଗତ ବରୁଣାଢ଼ିହା ଗ୍ରାମର ଭାଗ୍ୟଧର ସେଠି ଙ୍କ ପୁଅ ଜିତେନ୍ଦ୍ର ସେଠି ବୟସ ୩୫ ତାଙ୍କ ଘରେ ଚଢ଼ାଉ କରାଯାଇ ୩.୦୬ଲିଟର ବିଦେଶୀ ମଦ ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଛି । ଏହି ଚଢ଼ାଉ ରେ ଆଳି ଅବକାରୀ ବିଭାଗ ପକ୍ଷରୁ ଭାରପ୍ରାପ୍ତ ଅଧିକାରୀ ନରେଶ ପଣ୍ଡା, ଏଏସଆଇ ରେଣୁକା ମଲ୍ଲିକ, ଇନିସପେକ୍ଟର ପଦ୍ମଲୋଚନ ନାୟକ, କନେଷ୍ଟବଳ ଧର୍ମେନ୍ଦ୍ର ପ୍ରଧାନ ସାମିଲ ହୋଇଥିଲେ। ଗିରଫ ହୋଇଥିବା ପୁରୁଷୋତ୍ତମ କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଆଳି ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି ।

# ସାପ କାମୁଡାରେ ଶ୍ରମିକଙ୍କ ମୃତ୍ୟୁ

**ରାଜନଗର,୧୫।୭ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତ ନୋଧାବସନ୍ତ ଶିରିଗଡ଼ ଗ୍ରାମର ନାଥୁରାମ ପ୍ରଧାନ (୫୦ ବର୍ଷ) ସାପ କାମୁଡାରେ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି। ଆଜି ସକାଳେ ଉଠିବା ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଡ଼ାକିଥିଲେ। ସେ କୌଣସି ଜବାବ ନଦେବାରୁ ତାଙ୍କୁ ସଙ୍ଗେ ସଙ୍ଗେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ନାଥୁରାମଙ୍କ ମୁହଁରେ ଫେଣ ବାହାରୁଥିବାରୁ ସାପ କାମୁଡାରେ ମୃତ୍ୟୁବରଣ କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

# ସୌମ୍ୟାଶ୍ରୀଙ୍କ ବିୟୋଗରେ ବିଜେପି ନେତ୍ରୀ ବିଜୟଲକ୍ଷ୍ମୀଙ୍କ କ୍ଷୋଭ




**ସାଲେପୁର,୧୫।୭ (ସଂଚାର ବ୍ୟୁରୋ):** ବାଲେଶ୍ୱର ସ୍ଥିତ ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଅକାଳ ବିୟୋଗରେ ସାଲେପୁରର ବିଜେପି ନେତ୍ରୀ ବିଜୟଲକ୍ଷ୍ମୀ ଦାଶ ଅତ୍ୟନ୍ତ ବ୍ୟଥିତ ଏବଂ ବାକ ଶୂନ୍ୟ ବୋଲି ନିଜର ମତ ପ୍ରକାଶ କରିଛନ୍ତି। ଭଉଣୀ ସୌମ୍ୟା ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦର ଜଣେ ସକ୍ରିୟ ସଦସ୍ୟା ଥିଲେ। ନିଜ କଲେଜର ଶିକ୍ଷା ବିଭାଗର ଏଚଓଡି ସମୀର ସାହୁଙ୍କ ଦ୍ୱାରା ତାଙ୍କୁ ବିଭିନ୍ନ ସମୟରେ ମାନସିକ ନିର୍ଯାତନା ଦିଆଯାଇଥିଲା ଏହାର ଅଭିଯୋଗ ସୌମ୍ୟଶ୍ରୀ ଗତ ଜାନୁୟାରୀ ମାସରେ ମୌଖିକ ଭାବେ କଲେଜ ଅଧକ୍ଷଙ୍କୁ ଜଣାଇଥିଲେ। ଗତ ଜୁନ ୩୦ ତାରିଖରେ ପରୀକ୍ଷାରୁ ବଞ୍ଚିତ ହେବା ପରେ ଲିଖିତ ଅଭିଯୋଗ ମଧ କରିଥିଲେ ତା ସତ୍ତ୍ୱେ କଲେଜ ଅଧକ୍ଷ କୌଣସି ପଦକ୍ଷେପ ନନେଇ ଓଲଟା ସୌମ୍ୟଶ୍ରୀଙ୍କୁ ଅଭିଯୋଗ ଉଠାଇନେବାକୁ ଚାପ ପକାଇଥିଲେ ନଚେତ କଲେଜରୁ ବହିଷ୍କାର କରିବାକୁ ଧମକ ମଧ ଦିଆଯାଇଥିଲା। ଏହା ସହ ଛାତ୍ର କଂଗ୍ରେସ ଏବଂ ଛାତ୍ର ବିଜେଡି ତରଫରୁ ସାମାଜିକ ଗଣମାଧମ ରେ ଚରିତ୍ର ହନନ କରିବାକୁ ପଛାଇ ନଥିଲେ। ଏଯାଏଁ ଭଉଣୀ ଜଣକ ନିଜ ଦେହରେ ନିଆଁ ଲଗାଇଥିଲେ କିମ୍ବା ସେଦିନ ପ୍ରିନସିପାଲ ଅଫିସ ରେ ଥିବା ଅଧକ୍ଷ ଏବଂ ବିଭାଗ ପ୍ରମୁଖ ସମୀର ସାହୁ ନିଆଁ ଲଗାଇ ଦେଇଛନ୍ତି ତାହା ସ୍ପଷ୍ଟ ହୋଇନି।

ବର୍ତ୍ତମାନ ଏଭଳି ଗୋଟେ ସମ୍ବେଦନଶୀଳ ପ୍ରସଙ୍ଗରେ କଂଗ୍ରେସ ଏବଂ ବିଜେଡି ଯେଉଁ ଭଳି ପ୍ରଦର୍ଶନ କରାଯାଉଛି ସେ ଏହାର ତୀବ୍ର ନିନ୍ଦା କରିଛନ୍ତି।

# ମାହାଙ୍ଗା ବ୍ଲକରେ ପ୍ରାଥମିକ ଶିକ୍ଷା ବିପର୍ଯ୍ୟସ୍ତ

● ପାଞ୍ଚ ଶ୍ରେଣୀକୁ ଜଣେ ଶିକ୍ଷକ ● ପାଠପଢ଼ା ହେବ କିପରି ?

**ମାହାଙ୍ଗା,୧୫।୭ (ସଂଚାର ବ୍ୟୁରୋ):** ମାହାଙ୍ଗା ବ୍ଲକ ଶିକ୍ଷାଧିକାରିଣୀଙ୍କ କାର୍ଯ୍ୟକଳାପକୁ ନେଇ ଏବେ ସାଧାରଣରେ ଆଲୋଚନା ହେଉଛି। ଅପରପକ୍ଷରେ ମାହାଙ୍ଗା ବ୍ଲକରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଭୁଷୁଡି ପଡ଼ିଲାଣି। ଏଠାରେ ସୂଚନାଯୋଗ୍ୟ ଯେ ମାହାଙ୍ଗା ବ୍ଲକର ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଦୁଲ୍ଲାରପୁର ଯେଉଁଥିରେ କି ବର୍ତ୍ତମାନର ପିଲାସଂଖ୍ୟା ୪୮ ଜଣ ଅଛନ୍ତି। ଏହି ବିଦ୍ୟାଳୟରେ ୩ ଜଣ ଶିକ୍ଷକ ପୂର୍ବରୁ ଶିକ୍ଷାଦାନକରୁଥିଲେ। ଜଣେ ଶିକ୍ଷକ ଗତ କିଛିମାସ ତଳେ ଅବସର ନେଇଥିଲେ। ଅନ୍ୟ ଜଣେ ଶିକ୍ଷକଙ୍କୁ ଉକ୍ତ ବିଦ୍ୟାଳୟରୁ ଡେପୁଟେସନରେ ନିଆଯାଇ ବନ୍ତଳା ସରକାରୀ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟ କରିବା ପାଇଁ ଦାୟିତ୍ୱ ଦିଆଯାଇଛି। ଫଳରେ ଜଣେମାତ୍ର ଶିକ୍ଷୟିତ୍ରୀ କାର୍ଯ୍ୟ କରୁଛନ୍ତି।




ଏଠାରେ ସୂଚନା ଯୋଗ୍ୟ ଯେ ବନ୍ତଳା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଜଣେ ଶିକ୍ଷକ ଥିଲେ। ଡେପୁଟେସନରେ ଅନ୍ୟ ଜଣେ ଶିକ୍ଷକ ଯିବାରୁ ବର୍ତ୍ତମାନ ଉକ୍ତ ବିଦ୍ୟାଳୟରେ ଦୁଇ ଜଣ ଶିକ୍ଷକ କାର୍ଯ୍ୟ କରୁଛନ୍ତି। ପରନ୍ତୁ ସରକାରୀ ପ୍ରାଥମିକ ବିଦ୍ୟାଳୟ ଦୁଲ୍ଲାରପୁରରେ ଜଣେ ଶିକ୍ଷକ କିଭଳି କାର୍ଯ୍ୟ କରିବେ। କେଉଁ କାରଣ ପାଇଁ ବ୍ଲକ ଶିକ୍ଷାଧିକାରୀ ଅନ୍ୟ ଜଣେ ଶିକ୍ଷକଙ୍କୁ ଡେପୁଟେସନରେ ଏହି ବିଦ୍ୟାଳୟରୁ ପଠାଇଦେଲେ। ଯାହାଫଳରେ ବିଦ୍ୟାଳୟରେ ପାଠ ପଢ଼ାକୁ ନେଇ ଅବିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଦୁଇ ଜଣ ପିଲା ଏହି ବିଦ୍ୟାଳୟରୁ ଟିସି ନେଇ ଅନ୍ୟ ବିଦ୍ୟାଳୟରେ ନାମ ଲେଖାଇଲେଣି।

ଅପରପକ୍ଷରେ ଭରତପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୧ରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀ ରହିଥିଲା ବେଳେ ଜଣେ ଶିକ୍ଷକ କାର୍ଯ୍ୟରତ ଅଛନ୍ତି। ଶିକ୍ଷକ ଅଭାବରୁ ଉକ୍ତ ବିଦ୍ୟାଳୟରେ ୨୨ ଜଣ ପିଲା ପାଠ ପଢୁଥିବା ଜଣାପଡ଼ିଛି। ମାହାଙ୍ଗାରେ ବିଦ୍ୟାଳୟ ରହିଛି, ଶିକ୍ଷକ ନାହାଁନ୍ତି ହେଲେ ରାଜ୍ୟ ସରକାର ପ୍ରତ୍ୟେକ ବିଦ୍ୟାଳୟରେ ଶିଶୁ ବାଟିକା ଖୋଲିଥିଲା ବେଳେ ଏହା କାହାସ୍ୱାର୍ଥରେ ? ମାହାଙ୍ଗା ବ୍ଲକରେ ଯେଉଁ ଯେଉଁ ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ଜଣେ ଜଣେ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି ସେଠାରେ ତୁରନ୍ତ ଶିକ୍ଷକ ନିଯୁକ୍ତି କରିବାକୁ ମାହାଙ୍ଗା ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ଦାବି ହେଉଥିଲା ବେଳେ ଜଣେ ଶିକ୍ଷକ କିଭଳି ଭାବରେ ଶିକ୍ଷାଦାନ ସହିତ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ କାର୍ଯ୍ୟ ବୁଝିବ ଓ ଅଫିସର କାର୍ଯ୍ୟ କରିବ ସେ ନେଇ ସାଧାରରେ ପ୍ରଶ୍ନ ଉଠୁଛି। ଏ ନେଇ ମାହାଙ୍ଗା ବିଧାୟକ ତୁରନ୍ତ ଉକ୍ତ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା

# ବିଚାର ବିଭାଗୀୟ ତଦନ୍ତ ଦାବିରେ ସିପିଆଇର ବିକ୍ଷୋଭ




**ଭୁବନେଶ୍ୱର,୧୫।୭(ସଂଚାର ବ୍ୟୁରୋ):** ଫକୀର ମୋହନ କଲେଜ ଛାତ୍ରୀଙ୍କୁ ବ୍ୟବସ୍ଥାକୃତ ହତ୍ୟାକାଣ୍ଡ ଘଟଣାରେ ବିଚାର ବିଭାଗୀୟ ତଦନ୍ତ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ସାଂସଦ ଓ ବାଲେଶ୍ୱର ବିଧାୟକଙ୍କ ଇସ୍ତଫା ଦାବିରେ ଆଜି ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ବିକ୍ଷୋଭ ସହ ୧୭ ଜୁଲାଇ ଓଡ଼ିଶା ବନ୍ଦ ସଫଳତା ପାଇଁ ଆହ୍ୱାନ ଦିଆଯାଇଛି। ଫକୀର ମୋହନ କଲେଜ ଛାତ୍ରୀଙ୍କ ପ୍ରତି ବିଭାଗୀୟ ମୁଖ୍ୟ ଅଧ୍ୟାପକଙ୍କ ଯୌନ ଉତ୍ପିଡ଼ନ ଘଟଣା ସମ୍ପର୍କରେ ପିଡ଼ିତା ଛାତ୍ରୀ ଏବିଭିପିର ସଦସ୍ୟ ଥାଇ ତାଙ୍କ ସଂଗଠନର ସମସ୍ତଙ୍କୁ, ବିଜେପିର ସ୍ଥାନୀୟ ବିଧାୟକ, ବାଲେଶ୍ୱର ସାଂସଦ, ଉଚ୍ଚଶିକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରମୁଖଙ୍କୁ ନ୍ୟାୟ ପ୍ରଦାନ ପାଇଁ ହାରି ଗୁହାରି କରି ମଧ୍ୟ ସୁରକ୍ଷାର ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ନମିଳିବାରୁ ପୁଣି ସାମାଜିକ ଗଣମାଧ୍ୟମ ଏକ୍ସ ହ୍ୟାଣ୍ଡଲ୍‌ରେ ଉପରୋକ୍ତ ସମସ୍ତଙ୍କୁ ଜୁଲାଇ ପହିଲାରେ ଜଣାଇଥିଲେ ବି ସୁଫଳ ମିଳିନଥିଲା।

ପରିଶେଷରେ ଗତ ୧୨ ତାରିଖରେ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କୁ ସାକ୍ଷାତ୍ କରି ନିରାଶ ହୋଇ ଆତ୍ମାହୁତିର ରାସ୍ତା ଆପଣାଇଲେ ପୀଡ଼ିତା ଛାତ୍ରୀ। ଏହା ମନୁବାଦୀ ବିଜେପି ଓ ସଂଘ ପରିବାରର ଏକ ବ୍ୟବସ୍ଥାକୃତ ହତ୍ୟାକାଣ୍ଡ। ଯେହେତୁ ପୀଡ଼ିତା ଛାତ୍ରୀ ଏବିଭିପିର ସଦସ୍ୟ ଯୌନ ଉତ୍ପୀଡ଼ନକାରୀ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଏବିଭିପିର ସଦସ୍ୟ ଥିବାରୁ ଏବିଭିପି, ବିଜେପି ଓ ସଂଘ ପରିବାର ମନୁବାଦୀ ବିଚାରଧାରାରେ ଯୌନ ଉତ୍ପୀଡ଼ନରେ ପିଡ଼ିତା ଛାତ୍ରୀ ସମ୍ପୃକ୍ତ ଅଧ୍ୟାପକଙ୍କ ସହ ବୁଝାମଣା କରିବା ପାଇଁ ବାଧ୍ୟ କରାଇ ଏକ ବ୍ୟବସ୍ଥାକୃତ ହତ୍ୟାକାଣ୍ଡ କରିଛନ୍ତି ଏବିଭିପି ଓ ବିଜେପିର ଡବଲ ଇଞ୍ଜିନ ସରକାର। ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ ସହ ଯୌନ ଉତ୍ପୀଡ଼ନର ଶିକାର ଛାତ୍ରୀଙ୍କୁ ସୁରକ୍ଷା ଦେବାରେ ବିଫଳ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ସାଂସଦ, ବାଲେଶ୍ୱର ବିଧାୟକଙ୍କ ଇସ୍ତଫା ଦାବି କରାଯାଇଛି। ଏହି ବିକ୍ଷୋଭରେ ସିପିଆଇ ରାଜ୍ୟ ସହ ସମ୍ପାଦକ କ୍ଷୀରୋଦ ସିଂହଦେଓ, ବିକେଏମ୍‌ୟୁ ରାଜ୍ୟ ସମ୍ପାଦକ ସୁର ଜେନା, ସିପିଆଇ ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ, ବିଜୟ ଜେନା, କୈଳାସ ପୁହାଣ, ନମିତା ସାହୁ, ଡାକ ହେମ୍ବ୍ରମ୍, ଶଙ୍କର ବାରିକ, ଶଙ୍କର ବେହେରା, ଲେନିନ ଜେନା, ସାଇରାମ ଜେନା, ନାନିକା ମୁଣ୍ଡା, ବାସନ୍ତୀ ସୋରେନ, ସୁସ୍ମିତା ନାୟକ, ଚେତମ୍ବର ଭୋଇ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ସାରଳା ଦାସ ଯଥାର୍ଥରେ ଓଡ଼ିଆ ଭାଷା ଓ ସାହିତ୍ୟର ଆଦି ସ୍ରଷ୍ଟା: ମୁଖ୍ୟମନ୍ତ୍ରୀ



**କଟକ,୧୫।୭(ସଂଚାର ବ୍ୟୁରୋ):** ଆଜି ସମସ୍ତଙ୍କ ପାଇଁ ଏକ ଆନନ୍ଦର ଦିନ। ଓଡ଼ିଆ ଭାଷା ସାହିତ୍ୟର ଆଦି ସ୍ରଷ୍ଟା ଆଦିକବି ସାରଳା ଦାସଙ୍କ ନାମରେ ନାମିତ ସାରଳା ସାହିତ୍ୟ ସଂସଦ ପକ୍ଷରୁ ଆଦିକବି ସାରଳା ଦାସଙ୍କର ୬୦୦ ତମ ଜନ୍ମବାର୍ଷିକୀ ଓ ସଂସଦର ୪୫ତମ ବାର୍ଷିକ ଉତ୍ସବ ପାଳିତ ହେଉଛି। ଏହା ଓଡ଼ିଆ ଜାତି ପାଇଁ ଗର୍ବ ଓ ଗୌରବର ବିଷୟ। ଏଥିପାଇଁ ମୁଁ ଅନୁଷ୍ଠାନର ପ୍ରତିଷ୍ଠାତା ଓ ସଭାପତି ଡଃ ପ୍ରଭାକର ସ୍ୱାଇଁ ଓ ସମସ୍ତ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଉଛି ଓ ଏହି ଭବ୍ୟ ସମାରୋହରେ ସେହି ପ୍ରାତଃ ସ୍ମରଣୀୟ ଆଦିକବି ସାରଳା ଦାସଙ୍କୁ କୋଟି ପ୍ରଣାମ ଜଣାଉଛି। ଆଜି ଆମ ପାଇଁ ଆହୁରି ସୌଭାଗ୍ୟ କାରଣ ଆଜିର ଏହି ବାର୍ଷିକ ଉତ୍ସବ, ଆମ ଓଡ଼ିଶା ମାଟିର ସୁଯୋଗ୍ୟା କନ୍ୟା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉପସ୍ଥିତିରେ ଅନୁଷ୍ଠିତ ହେଉଛି। ଯଥାର୍ଥରେ ସାରଳା ଦାସ ହେଉଛନ୍ତି ଓଡ଼ିଆ ଭାଷା ଓ ସାହିତ୍ୟର ଆଦି ସ୍ରଷ୍ଟା। ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରକୃତରେ ଆରମ୍ଭ ହୋଇଥିଲା ଆଦିକବିଙ୍କ ସୃଜନୀରୁ। ତେଣୁ ସେହି ସମୟକୁ ଓଡ଼ିଆ ସାହିତ୍ୟର 'ସାରଳା ଯୁଗ' ଭାବେ ଅଭିହିତ କରାଯାଏ। ମହାନ ଯୋଗୀ ବେଦବ୍ୟାସଙ୍କ ରଚିତ ମୂଳ ମହାଭାରତ, ଯାହା ସଂସ୍କୃତରେ ରଚିତ, ତାହାକୁ ଲୋକଙ୍କ କଥନ ଭାଷାରେ ରଚନା କରି ଆଦୃତ କରାଇବାରେ ସାରଳା ଦାସଙ୍କ ଅବଦାନ ଅମୂଲ୍ୟ, ଅତୁଳନୀୟ। ସାରଳା ଦାସଙ୍କ ମହାଭାରତ, ଭାରତୀୟ ଆଞ୍ଚଳିକ ଭାଷା ମଧ୍ୟରୁ ଶ୍ରେଷ୍ଠ ରଚନା କହିଲେ ଅତ୍ୟୁକ୍ତି ହେବ ନାହିଁ। ଆଦିକବିଙ୍କ ମହାଭାରତରେ ଓଡ଼ିଆ ଜନଜୀବନର ଚିତ୍ର, ଉତ୍କଳୀୟ ସଂସ୍କୃତି ଓ ଭୌଗୋଳିକ ଆଖ୍ୟାୟନକୁ ସଫଳ ଭାବରେ ବର୍ଣ୍ଣନା କରାଯାଇଛି। କଳା, ସାହିତ୍ୟ, ଭାସ୍କର୍ଯ୍ୟ ଓ ନୃତ୍ୟ ସଂଗୀତର ସମନ୍ୱୟରେ ଓଡ଼ିଆ ଜାତି ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ରତା ପ୍ରତିପାଦନ କରି ପାରିଛି। ଷଷ୍ଠ ଭାରତୀୟ ଭାଷା ଭାବେ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଛି। ଏହା ସମ୍ଭବ ହୋଇଛି କେବଳ ଓଡ଼ିଆ ସାହିତ୍ୟର ଜନକ ସାରଳା ଦାସ ଓ ଆମର ପ୍ରାଚୀନ ସ୍ରଷ୍ଟାମାନଙ୍କର ସୃଷ୍ଟିର ସମ୍ଭାର ପାଇଁ। ଗୋଟିଏ ଜାତି କିମ୍ବା ସମାଜକୁ ସମୃଦ୍ଧ କରିବା ପାଇଁ ଭାଷା ଓ ସାହିତ୍ୟ ଯେତିକି ଗୁରୁତ୍ୱପୂର୍ଣ୍ଣ, ଏହାର ପ୍ରଚାର ଓ ପ୍ରସାର ପାଇଁ କାର୍ଯ୍ୟରତ ବ୍ୟକ୍ତି ଓ ସଂସ୍ଥାଙ୍କ ଅବଦାନ ମଧ୍ୟ ସେତିକି ମହତ୍ୱପୂର୍ଣ୍ଣ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ଓ ପ୍ରସାର କରିବା ପାଇଁ ଅନେକ ସଂସ୍ଥା କାର୍ଯ୍ୟ କରୁଛନ୍ତି। ସେମାନଙ୍କ ମଧ୍ୟରେ ସାରଳା ସାହିତ୍ୟ ସଂସଦ ଅଗ୍ରଣୀ ଭୂମିକା ନିଭାଇଛି। ସାରଳା ଦାସଙ୍କ କୃତୀ ଓ କୀର୍ତ୍ତିକୁ ରାଜ୍ୟରେ ଏବଂ ରାଜ୍ୟ ବାହାରେ ପହଞ୍ଚାଇବା ପାଇଁ ସାହିତ୍ୟ ସଂସଦର ସଦସ୍ୟ ସର୍ବଦା ପ୍ରୟାସ କରୁଛନ୍ତି। ସାରଳା ଦାସଙ୍କ କୃତୀ ବ୍ୟତୀତ କବି ଜୟଦେବ, ସନ୍ଥକବି ଭୀମଭୋଇ, ଫକୀର ମୋହନ ସେନାପତି, ମହାପୁରୁଷ ଅଚ୍ୟୁତାନନ୍ଦ, ସ୍ୱଭାବ କବି ଗଙ୍ଗାଧର ମେହେର, ମଧୁସୂଦନ ରାଓ, ପଣ୍ଡିତ ଗୋଦାବରୀଶ ମିଶ୍ର, ପଲ୍ଲୀକବି ନନ୍ଦ କିଶୋର ବଳ ଆଦି ପ୍ରଜ୍ଞା ପୁରୁଷମାନଙ୍କର ସ୍ମୃତିଚାରଣ ସହ ସାରସ୍ୱତ କୀର୍ତ୍ତି ସଂସ୍କରଣ ମଧ୍ୟ ସଂସଦ ପ୍ରକାଶ କରିଛି। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସଂସଦ ପକ୍ଷରୁ ପ୍ରତିବର୍ଷ ସମ୍ମାନଜନକ କଳିଙ୍ଗ ରତ୍ନ ଓ ସାରଳା ସମ୍ମାନ ସହ ପୂର୍ବସୂରୀମାନଙ୍କ ସ୍ମୃତିରେ ବିଭିନ୍ନ ସମ୍ମାନ ପ୍ରଦାନ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

## ସୌମ୍ୟାଶ୍ରୀଙ୍କ ମୃତ୍ୟୁ ମାମଲା

# ହାଇକୋର୍ଟ ସିଟିଂ ଜଜ୍‌ଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଉ



**ବିଜୁ ଯୁବ ଓ ଛାତ୍ର ଜନତା ଦଳର ଦାବି**

**ଭୁବନେଶ୍ୱର, ୧୫।୭ (ସଂଚାର ବ୍ୟୁରୋ):** ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟରେ କଲେଜ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇ ନିଜ ଦେହରେ ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଥିବା ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଗତକାଲି ଏମ୍ସରେ ମୃତ୍ୟୁକୁ ନେଇ ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କ ଉପରେ ବର୍ଷିଛି ବିଜୁ ଯୁବ ଓ ଛାତ୍ର ଜନତା ଦଳ।

ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ବିଧାୟକ ବ୍ୟୋମକେଶ ରାୟ, ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଯୁବନେତା ଧୃତି ମାର୍ଥା, ମୁଖପାତ୍ର ଇପ୍‌ସିତା ସାହୁ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ସାରା ଓଡ଼ିଶାବାସୀଙ୍କୁ ସ୍ତବ୍ଧ କରିଛି। କେହି ବି ତାଙ୍କ ଗୁହାରୀ ଶୁଣିଲେନି। ମୃତ୍ୟୁ ପରେ ପୁଲିସ୍ ମାଧ୍ୟମରେ ମରଶରୀରକୁ ପୁରୀ ନେବା ପାଇଁ ମସୁଧା ହୋଇଥିଲେ ହେଁ ସୌମ୍ୟାଶ୍ରୀଙ୍କ ପରିବାର ଦାବିରେ ତାଙ୍କ ଗାଁ ପଳାସିଆକୁ ମରଶରୀର ନିଆଯାଇଥିଲା।

ବିଧାୟକ ଶ୍ରୀ ରାୟ ଓ ଶ୍ରୀ ତ୍ରିପାଠୀ କହିଥିଲେ ଯେ ସୌମ୍ୟାଶ୍ରୀଙ୍କ ପ୍ରତି ହୋଇଥିବା ଅବିଚାର ବିରୋଧରେ ଆଜିଠାରୁ ରାଜ୍ୟବ୍ୟାପୀ ଯୁବ ଓ ଛାତ୍ର ବିଜେଡି ରାଜରାସ୍ତାକୁ ଓହ୍ଲାଇଛି। ଏହି ଆନ୍ଦୋଳନ ତୀବ୍ରତର ହେବ ଓ ଯେଉଁମାନେ ସୌମ୍ୟାଶ୍ରୀଙ୍କୁ ସୁରକ୍ଷା ଦେବା ବଦଳରେ ମୃତ୍ୟୁ ମୁହଁକୁ ଠେଲି ଦେଇଛନ୍ତି, ସେମାନେ ଇସ୍ତଫା ଦେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ। ଏଥିସହ ଛାତ୍ରୀଙ୍କ ପରିବାରକୁ ୨ କୋଟି ଟଙ୍କାର କ୍ଷତିପୂରଣ ବି ଦିଆଯାଉ। ମୁଖପାତ୍ର ଶ୍ରୀମତୀ ସାହୁ କହିଥିଲେ, ସୌମ୍ୟାଶ୍ରୀ ଏବିଭିପିର ଜଣେ କର୍ମକର୍ତ୍ତା ଭାବେ କାର୍ଯ୍ୟ କରୁଥିଲେ, କିନ୍ତୁ ସେହି ସଂଗଠନର ଚକ୍ରାନ୍ତ ଲାଗି ତାଙ୍କୁ ଆତ୍ମାହୁତି ଦେବାକୁ ପଡ଼ିଲା। ସମଗ୍ର ଛାତ୍ର ସମାଜ ନିକଟରେ ଆଜି ଏବିଭିପିର ମୁଖା ଖୋଲିଯାଇଛି। ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ସ୍ଥାନୀୟ ସାଂସଦ ଓ ବିଧାୟକ ଏହି ଘଟଣାରେ ଅବଗତ ଥାଇ ମଧ୍ୟ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ କରିନଥିବାରୁ ଏହାର ତଦନ୍ତ ଦାୟିତ୍ୱ ହାଇକୋର୍ଟର ଜଣେ କାର୍ଯ୍ୟରତ ବିଚାରପତିଙ୍କୁ ଦିଆଯାଉ ବୋଲି ସେ ଦାବି କରିଛନ୍ତି।

# ଆଜି ଲୋକସେବା ଭବନ ଘେରିବ ବିଜେଡି



**ଭୁବନେଶ୍ୱର,୧୫।୭(ସଂଚାର ବ୍ୟୁରୋ):** ଏଫଏମ ସ୍ୱୟଂଶାସିତ କଲେଜ ଛାତ୍ରୀ ଆତ୍ମାହୁତି ଘଟଣାରେ ପୀଡ଼ିତାଙ୍କ ମୃତ୍ୟୁ ପରେ ପିଜେଡି ରାଜ୍ୟ ସରକାରଙ୍କୁ ଦାୟୀ କରି ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି। ଏଥିସହ ଏହା ପ୍ରତିବାଦରେ ଆସନ୍ତାକାଲି ଦଳ ପକ୍ଷରୁ ଲୋକସେବା ଭବନ ଘେରାଉ କରାଯିବ ବୋଲି ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଉପସଭାପତି ସଞ୍ଜୟ ଦାସବର୍ମା, ଉପସଭାପତି ପ୍ରତାପ ଜେନା ଏଫଏମ କଲେଜ ଛାତ୍ରୀ ମୃତ୍ୟୁ ଘଟଣାରେ ପୀଡିତା ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଜଣାଇ ତାଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ ମଧ୍ୟ ରାଜ୍ୟ ସରକାର ଅଣଦେଖା କରିବାରୁ ଏପରି ଅଭାବନୀୟ କାଣ୍ଡ ଘଟିଲା ବୋଲି କହିଛନ୍ତି। ଶ୍ରୀ ମିଶ୍ର କହିଥିଲେ ଯେ ଘଟଣା ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି। ପୀଡିତା ଛାତ୍ରୀ ଦୀର୍ଘ ୬ ମାସ ଧରି ନ୍ୟାୟ ପାଇଁ ସଂଗ୍ରାମ କରି ବିଫଳ ହେବା ପରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଇତ୍ୟାଦିଙ୍କୁ ସାମାଜିକ ଗଣମାଧ୍ୟମରେ ଟ୍ୱିଟ୍ କରି ନ୍ୟାୟ ଭିକ୍ଷା କରିଥିଲେ। ସମସ୍ତ କ୍ଷେତ୍ରରୁ ନ୍ୟାୟ ପାଇବାରେ ବିଫଳ ହେବା ପରେ ଛାତ୍ରୀ ଜଣକ ଆତ୍ମାହୁତି ଭଳି ଚରମ ନିଷ୍ପତ୍ତି ନେଇଥିଲେ ବୋଲି ଶ୍ରୀ ମିଶ୍ର କହିଛନ୍ତି। ସେହିପରି ଶ୍ରୀ ଦାସବର୍ମା ଏହି ଘଟଣାରେ ଅଭିଯୁକ୍ତ ଅଧ୍ୟାପକ, କଲେଜ ଅଧ୍ୟକ୍ଷଙ୍କ ବ୍ୟତୀତ ମୃତ ଛାତ୍ରୀ ଯେଉଁମାନଙ୍କ ନିକଟରେ ଅଭିଯୋଗ କରିଥିଲା ସେମାନଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିବା ପାଇଁ ଦାବି କରାଯାଇଛି।

## ମୁଖ୍ୟ ସଚିବଙ୍କ ସଚିବସ୍ତରୀୟ ବୈଠକ

# ଜନକୈନ୍ଦ୍ରିକ ଶାସନ ପରିଚାଳନା ଉପରେ ଗୁରୁତ୍ୱ



**ଭୁବନେଶ୍ୱର,୧୫।୭(ସଂଚାର ବ୍ୟୁରୋ):** ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଆଜି ସଚିବସ୍ତରୀୟ ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ପ୍ରସଙ୍ଗରେ ମୁଖ୍ୟ ଶାସନ ସଚିବ ଆଲୋକପାତ କରି ଆବଶ୍ୟକ ନିର୍ଦ୍ଦେଶ ଓ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଛନ୍ତି। ଓଡ଼ିଶା ଭିଜନ ଡକ୍ୟୁମେଣ୍ଟକୁ କାର୍ଯ୍ୟକାରୀ କରିବା ନିମନ୍ତେ ବିଭିନ୍ନ ବିଭାଗରେ ସଂସ୍ଥାଗତ ଢ଼ାଞ୍ଚା ଓ ଉତ୍ସର୍ଗୀଗତ ବ୍ୟବସ୍ଥା ପୂର୍ବକ ଆନ୍ତଃ ବିଭାଗୀୟ କାର୍ଯ୍ୟକାରୀ ଗ୍ରୁପ (ୱାର୍କିଂ ଗ୍ରୁପ୍) ଦ୍ୱାରା ସମନ୍ୱୟ ଓ କାର୍ଯ୍ୟାନ୍ୱୟନ ସମ୍ପର୍କରେ ବୈଠକରେ ଆବଶ୍ୟକ ପରାମର୍ଶ ଦିଆଯାଇଥିଲା।

ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ, ମଧୁସୂଦନ ଦାସ ଆଞ୍ଚଳିକ ବିତ୍ତୀୟ ପରିଚାଳନା ପ୍ରତିଷ୍ଠାନ, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ ଆଦି ସଂସ୍ଥାରେ ଦିଆଯାଉଥିବା ବିଭିନ୍ନ ପ୍ରଶିକ୍ଷଣରେ ଭିଜନ ଡକ୍ୟୁମେଣ୍ଟରେ ରହିଥିବା ଆଭିମୁଖ୍ୟ ସଂପର୍କିତ ତାଲିମ ଅନ୍ତର୍ଭୁକ୍ତ କରିବା ନେଇ ସ୍ୱତନ୍ତ୍ର ବ୍ୟବସ୍ଥା ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜନକୈନ୍ଦ୍ରିକ ଶାସନ ବ୍ୟବସ୍ଥାର ସୁପରିଚାଳନାକୁ ଦୃଷ୍ଟିରେ ରଖି ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ ଅନ୍ତର୍ଭୁକ୍ତ ସେବାଗୁଡିକୁ ସିଏମଜିଆଇ ଦ୍ୱାରା ବିକାଶ ହେଉଥିବା କେନ୍ଦ୍ରୀୟ ତଦାରଖ ବ୍ୟବସ୍ଥାରେ ଉପଲବ୍ଧ କରାଯିବା ସଂପର୍କରେ ବୈଠକରେ ପରାମର୍ଶ ଦିଆଯାଇଥିଲା। ବୈଠକରେ ସରକାରୀ କର୍ମଚାରୀମାନଙ୍କୁ ସେମାନଙ୍କର ଅବସରଗ୍ରହଣ ଦିନ ଚୂଡ଼ାନ୍ତ ପେନସନ ଦିଆଯିବା ସମ୍ପର୍କରେ ପ୍ରଶାସନିକ ପ୍ରସ୍ତୁତିକୁ ଅଧିକ ସୁବ୍ୟବସ୍ଥିତ କରାଯିବାକୁ ପରାମର୍ଶ ଦିଆଯାଇଥିଲା। ଆହୁରି ମଧ୍ୟ ଆଇ-ଜିଓଟି କର୍ମଯୋଗୀ ପୋର୍ଟାଲରେ ଅଧିକାରୀ ଓ କର୍ମଚାରୀ ମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ଅନଲାଇନ ପ୍ରଶିକ୍ଷଣ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଏହି ପୋର୍ଟାଲରେ କର୍ମଚାରୀମାନଙ୍କ କାର୍ଯ୍ୟଦକ୍ଷତା ମୂଲ୍ୟାୟନ (ପିଏଆର) ସହିତ ସମନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥି ସହିତ କର୍ମଚାରୀମାନଙ୍କୁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ସମ୍ପର୍କରେ ଜାଣିବା ପାଇଁ ବାଧ୍ୟତାମୂଳକ ଅନଲାଇନ ପ୍ରଶିକ୍ଷଣ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇ ଥିଲା। କର୍ମଚାରୀମାନେ ଠିକ୍ ସମୟରେ କାର୍ଯ୍ୟାଳୟକୁ ଆସିବା ସଂପର୍କରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ଗୃହ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତଥା ଇସ୍ପାତ ଓ ଖଣି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଶିଳ୍ପ ଓ ଏମ୍‌ଏସ୍‌ଏମ୍‌ଇ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# କଳାହାଣ୍ଡି ଓ ରାୟଗଡ଼ାର ୨୧ ଗାଁକୁ ଆଲୋକିତ କରିଛି ବେଦାନ୍ତ

● ୫ ହଜାରରୁ ଉର୍ଦ୍ଧ୍ୱ ବାସିନ୍ଦା ପାଇଛନ୍ତି ଫାଇଦା



**ଭୁବନେଶ୍ୱର,୧୫।୭(ସଂଚାର ବ୍ୟୁରୋ):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ କଳାହାଣ୍ଡି ଓ ରାୟଗଡ଼ା ଜିଲ୍ଲାର ୨୧ ଗ୍ରାମରେ ୯୬ଟି ସୌରଚାଳିତ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କରିଛି। ଏହି ଲାଇଟ୍ ପୂର୍ବରୁ ଅନ୍ଧାରରେ ଥିବା ଅଞ୍ଚଳରେ ଆଲୋକୀକରଣର ଏକମାତ୍ର ଉତ୍ସ ଭାବେ କାର୍ଯ୍ୟ କରୁଛି। ଏହି ସବୁଜ ପଦକ୍ଷେପ ବାର୍ଷିକ ପ୍ରାୟ ୨୨ ଟନ୍ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସରେ ଯୋଗଦାନ ଦେବା ସହ ୫ ହଜାରରୁ ଉର୍ଦ୍ଧ୍ୱ ବାସିନ୍ଦାଙ୍କୁ ଶକ୍ତି-ଦକ୍ଷ ଆଲୋକ ପ୍ରଦାନ କରୁଛି। ବେଦାନ୍ତ ପକ୍ଷରୁ ବଜାର, ଗ୍ରାମ ପ୍ରବେଶ ପଥ, ବସ୍‌ଷ୍ଟାଣ୍ଡ, କମ୍ୟୁନିଟି ସେଣ୍ଟର୍, ସ୍କୁଲ ଓ ମୁଖ୍ୟ ରାସ୍ତା ଭଳି ପ୍ରମୁଖ ସ୍ଥାନରେ ୧୫୦ଟି ସୌରଚାଳିତ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ ପାଇଁ ମଧ୍ୟ ପ୍ରତିଶ୍ରୁତିବଦ୍ଧ। ଗ୍ରାମୀଣ ଭିତ୍ତିଭୂମି ବୃଦ୍ଧି କରିବା ଓ ଏହାର କାର୍ଯ୍ୟକ୍ଷମ କ୍ଷେତ୍ରରେ ସମ୍ପ୍ରଦାୟଗୁଡ଼ିକୁ ଉନ୍ନତ କରିବା ପାଇଁ ବେଦାନ୍ତର ବ୍ୟାପକ ମିଶନ ସହ ସମନ୍ୱୟ ରଖିଛି। ଏହା ମିଳିତ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ବିଶେଷକରି ଏସ୍‌ଡିଜି ୭, ଏସ୍‌ଡିଜି ୧୧ ଓ ଏସ୍‌ଡିଜି ୧୩ ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ମଧ୍ୟ ସୁଦୃଢ଼ କରିଛି। ବେଦାନ୍ତ ସିଇଓ ରାଜୀବ କୁମାର କହିଛନ୍ତି ଯେ ବେଦାନ୍ତରେ ସମ୍ପ୍ରଦାୟ ବିକାଶ କାର୍ଯ୍ୟକ୍ରମଗୁଡ଼ିକ ସେବା କରୁଥିବା ଅଞ୍ଚଳଗୁଡ଼ିକର ନିର୍ଦ୍ଦିଷ୍ଟ ଆବଶ୍ୟକତା ଅନୁସାରେ ପ୍ରସ୍ତୁତ କରାଯାଇଛି। କଳାହାଣ୍ଡି ଓ ରାୟଗଡ଼ାରେ ସୌର ଆଲୋକ ପ୍ରକଳ୍ପ ସ୍ଥାୟିତ୍ୱ ଓ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଆମର ପ୍ରତିବଦ୍ଧତାର ପ୍ରମାଣ। ସୁରକ୍ଷା ବୃଦ୍ଧି, ଗତିଶୀଳତାରେ ଉନ୍ନତି ଓ ସମ୍ପ୍ରଦାୟ କଲ୍ୟାଣକୁ ସୁଦୃଢ଼ କରିବା ପାଇଁ ଏହି ସଂସ୍ଥାଗୁଡ଼ିକ ପୂର୍ବରୁ ଯେଉଁ ସକାରାତ୍ମକ ପ୍ରଭାବ ପକାଇ ଆସୁଛନ୍ତି, ତାହା ଦେଖିବା ଉତ୍ସାହଜନକ। ଗ୍ରାମାଞ୍ଚଳରେ ସବୁଜ ଭିତ୍ତିଭୂମିକୁ ସମନ୍ୱିତ କରି ଆମେ ଏକ ଉଜ୍ଜ୍ୱଳ, ସୁରକ୍ଷିତ ଓ ଅଧିକ ସ୍ଥାୟୀ ଭବିଷ୍ୟତ ନିର୍ମାଣ କରିବାକୁ ପ୍ରୟାସ କରୁ ବୋଲି ଶ୍ରୀ କୁମାର କହିଛନ୍ତି।

# ପଣ୍ଡିତ ଭୁବନେଶ୍ୱର ମିଶ୍ର ସ୍ମୃତି ସନ୍ଧ୍ୟା



**ଭୁବନେଶ୍ୱର,୧୫।୭(ସଂଚାର ବ୍ୟୁରୋ):** ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ବିଶିଷ୍ଟ ସଙ୍ଗୀତଜ୍ଞ, ସଙ୍ଗୀତ ସଂଯୋଜକ ଓ ପ୍ରସିଦ୍ଧ ବେହେଲା ବାଦକ ତଥା ସୁର୍‌ର ବାଦ୍‌ଶାହା ସ୍ୱର୍ଗତଃ ପଣ୍ଡିତ ଭୁବନେଶ୍ୱର ମିଶ୍ରଙ୍କ ୯୮ତମ ଜନ୍ମ ଜୟନ୍ତୀ ଉପଲକ୍ଷେ 'ପଣ୍ଡିତ ଭୁବନେଶ୍ୱର ମିଶ୍ର ସ୍ମୃତି ସନ୍ଧ୍ୟା' ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରସ୍ଥିତ 'ଉତ୍କଳ ରଙ୍ଗମଞ୍ଚ'ରେ ଆୟୋଜିତ ହୋଇଛି। ଏଥିରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶିକା ତଥା ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଶୁଚିସ୍ମିତା ମନ୍ତ୍ରୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଅନୁଜା ତାରିଣୀ ମିଶ୍ର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହିତ ପଣ୍ଡିତ ସ୍ୱର୍ଗତଃ ମିଶ୍ରଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଗୁରୁ କାଳନ୍ଦୀ ଚରଣ ପରିଡ଼ା, ଗୁରୁ ରମେଶ ଚନ୍ଦ୍ର ଦାସ, ଗୁରୁ ସଚ୍ଚିଦାନନ୍ଦ ଦାସ ଓ ଗୁରୁ ଲୀନା ନନ୍ଦ। ପରେ ପରେ ଓଡ଼ିଶୀ ଗବେଷଣା କେନ୍ଦ୍ରର ଶିଳ୍ପୀ ଗୀତ ଗୋବିନ୍ଦ ଗାନ କରିଥିଲେ। ଗୁରୁ କେଶବ ଚନ୍ଦ୍ର ରାଉତଙ୍କ ପରିଚାଳନାରେ ଏହା ପରିବେଷିତ ହୋଇଥିଲା। ଏହାକୁ ପରିବେଷଣ କରିଥିଲେ ସ୍ମୃତିରେଖା ପ୍ରତିହାରୀ, ନିଳିମା ପ୍ରଧାନ ଓ ସୁନିତାରାଣୀ ବିଶ୍ୱାଳ। ବାଦ୍ୟରେ ସହଯୋଗ କରିଥିଲେ ଗୁରୁ ରମେଶ ଚନ୍ଦ୍ର ଦାସ, ସତ୍ୟାନନ୍ଦ ମିଶ୍ର, ଜୟଗୁରୁ ପ୍ରଧାନ। ପରେ ପଣ୍ଡିତ ମିଶ୍ରଙ୍କ ଦ୍ୱାରା ସଂଯୋଜିତ ସଙ୍ଗୀତ 'ଶ୍ୟାମ ସମ କମନୀୟ ନାହିଁ କେ ଆଉ' ପରିବେଷଣ କରିଥିଲେ ଶିଳ୍ପୀ ସୁନୀତାରାଣୀ ବିଶ୍ୱାଳ। ଏହାକୁ ପରିଚାଳନା କରିଥିଲେ ଗୁରୁ କେଶବ ଚନ୍ଦ୍ର ରାଉତ। ମଞ୍ଚ ପରିଚାଳନା କରିଥିଲେ ଗୁରୁ ସଚ୍ଚିଦାନନ୍ଦ ଦାସ।

# ଶିକ୍ଷା ଓ ସାହିତ୍ୟ ସାଧନା ସମ୍ମାନ ପ୍ରଦାନ ଉତ୍ସବ



**ଭୁବନେଶ୍ୱର,୧୫।୭(ସଂଚାର ବ୍ୟୁରୋ):** ଶିକ୍ଷା ଓ ସାହିତ୍ୟ ହିଁ ମାନବ ଜୀବନର ମୂଳଭିତ୍ତି। ଏକ ଶକ୍ତିଶାଳୀ ସମାଜ ଗଠନର ସବୁଠାରୁ ବଡ଼ ଶକ୍ତି" ବୋଲି ଗତକାଲି ସନ୍ଧ୍ୟାରେ ବୁଦ୍ଧ ମନ୍ଦିର ସଭାକକ୍ଷରେ ସୀତା-ଶିବ ସ୍ମୃତିନ୍ୟାସ ତରଫରୁ ସାଧନା ସମ୍ମାନ ପ୍ରଦାନ ଉତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ବର୍ଷିୟସୀ ଲେଖିକା ଇନ୍ଦୁଲତା ମହାନ୍ତିଙ୍କୁ ସାହିତ୍ୟ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ଏବଂ ପ୍ରାକ୍ତନ ପ୍ରଧାନ ଶିକ୍ଷକ କୋଦଣ୍ଡଧର ସାହୁଙ୍କୁ ଶିକ୍ଷାକ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ମାନପତ୍ର ସହ ଏକଲକ୍ଷ ଟଙ୍କା ଲେଖାଁଏ ସମ୍ମାନ ରାଶି ପ୍ରଦାନ କରାଯାଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ଲେଖକ ପୀତବାସ ରାଉତରାୟ ପୂଜ୍ୟପୂଜା ପରମ୍ପରାରେ ପିତାମାତାଙ୍କୁ ସମ୍ମାନ ଦେବା ସନ୍ତାନର ପ୍ରଥମ କର୍ତ୍ତବ୍ୟ ବୋଲି କହିବା ସହ ସୀତା-ଶିବ-ସ୍ମୃତିନ୍ୟାସ ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ବରିଷ୍ଠ ବ୍ୟକ୍ତିଙ୍କୁ ସମ୍ମାନ ପ୍ରଦାନ କରୁଥିବାରୁ ଏହି ଅନୁଷ୍ଠାନକୁ ଅଭିନନ୍ଦନ ଜଣାଇଥିଲେ। ଅନ୍ୟତମ ଅତିଥି ଶିକ୍ଷାବିତ୍ ସଂଯୁକ୍ତା ମହାନ୍ତି ଶିକ୍ଷା କ୍ଷେତ୍ରରେ ବର୍ତ୍ତମାନ ହେଉଥିବା ଅଧୋଗତି ପାଇଁ ଉଦ୍‌ବେଗ ପ୍ରକାଶ କରିଥିଲେ। ଶିଳ୍ପଦ୍ୟୋଗୀ ପଦ୍ମଲୋଚନ ମହାନ୍ତି, ସେମିଳିଗୁଡ଼ା ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼. ଝାନ୍‌ସୀ ସିଂହ ଓ ବରିଷ୍ଠ କବୀ ବନଜ ଦେବୀ ଅତିଥି ଭାବେ ଯୋଗ ଦେଇ ଏହି ନ୍ୟାସର ଅଧ୍ୟକ୍ଷ କୃପାସାଗର ସାହୁଙ୍କ ପ୍ରେରଣାଦାୟୀ ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ସ୍ୱନାମଧନ୍ୟ କଥାକାର ଓ ଔପନ୍ୟାସିକ କୃପାସାଗର ସାହୁଙ୍କ ଗଳ୍ପ ପୁସ୍ତକ 'ଶ୍ରୀରାମ' ଉନ୍ମୋଚିତ ହୋଇଥିଲା, ଯାହାର ସମୀକ୍ଷା ଗାଳ୍ପିକ ଶାନ୍ତନୁ ବେଜ କରିଥିଲେ। ଉତ୍ସବରେ ଲେଖିକା କଳ୍ପଲତା ପାତ୍ର, ମାଳତୀ ପଟେଲ, ବରିଷ୍ଠ ଲେଖକ ନୃସିଂହ ସାହୁ, ରାଧାମୋହନ ମହାପାତ୍ର ଯୋଗଦେଇଥିଲେ।

# ଯନ୍ତ୍ରୀ ପଦୋନ୍ନତି ମାମଲା-ଆଦେଶ ବଦଳାଇଲେ ହାଇକୋର୍ଟ

**ଭୁବନେଶ୍ୱର,୧୫।୭:** ସଂରକ୍ଷିତ ବର୍ଗର ବରିଷ୍ଠ ଓ ଯୋଗ୍ୟ ପ୍ରାର୍ଥୀମାନେ ଅଣ ସଂରକ୍ଷିତ ଆସନକୁ ସରକାରୀ ଚାକିରିରେ ପଦୋନ୍ନତି ପାଇପାରିବେ କି ନାହିଁ ସେ ପ୍ରସଂଗରେ ଚାଲିଥିବା ମାମଲାରେ ଓଡ଼ିଶା ହାଇକୋର୍ଟ ତାଙ୍କ ପୂର୍ବ ଅନ୍ତରୀଣ ଆଦେଶକୁ ଆଉଥରେ ବଦଳାଇଛନ୍ତି। ଫଳରେ ପୂର୍ତ୍ତ ବିଭାଗରେ କିଛି ଯନ୍ତ୍ରୀ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି ପାଇବା ସମ୍ଭାବନା ସୃଷ୍ଟି ହୋଇଛି।

ଏଠାରେ ଉଲ୍ଲେଖନୀୟ ଯେ ସୁପ୍ରିମକୋର୍ଟ ଓ ଓଡ଼ିଶା ହାଇକୋର୍ଟଙ୍କ ସମେତ ବିଭିନ୍ନ ନ୍ୟାୟାଳୟ ବହୁ ମାମଲାରେ ସ୍ପଷ୍ଟ କରିଦେଇଛନ୍ତି ଯେ ଅଣସଂରକ୍ଷିତ ପଦବୀ କୌଣସି ନିର୍ଦ୍ଦିଷ୍ଟ ବର୍ଗଙ୍କ ପାଇଁ ସଂରକ୍ଷିତ ନୁହେଁ। ଏହି ପଦବୀ ଲାଗି ଯୋଗ୍ୟତା, ଦକ୍ଷତା ଓ ବରିଷ୍ଠତା ଭିତ୍ତିରେ ଉଭୟ ସଂରକ୍ଷିତ ଓ ଅଣସଂରକ୍ଷିତ ବର୍ଗର କର୍ମଚାରୀମାନଙ୍କ କଥା ବିଚାରକୁ ନେଇ ପଦୋନ୍ନତି ଦିଆଯିବାର ଆଇନ୍‌ଗତ ବ୍ୟବସ୍ଥା ରହିଛି। ଏହାଛଡ଼ା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରାୟ ୩୦ ବର୍ଷ ଧରି ଏହି ସଂକ୍ରାନ୍ତରେ ବହୁ ମାର୍ଗଦର୍ଶିକା ଜାରି କରିଛନ୍ତି। ଏହି ଆଧାରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀମାନଙ୍କୁ ଉଚ୍ଚ ପାହ୍ୟାକୁ ପଦୋନ୍ନତି ଦିଆଯାଇଥାଏ।

ତେବେ ପୂର୍ତ୍ତ ବିଭାଗର ତ୍ରୁଟି ଯୋଗୁ ଗୋଳମାଳିଆ ଅବସ୍ଥା ସୃଷ୍ଟି ହେବାରେ ପ୍ରାୟ ୩୦୦ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦୋନ୍ନତି ଭିତ୍ତିରେ ପୂରଣ ହୋଇପାରୁ ନାହିଁ। ବିଭାଗୀୟ ପଦୋନ୍ନତି କମିଟିଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତିରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ପ୍ରତିନିଧି ସହମତି ପ୍ରକାଶ ନକରିବାରୁ ଏହି ନିଷ୍ପତ୍ତିକୁ ବାତିଲ କରାଯାଇ ପୁନର୍ବାର ଗତ ମାର୍ଚ୍ଚ ମାସରେ ଡିପିସି କରାଯାଇଥିଲା। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁସୃତ ନୀତି, ଆଇନ୍‌ଗତ ବ୍ୟବସ୍ଥା ଏବଂ ଆଇନ୍ ବିଭାଗର ପରାମର୍ଶ ମୁତାବକ ଅଣ ସଂରକ୍ଷିତ ପଦବୀଗୁଡ଼ିକରେ ସବୁ ବର୍ଗର ପ୍ରାର୍ଥୀଙ୍କୁ ଯୋଗ୍ୟତ, ଦକ୍ଷତା ଓ ବରିଷ୍ଠତା ଆଧାରରେ ପଦୋନ୍ନତି ଦେବା ଲାଗି ଚୟନ କରାଯିବା ସହିତ ସଂରକ୍ଷିତ ଆସନ ପାଇଁ ମଧ୍ୟ ସଂପୃକ୍ତ ବର୍ଗର ପ୍ରାର୍ଥୀଙ୍କୁ ବଛା ଯାଇଥିଲା। ଡିପିସିର ଏହି ନିଷ୍ପତ୍ତିକୁ ବିରୋଧ କରି ପୂର୍ବରୁ ପଛୁଆ ବର୍ଗ ଓ ମହିଳା କୋଟାରେ ଚାକିରି ପାଇଥିବା କିଛି ଯନ୍ତ୍ରୀ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ।

ଗତ ମାର୍ଚ୍ଚରେ ଏହି ମାମଲାକୁ ବିଚାର ପାଇଁ ଗ୍ରହଣ କରି ଓଡ଼ିଶା ହାଇକୋର୍ଟ ଅନ୍ତରୀଣ ଆଦେଶରେ କହିଥିଲେ ଯେ ଅଦାଲତଙ୍କ ଅନୁମତି ନନେଇ ଡିପିସି ସୁପାରିସ ଭିତ୍ତିରେ ପଦୋନ୍ନତି ଦିଆଯାଇପାରିବ ନାହିଁ। ତେବେ ପରବର୍ତ୍ତୀ ସମୟରେ ଏହି ଅନ୍ତରୀଣ ଆଦେଶକୁ ହାଇକୋର୍ଟ ବଦଳାଇ ଯେଉଁମାନେ ଗତ ୩୦ ତାରିଖ ସୁଦ୍ଧା ଅବସର ଗ୍ରହଣ କରୁଥିବେ ଏବଂ ବରିଷ୍ଠ ଥିବେ ସେମାନଙ୍କୁ ଡିପିସି ସୁପାରିସ ଆଧାରରେ ନିଜ ସ୍ରୋତରେ ପଦୋନ୍ନତି ଦିଆଯାଇପାରିବ ବୋଲି କହିଥିଲେ।

ଏହା ଫଳରେ ଅଳ୍ପ କେତେଜଣ ପଦୋନ୍ନତି ପାଇଥିଲେ। ଏବେ ହାଇକୋର୍ଟର ଅନ୍ୟତମ ବିଚାରପତି ଆଦିତ୍ୟ କୁମାର ମହାପାତ୍ରଙ୍କ ଖଣ୍ଡପୀଠ ପୂର୍ବ ଆଦେଶର ପରିବର୍ତ୍ତନ କରି ଅଣ ସଂରକ୍ଷିତ ବର୍ଗର ଯେଉଁ ଯନ୍ତ୍ରୀମାନେ ୩ମାସ ମଧ୍ୟରେ ଅବସର ଗ୍ରହଣ କରିବାକୁ ଯାଉଥିବେ ସେମାନଙ୍କୁ ଡିପିସିଙ୍କ ସୁପାରିସ ଆଧାରରେ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି ଦିଆଯାଇପାରିବ ବୋଲି କହିଛନ୍ତି।

ତେବେ ମାମଲା ରୁଜୁ କରିଥିବା ବ୍ୟକ୍ତିମାନଙ୍କ ଠାରୁ ବହୁ ବର୍ଷ ଆଗରୁ ଚାକିରିରେ ଯୋଗ ଦେଇଥିବା ସଂରକ୍ଷିତ ବର୍ଗର ଯୋଗ୍ୟ ଓ ବରିଷ୍ଠ ଯେଉଁ ଯନ୍ତ୍ରୀମାନଙ୍କ ସପକ୍ଷରେ ଡିପିସି ସୁପାରିସ କରିଛନ୍ତି ସେମାନଙ୍କୁ ପଦୋନ୍ନତି ଦିଆଯିବ କି ନାହିଁ ସେ ସଂକ୍ରାନ୍ତରେ କିନ୍ତୁ ଅଦାଲତ କିଛି କହିନାହାନ୍ତି। କେବଳ ପୂର୍ତ୍ତ ବିଭାଗରେ ନୁହେଁ, ଅନ୍ୟ କେତେକ ବିଭାଗରେ ମଧ୍ୟ ଏହି ପ୍ରସଂଗକୁ ନେଇ ମାଳମାଳ ମାମଲା ଚାଲୁଥିବାରୁ ସରକାରଙ୍କ ବିଭିନ୍ନ ପଦପଦବୀରେ ପଦୋନ୍ନତି ଦିଆଯିବା କ୍ଷେତ୍ରରେ ସମସ୍ୟା ଉପୁଜୁଥିବା କୁହାଯାଉଛି। (ତଥ୍ୟ)

## ପାଟ୍ରୋଲିଂ ବେଳେ ଗଞ୍ଜେଇ ଜବତ, ଜଣେ ଗିରଫ

**ଉମରକୋଟ,୧୫।୭(ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ରାଇଘର ଅବକାରୀ ବିଭାଗ ପକ୍ଷରୁ ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ପାଟ୍ରୋଲିଂ ସମୟରେ ୯ କିଲୋ ଓଜନର ଗଞ୍ଜେଇ ଜବତ କରାଯାଇଛି। ଏଥିସହ ଏହି ଘଟଣାରେ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ଅବକାରୀ ସବ୍‌ଇନ୍ସପେକ୍ଟର ସୁଶୀଲ କୁମାର ଭୋଇ ଏଏସଆଇ ରାମ ବଡ଼ନାଇକ, ଅନନ୍ତ ମଲ୍ଲିକ ଏହି ଚଢ଼ାଉ କରିଥିଲେ। ଗଞ୍ଜେଇ ଚାଲାଣ ହେଉଥିବା ନେଇ କୌଣସି ସୂତ୍ରରୁ ଖବର ପାଇ ଆରକ୍ଷୀ ଅଧୀକ୍ଷକ ଉପରୋକ୍ତ ନିର୍ଦ୍ଦେଶ ଦେଇଥିଲେ। ମହୁଭଟା ଛକଠାରେ ଏକ ଟିଭିଏସ ଜୁପିଟର ସ୍କୁଟି (ଓଡି୧୦ଭି ୨୫୨୬)କୁ ଅଟକାଇ ଯାଞ୍ଚ ବେଳେ ଉପରୋକ୍ତ ଗଞ୍ଜେଇ ଧରାପଡ଼ିଥିଲା।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ବୁଧବାର ୧୬ ଜୁଲାଇ ୨୦୨୫, ଭୁବନେଶ୍ୱର
Wednesday 16 July 2025, Bhubaneswar

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ପରୀକ୍ଷାରେ ସଫଳତା ସବୁ କିଛି ନୁହେଁ

ପରୀକ୍ଷା କହିଲେ କେବଳ ସ୍କୁଲ-କଲେଜରେ ହେଉଥିବା ପରୀକ୍ଷାକୁ ବୁଝାଏ ନାହିଁ, କିମ୍ବା ଡିଗ୍ରୀ ବା ସାର୍ଟିଫିକେଟ ହାସଲ ନିମନ୍ତେ ହେଉଥିବା ପରୀକ୍ଷାରେ ସଫଳତା ସବୁ କିଛି ନୁହେଁ। ଚାକିରୀ ପାଇଁ ହେଉଥିବା ପରୀକ୍ଷାରେ ସଫଳତା ସବୁ କିଛି ନୁହେଁ ବା ଏଥିରେ ବିଫଳତା ଜୀବନର ବିଫଳତାକୁ ବୁଝାଏ ନାହିଁ। ଡିଗ୍ରୀ ପାଇଁ ବା ଚାକିରୀ ପାଇଁ ହେଉଥିବା ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଫଳତା ସତ୍ତ୍ୱେ ଅନେକ ଜୀବନରେ ବିରାଟ ସଫଳତା ପାଇଛନ୍ତି। ତେଣୁ ସ୍କୁଲ-କଲେଜ ପରୀକ୍ଷାରେ ବିଫଳତା ପାଇଁ ଭାଙ୍ଗି ପଡ଼ିବା ଏବଂ ଜୀବନ ବ୍ୟର୍ଥ ହୋଇଗଲା ବୋଲି ଭାବିବା ଅନୁଚିତ। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଭାରତରେ ଏବେ ଅଧିକାଂଶ ଛାତ୍ରଛାତ୍ରୀ ବା ଯୁବକ ଯୁବତୀ ଏହି ଚିନ୍ତାଧାରା ରଖୁଛନ୍ତି। ତାମିଲନାଡ଼ୁର ଜଣେ ଛାତ୍ରୀ ମେଡିକାଲ କଲେଜରେ ଆଡମିଶନ ପାଇଁ ଉଦ୍ୟମ କରି ବିଫଳ ହେବା ପରେ ଆତ୍ମହତ୍ୟା କରିଛନ୍ତି। ପ୍ରତି ବର୍ଷ ମାଟ୍ରିକ, ଯୁକ୍ତ ଦୁଇ ବା ଅନ୍ୟ ପରୀକ୍ଷାରେ କୃତକାର୍ଯ୍ୟ ହୋଇନଥିବା ଛାତ୍ରଛାତ୍ରୀମାନେ ଆତ୍ମହତ୍ୟା କରୁଛନ୍ତି। ଏବେ ଅବଶ୍ୟ ପରୀକ୍ଷାରେ ଆଉ ପ୍ରାୟ କେହି ଫେଲ ହେଉ ନାହାଁନ୍ତି। ତେଣୁ ଆତ୍ମହତ୍ୟା ହାର କମିଛି। କିନ୍ତୁ ତଥାପି ଏହା ଜାରି ରହିଛି। ଅନେକ ସମୟରେ ନିଜ ପିତା-ମାତାଙ୍କ ଆଶା ଆକାଂକ୍ଷା ପୂରଣ କରିନପାରିବା ଦୁଃଖରେ ଅନେକ ଛାତ୍ରଛାତ୍ରୀ ଆତ୍ମହତ୍ୟା କରୁଛନ୍ତି। ଏହାକୁ ରୋକିବା ଶିକ୍ଷକ ଏବଂ ଅଭିଭାବକଙ୍କର ଦାୟିତ୍ୱ।



ରାଜସ୍ଥାନର କୋଟା ସହର ଦେଶର କୋଚିଂ ସେଣ୍ଟର ଭାବେ ପରିଚିତ। ବିଭିନ୍ନ ରାଜ୍ୟରୁ ଛାତ୍ରଛାତ୍ରୀମାନେ ଆସି ଏଠାରେ ସର୍ବଭାରତୀୟ ସ୍ତର ପ୍ରବେଶିକା ପରୀକ୍ଷା ନିମନ୍ତେ କୋଚିଂ ନିଅନ୍ତି। ଏଠାରେ ବହୁ ଦକ୍ଷ ଅଧ୍ୟାପକ/ଶିକ୍ଷକ ଛାତ୍ରମାନଙ୍କୁ ସଫଳତା ପାଇଁ ଠିକଣା ବାଟ ବତାନ୍ତି। ସେମାନଙ୍କ ମଧ୍ୟରୁ ଅନେକ ସଫଳତା ମଧ୍ୟ ପାଆଇଥାଆନ୍ତି। କିନ୍ତୁ ସମସ୍ତେ ସଫଳ ହୁଅନ୍ତି ନାହିଁ। ବିଫଳ ଛାତ୍ରଛାତ୍ରୀଙ୍କ ମଧ୍ୟରୁ କେତେକ ଏଥିପାଇଁ ନୈରାଶ୍ୟରେ ଆତ୍ମହତ୍ୟା କରନ୍ତି। ନିକଟରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ଗତ ବର୍ଷ କେବଳ କୋଟାରେ ୩୪ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ବାସ୍ତବରେ ଏହା ଏକ ଉଦବେଗର ବିଷୟ। ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀମାନେ ମଧ୍ୟ ବେଧାବୀ ଏବଂ ଅଧ୍ୟବସାୟୀ। କିନ୍ତୁ ପ୍ରସ୍ତୁତିରେ ସାମାନ୍ୟ ତ୍ରୁଟିରୁ ସେମାନେ ବିଫଳ ହୋଇଛନ୍ତି। ହୁଏତ ସେମାନେ ଭିନ୍ନ ପରୀକ୍ଷାରେ କୃତିତ୍ୱ ହାସଲ କରିଥାନ୍ତେ। କିନ୍ତୁ ସେମାନଙ୍କୁ ପ୍ରବୋଧନା ଦେବାକୁ ଏବଂ ସଠିକ ମାର୍ଗ ଦର୍ଶନ କରିବାକୁ କେହି ନାହାଁନ୍ତି। କେବଳ ଶିକ୍ଷାଦାନ ନୁହେଁ, ପିଲାଙ୍କୁ ଜୀବନରେ ଲକ୍ଷ୍ୟ ନିର୍ଦ୍ଧାରଣ କରିବାକୁ ପ୍ରୋତ୍ସାହନ ନିହାତି ଆବଶ୍ୟକ। ବିଗତ ଦୁଇ ଦଶନ୍ଧି ମଧ୍ୟରେ ଦେଶର ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆସିଛି। ପରୀକ୍ଷା ବ୍ୟବସ୍ଥାରେ ଅନେକ ସଂସ୍କାର ହୋଇଛି। ଅନେକ ନୂଆ ନୂଆ ବୈଷୟିକ କଲେଜ ଏବଂ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଛି। ତେବେ ଶିକ୍ଷା ବାବଦରେ ବ୍ୟୟ ଭାର ବଢ଼ିଛି। ଯେଉଁମାନେ ଘରୋଇ ସ୍କୁଲ-କଲେଜରେ ପାଠ ପଢୁଛନ୍ତି ସେମାନଙ୍କୁ ଏ ବାବଦରେ ବିପୁଳ ଅର୍ଥ ବ୍ୟୟ କରିବାକୁ ପଡୁଛି। ଏପରିକି ସ୍ଥଳ ବିଶେଷରେ ମେଡିକାଲ ବା ଏମବିଏ ଭଳି ପାଠ୍ୟକ୍ରମ ଲାଗି କୋଟିଏ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଯଦିଓ ଆଇଆଇଟି, ଏନଆଇଟି, ଏମସ ଭଳି ଜାତୀୟ ସ୍ତରର ଶିକ୍ଷାନୁଷ୍ଠାନ ଏବଂ ସିଟ ସଂଖ୍ୟା ବୃଦ୍ଧି ପାଉଛି, କିନ୍ତୁ ସେହି ଅନୁପାତରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ତେଣୁ ଏସବୁ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବାକୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ମଧ୍ୟ ବୃଦ୍ଧି ପାଇଛି। ପ୍ରତିଯୋଗିତାର ମାନ ଏତେ ବଢ଼ିଯାଇଛି ଯେ, ଏଥିରେ ସଫଳ ହେବା ଛାତ୍ରଛାତ୍ରୀଙ୍କ ପାଇଁ ଏକ ପ୍ରକାର ଚାଲେଞ୍ଜ ପାଲଟିଯାଇଛି। ଏଥିପାଇଁ ସେମାନଙ୍କ ଉପରେ ବାପା-ମା' ବା ପରିବାର ପକ୍ଷରୁ ଚାପ ପକାଯାଉଛି। ଯେମିତି ହେଲେ ସେମାନଙ୍କୁ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳ ହେବାକୁ ପଡ଼ିବ। ବାପା-ମା' ମାନେ ସେମାନଙ୍କ ଲାଗି ଏଥିପାଇଁ ବିପୁଳ ଅର୍ଥ ମଧ୍ୟ ବ୍ୟୟ କରୁଛନ୍ତି। ଅନେକ ଛାତ୍ରଛାତ୍ରୀ ଏଥିପାଇଁ ଘରୋଇ କୋଚିଂ ସେଣ୍ଟରରେ କୋଚିଂ ନେଉଛନ୍ତି। ରାଜସ୍ଥାନର କୋଟା ଦେଶର ଏକ ପ୍ରମୁଖ କୋଚିଂ ସେଣ୍ଟର ଭାବେ ପରିଚିତ। ଦେଶର ବିଭିନ୍ନ ଅଞ୍ଚଳରୁ ସେଠାକୁ ଛାତ୍ରଛାତ୍ରୀମାନେ ଯାଇ କୋଚିଂ ନିଅନ୍ତି। ଏ ବାବଦରେ ବିପୁଳ ଅର୍ଥ ବ୍ୟୟ ମଧ୍ୟ କରିବାକୁ ପଡ଼ିଥାଏ। କୋଟା ସହର ବ୍ୟତିତ ଅନ୍ୟାନ୍ୟ ସହରରେ ମଧ୍ୟ ଏଭଳି ଅନେକ କୋଚିଂ ସେଣ୍ଟର ରହିଛି। ଏସବୁ ବ୍ୟବସାୟିକ ସଂସ୍ଥା। ଶିକ୍ଷାଦାନ ନାମରେ ସେମାନେ ପିଲାଙ୍କୁ ଆର୍ଥିକ ଦୃଷ୍ଟିରୁ ଶୋଷଣ କରୁଥିବାର ଅଭିଯୋଗ ମଧ୍ୟ ହେଉଛି। ଏହିସବୁ କୋଚିଂ ସେଣ୍ଟର ଗୁଡ଼ିକରେ ଶିକ୍ଷା ଏବଂ ତାଲିମ ପାଉଥିବା ଅନେକ ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳ ମଧ୍ୟ ହେଉଛନ୍ତି। କିନ୍ତୁ ସମସ୍ତେ ସଫଳ ହେବେ ବୋଲି ଆଶା କରାଯାଇନପାରେ। ଅନେକ ବିପୁଳ ଅର୍ଥ ବ୍ୟୟ କରି କୋଚିଂ ନେବା ସତ୍ତ୍ୱେ ବିଫଳ ମଧ୍ୟ ହେଉଛନ୍ତି। ଏଥିରେ ବାପା-ମା' ମାନେ ଅସନ୍ତୁଷ୍ଟ ହେଉଛନ୍ତି। ଫଳରେ ପିଲାମାନେ ମାନସିକ ଚାପର ସମ୍ମୁଖୀନ ହେଉଛନ୍ତି। ବାପା-ମା'ଙ୍କୁ ସନ୍ତୁଷ୍ଟ କରିନପାରିବାର ଦୁଃଖ ଏବଂ ଭୟ ସେମାନଙ୍କୁ ଘାରୁଛି। ସମସ୍ତଙ୍କର ମାନସିକ ଚାପ ସହ୍ୟ କରିବାର ଶକ୍ତି ସମାନ ନଥାଏ। କେତେକ ମାନସିକ ଚାପ ସହିନପାରି ଆତ୍ମହତ୍ୟା କରିବାକୁ ପଛାଉ ନାହାଁନ୍ତି। ଯେଉଁମାନେ ଦେଶର ଭବିଷ୍ୟତ ସେମାନେ ଯଦି ନୈରାଶ୍ୟରେ ବୁଡ଼ିଯିବେ ଏବଂ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିବେ ତେବେ ଦେଶର ଭବିଷ୍ୟତ ଅନ୍ଧକାରମୟ ହୋଇଯିବ। ଏକ ନିର୍ଦ୍ଦିଷ୍ଟ ପରୀକ୍ଷାରେ ସଫଳ ହେବା ଜୀବନର ଅନ୍ତିମ ବା ଚରମ ଲକ୍ଷ୍ୟ ନୁହେଁ। ସେମାନେ ଭଲ ଛାତ୍ର। କୋ÷ଣସି କାରଣରୁ ସେମାନେ ପରୀକ୍ଷାରେ ସଫଳ ହୋଇପାରିନାହାଁନ୍ତି। ହୁଏତ ସେମାନଙ୍କ ପାଇଁ ଅନ୍ୟ ରାସ୍ତା ଉନ୍ମୁକ୍ତ ଥିବ। ଗୋଟିଏ ପରୀକ୍ଷାରେ ଅକୃତକାର୍ଯ୍ୟ ହେଲେ ବୋଲି ଜୀବନ ଲକ୍ଷ୍ୟଚ୍ୟୁତ ହୋଇଗଲା ବୋଲି ଭାବିବା ଅନୁଚିତ। ସେମାନେ ଏଥିଲାଗି ଭାଙ୍ଗି ନପଡ଼ି ସାହସର ସହିତ ପୁଣି ଲଢ଼େଇ ପାଇଁ ପ୍ରସ୍ତୁତ ହେବା ଉଚିତ। ଏଥିରେ ଶିକ୍ଷକ, ଅଭିଭାବକ ଓ ଅନ୍ୟ ଆତ୍ମୀୟଙ୍କର ମହତ୍ୱପୂର୍ଣ୍ଣ ଭୂମିକା ରହିଛି। ଛାତ୍ରଛାତ୍ରୀଙ୍କୁ ସେମାନେ ମାନସିକ ଚାପରୁ ମୁକ୍ତ ହୋଇ ପରବର୍ତ୍ତୀ ଲଢ଼େଇ ପାଇଁ ପ୍ରସ୍ତୁତ ହେବାକୁ ଉତ୍ସାହିତ କରିବା ଉଚିତ। ଛାତ୍ରଛାତ୍ରୀମାନଙ୍କୁ ସେଥିପାଇଁ ଉତ୍ତମ କାଉନସେଲିଂର ଆବଶ୍ୟକତା ରହିଛି। ସ୍କୁଲ ସ୍ତରରୁ ଏହି କାଉନସେଲିଂ ଆବଶ୍ୟକ। ଏହା ଏକ ଛୋଟ ସମସ୍ୟା ବା ପ୍ରସଙ୍ଗ ନୁହେଁ। ଏହା ଏକ ଜାତୀୟ ସମସ୍ୟା। ଏଥିଲାଗି ପୁରା ସମାଜ ଚିନ୍ତା କରିବା ଉଚିତ। ଜୀବନର ଲକ୍ଷ୍ୟ ନିର୍ଦ୍ଧାରଣ ଲାଗି ଛାତ୍ରଛାତ୍ରୀଙ୍କୁ ସ୍ୱାଧୀନତା ଦିଆଯିବା ଉଚିତ। ବାପା-ମା' ସେମାନଙ୍କୁ ନିଜ ଇଚ୍ଛାରେ ନିର୍ଦ୍ଦିଷ୍ଟ ରାସ୍ତାରେ ଯିବାକୁ ବାଧ କରିବା ଅନୁଚିତ। ଏବେ ସାରା ଦେଶରେ ପରୀକ୍ଷା ଋତୁ ଚାଲିଛି। ପିଲାମାନେ ଚାପରେ ଅଛନ୍ତି। ବର୍ଷ ତମାମ କଠିନ ପରିଶ୍ରମ କରି ସେମାନେ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇଛନ୍ତି। ସେମାନଙ୍କୁ ଯେପରି ନିଜ ପରିଶ୍ରମ ଏବଂ ଅଧ୍ୟବସାୟର ଫଳ ମିଳିପାରିବ ସେଥିଲାଗି ସେମାନେ ଚିନ୍ତିତ। ସେମାନଙ୍କୁ ଚିନ୍ତାମୁକ୍ତ, ଚାପମୁକ୍ତ କରାଯିବା ଜରୁରୀ। ନୈରାଶ୍ୟରୁ ମୁକ୍ତ ହୋଇ ସେମାନଙ୍କ ଜୀବନରେ ଯେପରି ଆଶାର କିରଣ ସୃଷ୍ଟି ହେବ ସେଥିଲାଗି ସମାଜ ଉଦ୍ୟମ କରିବା ଉଚିତ। ଛାତ୍ର ସମାଜକୁ ନୈରାଶ୍ୟମୁକ୍ତ କରିବା ଆମ ସମସ୍ତଙ୍କର ଦାୟିତ୍ୱ। ଜୀବନର ଅର୍ଥ ବ୍ୟାପକ। ଜଣେ ବ୍ୟକ୍ତିର ବୁଦ୍ଧି ଏବଂ ସଫଳତା ଏହାର ଡିଗ୍ରୀ ମାଧ୍ୟମରେ ହିସାବ କରାଯାଏନି। କେବଳ ବଡ଼ ବଡ଼ ଡିଗ୍ରୀ ହାସଲ କରିଦେଲେ ବା ବଡ଼ ଚାକିରୀ କଲେ ଜୀବନ ସଫଳ ହେଲା ଏବଂ ସେହି ଛାତ୍ରଜଣକ ସବୁ କିଛି ସଫଳତା ହାସଲ କରିଲେ ବୋଲି କୁହାଯାଇପାରିବ ନାହିଁ। ପ୍ରତିକୁଳ ପରିସ୍ଥିତିରେ ଲଢ଼େଇ କରି ଏକ ମହତ୍ୱପୂର୍ଣ୍ଣ ଜୀବନ ଯାପନ କରିବା ସବୁଠାରୁ ବଡ଼ ଲକ୍ଷ୍ୟ ହେବା ଉଚିତ।

# ଆଉ କେତେଦିନ ଝିଅମାନେ ବଳି ପଡୁଥିବେ



ଡକ୍ଟର ଲକ୍ଷ୍ମଣ ସାହୁ

କୁହାଯାଇପାରେ ଯେତେବେଳେ ଏକ ସମାଜ ସଭ୍ୟତାର କ୍ରମାଗତ ବିକାଶ ପଥରେ ଅଗ୍ରଗତି କରେ, ସେତେବେଳେ ଏହାର ଗତି ଓ ଦିଗ କେବଳ ଭୌତିକ ସମୃଦ୍ଧି ଦ୍ୱାରା ନୁହେଁ ବରଂ ଏହାର ନୈତିକ-ବୌଦ୍ଧିକ ବିବେକ ଓ ମୂଲ୍ୟବୋଧର ପରିପକ୍ୱତା ଦ୍ୱାରା ମଧ୍ୟ ନିର୍ଣ୍ଣୟ କରାଯାଏ। କିନ୍ତୁ ଯେତେବେଳେ ଏହି ପ୍ରଗତିଶୀଳତା କେବଳ ଏକ ବାହ୍ୟ ଆବରଣ ହୋଇଯାଏ ଓ ସମାଜ ଭିତରୁ ଏହାର ପ୍ରଥା, ପୂର୍ବାଗ୍ରହ ଓ କଠୋର ମାନସିକତାରେ ଲାଗି ରହିଥାଏ, ସେତେବେଳେ ଏହି କଠୋରତା କେବଳ ଏକ ସାମାଜିକ ପ୍ରତିବନ୍ଧକ ନୁହେଁ ବରଂ ବିଭାଜନକାରୀ ପ୍ରବୃତ୍ତିର ଜନ୍ମସ୍ଥାନ ହୋଇଯାଏ।

ବିଶେଷ କରି ବିଭିନ୍ନ କ୍ଷେତ୍ରରେ ଅନେକ ସୌମ୍ୟାଶ୍ରୀ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ନିଜ ଜୀବନ ନେବାକୁ ଉଦ୍ୟମ କରିବା ଘଟଣାର ଘଟଣା ହେଉ ଅବା ଗୁରୁଗ୍ରାମର ଘଟଣା କିଛି ସ୍ୱର୍ଗୀୟ ଧାରଣା ନୁହେଁ, ବରଂ ଆମ ଆଖି ସାମ୍ନାରେ ପ୍ରତିଦିନ ଘଟୁଥିବା ଏକ ଦୁଃଖଦ ଘଟଣା, ଯେଉଁଥିରେ ଅନ୍ଧ ପରମ୍ପରା, ଅହଂକାର ଓ ମମ୍ ବିକୃତ ପୁରୁଷପ୍ରାଧାନିକ ଚିନ୍ତାଧାରା ମିଶି ଏକ ଜୀବନର ସ୍ଫୁଲିଙ୍ଗକୁ ଲିଭାଇଦିଏ। ଏକ ବିକାଶଶୀଳ ସମାଜର ପରିଚୟ ହେଉଛି ଯେ ଏହା ପରିବର୍ତ୍ତନଶୀଳ ସମୟ ସହିତ ଏହାର ଆଭ୍ୟନ୍ତରୀଣ ବିଶ୍ୱାସକୁ ପୁନଃପରିଭାଷିତ କରିବାର ସାହସ ରଖେ।

କିନ୍ତୁ ବିଡ଼ମ୍ବନା ହେଉଛି ଯେ ଯେତେବେଳେ ଏକ ନୂତନ ପିଢ଼ି ନିଜର ଚେତନା ଓ କ୍ଷମତା ସାହାଯ୍ୟରେ ପରମ୍ପରାଠାରୁ ଭିନ୍ନ ପଥ ତିଆରି କରିବାକୁ ଚେଷ୍ଟା କରେ, ସେତେବେଳେ ତା' ସମ୍ମୁଖରେ ଏକ ଅପପୁଷ୍ଟିହୀନ କାନ୍ଥ ଛିଡ଼ା ହୋଇଯାଏ। ଏହି କାନ୍ଥ କେବଳ ଭୌତିକ ନୁହେଁ ବରଂ ଏହା ସାମାଜିକ ପ୍ରଥା, ମୂଲ୍ୟବୋଧ, ସଂସ୍କୃତି ଏବଂ ପିଢ଼ି ଦ୍ୱାରା ନିର୍ମିତ ପିତୃସତ୍ତାର କାନ୍ଥ କେବଳ ନୁହେଁ, ଏହା ମହିଳାଙ୍କ ସ୍ୱାଧୀନତାକୁ ବାଧା ଦେଉଛି। ଗୁରୁଗାଓଁରେ ଏକ କନ୍ୟା ସନ୍ତାନ ସହିତ ଘଟିଥିବା ସାମ୍ପ୍ରତିକ ଘଟଣା ଏହି ଜଡ଼ତାର ହିଂସାର ଏକ ନିଷ୍ଠୁର ଉଦାହରଣ। ଜଣେ ପ୍ରତିଶ୍ରୁତିବଦ୍ଧ ଝିଅ, ଯିଏ ଜଣେ ରାଜ୍ୟସ୍ତରୀୟ ଟେନିସ୍ ଖେଳାଳି ଥିଲେ, ତାଙ୍କ ବାପା ତାଙ୍କୁ ଗୁଳି କରିଥିଲେ କାରଣ ରାତିରେ ଅଭ୍ୟାସ ପାଇଁ ଘରକୁ ଫେରିବା ତାଙ୍କ 'ସଂସ୍କୃତି' ବିରୁଦ୍ଧରେ ଥିଲା। ଏହି ଅପରାଧ କ୍ଷଣିକ ନୁହେଁ।

ଏହା କୌଣସି ଆବେଗର କାର୍ଯ୍ୟ ନଥିଲା, ବରଂ ଏହା ସେହି ସାମାଜିକ ମାନସିକତାର ଏକ ଦୃଢ଼ ପ୍ରତୀକ ଯେଉଁଠାରେ ମହିଳାଙ୍କ ସ୍ୱାଧୀନତାକୁ ପାପ ଏବଂ ତାଙ୍କର ଉନ୍ନତିକୁ ବିଦ୍ରୋହ ବୋଲି ବିବେଚନା କରାଯାଏ। ସମାଜରେ ତାଙ୍କ 'ସମ୍ମାନ'ର ମାନଦଣ୍ଡ ସହିତ ଜଡିତ ସେହି ପିତାଙ୍କ ଓ କ୍ରୋଧ ଶେଷରେ ଏପରି ନିଷ୍ଠୁରତାରେ ପରିଣତ ହେଲା ଯେ ସେ ତାଙ୍କ ନିଜ ଝିଅର ଜୀବନରେଖାକୁ ଶେଷ କରିଦେଲେ। ପ୍ରଶ୍ନ ଉଠୁଛି ଏହା କେବଳ ଏକ ପାରିବାରିକ ବିଫଳତା ଥିଲା କି ? କହିବାକୁ ଗଲେ ଏହା ସମ୍ପୂର୍ଣ୍ଣ ନୁହେଁ। ଏହା ଏକ ଘଟଣା ଯାହା ସମଗ୍ର ସମାଜର ସାଂସ୍କୃତିକ ଗଠନକୁ ପ୍ରତାରଣା କରେ, ଯାହା ଦର୍ଶାଏ ଯେ ଆଧୁନିକତାର ଆବରଣ ତଳେ ଆମର ସାମାଜିକ ଗଠନ ଏବେ ବି ମଧ୍ୟଯୁଗୀୟ ମାନସିକତା ଦ୍ୱାରା ପରିପୂର୍ଣ୍ଣ। ଏଠାରେ ପିତୃସତ୍ତା କେବଳ ଏକ ଲିଙ୍ଗଗତ ଅସମାନତା ନୁହେଁ, ବରଂ ଏକ ଅହଂକାରୀ ରୂପ, ଯାହା ଝିଅର ସଫଳତାକୁ ପିତାର ପରାଜୟ ଭାବରେ ବିବେଚନା କରେ। ଏପରି ଚିନ୍ତାଧାରାରେ, ମହିଳାଙ୍କ ପରିଚୟ, ତାଙ୍କର ପ୍ରତିଭା ଓ ତାଙ୍କର କଠିନ ପରିଶ୍ରମ ସବୁକିଛି ଗୌଣ ହୋଇଯାଏ। ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି 'ଘରର ସମ୍ମାନ', 'ଜାତିର ସମ୍ମାନ', 'ଲୋକମାନେ କ'ଣ କହିବେ' ଭଳି ସାରାଂଶ ଧାରଣା, ଯାହା ପ୍ରକୃତରେ ହିଂସାକୁ ବୈଧ କରିଥାଏ।

ବାସ୍ତବରେ ଏହା 'ଜଡ଼ତା ପ୍ରତି ହିଂସା'ର ଏକ ବିକୃତ ରୂପ, ଯାହା କେବଳ ଶାରୀରିକ ହିଂସାରେ ପ୍ରକାଶିତ ହୁଏ ନାହିଁ ବରଂ ଚିନ୍ତା ଓ ଚେତନାର ହତ୍ୟାରେ



ମଧ୍ୟ ରୂପାନ୍ତରିତ ହୁଏ। ସମାଜ ଏପରି ଉଦାହରଣରେ ପରିପୂର୍ଣ୍ଣ ଯେଉଁଠାରେ ଝିଅମାନଙ୍କୁ ସେମାନଙ୍କ ସ୍ୱପ୍ନ ପାଇଁ ମୂଲ୍ୟ ଦେବାକୁ ପଡ଼ିଛି। ବିବାହ ପାଇଁ 'ସଠିକ ସମୟ'ର ସୀମାବଦ୍ଧତା, କ୍ୟାରିଅର ବାଛିବାର ସ୍ୱାଧୀନତାର ଅଭାବ। ଜୀବନ ନିଷ୍ପତ୍ତିରେ ମାତୃତ୍ୱ କିମ୍ବା ପୁରୁଷ ଅଭିଭାବକଙ୍କ ଆବଶ୍ୟକତା ଏସବୁ ସେହି କଠୋର ମାନସିକତାର ଅଂଶ ଯାହା ପରିବର୍ତ୍ତନକୁ ବିଦ୍ରୋହ ଓ ପ୍ରଗତିକୁ ପାପ ବୋଲି ବିବେଚନା କରେ।

ଗୁରୁଗାଓଁର ଏହି ଝିଅ କେବଳ ଜଣେ ଟେନିସ୍ ଖେଳାଳି ନଥିଲେ, ସେ ପରିବର୍ତ୍ତନର ଆକାଂକ୍ଷାକାରୀ ଥିଲେ, ଏକ ନୂତନ ଚେତନାର ପ୍ରତିନିଧି ଥିଲେ। ଯିଏ ତାଙ୍କ ଭେଦଭାବ ଦ୍ୱାରା ନୁହେଁ ବରଂ ଆତ୍ମବିଶ୍ୱାସ ଦ୍ୱାରା ସମାଜର ମାନଦଣ୍ଡକୁ ଚ୍ୟାଲେଞ୍ଜ କରୁଥିଲେ। କିନ୍ତୁ ତାଙ୍କର ହତ୍ୟା ପ୍ରମାଣ କରେ ଯେ ମହିଳାମାନଙ୍କ ସଫଳତାକୁ ଆମ ସମାଜରେ ଏପର୍ଯ୍ୟନ୍ତ ସହଜରେ ଗ୍ରହଣ କରାଯାଇନାହିଁ। ପିତାଙ୍କ କ୍ରୋଧ କେବଳ ବ୍ୟକ୍ତିଗତ ନଥିଲା, ଏହା ଏକ ସାମୂହିକ ଅବଚେତନର ଏକ ଅନ୍ଧକାର ପ୍ରତିଫଳନ ଥିଲା। ଯେଉଁଥିରେ ଝିଅମାନେ ଏବେ ବି ଅନ୍ଧକାର ଛାୟାରେ ରହିବା ପାଇଁ ଅଭିଶପ୍ତ। ଏହା କେବଳ ମହିଳାମାନଙ୍କ ବିରୁଦ୍ଧରେ ହିଂସାର କାହାଣୀ ନୁହେଁ, ବରଂ ଏହା ଆମ ସମାଜର ନୈତିକ ଦେବାଳିଆତାର କାହାଣୀ। ଯେଉଁଥିରେ ଆମେ ଆତ୍ମନିରୀକ୍ଷଣ କରିବାର କ୍ଷମତା ହରାଉଛେ। ଆମେ ନୂତନ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରୁଛେ, ବିଶ୍ୱସ୍ତରୀୟ ମଞ୍ଚରେ ଅଂଶଗ୍ରହଣ କରୁଛେ, କିନ୍ତୁ ମାନସିକତା ସେହି ପୁରୁଣା, ହତାଶ ଓ ପୁରୁଷ-ପ୍ରଧାନ ମନ ରହିଛି। ଯେପର୍ଯ୍ୟନ୍ତ ସାମାଜିକ ମୂଲ୍ୟବୋଧ ପରିବର୍ତ୍ତନ ନହୁଏ, ସେପର୍ଯ୍ୟନ୍ତ ଆତ୍ମନିରୀକ୍ଷଣ ପ୍ରକ୍ରିୟା ଶେଷ ହେବ ନାହିଁ।

ଯେପର୍ଯ୍ୟନ୍ତ ପରମ୍ପରାରେ ସମ୍ବେଦନଶୀଳତା, ସହାବସ୍ଥାନ ଓ ସ୍ୱାଧୀନତାକୁ ସମ୍ମାନ ଦିଆଯାଇ ନାହିଁ, ସେପର୍ଯ୍ୟନ୍ତ ଏହି ଜଡ଼ତା କେବଳ ହିଂସାକୁ ଜନ୍ମ ଦେବ। କେତେବେଳେ ପୁଅକୁ ଭିନ୍ନ ଧର୍ମ ଗ୍ରହଣ କରିବା ପାଇଁ ହତ୍ୟା କରାଯିବ, ଆଉ କେତେବେଳେ ଝିଅକୁ ନିଜ ଜୀବନ ବିଷୟରେ ନିଷ୍ପତ୍ତି ନେବା ପାଇଁ ହତ୍ୟା କରାଯିବ।ଏପରି ଘଟଣା କେବଳ ଖବରକାଗଜର ଶିରୋନାମା ନୁହେଁ। ଏଗୁଡ଼ିକ ଆମର ସାମାଜିକ ଛାୟାର ଘୋଷଣା। କେବଳ ଆଇନଗତ ଦଣ୍ଡ ଦ୍ୱାରା ନୁହେଁ, ବରଂ ସାମାଜିକ ପୁନଃନିର୍ମାଣ ଦ୍ୱାରା ଏହାର ସମାଧାନ ସମ୍ଭବ। ଆମକୁ ଆମର ପିଲାମାନଙ୍କୁ ଶିଖାଇବାକୁ ପଡିବ ଯେ ସ୍ୱାଧୀନତା ଏକ ଅପରାଧ ନୁହେଁ, ବରଂ ଦାୟିତ୍ୱର ଅନ୍ୟ ଏକ ନାମ। ପିତାମାତାଙ୍କୁ ବୁଝିବାକୁ ପଡିବ ଯେ ସେମାନଙ୍କ ପିଲାମାନେ ସେମାନଙ୍କର ସମ୍ପତ୍ତି ନୁହଁନ୍ତି, ସେମାନେ ସ୍ୱୟଂଶାସିତ ବ୍ୟକ୍ତି, ଯାହାକୁ ସମ୍ମାନ କରାଯିବା ଉଚିତ, ସମର୍ଥନ କରାଯିବା ଉଚିତ୍ , କିନ୍ତୁ- ନିୟନ୍ତ୍ରିତ ନୁହେଁ।

ଆଜି ଆମର ସଂସ୍କୃତିର ଆତ୍ମାକୁ ଚିହ୍ନିବା ଆବଶ୍ୟକ। ଯେଉଁ ସଂସ୍କୃତି ବୈଦିକ ଯୁଗରୁ 'ଯା ଦେବୀ ସର୍ବଭୂତେଷୁ ଶକ୍ତିରୂପେଣ ସଂସ୍ଥା'ର ପ୍ରଶଂସା କରିଆସୁଛି, କିନ୍ତୁ ବାସ୍ତବରେ ସେହି ଶକ୍ତିକୁ ସନ୍ଦେହ, ଭୟ ଓ ନିୟନ୍ତ୍ରଣର ଶିକୁଳିରେ ବାନ୍ଧି ରଖିଛି। ଯେତେବେଳେ ସମାଜର ପୁରୁଷବାଦୀ ସନ୍ଦେହ ଜଣେ ମହିଳାର ତାକୁ ନଷ୍ଟ କରିବାର ସମ୍ଭାବନାକୁ ଦମନ କରେ, ସେତେବେଳେ ଏହା କେବଳ ଏକ ହତ୍ୟା ନୁହେଁ, ବରଂ ମାନବତାର ପରାଜୟ। ଆଜି ସେହି ଝିଅର ଫଟୋ, ଟ୍ରଫି ସୋସିଆଲ ମିଡିଆରେ କେବଳ ଅଛି ଓ ରହିଥିବ।

ସମସ୍ତଙ୍କୁ ମାନି ନେବାକୁ ହେବ ଅପୂର୍ଣ୍ଣ ସ୍ୱପ୍ନ ଲୋକଙ୍କୁ ବିଚଳିତ କରୁଛି। କିନ୍ତୁ ଏହି କ୍ଷଣିକ ଭାବନା କ'ଣ ସ୍ଥାୟୀ ପରିବର୍ତ୍ତନ ଆଣିଦେଇପାରିବ ? ଯେପର୍ଯ୍ୟନ୍ତ ଆମେ ନିଜକୁ ନିଜେ ନପଚାରିବା ଯେ ଆମ ଭିତରର ଜଡତା କେତେ ହିଂସାତ୍ମକ ହୋଇଗଲାଣି, ସଜ୍ଜିତସେପର୍ଯ୍ୟନ୍ତ ଝିଅର ଟେନିସ୍ ରାକେଟ୍ କେତେବେଳେ କୋର୍ଟର ଦ୍ୱାରବନ୍ଧରେ ପଡ଼ିଥିବା ଦେଖିବାକୁ ମିଳିବ, କିମ୍ବା କେତେବେଳେ ଶ୍ମଶାନର ପାଉଁଶରେ ହଜିଯିବ।

ସମୟ ଆସିଛି ସେହି ମୂଲ୍ୟବୋଧଗୁଡ଼ିକର ସମୀକ୍ଷା କରିବାର ଯାହା ଜଣେ ମଣିଷକୁ ଅନ୍ୟ ଜଣେ ମଣିଷକୁ ସମ୍ମାନ ଦେବାରେ ବାଧା ଦିଏ। 'ଜଡ଼ତାର ହିଂସା କେବଳ ଏକ ସାମାଜିକ ଧାରଣା ନୁହେଁ, ଏହା ଏକ ନୈତିକ ପ୍ରଶ୍ନ ଯେ ଆମେ ଆମର ପିଲାମାନଙ୍କୁ, ବିଶେଷକରି ଝିଅମାନଙ୍କୁ, ସେମାନଙ୍କର ସ୍ୱପ୍ନକୁ ବଞ୍ଚିବାକୁ ଦେବୁ କି, ନା ଆମେ ଆମର 'ସଂସ୍କୃତି' ନାମରେ ସେମାନଙ୍କୁ ବଳିଦାନ ଦେଇ ଚାଲିବୁ ?

ଯଦି ଆମେ ଏହି ପ୍ରଶ୍ନର ଉତ୍ତର ଖୋଜିବାରେ ସଚ୍ଚୋଟ ହୋଇପାରିବା, ତେବେ ହିଁ ଏହି ସମାଜକୁ ପ୍ରକୃତରେ ପ୍ରଗତିଶୀଳ ବୋଲି କୁହାଯିବ। ନଚେତ୍, ବିକାଶର ପ୍ରତ୍ୟେକ ଗଗନସ୍ପର୍ଶୀ ଅଟ୍ଟାଳିକା ତଳେ ଏପରି ନିରୀହ ସ୍ୱପ୍ନ ରହିଛି, ଯାହା କିଛି ଦିନ ପୁରୁଣା ମୂଲ୍ୟବୋଧର କାନ୍ଥରେ ଝରକା ତିଆରି କରିବାକୁ ଚାହୁଁଥିବାରୁ ଲିଭାଇ ଦିଆଯାଇଥିଲା। କ'ଣ ଏପର୍ଯ୍ୟନ୍ତ ସେହି କାନ୍ଥକୁ ଭାଙ୍ଗି ଏପରି ସମାଜର ମୂଳଦୁଆ ସ୍ଥାପନ କରିବାର ସମୟ ଆସିନାହିଁ। ଯେଉଁଠାରେ କୌଣସି ଜଡତା ନାହିଁ, ବରଂ ସଚେତନତା ନାହିଁ, ଯେଉଁଠାରେ କୌଣସି ପରମ୍ପରା ନାହିଁ, ଯେଉଁଠାରେ ପରିବର୍ତ୍ତନକୁ ସ୍ୱାଗତ କରାଯାଏ, ଏବଂ ଯେଉଁଠାରେ କୌଣସି ହିଂସା ନାହିଁ, ବରଂ ସହାନୁଭୂତି ଅଛି ? ମହିଳାମାନଙ୍କୁ ସମ୍ମାନ କରାଯିବା ଉଚିତ୍...!!!

**ତାରା ନିଳୟ, ପ୍ଲଟ: ୮୫୪/ଏ**
**ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା-୫୫, ମୋବାଇଲ୍: ୯୦୪୦ ୧୫୧୪୭୫**

# ଜହ୍ନ ମାମୁ



ଡ଼ ସୀତାକାନ୍ତ ତ୍ରିପାଠୀ

ମା'ର ଭାଇକୁ ଆମେ ମାମୁ କହିଥାଉ। ଆମର ବିଭିନ୍ନ ପୂଜା, ପର୍ବ-ପର୍ବାଣୀ, ଉତ୍ସବ, ଅନୁଷ୍ଠାନ ମାନଙ୍କର ମାମୁଘରର ସାମାଜିକ ଗୁରୁତ୍ୱ ଏବଂ ଆବଶ୍ୟକତା ରହିଛି। ପିଲା ମାନଙ୍କ ପାଇଁ ମାମୁଘରର ମଜା ସ୍ୱତନ୍ତ୍ର ଏବଂ ନିଆରା। ରଜ, ସାବିତ୍ରୀ, ଗହ୍ମା, ପ୍ରଥମାଷ୍ଟମୀ ଆଦି ପର୍ବ ଏବଂ ବିବାହ, ବ୍ରତ ଓ ମୃତାହ କର୍ମ ମାନଙ୍କରେ ଲୋକମାନେ ସାଧାରଣତଃ ମାମୁଘର / ଶ୍ୱଶୁରଘରର ଉପସ୍ଥିତି କାମନା କରିଥାଆନ୍ତି। ଯେଉଁ ମାନଙ୍କର ଝିଅ ମାନଙ୍କର ଭାଇ ନଥାନ୍ତି ସେମାନଙ୍କ ପିଲାମାନଙ୍କ ପାଇଁ ଜହ୍ନମାମୁ ହେଉଛନ୍ତି ଆଶା ଏବଂ ସାନ୍ତ୍ୱନା। ପୁରାଣ ବର୍ଣ୍ଣନା ଅନୁଯାୟୀ ସାଗର ମନ୍ଥନରୁ ଉଭୟ ଦେବୀ ଲକ୍ଷ୍ମୀ ଏବଂ ଚନ୍ଦ୍ର ପ୍ରାପ୍ତ ହୋଇଥିଲେ। ସେହି ହିସାବରେ ଚନ୍ଦ୍ର ହେଉଛନ୍ତି ଲକ୍ଷ୍ମୀଙ୍କର ଭାଇ। ଯେହେତୁ ଦେବୀ ଲକ୍ଷ୍ମୀଙ୍କୁ ଆମେ ସମସ୍ତେ ମା' ଲକ୍ଷ୍ମୀ ବୋଲି ସମ୍ବୋଧନ କରିଥାଉ ଭକ୍ତି, ପୂଜା-ପାଠ ଆଦି କରିଥାଉ ସେହି ନ୍ୟାୟରେ ଚନ୍ଦ୍ର / ଜହ୍ନ ହେଉଛନ୍ତି ଆମ ସମସ୍ତଙ୍କର ମାମୁ। ପିଲାବେଳେ ଆମେ ସମସ୍ତେ ଗୋଟିଏ ଗୀତ ଶୁଣୁଥିଲୁ ଆ' ଜହ୍ନମାମୁ ସରଗ ଶଶୀ, ମୋ କାହ୍ନୁ ହାତରେ ପଡ଼ରେ ଖସି'। ଜହ୍ନ ସମସ୍ତଙ୍କ ପାଇଁ ମାମୁ ହୋଇପାରନ୍ତି କିନ୍ତୁ ସିଏ ଅପହଞ୍ଚ। ଆଉ ସିଏ ଆସି ହାତରେ ଖସି ପଡ଼ିଲେ ଆମେ କ'ଣ ତାକୁ ଧରି ପାରିବା। ଦେଖା ଯାଉଥିବା ଜହ୍ନ ଏବଂ ଅସଲ ଜହ୍ନ ମଧ୍ୟରେ ଆକାଶ-ପାତାଳର ଫରକ। ପରିବର୍ତ୍ତିତ ସମୟରେ ଜହ୍ନ ଆଉ ଅପହଞ୍ଚ ହୋଇ ନାହାନ୍ତି ବା ସିଏ ସମୁଦ୍ର ମନ୍ଥନର ସୃଷ୍ଟି ହେବା କଥା ମଧ୍ୟ ଆମ ବୁଝାମଣାର ବାହାରେ। ତା'ଛଡ଼ା ଆଜିର ଆଲୋକମାଳାରେ ସଜ୍ଜିତ ସହରାଞ୍ଚଳ ମାନଙ୍କରେ ଜହ୍ନ ଏବଂ ତାରା ମାନଙ୍କର ଉପସ୍ଥିତିକୁ ଉପଲବ୍ଧି କରିବା ବଡ଼ କଷ୍ଟକର ବ୍ୟପାର। ପିଲାଟି ପାଇଁ ଗୀତ ଗାଇ ଗାଇ ଜହ୍ନ ଦେଖାଇ ବୋଧ ଦେବା କଥାର ପ୍ରାସଙ୍ଗିକତା ମଧ୍ୟ କମି ଯିବାରେ ଲାଗିଲାଣି। ସେହିଭଳି ଆଜି କାଲିର ଛୋଟ ପରିବାର ସୁଖି ପରିବାରର ବାର୍ତ୍ତା ବହନ କରୁଥିବା ସମାଜରେ ମଧ୍ୟ ମାମୁ-ଭଣଜା ସମ୍ପର୍କ ମିଳିବା କଷ୍ଟକର। କାରଣ ଗୋଟିଏ ଗୋଟିଏ ପିଲାରେ ସନ୍ତୁଷ୍ଟ ହେଉଥିବା ଦମ୍ପତ୍ତି ଏବଂ ଯାହାର କେବଳ ଝିଅ କିମ୍ବା ପୁଅ ଜନ୍ମ ହେବେ ସେଠାରେ ମାମୁ ଘରର ସମ୍ପର୍କ ତିଆରି ହେବ କେମିତି? ପରିସ୍ଥିତି କ୍ରମେ ଆମ ସମାଜର ମାଉସୀ, ମଉସା, ମାମୁ, ମାଇଁ, ପିଉସୀ, ପିଉସା ସମ୍ପର୍କ ଧିରେଧିରେ କମିବାରେ ଲାଗିଲାଣି ଯାହା ଫଳରେ କେବଳ ବିଧି ରକ୍ଷା ପାଇଁ ଅନେକ ସମୟରେ କୁଟୁମ୍ବ, ସାହି-ଭାଇ ଆଦି ମାନଙ୍କ ମଧ୍ୟରେ ଏ ପ୍ରକାର ସମ୍ପର୍କ ଖୋଜା ଚାଲିଛି। ସମାଜରେ ଅନେକ ପ୍ରଥା, ପରମ୍ପରା, ଧର୍ମ ଏବଂ ବିଶ୍ୱାସ ଗୁଡ଼ିକ ମୂଖ୍ୟ ଲକ୍ଷ୍ୟ ହେଉଛି ସମ୍ପର୍କର ସୂତାଖିଅକୁ ମଜବୁତ କରିବା ସହିତ ସାହାଯ୍ୟ ଓ ସହାନୁଭୂତିର ଧାରାକୁ ଆହୁରି ପ୍ରବହମାନ କରିବା। ସେଥିପାଇଁ ବିଭିନ୍ନ ପାରିବାରିକ ଉତ୍ସବ, ଅନୁଷ୍ଠାନ, ପୂଜା ମାନଙ୍କରେ ଭଣଜା, ଜ୍ୱାଇଁ ମାନଙ୍କୁ ପ୍ରଧାନ୍ୟ ଦିଆଯାଇଥାଏ। କେତେକ କ୍ଷେତ୍ରରେ ଝିଅ ମାନଙ୍କୁ ପରଗୋତ୍ରି ବୋଲି କହି ଅନେକ କଥାରୁ ବଞ୍ଚିତ କରାଯାଇଥିଲେ ମଧ୍ୟ ସେମାନଙ୍କ ସ୍ୱାମୀ ଓ ସନ୍ତାନ ମାନଙ୍କୁ ସ୍ୱତନ୍ତ୍ର ଶ୍ରଦ୍ଧା ଏବଂ ସମ୍ମାନ ଦେବା ଆମ ସମାଜର ଏକ ସ୍ୱାତନ୍ତ୍ର୍ୟତା ବହନ କରିଥାଏ। ମାଣବସା ଗୁରୁବାରରେ ଦିଆଯାଉଥିବା ପ୍ରସାଦକୁ ବିବାହିତା ଝିଅମାନଙ୍କ ପାଇଁ ବାରଣ କରାଯାଇଥିଲେ ମଧ୍ୟ ଭଣଜାମାନଙ୍କ ପାଇଁ ଏହାକୁ ବାରଣ କରାନଯିବା ଏହାର ପ୍ରକୃଷ୍ଟ ଉଦାହରଣ। ଜହ୍ନମାମୁ ସମ୍ପର୍କରେ କଥା ହେବାବେଳେ ଅନ୍ୟ ଏକ କଥା ଆମ ମନକୁ ଆସିଥାଏ। ପିଲାଙ୍କୁ ଜହ୍ନ ଦେଖାଇ ମାମୁ ବୋଲି ସମ୍ବୋଧନ କରିବାର ସୁଯୋଗ ସବୁଦିନ ଜୁଟି ନଥାଏ। କାରଣ ଜହ୍ନ ତ ଘଡ଼ି ମାରି ଆସିବ ଏବଂ ଦିନେ ପୁଣି ଜମା ଦେଖା ଦେବନି। ଠିକ୍ ସେହିଭଳି ଅନେକ ସମ୍ପର୍କ ସବୁଦିନ ପାଇଁ ଯୋଡ଼ି ହୋଇ ନଥାଏ ବରଂ ଘଡ଼ିମାରି ଆସିଥାଏ ଆଉ ଘଡ଼ିମାରି ଯାଇଥାଏ। ତାରି ମଧ୍ୟରେ ବଞ୍ଚିବାକୁ ପଡ଼ିଥାଏ। ଅନେକ ଦୂରରେ ଥିବା ଜହ୍ନକୁ ଦେଖି ଯଦି ଆମେ ତାକୁ ମାମୁ ବୋଲି ସମ୍ବୋଧନ କରି ଖୁସି ହୋଇ ପାରୁଛନ୍ତି ତାହେଲେ ପ୍ରକୃତ ମାମୁ ମାନଙ୍କୁ ଶ୍ରଦ୍ଧା ଓ ସମ୍ମାନ କରିବାରେ ଊଣା କରିବା କାହିଁକି? ନିଜକୁ ଅନେକ ଅପୂର୍ଣ୍ଣ ଏବଂ ଅବୁଝା କଥାରେ ବୁଝାଇ ଖୁସି କରିବାକୁ ପଡ଼ିଥାଏ ତାରି ମଧ୍ୟରେ ଶାନ୍ତି ମିଳିବା ଦରକାର। କୌଣସି କଥା ଅପହଞ୍ଚ ନୁହେଁ କି ସମ୍ପୂର୍ଣ୍ଣ ସତ୍ୟ ହୋଇ ନପାରେ। ତାକୁ ପାଇବା ପାଇଁ ପ୍ରୟାସ ହେବା ଦରକାର। କବି ତୁଣ୍ଡ ମେଣ୍ଢା ମୁଣ୍ଡ ନ୍ୟାୟରେ ଜହ୍ନ ଏବଂ କଇଁ ଫୁଲକୁ ପ୍ରେମିକ-ପ୍ରେମିକାର ଆଖ୍ୟା ଦିଆଯାଇଥାଏ। କାରଣ ଜ୍ୟୋସ୍ନା କିରଣରେ ହିଁ କଇଁ ଫୁଲକୁ ଫୁଟିବାର ସୁଯୋଗ ମିଳିଥାଏ ଠିକ୍ ସେହିଭଳି ସୂର୍ଯ୍ୟଙ୍କର ଆଲୋକରେ ପଦ୍ମଫୁଲ ଫୁଟିଥାଏ। ତେଣୁ କିଏ ଶୀତଳତାରେ ନିଜକୁ ପରିପ୍ରକାଶ କରିବାର ସୁଯୋଗ ପାଉଥିବାବେଳେ ଆଉ କିଏ ଗରମରେ ନିଜର ପରିପୂର୍ଣ୍ଣତା ଲାଭ କରିଥାଏ।ଜହ୍ନ ମାମୁ ସମସ୍ତଙ୍କର ମାମୁ ହେବାର ସୌଭାଗ୍ୟ ପ୍ରାପ୍ତ ହେବା ଉପରେ ଅନେକ ପ୍ରଶ୍ନବାଚୀ ରହିଛି। ଯେତେବେଳେ କୌଣସି ଲୋକ କିଛି ଭାବନା ରଖି ସମସ୍ତଙ୍କ ସାଙ୍ଗରେ ମିଳିମିଶି ଚଳି ପ୍ରିୟପାତ୍ର ହେବାକୁ ଚେଷ୍ଟା କରିଥାଏ ଆମେ ତାକୁ ଜହ୍ନମାମୁ ବୋଲି କହିଥାଉ। କିନ୍ତୁ ବେଳେବେଳେ ସେହି ସମ୍ପର୍କ ମାନଙ୍କ ମଧ୍ୟରେ କେଁ ରହିଥାଏ। ଏହି ସମ୍ପର୍କ ମାଧ୍ୟମରେ ତଥାକଥିତ ଜହ୍ନମାମୁମାନେ ଅନେକଙ୍କ ପ୍ରିୟପାତ୍ର ହୋଇ ସେମାନଙ୍କ ମଧ୍ୟରେ ବିଭେଦତା ଆଣିବାର ପ୍ରୟାସ କରିଥାଆନ୍ତି ଯାହା ବର୍ଜନୀୟ ହେବା ଦରକାର। ଖାଣ୍ଟି ଓଡ଼ିଆରେ ଏମାନଙ୍କୁ ଆମେ 'ଏ ଘର ମାଉସୀ ସେ ଘର ପିଉସୀ' ବୋଲି କହିଥାଉ। ଯେଉଁମାନେ ଜାଣତ-ଅଜାଣତରେ ସମ୍ପର୍କ ଭିତରେ ବିଭ୍ରାଟ ସୃଷ୍ଟି କରି ସମସ୍ତ ଗୋପନୀୟତାକୁ ହାଟ ବଜାରରେ ବିକାକିଣା କରିଥାଆନ୍ତି। ସବୁ ପରେ ମଧ୍ୟ ଜହ୍ନମାମୁଁଙ୍କ ଆବଶ୍ୟକତା ଗ୍ରହ ମାଳାରେ ରହିଲା ଭଳି ସଂସାରରେ ମଧ୍ୟ ରହିଛି।

**ଭଦ୍ରକ, ମୋବାଇଲ୍: ୯୭୭୮୭୬୪୩୯୪**

# ସର୍ବଦା ସେ ଆମ ପାଖରେ



ଡକ୍ଟର ସୁରେଶ କୁମାର ନାୟକ

ସତରେ ଆମ ଭଗବାନ, ଗୁରୁ, ଇଷ୍ଟ ବା ଆଧ୍ୟାତ୍ମିକ ମାର୍ଗ ଦର୍ଶକମାନେ କ'ଣ ସଦାସର୍ବଦା ଆମ ପାଖରେ ଦିବ୍ୟ ଉପସ୍ଥିତିକୁ ହୃଦୟ ଭିତରେ ବିରାଜିତ ହୋଇ ଦିଗଦର୍ଶନ ଦେଇଥାନ୍ତି? ଏହିପରି ଅନେକ ପ୍ରଶ୍ନ ଅନେକଙ୍କ ଭିତରେ ଉଠିବା ସ୍ୱାଭାବିକ। ସତ୍ୟ ଯୁଗରେ ଅଧିକାଂଶ ଲୋକ ଆଧ୍ୟାତ୍ମିକ ଜୀବନକୁ ପ୍ରକୃତ ଜୀବନ ରୂପେ ଗ୍ରହଣ କରୁଥିଲେ। ଏବଂ ସାଂସାରିକ ଜୀବନଚର୍ଯ୍ୟା ତାଙ୍କ ପ୍ରତି ବିଶେଷ ଗୁରୁତ୍ୱ ନଥିଲା। ସେମାନଙ୍କର ହୃଦବୋଧ ଥିଲା ଯେ ଏହା କ୍ଷଣସ୍ଥାୟୀ, ମାୟାପୂର୍ଣ୍ଣ ଓ ଯନ୍ତ୍ରଣାଦାୟକ, ମହାନ ଋଷିମାନେ ସେ ସମୟର ଈଶ୍ୱରାନୁଭୂତି ଲାଭ କରିଥିବାରୁ ପ୍ରତ୍ୟେକ ଲୋକଙ୍କର ଆଧ୍ୟାତ୍ମିକ ବିବର୍ତ୍ତନ ଓ ସଦ ଜୀବନ ନିମନ୍ତେ ପ୍ରଣୀତ ନୀତି ଓ ଶୃଙ୍ଖଳା ଆଧାରିତ ଏକ ସାମାଜିକ ବ୍ୟବସ୍ଥା ପ୍ରଣୟନ କଲେ। ଗୁରୁଦେବ ପରମହଂସ ପ୍ରଜ୍ଞାନନନ୍ଦଙ୍କ ଶିକ୍ଷା ଜୀବନୀକୁ ଅନୁଶୀଳନ କଲେ। ସେ ପ୍ରଦାନ କରିଥିବା ଦିଗଦର୍ଶନ ଓ ଜୀବନ ଚିନ୍ତନର ପରାମର୍ଶକୁ ଯଥାର୍ଥ ଦୃଷ୍ଟିରେ ଅନୁସରଣ କରାଗଲେ ସାମ୍ପ୍ରତିକ ବିଶ୍ୱରେ ଆଧ୍ୟାତ୍ମିକ ବିବର୍ତ୍ତନ ନିମନ୍ତେ ସବୁଠାରୁ ସହଜ ମାର୍ଗ ବୋଲି ମନେହୁଏ। ହିନ୍ଦୁ ଧର୍ମଗ୍ରନ୍ଥ ଅନୁସାରେ ସତ୍ୟ ଯୁଗରେ ଆଧ୍ୟାତ୍ମିକ ବିବର୍ତ୍ତନ କାମନା କରୁଥିବା ଅଧିକାଂଶ ଲୋକ ଧ୍ୟାନ ଏବଂ ସଦାଚାର ଜୀବନର ମାର୍ଗ ଅନୁସରଣ କରୁଥିଲେ। ତ୍ରେତୟା ଓ ଦ୍ୱାପର ଯୁଗରେ ଯୋଗ ଓ ଯଜ୍ଞ ଆଧ୍ୟାତ୍ମିକ ବିବର୍ତ୍ତନର ମାର୍ଗ ରୂପେ ପରିଣତ ହେଲା। ସେହି ସମୟରେ ଲୋକମାନେ ଶୁଦ୍ଧପୂତ ଜୀବନ ଯାପନକୁ ଅଗ୍ରାଧିକାର ଦେଇ ମୋକ୍ଷ ଏବଂ ଈଶ୍ୱର ସାକ୍ଷାତକାର ମାର୍ଗରେ ଅଗ୍ରସର ହେଲେ।

ଆମେ ଆମ ନିତିଦିନିଆ ଜାଗତିକ ମହାଚ୍ଛନ୍ନ ସଂସାର ଭିତରେ ଈଶ୍ୱରଙ୍କ ସୃଷ୍ଟିର ସୂକ୍ଷ୍ମତତ୍ତ୍ୱକୁ ବୁଝିବାରେ ସମର୍ଥ ହୋଇପାରୁନାହୁଁ। ଏହି ପୃଷ୍ଠଭୂମିରେ ସବୁଠାରୁ ସରଳ ମାର୍ଗ ହେଉଛି ନାମ ସ୍ମରଣ କିମ୍ବା ଭଗବାନ ଅଥବା ସଦଗୁରୁ ବା ନିଜ ଇଷ୍ଟଙ୍କ ନାମ ନିରବଚ୍ଛିନ୍ନ ଭାବେ ସ୍ମରଣ କରିବା। ପୂର୍ବ ଯୁଗ ମାନଙ୍କରେ ବହୁ ସନ୍ଥ ସାଂସାରିକ ଜୀବନ ମଧ୍ୟରେ ରହି ଈଶ୍ୱରସାକ୍ଷାତକାର କରିଥିବା ଦୃଷ୍ଟାନ୍ତ ରହିଛି। ପ୍ରାଚୀନ ଋଷିଙ୍କ ମଧ୍ୟରେ ଅତ୍ରି, ଗୌତମଙ୍କର ପରିବାର ଥିଲା କିନ୍ତୁ ନୀତିନିଷ୍ଠ ଓ ଅନୁଶୀଳନ ଯୁକ୍ତ କଠୋର ଆଧ୍ୟାତ୍ମିକ ସାଧନା ମାଧ୍ୟମରେ ସେମାନେ ନିଜର ଆଧ୍ୟାତ୍ମିକ ଉନ୍ନତି ଘଟାଇଥିଲେ ମାତ୍ର ଆଜିର ମନୁଷ୍ୟ ସଂସାରର ମାୟା ଜାଲରେ ଏପରି ଛନ୍ଦି ହୋଇଯାଇଛି ଯେ ସେ ଭାବୁଛି କି ଏଥିରୁ ଆଉ ମୁକ୍ତି ପାଇବା ତା ପକ୍ଷରେ ସମ୍ଭବ ନୁହେଁ। ଆଧ୍ୟାତ୍ମିକ ଉନ୍ନତି ନିମିତ୍ତ ମାୟା ଜାଲରୁ ମୁକୁଳି ଏକ ଦିବ୍ୟ ମାର୍ଗ ଅନ୍ୱେଷଣ କରୁଥିଲେ ମଧ୍ୟ ସମସ୍ତେ ଯାବତୀୟ ଜଞ୍ଜାଳରୁ ମୁକ୍ତ ହୋଇପାରୁନାହାଁନ୍ତି। ସମସ୍ତ ପ୍ରକା ବୈଷୟିକ ଓ ବୈଜ୍ଞାନିକ ସୁବିଧାର ଅଧିକାରୀ ହୋଇଥିବା ସତ୍ତ୍ୱେ ଏକ ପ୍ରକାର ହତାଶା, ଶୂନ୍ୟତା, ନୈରାଶ୍ୟ, ଅଭାବବୋଧ ଓ ଅସ୍ଥିରତାର ଜୀବନ ନିର୍ବାହ କରୁଛି।

ଗୁରୁଦେବ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜଙ୍କ ଜୀବନ ଚରିତ ଓ ତାଙ୍କ ଦିଗଦର୍ଶନ ଅନୁଶୀଳନ କଲେ ଜଣାଯାଏ ଯେ ପାର୍ଥିବ ଜଞ୍ଜାଳଗ୍ରସ୍ତ ଏପରି ଗୃହୀ ଲୋକଙ୍କୁ ପ୍ରତ୍ୟେକ ଉପଲବ୍ଧି ବା ଅଲିକ୍ଷିତ ଅନୁଭୂତି ମାଧ୍ୟମରେ ସେମାନଙ୍କ ଆଧ୍ୟାତ୍ମିକ ଉନ୍ନତି ନିମିତ୍ତ ସେମାନଙ୍କ ଜୀବନକୁ ଶାନ୍ତିମୟ କରିବା ନିମନ୍ତ ପ୍ରୟାସ କରୁଛନ୍ତି। ଗୁରୁଦେବଙ୍କ ସବୁଠାରୁ ମହତ୍ୱପୂର୍ଣ୍ଣ ଅବଦାନ ହେଉଛି କଳିଯୁଗର ଏହି ଘୂର୍ଣ୍ଣି ବତାସପୂର୍ଣ୍ଣ ତମସାଚ୍ଛନ୍ନ ସାଗର ମଧ୍ୟରେ ଏକ ବତୀଘର ଭଳି ସେ ଦଣ୍ଡାୟମାନ ହୋଇଛନ୍ତି ଏବଂ ତାଙ୍କର ଆଶ୍ରିତ ଶ୍ରଦ୍ଧାଳୁମାନଙ୍କୁ ପ୍ରେମପୂର୍ଣ୍ଣ ଦିବ୍ୟବାଣୀର ଜୀବନ ଚେତନାର ମୂର୍ଚ୍ଛନା ଶୁଣାଇ ତାଙ୍କର ପ୍ରେମପୂର୍ଣ୍ଣ କାରୁଣିକ ହସ୍ତ ସେମାନଙ୍କ ଉପରେ ରଖି ବରାଭୟ ପ୍ରଦାନ କରୁଛନ୍ତି। ଗୁରୁଦେବଙ୍କ ଆହ୍ୱାନ ଓ ଆନନ୍ଦମୟ ଚେତନା ହେଉଛି 'ତୁମ ଗୁରୁଦେବ ଯେତେବେଳେ ତୁମ ସହ ଅଛନ୍ତି ଭୟ କାହିଁ କରୁଛ?' ସେ ସଂସାରର ଘୂର୍ଣ୍ଣିଳ ମାୟା ଜାଲରେ ହଜି ଯାଇଥିବା ଆଧ୍ୟାତ୍ମିକ ମୁମୁକ୍ଷୁ ମାନଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଉଛନ୍ତି ଯେ 'କଳିଯୁଗର ଏହି କଳୁଷିତ ପୃଥିବୀରେ ନାନା ପରୀକ୍ଷା ଓ ଦୁଃଖକଷ୍ଟ ମଧ୍ୟରେ ତୁମେ ଆଧ୍ୟାତ୍ମିକ ଉନ୍ନତି କରି ଈଶ୍ୱରଙ୍କ ଅନୁଭୂତି ଲାଭ କରିପାରିବ ଏଥିପାଇଁ କଠିନତମ ଯୋଗ, ତପ, ଧ୍ୟାନର ସାଧନା କରିବା ଦରକାର ନାହିଁ। କେବଳ ନିଜ ଇଷ୍ଟ, ନିଜ ଆରାଧ, ନିଜ ଗୁରୁଦେବଙ୍କ ନାମ ସ୍ମରଣ କର, ନିଗୁଣ ବା ସଗୁଣ ଭାବରେ ଧ୍ୟାନ କରି ଗୁରୁଙ୍କ ଉପଦେଶ ଅନୁସରଣ କରି ସର୍ବଦା ଗୁରୁଦେବ ତୁମ ପାଖରେ ରହିଛନ୍ତି ବୋଲି ଦୃଢ଼ ବିଶ୍ୱାସ କରି ଧୈର୍ଯ୍ୟ ଓ ଶ୍ରଦ୍ଧାର ସହ ତାଙ୍କୁ ତୁମର ସ୍ଥିତିର ମୂଳଭିତ୍ତି କରିଦିଅ।

ଗୁରୁଦେବଙ୍କ ପାବନ ଚେତନା ହେଉଛି ତୁମେ ଏହି ପୃଥିବୀରେ ଯେଉଁ ଗରିବ ଲୋକଟିକୁ ସାହାଯ୍ୟ କରୁଛ ତାହା ଭିତରେ ମୋତେ ଅନୁଭବ କର। ଦୁଃଖ କଷ୍ଟରେ ଜର୍ଜରିତ ଲୋକଟି ପ୍ରତି କରୁଣା ପ୍ରଦର୍ଶନ ବେଳେ, ଋଣରୁ ମୁକ୍ତି ବେଳେ, ଘୃଣା ଓ କ୍ରୋଧ ପରିତ୍ୟାଗ କଲାବେଳେ, ନିଜର ସନ୍ତାନ ମାନଙ୍କର ଯତ୍ନ ନେଲାବେଳେ ପଡ଼ୋଶୀ ମାନଙ୍କ ସହ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ବେଳେ ତୁମ ଗୁରୁଦେବଙ୍କ ପ୍ରତ୍ୟେକ୍ଷ କର। କାହାକୁ ଦେଇଥିବା ପ୍ରତିଶ୍ରୁତି ପୂରଣ କଲାବେଳେ ଲୋଭରୁ ମୁକ୍ତି ବେଳେ, ସମସ୍ତ ଧର୍ମରେ, ସମସ୍ତ ଗୁରୁଙ୍କ ମଧ୍ୟରେ ଏବଂ ତୁମର ଚର୍ତୁପାର୍ଶ୍ୱରେ ଥିବା ସମସ୍ତ ଶୁଦ୍ଧପୂତ ଜିନିଷ ମଧ୍ୟରେ ଗୁରୁଦେବଙ୍କ ଦର୍ଶନ କର।

ଆଜିର ସ୍ୱାସ୍ଥ୍ୟସର୍ବସ୍ୱ ବସ୍ତୁ ସର୍ବସ୍ୱ ଦୁନିଆରେ ଉପର ବର୍ଣ୍ଣିତ ସମସ୍ତ ମାର୍ଗ ପାଳନ ଓ ଅନୁସରଣ କରିବା ସହଜ ନୁହେଁ। କିନ୍ତୁ ସାଧନାର ପଥେ ଅବିଚଳିତ ଭାବେ ଆଗେଇ ଚାଲିବା ପାଇଁ ପଡ଼ିବ। ଗୁରୁଦେବ ଆମର ଉଭୟ ପାପ ଓ ପୁଣ୍ୟ, ଶୁଦ୍ଧତା ଓ ଅଶୁଦ୍ଧତାକୁ ସମାନ ଭାବରେ ଗ୍ରହଣ କରିନେଇଥାନ୍ତି। ତାହାଲେ ଆଜିର ଆହ୍ୱାନ ଭରା ସମୟରେ କାତର ବା କଷ୍ଟଭରା ମୁହୂର୍ତ୍ତରେ ଯେତେ ବାଧାବିଘ୍ନ, ଝଡ଼ଝଞ୍ଜା ଆସୁନା କାହିଁକି ଭୟ କରିବାରେ କ'ଣ ଅଛି? ଯେତେବେଳେ ଆମ ରକ୍ଷାକର୍ତ୍ତା ଗୁରୁଦେବ ଆମ ସହିତ ଜୀବନୋତ୍ତର ଜୀବନରେ ଅଛନ୍ତି ଏବଂ ତାଙ୍କର ପ୍ରତିଶ୍ରୁତି ରକ୍ଷା କରୁଛନ୍ତି ଆମେ କାହିଁକି ହତାଶ ହେବା? ଆଶାଶୂନ୍ୟ ଓ ଦୁଃଖ ଯନ୍ତ୍ରଣାରେ ବ୍ୟଥିତ ହେବା। ଆଜିର ଦୁନିଆରେ ହିନ୍ଦୁ ଧର୍ମରେ ବର୍ଣ୍ଣିତ ଚର୍ତୁଃଶ୍ରାମ ପଦ୍ଧତି ଅବଲମ୍ବନ କରିବା କଷ୍ଟକର। ଏହି ଆଶ୍ରମ ଗୁଡ଼ିକ ହେଉଛି ବ୍ରହ୍ମଚର୍ଯ୍ୟା, ଗ୍ରାହସ୍ଥ୍ୟ, ବାନପ୍ରସ୍ଥ ଓ ସନ୍ନ୍ୟାସ। ତେଣୁ ଗୁରୁଦେବ ଆମ ମାନଙ୍କୁ ପରିବାର ମଧ୍ୟରେ ରହି ମଧ୍ୟ ଏହି ଚର୍ତୁମାର୍ଗ ଅବଲମ୍ବନ କରିବାର ମାର୍ଗ ଦର୍ଶନ କରିଛନ୍ତି। ଗାର୍ହ୍ୟସ୍ଥ ବା ପାରିବାରିକ ଜୀବନ ଅନ୍ୟତମ କଷ୍ଟକର ଆଶ୍ରମ କିନ୍ତୁ ସାଂସାରିକ ମଣିଷ ହୋଇ ମଧ୍ୟ ଜଣେ ଚାରୋଟି ଯାକ ଆଶ୍ରମର ନିୟମ ଚର୍ଯ୍ୟା ପାଳନ କରିପାରିବ। ଏହି ଆଧ୍ୟାତ୍ମିକ ଅନୁଚିନ୍ତନର ଭାବାର୍ଥଟି ଅତି ସ୍ପଷ୍ଟ। ଏହି କଳି ଯୁଗରେ ମଧ୍ୟ ଜଣେ ଯଦି ଶ୍ରଦ୍ଧା, ନିଷ୍ଠା, ସମର୍ପଣ, ଆତ୍ମ ନିବେଦନ ସହ ଗୁରୁଙ୍କ ଦ୍ୱାରା ନିରୂପିତ ସୁଗମ ମାର୍ଗ ଗୁଡ଼ିକ ଅନୁସରଣ କରନ୍ତି ତାହାହେଲେ ସାଂସାରିକ ଓ ଜାଗତିକ ଜୀବନରୁ ତାଙ୍କର ସମସ୍ତ ଦୁର୍ଦ୍ଦଶା, ନିରାଶା ଓ ହତାଶା ଦୂର ହୋଇଯାଇ ଆଧ୍ୟାତ୍ମିକ ଚେତନାର ଉନ୍ମିଳନ ଘଟିବ ଓ ଜୀବନ ଆନନ୍ଦମୟ ହୋଇପାରିବ। ସତରେ ଆମ ପୂଜ୍ୟଗୁରୁଦେବ ଆମ ସହିତ ପ୍ରତିଟି ମୁହୂର୍ତ୍ତ ପ୍ରତ୍ୟକ୍ଷତା କରୁଥିବାବେଳେ ତାଙ୍କ ଶାଶ୍ୱତ ସତ୍ୟର ବଜ୍ର ଘୋଷଣା - 'ମୁଁ ଅଛି ଭୟ କାହିଁକି?' ଏହା ଆମ ପାଇଁ ଯଥେଷ୍ଟ ଜୀବନ ଚେତନାକୁ ଦିବ୍ୟମୟ କରିବା ପାଇଁ।

**ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ**
**ମୋବାଇଲ୍: ୯୪୩୭୨୨୫୫୯୨**

# ଭାରତ ପରୀକ୍ଷା କଲା ହାଇପରସୋନିକ କ୍ଷେପଣାସ୍ତ୍ର



**ନୂଆଦିଲ୍ଲୀ, ୧୫।୭:** ଭାରତ ଏକ ନୂଆ ହାଇପରସୋନିକ୍ କ୍ଷେପଣାସ୍ତ୍ର ପରୀକ୍ଷଣ କରିଛି। ଏହି କ୍ଷେପଣାସ୍ତ୍ରର ନାମ ହେଉଛି ଏକ୍ସଟେଣ୍ଡେଡ୍ ଟ୍ରାଜେକ୍ଟୋରୀ ଲଙ୍ଗ ଡ୍ୟୁରେସନ୍ ହାଇପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ର। ଏହି କ୍ଷେପଣାସ୍ତ୍ରର ବିଶେଷତ୍ୱ ହେଉଛି ଏହା ଶବ୍ଦଠାରୁ ଆଠଗୁଣ ଦ୍ରୁତ ଗତିରେ ଯାଇପାରିବ । ଏହି କ୍ଷେପଣାସ୍ତ୍ର ୧୫୦୦ କିଲୋମିଟର ଦୂର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିବାକୁ ସକ୍ଷମ। ଡିଆରଡିଓ ଏହି କ୍ଷେପଣାସ୍ତ୍ରକୁ ପ୍ରୋଜେକ୍ଟ ବିଷ୍ଣୁ ଅଧୀନରେ ବିକଶିତ କରିଛି। ଏହି ପରୀକ୍ଷଣ ଏପରି ସମୟରେ ହୋଇଛି ଯେତେବେଳେ ବିଶ୍ୱରେ ଯୁଦ୍ଧ ଉତ୍ତେଜନା ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ଭାରତ ଏହାର ପ୍ରତିରକ୍ଷା କ୍ଷମତାକୁ ଆଧୁନିକୀକରଣ କରିବା ପାଇଁ ଦ୍ରୁତ ଗତିରେ କାମ କରୁଛି। ଏହି କ୍ଷେପଣାସ୍ତ୍ର ୧୫୦୦ କିଲୋମିଟର ଦୂର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିବାକୁ ସକ୍ଷମ। ଡିଆରଡିଓ ଏହି କ୍ଷେପଣାସ୍ତ୍ରକୁ ପ୍ରୋଜେକ୍ଟ ବିଷ୍ଣୁ ଅଧୀନରେ ବିକଶିତ କରିଛି। ଏହି ପରୀକ୍ଷଣ ଏପରି ସମୟରେ ହୋଇଛି ଯେତେବେଳେ ବିଶ୍ୱରେ ଯୁଦ୍ଧ ଉତ୍ତେଜନା ବୃଦ୍ଧି ପାଉଛି।

ହାଇପରସୋନିକ୍ ମିସାଇଲ୍ ହେଉଛି ଏକ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଯାହା ଶବ୍ଦର ବେଗରୁ ପାଞ୍ଚ ଗୁଣରୁ ଅଧିକ ବେଗରେ (ମାକ୍ ୫ ବା ତା'ଠାରୁ ଅଧିକ) ଗତି କରିପାରେ। ଏହା ଅତି କ୍ଷିପ୍ର ଗତି ଏବଂ ଚତୁର ନାଭିଗେସନ୍ କ୍ଷମତା ଯୋଗୁଁ ଶତ୍ରୁର ପ୍ରତିରକ୍ଷା ବ୍ୟବସ୍ଥାକୁ ଅତି ସହଜରେ ଏଡ଼ାଇ ଦେଇପାରେ। ଏହି ମିସାଇଲ୍ଗୁଡ଼ିକ ଅତ୍ୟନ୍ତ ସଠିକତାର ସହ ଲକ୍ଷ୍ୟସ୍ଥଳରେ ଆଘାତ କରିପାରେ ଏବଂ ସାଧାରଣତଃ ଯୁଦ୍ଧାସ୍ତ୍ର ବା ପାରମାଣବିକ ଅସ୍ତ୍ର ବହନ କରିବା ପାଇଁ ଡିଜାଇନ୍ କରାଯାଇଥାଏ।

# ଚୀନ ସାମନାରେ ପାକ୍‌କୁ ଗାଳିଦେଲେ ଜୟଶଙ୍କର



**ତିଆନଜିନ, ୧୫।୭:** ମଙ୍ଗଳବାର ଚୀନର ତିଆନଜିନରେ ସାଂଘାଇ ସହଯୋଗ ସଂଗଠନ ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକରେ ଭାରତର ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଜମ୍ମୁ ଏବଂ କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପ୍ରସଙ୍ଗ ଉଠାଇଛନ୍ତି। ସେ କହିଛନ୍ତି ଯେ ଏପ୍ରିଲ ୨୨ରେ ହୋଇଥିବା ଆକ୍ରମଣ, ଯେଉଁଥିରେ ୨୬ ନିରୀହ ଲୋକ ପ୍ରାଣ ହରାଇଥିଲେ, ଜାମ୍ମୁ ଏବଂ କାଶ୍ମୀରର ପର୍ଯ୍ୟଟନ ଅର୍ଥନୀତିକୁ କ୍ଷତି ପହଞ୍ଚାଇବା ଏବଂ ଧାର୍ମିକ ବିଭାଜନ କରିବା ଉଦ୍ଦେଶ୍ୟରେ କରାଯାଇଥିଲା । ଜୟଶଙ୍କର ସ୍ପଷ୍ଟ ଭାବରେ କହିଛନ୍ତି ଯେ ଆତଙ୍କବାଦ, ବିଚ୍ଛିନ୍ନତାବାଦ ଏବଂ ଉଗ୍ରବାଦ ବିରୁଦ୍ଧରେ ଲଢ଼ିବା ପାଇଁ ଏସସିଓ ପ୍ରତିଷ୍ଠିତ ହୋଇଥିଲା ଏବଂ ଏହି ଉଦ୍ଦେଶ୍ୟ ପ୍ରତି ସତ୍ୟ ରହିବା ପାଇଁ, ଏହି ବିପଦ ବିରୁଦ୍ଧରେ ଏକ ଅସାଧୁ ନୀତି ଆବଶ୍ୟକ। ସେ କହିଛନ୍ତି ଯେ ଜାତିସଂଘ ସୁରକ୍ଷା ପରିଷଦ, ଯେଉଁଥିରେ କିଛି ଏସସିଓ ସଦସ୍ୟ ଦେଶ ମଧ୍ୟ ଅନ୍ତର୍ଭୁକ୍ତ, ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରିଛି ଏବଂ ଦୋଷୀ, ପ୍ରାୟୋଜକ ଏବଂ ଆର୍ଥିକ ସହାୟତା ପ୍ରଦାନକାରୀଙ୍କୁ ଦଣ୍ଡ ଦେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛି। ଜୟଶଙ୍କର କହିଛନ୍ତି ଯେ ଆମେ ଏପରି ଏକ ସମୟରେ ବୈଠକ କରୁଛୁ ଯେତେବେଳେ ବିଶ୍ୱରେ ଅସ୍ଥିରତା, ସଂଘର୍ଷ ଏବଂ ଆର୍ଥିକ ସଙ୍କଟ ବୃଦ୍ଧି ପାଉଛି। ଏହି ସମୟରେ, କେବଳ ଆଞ୍ଚଳିକ ସହଯୋଗ ଏବଂ ପାରସ୍ପରିକ ବିଶ୍ୱାସ ମାଧ୍ୟମରେ ବିଶ୍ୱ ବ୍ୟବସ୍ଥାକୁ ସ୍ଥିର କରାଯାଇପାରିବ।

## ନଦୀରେ ଖସିପଡ଼ିଲା ଗାଡ଼ି, ୮ ମୃତ

ପିଥୋରାଗଡ଼, ୧୫।୭: ଉତ୍ତରାଖଣ୍ଡର ପିଥୋରାଗଡ଼ରେ ମଙ୍ଗଳବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ସଂଧ୍ୟା ୫ଟା ସମୟରେ ୧୩ ଜଣ ଲୋକଙ୍କ ନେଇ ଯାଉଥିବା ଏକ ଗାଡ଼ି ୩୦୦ ମିଟର ନିମ୍ନରେ ଥିବା ଏକ ନଦୀରେ ଖସିପଡ଼ିବାରୁ



୮ ଜଣଙ୍କର ମୃତ୍ୟୁ ହୋଇଛି ଓ ୪ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ କିଛି ସ୍କୁଲ ପିଲା ମଧ ଅଛନ୍ତି। ପିଥୋରାଗଡ଼ ଏସପି ରେଖା ଯାଦବ ସୂଚନା ଦେଇଛନ୍ତି ଯେ ମୁଓ୍ୱାନି ସହରର ସୁନି ସେତୁ ନିକଟରେ ୧୩ ଜଣଙ୍କୁ ନେଇ ଯାଉଥିବା ଏକ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି, ଯେଉଁଥିରେ ୮ ଜଣଙ୍କର ମୃତ୍ୟୁ ହୋଇଛି। ପୁଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଛନ୍ତି ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସେ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଆହତମାନଙ୍କୁ ଠିକ ସମୟରେ ଉପଯୁକ୍ତ ଏବଂ ମାଗଣା ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

## କଂଗ୍ରେସ ନେତା ଅନିଲ ମାରେଲିଙ୍କୁ ଗୁଳି କରି ହତ୍ୟା

ମେଦକ, ୧୫।୭: ତେଲେଙ୍ଗାନାର ମେଦକ ଜିଲ୍ଲାରେ କଂଗ୍ରେସର ଅନୁସୂଚିତ ଜାତି (ଏସସି) ସେଲ୍‌ର ଜିଲ୍ଲା ସମ୍ପାଦକ ଅନିଲ ମାରେଲି (୨୮)ଙ୍କୁ ଅଜଣା ଆକ୍ରମଣକାରୀମାନେ ଗୁଳି କରି ହତ୍ୟା କରିଛନ୍ତି। ଏହି ଘଟଣା ମଙ୍ଗଳବାର ସକାଳ ସମୟରେ କୁଲଚାରମ ମଣ୍ଡଳର ବରିଗୁଣ୍ଡମ ଗାଁ ନିକଟରେ ଘଟିଛି। ପୋଲିସ ସୂଚନା ଅନୁଯାୟୀ, ଅନିଲ ହାଇଦ୍ରାବାଦର ଗାନ୍ଧୀ ଭବନରେ ଏକ ଦଳୀୟ କାର୍ଯ୍ୟକ୍ରମରେ ଭାଗ ନେଇ ସୋମବାର ରାତିରେ ନିଜ ଗାଁ ପାଇତାରାକୁ ଫେରୁଥିବା ବେଳେ ତାଙ୍କ ମର୍ସିଡିଜ ବେଞ୍ଜ ଗାଡ଼ିରେ ଆକ୍ରମଣକାରୀମାନେ ଗୁଳି ଚଳାଇଥିଲେ। ତାଙ୍କ ଡାହାଣ କାନ୍ଧ ଓ ଛାତିରେ ଦୁଇଟି ଗୁଳି ବିନ୍ଧିଥିବା ଜଣାପଡ଼ିଛି। ଏହାସହ ତାଙ୍କ ପିଠି ଓ ହାତରେ ମଧ ଗୁରୁତର ଆଘାତ ଚିହ୍ନ ରହିଛି। ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ଯେ ଅନିଲଙ୍କୁ ହାଇଦ୍ରାବାଦରୁ ଦୁଇଟି ଗାଡ଼ିରେ ଅଜଣା ବ୍ୟକ୍ତିମାନେ ପିଛା କରିଥିଲେ ଏବଂ ବରିକୁଣ୍ଡମ ଏକ୍ସ ରୋଡ଼ ନିକଟରେ ତାଙ୍କ ଗାଡ଼ିକୁ ଅଟକାଇ ଗୁଳି ଚଳାଇଥିଲେ। ପୋଲିସ ଘଟଣାସ୍ଥଳରୁ ଗୁଳିର ଖୋକା ଉଦ୍ଧାର କରିଛି ଏବଂ ଏହାକୁ ଏକ ଟାର୍ଗେଟ ହତ୍ୟା ବୋଲି ସନ୍ଦେହ କରୁଛି। ପ୍ରାରମ୍ଭରେ ଏହାକୁ ଏକ ସଡ଼କ ଦୁର୍ଘଟଣା ବୋଲି ଅନୁମାନ କରାଯାଉଥିଲା। କିନ୍ତୁ ମୃତଦେହ ପରୀକ୍ଷା ପରେ ଗୁଳିଚିହ୍ନ ମିଳିବାରୁ ଏହା ହତ୍ୟା ବୋଲି ସ୍ପଷ୍ଟ ହୋଇଛି।

### ୧୦ ବର୍ଷ ପୂର୍ବ ମୃତ୍ୟୁର ଖୋଲିଲା ରହସ୍ୟ

## ନୋକିଆ ଫୋନରୁ ମିଳିଲା କଙ୍କାଳର ପରିଚୟ

ହାଇଦ୍ରାବାଦ, ୧୫।୭: ହାଇଦ୍ରାବାଦର ନାମପଲ୍ଲୀ ଅଞ୍ଚଳରେ ଏକ ଖାଲି ପଡ଼ିଥିବା ଘରୁ ମିଳିଥିବା କଙ୍କାଳର ଚିହ୍ନଟ ହୋଇଛି। ପୁଲିସ ମଙ୍ଗଳବାର କହିଛି ଯେ, ସେ କଙ୍କାଳ ଅମିର ଖାନ ନାମକ ବ୍ୟକ୍ତିଙ୍କର ବୋଲି ମନେ ହେଉଛି , ଯାହାଙ୍କର ୧୦ ବର୍ଷ ପୂର୍ବେ ମୃତ୍ୟୁ ହୋଇଥିଲା। ସୋମବାର ଏକ ବଲକୁ ଖୋଜିବାକୁ ସେଠାକୁ ଯାଇଥିବା ଜଣେ ବ୍ୟକ୍ତି ସେହି ଖାଲି ଘରେ କଙ୍କାଳକୁ ଦେଖିଥିଲେ। ଏହାପରେ ଲୋକେ ଏହାର ଭିଡ଼ିଓ କରି ଥିଲେ। କଙ୍କାଳଟି ପେଟେଇ ହୋଇ ପଡ଼ିଥିବା ଦେଖାଯାଉ ଥିଲା। ଯେଉଁଠି ସେ କଙ୍କାଳ ମିଳିଥିଲା, ସେହି ଘର କିଚେନ ଭଳି ଲାଗୁଥିଲା , କାରଣ ଏହାର ଆଖପାଖରେ କିଛି ବାସନ ମଧ ଦେଖାଯାଉ ଥିଲା। ପୁଲିସ ମଙ୍ଗଳବାର (୧୫ଜୁଲାଇ) କହିଛି ଯେ, ନାମପଲ୍ଲୀର ଖାଲି ଥିବା ଘରେ ମିଳିଥିବା କଙ୍କାଳ ଅମିର ଖାନଙ୍କର ଥିବା ମନେ ହେଉଛି। ଏହି ଘର ମୁନିର ଖାନଙ୍କର ଥିଲା,ତାଙ୍କର ୧୦ଜଣ ପିଲା ଥିଲେ। ତାଙ୍କର ୩ୟ ପୁଅ ଅମିର ଏହି ଘରେ ଏକୁଟିଆ ରହୁଥିଲେ , ଅନ୍ୟପିଲା ମାନେ ଆଉ କୁଆଡେ ଚାଲି ଯାଇଥିଲେ। ପୁଲିସ ମୁତାବିକ, ସେଠାରୁ ନୋକିଆର ଏକ ମୋବାଇଲ ଫୋନ୍ ଓ କିଛି ଚିରା ନୋଟ୍ ମଧ ମିଳିଛି। ଆସିଷ୍ଟାଣ୍ଟ କମିଶନର ଅଫ୍ ପୁଲିସ (ଏସିପି) କିଶନ କୁମାର କହିଛନ୍ତି ଯେ, ଫୋନର ବ୍ୟାଟେରୀ ଶେଷ ହୋଇ ଯାଇ ଥିଲା। ସେ କହିଛନ୍ତି ଯେ, ଫୋନର ମରାମତି କରିବା ପରେ ଜଣାପଡ଼ିଲା ଯେ, ସେ କଙ୍କାଳ ଅମିରଙ୍କର। ଫୋନ୍ ଲଗ୍‌ରେ ଶେଷ କଲ୍ ୨୦୧୫ ବର୍ଷର ଦେଖିବାକୁ ମିଳୁଛି। ଏଥିରେ ୮୪ ମିସ୍ଡ କଲ୍ ମିଳିଛି। ଏସିପି କହିଛନ୍ତି, ସେ ବ୍ୟକ୍ତି ପାଖାପାଖି ୫୦ ବର୍ଷ ବୟସର ଥିଲେ, ଅବିବାହିତ ଥିଲେ ଏବଂ ସମ୍ଭବତଃ ମାନସିକ ଭାବେ ବିକ୍ଷିପ୍ତ ଥିଲେ। ଏଥିରୁ ଅନୁମାନ କରାଯାଉଛି ଯେ, ମୃତ୍ୟୁ ବିମୁଦ୍ରାକରଣ ଅର୍ଥାତ୍ ୨୦୧୬ର ପୂର୍ବରୁ ହେବାର ସ୍ପଷ୍ଟ ହେଉଛି। ଏସିପି କହିଛନ୍ତି ଯେ, ଅମିର ଖାନଙ୍କ ସାନ ଭାଇ ଶାଦାବ, ଯିଏ ଆଖପାଖର ଦୋକାନରୁ ଭଡ଼ା ଆଦାୟ କରନ୍ତି , ସେ କଙ୍କାଳର ଅବଶେଷରୁ ମିଳିଥିବା ଏକ ମୁଦି ଓ ସର୍ଟସର ଚିହ୍ନଟ କରିଛନ୍ତି। ହେଲେ ମୃତ ବ୍ୟକ୍ତିଙ୍କର ପରିଚୟ ସ୍ପଷ୍ଟ କରିବା ପାଇଁ ପୁଲିସ ତାଙ୍କର ଅବଶେଷକୁ ଫରେନ୍ସିକ ଲ୍ୟାବ୍ ପଠାଇଛି।

# ପୁଟିନଙ୍କୁ ବଡ଼ ଝଟକା ଦେବାକୁ ପ୍ରସ୍ତୁତି

## ଜେଲେନସ୍କିଙ୍କ ସହ ମିଶି ମସ୍କୋ ଉପରେ ଆକ୍ରମଣ ଯୋଜନା କଲେ ଟ୍ରମ୍ପ



**ୱାଶିଂଟନ, ୧୫।୭:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବ୍ୟକ୍ତିଗତ ଭାବରେ ୟୁକ୍ରେନକୁ ରୁଷିଆ ଭିତରେ ଆକ୍ରମଣ କରିବାକୁ ଉତ୍ସାହିତ କରିଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ସେ ଏପରି ମଧ ପଚାରିଥିଲେ ଯେ, ଯଦି ଆମେରିକା ଦୂରଗାମୀ ଅସ୍ତ୍ରଶସ୍ତ୍ର ଯୋଗାଇ ଦିଏ ତେବେ ୟୁକ୍ରେନ ମସ୍କୋ ଏବଂ ସେଣ୍ଟ ପିଟର୍ସବର୍ଗକୁ ଟାର୍ଗେଟ କରିପାରିବ କି? ଟ୍ରମ୍ପ୍ ଏବଂ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ମଧ୍ୟରେ ସମ୍ପ୍ରତି ହୋଇଥିବା ଆଲୋଚନା ଉପରେ ଆଧାରିତ ଫାଇନାନ୍ସିଆଲ୍ ଟାଇମ୍ସ ଏବଂ ୱାଶିଂଟନ୍ ପୋଷ୍ଟର ଏକ ରିପୋର୍ଟରେ ଏହା ପ୍ରକାଶ ପାଇଛି।

ରିପୋର୍ଟ ଅନୁଯାୟୀ, ଜୁଲାଇ ୪ ତାରିଖରେ ଜେଲେନସ୍କିଙ୍କ ସହ ଏକ ଫୋନ୍ କଥାବାର୍ତ୍ତା ସମୟରେ ଟ୍ରମ୍ପ୍ ପଚାରିଥିଲେ ଯେ, ଯଦି ଆମେରିକା ଦୂରଗାମୀ ଅସ୍ତ୍ରଶସ୍ତ୍ର ଯୋଗାଇ ଦିଏ, ତେବେ ୟୁକ୍ରେନ ସେନା ରୁଷିଆର ସାମରିକ ଘାଟି ଉପରେ ଆକ୍ରମଣ କରିପାରିବ କି? ସେ ସିଧାସଳଖ ଜେଲେନସ୍କିଙ୍କୁ ପଚାରିଥିଲେ, ଆପଣ ମସ୍କୋ ଏବଂ ସେଣ୍ଟ ପିଟର୍ସବର୍ଗକୁ ଟାର୍ଗେଟ କରିପାରିବେ କି? ଫାଇନାନ୍ସିଆଲ୍ ଟାଇମ୍ସ ଅନୁଯାୟୀ, ଟ୍ରମ୍ପ୍ ଏହି କଥାବାର୍ତ୍ତାରେ କହିଥିଲେ, ସେ ରୁଷିଆକୁ ଯନ୍ତ୍ରଣା ଦେବାକୁ ଚାହାନ୍ତି ଯାହା ଦ୍ୱାରା ଭ୍ଲାଡିମିର ପୁଟିନ୍‌ଙ୍କୁ ଶାନ୍ତି ଚୁକ୍ତିରେ ପ୍ରବେଶ କରିବାକୁ ବାଧ କରାଯାଇପାରିବ। କୁହାଯାଉଛି, ଟ୍ରମ୍ପ୍ ଏବେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ଉପରେ ନିରାଶ ହୋଇଛନ୍ତି ଏବଂ ପୂର୍ବ ଅପେକ୍ଷା ଅଧିକ ଆକ୍ରମଣାତ୍ମକ ମନୋଭାବ ଗ୍ରହଣ କରୁଛନ୍ତି। ପ୍ରାରମ୍ଭରେ ସେ ଆମେରିକା-ରୁଷିଆ ସମ୍ପର୍କକୁ ସହଜ କରିବାକୁ ଏବଂ ୟୁକ୍ରେନଠାରୁ ନିଜକୁ ଦୂରେଇ ରଖିବାକୁ ଚେଷ୍ଟା କରିଥିଲେ, ଏବେ ସେ ରୁଷିଆକୁ କଠୋର ଆର୍ଥିକ ଦଣ୍ଡ ଏବଂ ନାଟୋ ମାଧମରେ ଅସ୍ତ୍ରଶସ୍ତ୍ର ଯୋଗାଣ ବିଷୟରେ କହୁଛନ୍ତି।

ଓଭାଲ ଅଫିସରେ ନାଟୋ ସେକ୍ରେଟାରୀ ଜେନେରାଲ ମାର୍କ ରୁଟେଙ୍କ ସହ ଏକ ବୈଠକରେ ଟ୍ରମ୍ପ୍ ରୁଷିଆକୁ ଚେତାବନୀ ଦେଇ କହିଥିଲେ ଯେ, ଯଦି ଯୁଦ୍ଧ ବନ୍ଦ ନହୁଏ, ତେବେ ମସ୍କୋକୁ କଠୋର ଶୁଳ୍କ ଏବଂ ଆର୍ଥିକ ଦଣ୍ଡର ସମ୍ମୁଖୀନ ହେବାକୁ ପଡିବ। ସେ ଏହା ମଧ କହିଥିଲେ, ସେ ଏହି ଯୁଦ୍ଧର ଶେଷ ହେବା ନେଇ କ୍ରୋଧିତ। ଟୋମାହକ୍ କ୍ଷେପଣାସ୍ତ୍ର ଦେବା ଉପରେ ବିଚାର କରାଯାଉଛି ବୋଲି କୁହାଯାଉଛି। ୱାଶିଂଟନ୍ ପୋଷ୍ଟର ୧୪ ଜୁଲାଇ ରିପୋର୍ଟ ଅନୁଯାୟୀ, ଟ୍ରମ୍ପ୍ ୟୁକ୍ରେନ୍‌କୁ ୩୦୦ କିଲୋମିଟର ଦୂରତା ବିଶିଷ୍ଟ ଏଟିଏସିଏମଏସ କ୍ଷେପଣାସ୍ତ୍ର ବ୍ୟବହାର କରିବାକୁ ଅନୁମତି ଦେଇଛନ୍ତି। କେବଳ ଏତିକି ନୁହେଁ, ଆମେରିକା ଏବେ ଟୋମାହକ୍ କ୍ରୁଜ୍ କ୍ଷେପଣାସ୍ତ୍ର ଦେବାକୁ ମଧ ବିଚାର କରୁଛି। ଯାହା ସିଧାସଳଖ ମସ୍କୋ ଏବଂ ସେଣ୍ଟ ପିଟର୍ସବର୍ଗ ଉପରେ ଆକ୍ରମଣ କରିପାରିବ। ଯଦିଓ ଏହି ଟୋମାହକ୍ କ୍ଷେପଣାସ୍ତ୍ରଗୁଡ଼ିକ ବର୍ତ୍ତମାନର ୧୦ ବିଲିୟନ ଡଲାର ସହାୟତା ପ୍ୟାକେଜରେ ଅନ୍ତର୍ଭୁକ୍ତ ନୁହେଁ। ତଥାପି ଯଦି ଟ୍ରମ୍ପ୍ ରୁଷିଆ ଉପରେ ଚାପ ବୃଦ୍ଧି କରିବାକୁ ନିଷ୍ପତ୍ତି ନିଅନ୍ତି ତେବେ ଭବିଷ୍ୟତରେ ଏଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇପାରିବ। ରିପୋର୍ଟ ଅନୁଯାୟୀ, ଶୁକ୍ରବାର ପର୍ଯ୍ୟନ୍ତ ଏ ବିଷୟରେ ଆଲୋଚନା ଚାଲିଥିଲା।

ଟ୍ରମ୍ପ୍ ଏଭଳି ଆଭିମୁଖ୍ୟ ପ୍ରକାଶ କରିଥିବାରୁ ଏହାକୁ ନେଇ ୟୁରୋପୀୟ ସହଯୋଗୀ ଏବଂ ୟୁକ୍ରେନ ଏକ ସକାରାତ୍ମକ ସଙ୍କେତ ଭାବରେ ଦେଖୁଛନ୍ତି। ୟୁକ୍ରେନ ବହୁ ଦିନ ଧରି ଦାବି କରିଆସୁଥିଲା ଯେ, ଆମେରିକା ରୁଷିଆ ଉପରେ ଚାପ ବୃଦ୍ଧି କରୁ। ଏବେ ଟ୍ରମ୍ପ୍ ଶାନ୍ତି ସପକ୍ଷରେ କହି ରୁଷିଆ ଉପରେ ସାମରିକ ଏବଂ ଆର୍ଥିକ ଚାପ ପକାଇବାକୁ ପ୍ରସ୍ତୁତ ଥିବା ଯୋଜନା କରୁଥିବା ମନେ ହେଉଛି। କିଭ୍ ଆଶା କରୁଛି ଯେ, ଆମେରିକାର ଭୂମିକା ନିର୍ଣ୍ଣାୟକ ପ୍ରମାଣିତ ହୋଇପାରିବ। ତଥାପି, ହ୍ୱାଇଟ୍ ହାଉସ୍ ଏହି ରିପୋର୍ଟଗୁଡ଼ିକୁ ନେଇ କୌଣସି ପ୍ରତିକ୍ରିୟା ଦେଇନାହିଁ।

### ଦିବ୍ୟାଙ୍ଗଙ୍କ ଉପରେ ଆପତ୍ତିଜନକ ଟିପ୍ପଣୀ ମାମଲା

## ସୁପ୍ରିମକୋର୍ଟରେ ହାଜର ହେଲେ କମେଡିଆନ୍ ସମୟ ରାଇନା

ନୂଆଦିଲ୍ଲୀ, ୧୫।୭: ସମୟ ରାଇନାଙ୍କ ବିବାଦୀୟ ଶୋ' ଇଣ୍ଡିଆସ୍ ଗଟ୍ ଲାଟେଣ୍ଟରେ ଅଶ୍ଳୀଳ ଟିପ୍ପଣୀକୁ ନେଇ ଦାଖଲ ଯାଚିକା ଉପରେ ସୁପ୍ରିମକୋର୍ଟରେ ମଙ୍ଗଳବାର ଶୁଣାଣି ହୋଇଛି। ଆଜି ସମୟ ରାଇନା ଓ ଅନ୍ୟମାନେ କୋର୍ଟରେ ହାଜର ହୋଇଥିଲେ।



କ୍ୟୁରେର ଏସ୍‌ଏମ୍‌ଏ ଇଣ୍ଡିଆ ଫାଉଣ୍ଡେସନ୍ ମାମଲାରେ ନିଜର ଜବାବ ଦାଖଲ କରିବା ପାଇଁ ତାଙ୍କ ଓକିଲ ସମୟ ମାଗିଛନ୍ତି। ରଣବୀର ଆହ୍ଲାବାଦିଆଙ୍କ ଆବେଦନ ସହ କ୍ୟୁରେ ଏସ୍‌ଏମ୍‌ଏ ଇଣ୍ଡିଆ ଫାଉଣ୍ଡେସନ ଦ୍ୱାରା ଦାଖଲ ଆବେଦନ ମଧ ସୂଚୀବଦ୍ଧ କରାଯାଇଥିଲା। ଏଥିରେ ସ୍ପାଇନଲ୍ ମସ୍କୁଲର ଏଟ୍ରୋଫିର ମହଙ୍ଗା ଚିକିତ୍ସା ଉପରେ ସମୟ ରାଇନା ସମ୍ବେଦନହୀନ ଟିପ୍ପଣୀ କରିଥିବା ଅଭିଯୋଗ ରହିଛି। ରାଇନା ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ପରିହାସ କରିଥିବା ଅଭିଯୋଗ ରହିଛି। ଆବେଦନରେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଜୀବନ ଓ ସମ୍ମାନର ଅଧିକାର ଉଲ୍ଲଂଘନ କରୁଥିବା ଏପରି ଅନଲାଇନ୍ କଣ୍ଟେଣ୍ଟର ପ୍ରସାରଣ ପାଇଁ ନିୟମ ଦାବି କରାଯାଇଛି। ମେ'ରେ ସୁପ୍ରିମକୋର୍ଟ ମୁମ୍ବାଇ ପୋଲିସ କମିଶନରଙ୍କୁ ନିର୍ଦ୍ଦେଶ ଦେଇ ପରବର୍ତ୍ତୀ ଶୁଣାଣିରେ ସମୟ ରାଇନା, ବିପୁଲ ଗୋୟଲ, ବଲରାଜ ପରମଜିତ୍ ସିଂହ ଘଇ, ସୋନାଲି ଠାକର ଓରଫ୍ ସୋନାଲି ଆଦିତ୍ୟ ଦେସାଇ ଓ ନିଶାନ୍ତ ଜଗଦୀଶ ତନୱରଙ୍କ କୋର୍ଟରେ ଉପସ୍ଥିତି ସୁନିଶ୍ଚତ କରିବା ପାଇଁ କହିଥିଲେ। ସୋସିଆଲ୍ ମିଡିଆ ନିୟମ ମାମଲାରେ ସୁପ୍ରିମକୋର୍ଟ କହିଛନ୍ତି ଯେ ବାକ୍ ସ୍ୱାଧୀନତା ମାମଲାରେ ବଜାରରେ ଅନେକ ମାଗଣା ପରାମର୍ଶଦାତା ଅଛନ୍ତି। ସୋସିଆଲ୍ ମିଡିଆ ଓ ଅନଲାଇନ୍ ବିଷୟବସ୍ତୁକୁ ନିୟନ୍ତ୍ରଣ କରିବା ପାଇଁ ପ୍ରସ୍ତାବିତ ତନ୍ତ୍ର ସାମ୍ବିଧାନିକ ନୀତି ଅନୁରୂପ ହେବା ଦରକାର ଉପରେ ଜୋର ଦେଇ କୋର୍ଟ ଏହି କଥା କହିଛନ୍ତି। ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ହାସ୍ୟ ଅଭିନେତା ଏବଂ ପଡ୍‌କାଷ୍ଟରମାନଙ୍କ ସହ ଜଡିତ ଆବେଦନଗୁଡ଼ିକର ଶୁଣାଣି କରୁଥିଲେ। ସର୍ବୋଚ୍ଚ ଅଦାଲତ ପ୍ରଥମେ ସମ୍ବିଧାନର ଅନୁଚ୍ଛେଦ ୧୯(୨) ଅଧିନରେ ବାକ୍ ସ୍ୱାଧୀନତାର ଅଧିକାର ଉପରେ ଉଚିତ୍ ପ୍ରତିବନ୍ଧକ କ୍ରିୟାନ୍ୱୟନକୁ ସୁନିଶ୍ଚିତ କରିବା ପାଇଁ ନିୟାମକ ଉପାୟର ଆହ୍ୱାନ କରିଥିଲେ। ଶୁଣାଣି ବେଳେ ଆଟର୍ଣ୍ଣି ଜେନେରାଲ୍ ଆର୍ ଭେଙ୍କଟରମଣି କହିଥିଲେ ଯେ ପ୍ରସ୍ତାବିତ ମାର୍ଗଦର୍ଶିକା ଉପରେ ଚର୍ଚ୍ଚାର ଆବଶ୍ୟକତା ରହିଛି। ଜଷ୍ଟିସ୍ କାନ୍ତ ସହମତି ଦେଇ ସମସ୍ତ ଅଂଶୀଦାର ଏହି ପ୍ରସଙ୍ଗରେ ସେମାନଙ୍କ ମତାମତ ଦେଇପାରିବେ ବୋଲି କହିଛନ୍ତି।

### ଏଆଇଏମଆଇଏମକୁ ଆଶ୍ୱସ୍ତି

## ସୁପ୍ରିମକୋର୍ଟରେ ମାନ୍ୟତା ରଦ୍ଧ ପାଇଁ ହୋଇଥିବା ଆବେଦନ ପ୍ରତ୍ୟାହାର



ନୂଆଦିଲ୍ଲୀ,୧୫।୭: ସର୍ବୋଚ୍ଚ ନ୍ୟାୟାଳୟରୁ ଅଲ୍ ଇଣ୍ଡିଆ ମଜଲିସ୍-ଏ-ଇତ୍ତେହାଦୁଲ୍ ମୁସଲିମିନ୍ (ଏଆଇଏମଆଇଏମ)କୁ ଆଶ୍ୱସ୍ତି। ମାନ୍ୟତା ରଦ୍ଧ ପାଇଁ ହୋଇଥିବା ଆବେଦନର ଶୁଣାଣି କରିବାକୁ ମନା କରିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ। ଆବେଦନକାରୀ ଓୱେସିଙ୍କ ଦଳକୁ ଧାର୍ମିକ ଆଧାରରେ ଗଠିତ ବୋଲି ଦର୍ଶାଇଥିଲେ। ତେବେ କୋର୍ଟ କହିଥିଲେ, ଯଦି ଆବେଦନକାରୀ ଧାର୍ମିକ କିମ୍ବା ଜାତି ଆଧାରରେ ଭୋଟ୍ ମାଗୁଥିବା ଦଳଗୁଡ଼ିକ ବିରୁଦ୍ଧରେ କହିବାକୁ ଚାହାଁନ୍ତି, ତେବେ ବ୍ୟାପକ ଆବେଦନ ଦାଖଲ କରନ୍ତୁ। ଏଆଇଏମଆଇଏମର ମାନ୍ୟତା ବାତିଲ କରିବା ପାଇଁ ହୋଇଥିବା ଆବେଦନରେ ଶୁଣାଣି କରିବାକୁ ମନା କଲେ ସୁପ୍ରିମକୋର୍ଟ। ଶିବସେନା ନେତା ତିରୁପତି ନରସିଂହ ମୁରାରି ଏହି ଆବେଦନ ଦାଖଲ କରିଥିଲେ। ପୂର୍ବରୁ, ଦିଲ୍ଲୀ ହାଇକୋର୍ଟ ୧୬ ଜାନୁଆରୀ ୨୦୨୫ ରେ ଏହାକୁ ଖାରଜ କରିଦେଇଥିଲେ। ଏହି ମାମଲା ସୁପ୍ରିମକୋର୍ଟରେ ବିଚାରପତି ସୂର୍ଯ୍ୟ କାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ସମ୍ମୁଖରେ ଉଠିଥିଲା। ଶୁଣାଣି ଆରମ୍ଭରେ ଖଣ୍ଡପୀଠ କହିଥିଲେ ଯେ ଏଆଇଏମଆଇଏମ କହୁଛି ଏହା ସମସ୍ତ ପଛୁଆ ଲୋକଙ୍କ ପାଇଁ ସ୍ୱର ସାଜିଛି। ଆବେଦନକାରୀଙ୍କ ଓକିଲ ବିଷ୍ଣୁ ଜୈନ୍ କହିଛନ୍ତି, ଏଆଇଏମଆଇଏମ ଧାର୍ମିକ ଆଧାରରେ ଗଠିତ ଏକ ଦଳ। ଏହା ଇସଲାମିକ୍ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଭଳି ଅନେକ କଥା କୁହେ।

### ଭାରତୀୟ ସେନା ମାନହାନି ମାମଲା

## ଲକ୍ଷ୍ନୌ କୋର୍ଟରେ ସରେଣ୍ଡର କଲେ ରାହୁଲ



**ଲକ୍ଷ୍ନୌ, ୧୫।୭:** ଲକ୍ଷ୍ନୌର ସାଂସଦ-ବିଧାୟକ କୋର୍ଟ ଭାରତୀୟ ସୈନିକଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ମାମଲାରେ ,ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କୁ ଜାମିନ ପ୍ରଦାନ କରିଛନ୍ତି। କୋର୍ଟ ୨୦ ହଜାର ଟଙ୍କାର ମୁଚଲିକାରେ ଜାମିନ ଦେଇଛନ୍ତି। ରାହୁଲ ଗାନ୍ଧୀ ଭାରତ ଯୋଡୋ ଯାତ୍ରା ବେଳେ ଦେଇଥିବା ବିବୃତ୍ତିକୁ ନେଇ ରୁଜୁ ଏହି ମାମଲାରେ ପ୍ରଥମ ପାଞ୍ଚୋଟି ଶୁଣାଣିରେ ହାଜର ହୋଇ ନଥିଲେ। ମଙ୍ଗଳବାର ସେ ଆଡିସନାଲ ଚିଫ୍ ଜ୍ୟୁଡିସିଆଲ ମାଜିଷ୍ଟ୍ରେଟ୍ ଆଲୋକ ବର୍ମାଙ୍କ ସମ୍ମୁଖରେ ବ୍ୟକ୍ତିଗତ ଭାବେ ହାଜର ହୋଇ ସରେଣ୍ଡର କରିବା ସହ ଜାମିନ ଆବେଦନ ଦାଖଲ କରିଥିଲେ। ଲାଇଭ୍ ଲ'ର ମୁତାବିକ, ରାହୁଲ ଗାନ୍ଧୀ ୫ଟି ଶୁଣାଣିରେ ଅନୁପସ୍ଥିତ ରହିବା ପରେ ଏହିଥର ଆଡିସନାଲ ଚିଫ୍ ଜ୍ୟୁଡିସାଲ ମାଜିଷ୍ଟ୍ରେଟ୍ ଆଲୋକ ବର୍ମାଙ୍କ ସମ୍ମୁଖରେ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ। ଉଲ୍ଲେଖନୀୟ ଯେ, ମେ'ରେ ଆହ୍ଲାବାଦ ହାଇକୋର୍ଟ ତାଙ୍କର ଆବେଦନକୁ ଖାରଜ କରି ଦେଇ ଥିଲେ , ଯାହାପରେ ସେ ହାଜର ହୋଇଥିଲେ। ଏହି ପିଟିସନ ସେ ମାନହାନି ମାମଲା ଓ ଲକ୍ଷ୍ନୌର ଏମପି-ଏମଏଲଏ କୋର୍ଟ ଦ୍ୱାରା ଫେବ୍ରୁଆରୀ ୨୦୨୫ରେ ପାରିତ ସମନ ଆଦେଶ ଉଭୟକୁ ଚ୍ୟାଲେଞ୍ଜ ଦେଇଥିଲେ।

### ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ନୂଆ ବାର୍ତ୍ତା

# ରାଷ୍ଟ୍ରୀୟ ଅଧ୍ୟକ୍ଷ ଅଧିକ ଶକ୍ତିଶାଳୀ ହେବା ଆବଶ୍ୟକ



**ନୂଆଦିଲ୍ଲୀ, ୧୫।୭:** ଭାରତୀୟ ଜନତା ପାର୍ଟି ନିଜର ନୂତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ଖୋଜୁଛି। କାରଣ ବର୍ତ୍ତମାନର ସଭାପତି ଜେପି ନଡ୍ଡାଙ୍କ କାର୍ଯ୍ୟକାଳ ଜୁନ୍ ୨୦୨୪ ରେ ଶେଷ ହୋଇଥିଲା। ଗଣମାଧ୍ୟମରେ ଅନେକ ନାମ ବିଷୟରେ କଳ୍ପନାଜଳ୍ପନା ଚାଲିଛି। କିନ୍ତୁ ନାମ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ। ପ୍ରଥାନୁସାରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ ତାଙ୍କର ପାଞ୍ଚ-ଦେଶ ଗସ୍ତରୁ ଫେରିଛନ୍ତି, ତେଣୁ ଏହା ଅନୁମାନ କରାଯାଉଛି ଯେ ନୂତନ ବିଜେପିରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ନାମ ଖୁବ୍ ଶୀଘ୍ର ଚୂଡ଼ାନ୍ତ କରାଯାଇପାରେ। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ପରବର୍ତ୍ତୀ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦ ପାଇଁ ନାମ ଆଲୋଚନା ମଧ୍ୟରେ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ପକ୍ଷରୁ ନାଗପୁରରୁ ଏକ ସ୍ପଷ୍ଟ ବାର୍ତ୍ତା ଆସିଛି ଯେ, ବିଜେପିର ପରବର୍ତ୍ତୀ ରାଷ୍ଟ୍ରୀୟ ଅଧ୍ୟକ୍ଷ କେବଳ ଜଣେ ରଣନୀତିଜ୍ଞ ହେବା ଉଚିତ୍ ନୁହେଁ ବରଂ ଆଦର୍ଶଗତ ଭାବରେ ଦୃଢ଼ ଏବଂ ସଂଗଠନ ସହିତ ଗଭୀର ଭାବରେ ଜଡିତ ହେବା ଜରୁରୀ। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଆରଏସଏସ ଚାହୁଁଛି ଯେ, ପରବର୍ତ୍ତୀ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଯୁବକ ଏବଂ ତୃଣମୂଳ ସ୍ତରର ହୁଅନ୍ତୁ। ସେ ସିଧାସଳଖ ଶାଖା, ପ୍ରଚାରକ ଏବଂ ବୁଥ୍ ସ୍ତରୀୟ କର୍ମୀଙ୍କ ସହ ଜଡିତ ହୋଇଥିବା ଉଚିତ୍। ତାଙ୍କର ବୈଚାରିକ ସ୍ପଷ୍ଟତା ରହିବା ଉଚିତ୍। ସମାନ ନାଗରିକ ସଂହିତା (ୟୁସିସି), ଜନସଂଖ୍ୟା ନିୟନ୍ତ୍ରଣ, ଶିକ୍ଷା ଏବଂ ସାଂସ୍କୃତିକ ଜାତୀୟତାବାଦ ଭଳି ପ୍ରସଙ୍ଗରେ ତାଙ୍କର ସ୍ପଷ୍ଟ ଚିନ୍ତାଧାରା ରହିବା ଜରୁରୀ।

ଆରଏସଏସର ଚିନ୍ତା ହେଉଛି ଯେ, ବିଜୟ ପାଇଁ ଚେଷ୍ଟା କରୁଥିବା ବିଜେପି ଅନେକ ଲୋକଙ୍କୁ ଦଳରେ ସାମିଲ କରୁଛି। ସେମାନଙ୍କୁ ଦଳରେ ବିରୋଧ କରାଯାଉଛି। ବାହାର ନେତା ଯେଉଁମାନେ ଅନ୍ୟ ଦଳରୁ ଆସିଛନ୍ତି ଏବଂ ଟେକ୍ନୋକ୍ରାଟଙ୍କ ପ୍ରଭାବ ଦଳରେ ବୃଦ୍ଧି ପାଉଛି। ଯାହାକୁ ଆରଏସଏସ ପସନ୍ଦ କରୁ ନାହିଁ। ଆରଏସଏସ ଚାହୁଁଛି ଯେ, ନୂତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ଏପରି ଜଣେ ବ୍ୟକ୍ତି ହୁଅନ୍ତୁ ଯିଏ ଦଳର ମୂଳ ବିଚାରଧାରାକୁ ଆଦର୍ଶଗତ ଭାବରେ ମଜବୁତ କରି ପାରିବେ।

ମୋଦୀ ଏବଂ ଶାହ ଏବେ ବି ବିଜେପିର ସବୁଠାରୁ ବଡ଼ ଚେହେରା। କିନ୍ତୁ ଆରଏସଏସ ବିଶ୍ୱାସ କରେ ଯେ, ଦଳକୁ ଏବେ ଦ୍ୱିତୀୟ ଧାଡ଼ିର ନେତୃତ୍ୱ ପ୍ରସ୍ତୁତ କରିବାକୁ ପଡିବ। କାରଣ ମୋଦୀ ସେପ୍ଟେମ୍ବର ୨୦୨୫ରେ ୭୫ ବର୍ଷ ବୟସରେ ପଦାର୍ପଣ କରିବେ। ଆରଏସଏସ ମୁଖ୍ୟ ମୋହନ ଭାଗବତ ନିକଟରେ କହିଥିଲେ ଯେ, ୭୫ବର୍ଷ ବୟସ ପରେ ସାର୍ବଜନୀନ ଜୀବନରେ ନୂତନ ଲୋକଙ୍କୁ ସୁଯୋଗ ଦିଆଯିବା ଉଚିତ୍। ଦେଶରେ ଏହାକୁ ନେଇ ଅନେକ କଳ୍ପନାଜଳ୍ପନା ଚାଲିଥିଲା।

# ଓଡ଼ିଶା ଜାତୀୟ ବାଳିକା ହକି ଉପବିଜେତା




ଭୁବନେଶ୍ୱର, ୧୫।୭ (ସଂଚାର ବ୍ୟୁରୋ): ଝାଡ଼ଖଣ୍ଡର ରାଞ୍ଚିରେ ଆୟୋଜିତ ୧୫ତମ ଜାତୀୟ ଉପକନିଷ୍ଠ (୧୭ ବର୍ଷରୁ କମ୍) ବାଳିକା ହକି ପ୍ରତିଯୋଗିତାରେ ଓଡ଼ିଶା ଉପବିଜେତା ହୋଇଛି। ରବିବାର ଖେଳାଯାଇଥିବା କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲ୍‌ରେ ଓଡ଼ିଶା ୦-୧ ଗୋଲ୍‌ରେ ଆୟୋଜକ ଝାଡ଼ଖଣ୍ଡଠୁ ହାରି ଯାଇଛି। ମ୍ୟାଚ୍‌ର ପ୍ରଥମ କ୍ୱାର୍ଟର ଗୋଲ୍‌ଶୂନ୍ୟରେ ଶେଷ ହୋଇଥିଲା। ଦ୍ୱିତୀୟ କ୍ୱାର୍ଟରରେ ଝାଡ଼ଖଣ୍ଡକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ଜିର୍ଣ୍ଣ ସୟ ମୁଣ୍ଡା (୨୭ ମିନିଟ୍) ଗୋଲ୍‌ରେ ପରିଣତ କରି ଦଳକୁ ପ୍ରାରମ୍ଭିକ ଅଗ୍ରଣୀ ଦେଇଥିଲେ। ଏହାପରେ ଓଡ଼ିଶା ମ୍ୟାଚ୍‌କୁ ଫେରିବାକୁ କଡ଼ା ସଂଘର୍ଷ କରିଥିଲା। ହେଲେ ଘରୋଇ ଦଳର ରକ୍ଷଣଭାଗ ଭେଦ ନ କରିପାରି ପରାଜୟ ବରଣ କରିଥିଲା। ଏହା ପୂର୍ବରୁ ଖେଳାଯାଇଥିବା ତୃତୀୟ ସ୍ଥାନ ମୁକାବିଲାରେ ହରିୟାଣା ୫-୪ (୩-୩) ସୁଟ୍‌ଆଉଟ୍‌ରେ ମିଜୋରାମକୁ ହରାଇ କାଂସ୍ୟ ପଦକ ଜିତିଛି।

## ମହିଳା ଚେସ୍ ବିଶ୍ୱକପ୍

# ପ୍ରି-କ୍ୱାର୍ଟର୍‌ରେ ହମ୍ପି, ଦିବ୍ୟା





ନୂଆଦିଲ୍ଲୀ, ୧୫।୭: ଜର୍ଜିଆର ବାତୁମିଠାରେ ଚାଲିଥିବା ମହିଳା ଚେସ୍ ବିଶ୍ୱକପ୍‌ରେ ଭାରତର ଦିବ୍ୟା ଦେଶମୁଖ ଓ କୋନେରୁ ହମ୍ପି ପ୍ରି-କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ପଏଣ୍ଟ୍ ଆଧାରରେ ପ୍ରି-କ୍ୱାର୍ଟର୍‌କୁ ଯିବା ଲାଗି ଦିବ୍ୟାଙ୍କୁ ଏକ ଡ୍ର ଦରକାର ଥିଲା ବେଳେ ହମ୍ପି ନିଶ୍ଚିତ ବିଜୟ ଆବଶ୍ୟକ କରୁଥିଲେ। ଉଭୟ ନିଜନିଜର ଏହି ଲକ୍ଷ୍ୟକୁ ସଫଳତାର ସହ ପୂରଣ କରିଥିଲେ। ସର୍ବିଆର ତେଓଦୋରା ଇନଜାକଙ୍କ ବିପକ୍ଷ ରାଉଣ୍ଡ୍ ଅଫ୍ ୩୨ ମୁକାବିଲାକୁ ଦିବ୍ୟା ଅମୀମାଂସିତ ରଖିଥିଲେ। ଅନ୍ୟପକ୍ଷରେ ହମ୍ପି କଠିନ ପରିଶ୍ରମ କରି ପୋଲାଣ୍ଡର କୁଲନ କ୍ଲାଉଡିଆଙ୍କୁ ହରାଇ ପୂରା ଏକ ପଏଣ୍ଟ୍ ଅର୍ଜନ କରିବା ସହ ପରବର୍ତ୍ତୀ ରାଉଣ୍ଡ୍‌ରେ ସ୍ଥାନ ସୁରକ୍ଷିତ କରି ନେଇଥିଲେ। ଏହି ପ୍ରତିଯୋଗିତା ଖେଳୁଥିବା ଅନ୍ୟ ତିନି ଭାରତୀୟ ଡି ହାରିକା, ବନ୍ତିକା ଅଗ୍ରୱାଲ୍ ଓ ଆର ବୈଶାଳୀଙ୍କ ପାଖରେ ମଧ ପ୍ରି-କ୍ୱାର୍ଟର୍ ଫାଇନାଲ୍ ଯିବାର ସୁଯୋଗ ଉନ୍ମୁକ୍ତ ରହିଛି। ତେବେ ସେମାନଙ୍କୁ ନିଜନିଜର ଟାଇବ୍ରେକର୍ ମ୍ୟାଚ୍ ଜିତିବାକୁ ହେବ।

## ଅଲିମ୍ପିକ୍ସ ୨୦୨୮

# କ୍ରିକେଟ୍ ଟୂର୍ଣ୍ଣାମେଣ୍ଟରେ ଭାଗ ନେବେ ୬ ଦଳ



**ନୂଆଦିଲ୍ଲୀ, ୧୫।୭:** ଦୀର୍ଘ ୧୨୮ ବର୍ଷ ପରେ ଅଲିମ୍ପିକ୍ସକୁ ବହୁପ୍ରତୀକ୍ଷିତ କ୍ରିକେଟ୍‌ର ପ୍ରତ୍ୟାବର୍ତ୍ତନ ଘଟିଛି। ଲସ ଏଞ୍ଜେଲ୍ସ ୨୦୨୮ ଅଲିମ୍ପିକ୍ସରେ କ୍ରିକେଟ୍ ଆୟୋଜିତ ହେବାକୁ ଯାଉଛି। ଲଞ୍ଜ ଏଞ୍ଜେଲ୍ସଠୁ ପାଖାପାଖି ୫୦ କିଲୋମିଟର ଦୂର ପୋମେନା ସହରର ଫେୟାରଗ୍ରାଉଣ୍ଡସ ଷ୍ଟାଡିୟମରେ ଅଲିମ୍ପିକ୍ସରେ କ୍ରିକେଟ୍ ମ୍ୟାଚ୍ ଜୁଲାଇ ୧୨ରୁ ଖେଳାଯିବ। ପଦକ ମ୍ୟାଚ୍ ଜୁଲାଇ ୧୯(ଭାରତରେ ଜୁଲାଇ ୨୦) ଓ ଜୁଲାଇ ୨୯ରେ ଏହି ପଡ଼ିଆରେ ଆୟୋଜିତ ହେବ। ତେବେ ଆନୁଷ୍ଠାନିକ ଭାବେ କ୍ରୀଡ଼ାସୂଚୀ ଘୋଷଣା କରାଯାଇ ନାହିଁ। ଏହା ମଧ ସ୍ଥିର ହୋଇ ନାହିଁ ଯେ କେଉଁ ଦଳ ଏଥିରେ ଖେଳିବେ।

ପୁରୁଷ ଓ ମହିଳା ବର୍ଗର ମୋଟ୍ ଛଅ ଛଅ ଟିମ୍ ଏବଂ ୧୮୦ ଖେଳାଳି ଅଲିମ୍ପିକ୍ସରେ କ୍ରିକେଟ୍‌ର ସବୁଠୁ ଛୋଟ ଫର୍ମାଟ୍ ଟି-୨୦ରେ ଭାଗ ନେବେ। ପ୍ରତିଯୋଗିତାର କାର୍ଯ୍ୟକ୍ରମ ଅନୁସାରେ ଗୋଟିଏ ଦିନରେ ସର୍ବାଧିକ ୨ଟି ମ୍ୟାଚ୍ ଖେଳାଯିବ। ଜୁଲାଇ ୧୪ ଓ ୨୧ରେ କୌଣସି ମ୍ୟାଚ୍ ହେବ ନାହିଁ। ଅଲିମ୍ପିକ୍ସରେ ଏହା ପୂର୍ବରୁ ଥରୁଟିଏ ୧୯୦୦ ମସିହା ପ୍ୟାରିସ ଅଲିମ୍ପିକ୍ସରେ କ୍ରିକେଟ୍‌କୁ ସାମିଲ କରାଯାଇଥିଲା। ସେହି ସମୟରେ କେବଳ ଦୁଇଟି ଦଳ ଗ୍ରେଟ୍ ବ୍ରିଟେନ ଓ ଫ୍ରାନ୍ସ ଅଂଶଗ୍ରହଣ କରିଥିଲେ। ଗ୍ରେଟ୍ ବ୍ରିଟେନ ପ୍ରତିଯୋଗିତାରେ ମାତ୍ର ଗୋଟିଏ ମ୍ୟାଚ୍ ଜିତି ସ୍ୱର୍ଣ୍ଣ ପଦକ ଜିତିଥିଲା।

ପୁରୁଷ ଓ ମହିଳା ଟିମ୍ ୧୫ ଜଣିଆ ଦଳ ଘୋଷଣା କରି ପାରିବେ। କାରଣ ଉଭୟ ବର୍ଗ ପାଇଁ ମୋଟ୍ ୧୮୦ ଖେଳାଳି ସାମିଲ ହେବେ। ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି(ଆଇଓସି) କ୍ରିକେଟ୍, ବେସବଲ, ଫ୍ଲାଗ ଫୁଟବଲ, ଲ୍ୟାକ୍ରୋସ ଓ ସ୍କ୍ୱାସକୁ ୨୦୨୮ ଅଲିମ୍ପିକ୍ସରେ ସାମିଲ କରିବାକୁ ମଞ୍ଜୁରୀ ପ୍ରଦାନ କରିଥିଲା। ଲସ ଏଞ୍ଜେଲ୍ସ ଅଲିମ୍ପିକ୍ସ ଆନୁଷ୍ଠାନିକ ଭାବେ ୨୦୨୮ ଜୁଲାଇ ୧୪ରୁ ଜୁଲାଇ ୩୦ ପର୍ଯ୍ୟନ୍ତ ଆୟୋଜିତ ହେବ। ମାତ୍ର କ୍ରିକେଟ୍‌ର କିଛି ମ୍ୟାଚ୍ ଆଗରୁ ଆରମ୍ଭ ହେବ। ପ୍ରଥମ ପର୍ଯ୍ୟାୟ ଜୁଲାଇ ୧୨ରୁ ୧୮ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ପଦକ ପାଇଁ ମ୍ୟାଚ୍ ଜୁଲାଇ ୨୦(ଆମେରିକାରେ ଜୁଲାଇ ୧୯)ରେ ଖେଳାଯିବ। ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ୍ ଜୁଲାଇ ୨୨ରୁ ୨୮ ପର୍ଯ୍ୟନ୍ତ ଚାଲିବ ଏବଂ ଫାଇନାଲ୍ ମୁକାବିଲା ଜୁଲାଇ ୨୯ରେ ଖେଳାଯିବ। ଜୁଲାଇ ୩୦ରେ ଅଲିମ୍ପିକ୍ସର ଉଦଯାପନୀ ହେବ।

# ଯୁବ ଟେଷ୍ଟ୍: ଭାରତୀୟ ଯୁବ ଦଳ ଆଗୁଆ

ବେକେନହାମ, ୧୫।୭: ଭାରତୀୟ ୧୯ବର୍ଷରୁ କମ୍ ଦଳ ଏବଂ ଇଂଲଣ୍ଡ ୧୯ ବର୍ଷରୁ କମ୍ ଦଳ ମଧ୍ୟରେ ଏଠାରେ ଚାଲିଥିବା ପ୍ରଥମ ଯୁବ ଟେଷ୍ଟରେ ଭାରତକୁ ୧୦୧ ରନ୍‌ର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ମିଳିଛି। ଭାରତୀୟ ୧୯ବର୍ଷରୁ କମ୍ ଦଳ ଅଧିନାୟକ ଆୟୁଷ ମହାତ୍ରେ (୧୦୨)ଙ୍କ ଶତକ ସହ ବିହାନ ମାଲହୋତ୍ରା (୬୭), ୱିକେଟ୍‌ରକ୍ଷକ ଅଭିଜ୍ଞାନ କୁଣ୍ଡୁ (୯୦), ରାହୁଲ କୁମାର (୮୫) ଓ ଆର୍‌ଏସ୍ ଅମ୍ବରୀଶ (୭୦)ଙ୍କ ଅର୍ଦ୍ଧଶତକ ବଳରେ ୫୪୦ ରନ୍ କରିଥିଲା। ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ (୧୪) ଅପ୍ରତ୍ୟାଶିତ ଭାବେ ବିଫଳ ହୋଇଥିଲେ। ଜବାବରେ ଇଂଲଣ୍ଡର ୮ଜଣ ବ୍ୟାଟର୍ ଭଲ ଆରମ୍ଭ ପାଇଥିଲେ ମଧ ୪୩୯ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଭ୍ରମଣକାରୀ ଭାରତ ପକ୍ଷରୁ ହେନିଲ ପଟେଲ ୩ ଏବଂ ଆର୍‌ଏସ୍ ଅମ୍ବରୀଶ ଓ ବୈଭବ ସୂର୍ଯ୍ୟବଂଶୀ ଦୁଇଟି ଲେଖାଏଁ ୱିକେଟ୍ କରାୟତ୍ତ କରିଥିଲେ।

# ମାର୍କରାମ ଆଇସିସି ମାସର ଶ୍ରେଷ୍ଠ ଖେଳାଳି

ଦୁବାଇ, ୧୫।୭: ଦକ୍ଷିଣ ଆଫ୍ରିକା ବ୍ୟାଟର୍ ଏଡେନ ମାର୍କରାମ ଜୁନ୍ ମାସର ଶ୍ରେଷ୍ଠ ଆଇସିସି ଖେଳାଳି ପୁରସ୍କାର ପାଇଛନ୍ତି। ଲର୍ଡ୍ସରେ ଖେଳାଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷ ଆଇସିସି ବିଶ୍ୱ ଟେଷ୍ଟ୍ ଚାମ୍ପିଅନ୍‌ସିପ୍ ଫାଇନାଲ୍‌ରେ ଅଲ୍‌ରାଉଣ୍ଡ ପ୍ରଦର୍ଶନ ଲାଗି ମାର୍କରାମ ଏହି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ୩୦ ବର୍ଷୀୟ ମାର୍କରାମଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଦକ୍ଷିଣ ଆଫ୍ରିକା ୨୭ ବର୍ଷ ପରେ ଆଇସିସି ଟ୍ରଫି ଜିତିବାରେ ସକ୍ଷମ ହୋଇଥିଲା। ନିଜ ଦେଶର ଟେମ୍ବା ବଭୁମା ଓ ଶ୍ରୀଲଙ୍କାର ପଥୁମ ନିଶଙ୍କଙ୍କୁ ପଛରେ ପକାଇ ଏହି ପୁରସ୍କାର ହାତେଇଛନ୍ତି ମାର୍କରାମ। ମହିଳାରେ ୱେଷ୍ଟଇଣ୍ଡିଜ୍‌ର ହାଲି ମାଥ୍ୟୁସ ଜୁନ୍ ମାସର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାତେଇଛନ୍ତି।

# ବିସିଏସି ନିର୍ବାଚନ: ସଞ୍ଜୀବ ସଭାପତି, ଅଜୟ ସମ୍ପାଦକ

ଭୁବନେଶ୍ୱର, ୧୫।୭ (ସଂଚାର ବ୍ୟୁରୋ): ଭୁବନେଶ୍ୱର ସାଇକ୍ଲିଂ ଓ ଆଡ୍‌ଭେଞ୍ଚର୍ କ୍ଲବ୍‌ର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଡିଜି ସଂଜୀବ ପଣ୍ଡା ସଭାପତି ଏବଂ ଅଜୟ କୁମାର ନନ୍ଦ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଅବସରପ୍ରାପ୍ତ ଆଇପିଏସ୍ ଲଳିତ ଦାସ ଉପସଭାପତି, ଶିବାଶିଷ ମହାନ୍ତି କୋଷାଧ୍ୟକ୍ଷ ହୋଇଛନ୍ତି। ଏଥିସହ ୧୦ ଜଣ ପରିଚାଳନା କମିଟି ସଦସ୍ୟ ହୋଇଛନ୍ତି। ଏ ସମସ୍ତ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ୩ ବର୍ଷ ରହିବ। ନିର୍ବାଚନ କମିସନର ଭାବେ କୁମାର ଦେବଦତ୍ତ ଏହାକୁ ପରିଚାଳନା କରିଥିଲେ। ପରିଚଳନା କମିଟି ସଦସ୍ୟ ଭାବେ ଏସ୍ ମନୋଜ ପୃଷ୍ଟି, ନିହାର ରଞ୍ଜନ ଗିରି, ସନ୍ତୋଷ କୁମାର ରାଉତ, ବିଶ୍ୱସୀମା ମହାନ୍ତି, ମାନସ ରଞ୍ଜନ ଗୌଡ଼, ସୌମ୍ୟରଞ୍ଜନ ବିଶ୍ୱାଳ ନିର୍ବାଚିତ ହୋଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କାନ୍ଦୁଛି ଗାଁ...

ଶୋଇ ପଡ଼ିଥିଲେ। ପୁଲିସ ସେମାନଙ୍କୁ ଉଠାଇବାକୁ ଚେଷ୍ଟା କରିବାରୁ ଠେଲାପେଲା ହୋଇଥିଲା। ପ୍ରାୟ ୧୦ ମିନିଟ୍ ଧସ୍ତାଧସ୍ତି ପରେ ଆମ୍ବୁଲାନ୍ସ ସେଠାରୁ କଡ଼ା ସୁରକ୍ଷା ମଧ୍ୟରେ ପୋଷ୍ଟମର୍ଟମ୍ ରୁମ୍ ପାଖକୁ ଯାଇଥିଲା।

ଅନ୍ୟପକ୍ଷରେ ଆଜି ପୈତୃକ ଗାଁ ଭୋଗରାଇର ପଳାସିଆ ଶ୍ମଶାନରେ ପଞ୍ଚଭୂତରେ ଲୀନ ହୋଇଛି ସୌମ୍ୟାଶ୍ରୀଙ୍କ ମୃତଦେହ। ମୁଖାଗ୍ନି ଦେଇଛନ୍ତି ଭାଇ। ସୌମ୍ୟାଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ପୂରା ଗାଁ ଏକାଠି ହୋଇଥିବା ବେଳେ ଦୁଃଖରେ ଭାଙ୍ଗିପଡ଼ିଛି ପୂରା ପରିବାର। ନିଜ ଝିଅକୁ ହରାଇ ସ୍ଥାଣୁ ପାଲଟିଯାଇଛନ୍ତି ବାପା-ମା'। ଝିଅ ଆଉ ଏ ଦୁନିଆରେ ନାହିଁ ବୋଲି ନିଜକୁ ବୁଝାଇ ପାରୁନାହାନ୍ତି ସୌମ୍ୟାଙ୍କ ମା' ସବିତା ବିଶି। ମୃତଦେହ ଦେଖି କହୁଛନ୍ତି ମୋ ଝିଅ ମରିନି, ବଞ୍ଚିଛି। ଛାତି ଫଟାଇ କାନ୍ଦୁଛି ପୂରା ପରିବାର। ମୁଣ୍ଡ ପିଟି କାନ୍ଦୁଛି ଜେଜେମା'। ଭଉଣୀକୁ ଝୁରି କାନ୍ଦୁଛନ୍ତି ଭାଇ ଓ ଭଉଣୀ। ଏପରି ଏକ ହୃଦୟଥରା ଦୃଶ୍ୟ ସମଗ୍ର ଅଞ୍ଚଳକୁ ଦୋହଲାଇ ଦେଇଛି ଆଉ ସମସ୍ତେ ଏକରକମ ବାକ୍‌ଶୂନ୍ୟ ହୋଇପଡ଼ିଛନ୍ତି।

ମୃତ୍ୟୁ ସହ ୬୦ ଘଣ୍ଟାର ଲଢ଼େଇ କରି ଶେଷରେ ଜୀବନ ଯୁଦ୍ଧରେ ହାରିଯାଇଛନ୍ତି ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ପୀଡ଼ିତା ଛାତ୍ରୀ ସୌମ୍ୟାଶ୍ରୀ ବିଶି। ଗତକାଲି ରାତି ପ୍ରାୟ ୧୧ଟା ୪୬ ମିନିଟ୍ ସମୟରେ ଭୁବନେଶ୍ୱର ଏମ୍ସ କର୍ତ୍ତୃପକ୍ଷ ତାଙ୍କୁ ମୃତ (କ୍ଲିନିକାଲ୍ ଡେଥ୍) ଘୋଷଣା କରିଥିଲେ। ଫଳରେ କଲେଜ ଅଧାପକଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇ ଅନ୍ୟାୟ ବିରୋଧରେ ଲଢ଼ିଥିବା ଏହି ମେଧାବୀ ଛାତ୍ରୀଙ୍କ ସଂଘର୍ଷର ଦୁଃଖଦ ଅନ୍ତ ଘଟିଛି। ତାଙ୍କୁ ସର୍ବୋତ୍ତମ ଚିକିତ୍ସା ଯୋଗାଇ ଦେବା ଲାଗି ଏମ୍‌ସରେ ଏକ ୧୦ ଜଣିଆ ବିଶେଷଜ୍ଞ ଡାକ୍ତରୀ ଟିମ୍ ଗତ ୬୦ ଘଣ୍ଟା ଧରି ଦିନରାତି ଏକ କରିଦେଇଥିଲେ। ଦିଲ୍ଲୀ ଏମ୍‌ସର ବିଶେଷଜ୍ଞ ଦଳ ସହ ବି ସେମାନେ ନିରନ୍ତର ଯୋଗାଯୋଗରେ ରହି ଚିକିତ୍ସା କରୁଥିଲେ। ତେବେ ଡାକ୍ତରଙ୍କ ସମସ୍ତ ପ୍ରୟାସ ସତ୍ତ୍ୱେ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ଆସିନଥିଲା। ତାଙ୍କ ଶ୍ୱାସନଳୀ, ହୃତ୍‌ପିଣ୍ଡ, ବୃକକ୍ ସମେତ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗପ୍ରତ୍ୟଙ୍ଗ ଅକାମି ହୋଇପଡ଼ିଥିବାରୁ ତାଙ୍କୁ ବଞ୍ଚାଇବା ସମ୍ଭବପର ହୋଇପାରିନଥିଲା।

ଅନ୍ୟପକ୍ଷରେ ମୃତ୍ୟୁ ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ସୋସିଆଲ୍ ମିଡିଆରେ ଏହି ଘଟଣାରେ ଗଭୀର ଶୋକ ବ୍ୟକ୍ତ କରିବା ସହ ତାଙ୍କ ପରିବାର ସକାଶେ ୨୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ସହାୟତା ଘୋଷଣା କରିଥିଲେ। ଏଥିସହ ଏହି ଘଟଣା ସହ ଜଡ଼ିତ କୌଣସି ଅଭିଯୁକ୍ତକୁ ଛଡ଼ାଯିବ ନାହିଁ। ସେମାନଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରାଯିବ ବୋଲି ମଧ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ସେ ସୌମ୍ୟାଶ୍ରଢଦିଂବଗତ ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରିଛନ୍ତି। ଏଥିସହ ଘଟଣାର ଉପଯୁକ୍ତ ତଦନ୍ତ କରି ସମସ୍ତ ଦୋଷୀଙ୍କୁ କଠୋରରୁ କଠୋର ଦଣ୍ଡ ବିଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସୌମ୍ୟାଶ୍ରୀଙ୍କ ମୃତ୍ୟୁକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସେ କହିଛନ୍ତି ଦୋଷୀକୁ କଠୋର ଦଣ୍ଡ ମିଳିବ। ଆଶା କରିଥିଲୁ ଝିଅ ବଞ୍ଚିଯିବ ବୋଲି, କିନ୍ତୁ ସମ୍ଭବ ହେଲାନି। ଯେଉଁମାନେ ବି ଏହି ଘଟଣାରେ ସମ୍ପୃକ୍ତ ଅଛନ୍ତି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ।

## ୟୁଜିସି...

ସେମାନେ ହେଲେ ୟୁଜିସିର ପୂର୍ବତନ କମିଶନ୍ ସଦସ୍ୟ ପ୍ରଫେସର ମା ଯାଦବ, ଅହମ୍ମଦାବାଦସ୍ଥିତ ଗୁଜରାଟ ୟୁନିଭର୍ସିଟିର କୁଳପତି ଡ. ନୀର୍ଜା ଗୁପ୍ତା ଓ ୟୁଜିସି ଯୁଗ୍ମ ସଚିବ ଡ. ଅସୀମା ମଙ୍ଗଳା। ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣାର ସବୁ ଦିଗକୁ ତନ୍ନ ତନ୍ନ କରି ପରଖିବା ସହ କମିଟି ୭ ଦିନ ଭିତରେ ରିପୋର୍ଟ ଦାଖଲ କରିବ ବୋଲି କୁହାଯାଇଛି।

## କ୍ଷମା ମାଗନ୍ତୁ...

ଓ ବିଜେପି ସର୍ବଦା ମହିଳାଙ୍କ ସୁରକ୍ଷା ଓ ନ୍ୟାୟ ଲାଗି ଠୋସ୍ ପଦକ୍ଷେପ ଗ୍ରହଣ କରିଆସିଛନ୍ତି। କିନ୍ତୁ କଂଗ୍ରେସ ସବୁବେଳେ ଦୁର୍ଘଟଣାରୁ ରାଜନୈତିକ ଫାଇଦା ନେବା ଲାଗି କାମ କରିଛି। ଏହି ଘଟଣାରେ ଓଡ଼ିଶା ସରକାର ପୀଡ଼ିତାଙ୍କ ପରିବାର ସହ ଆରମ୍ଭରୁ ଛିଡ଼ା ହୋଇଛନ୍ତି। ଦୋଷୀମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ, କାହାରିକୁ ବି ଛଡ଼ାଯିବ ନାହିଁ। ଏବେ ସମୟ ଶସ୍ତା ରାଜନୀତିର ସମୟ ନୁହେଁ, ବରଂ ପୀଡ଼ିତା ପରିବାରକୁ ନ୍ୟାୟ ଦେବାର ସମୟ। ରାହୁଲ ନିଜର ଏଭଳି ଦାୟିତ୍ୱହୀନ ମନ୍ତବ୍ୟ ଲାଗି ପୀଡ଼ିତାଙ୍କ ପରିବାରକୁ କ୍ଷମା ମାଗିବା ଉଚିତ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

## ଆମର...

ରେଭେନ୍ସା ଏହି ପ୍ରଯୁକ୍ତିର ଭଲ ବ୍ୟବହାର କରୁଛି ବୋଲି ଜାଣି ସେ ଖୁସି ହୋଇଥିଲେ। ଏସବୁ ଅତ୍ୟାଧୁନିକ ପ୍ରଯୁକ୍ତିର ଅପବ୍ୟବହାର ପ୍ରତି ସତର୍କ ରହିବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।

ଆମ ଦେଶ ବର୍ତ୍ତମାନ ଅମୃତ କାଳ ଦେଇ ଅଗ୍ରସର ହେଉଥିବା ରାଷ୍ଟ୍ରପତି କହିଥିଲେ। ସେ କହିଥିଲେ, ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଆମର ଜାତୀୟ ଲକ୍ଷ୍ୟ। ରାଷ୍ଟ୍ର ପ୍ରଥମ ଭାବନା ଆମର ସବୁଠୁ ବଡ଼ ସାମର୍ଥ୍ୟ। ଆମର ସୈନିକ, କୃଷକ, ବୈଜ୍ଞାନିକ, ଇଞ୍ଜିନିୟର, ଡାକ୍ତର ଓ ବିଭିନ୍ନ କ୍ଷେତ୍ରରେ ସକ୍ରିୟ ଥିବା ଲୋକମାନେ ଭାରତର ଗୌରବ ବୃଦ୍ଧି ଭାବନା ନେଇ କାର୍ଯ୍ୟ କରୁଛନ୍ତି। ସେମାନଙ୍କଠାରୁ ପ୍ରେରଣା ହାସଲ କରି ନିଜର ଜ୍ଞାନ, ଦକ୍ଷତା ଓ ସମର୍ପଣ ଜରିଆରେ ଦେଶର ବିକାଶରେ ଯୋଗଦାନ କରିବାକୁ ରାଷ୍ଟ୍ରପତି ଛାତ୍ରଛାତ୍ରୀଙ୍କୁ ଅନୁରୋଧ କରିଥିଲେ। ସମାବର୍ତ୍ତନ ଉତ୍ସବ ପରେ ଆୟୋଜିତ ଆଉ ଏକ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି କଟକସ୍ଥିତ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟର ତିନୋଟି ଅଟ୍ଟାଳିକାର ପୁନର୍ବିକାଶ ନିମନ୍ତେ ଶିଳାନ୍ୟାସ କରିଥିଲେ। ସେଠାରେ ସଂକ୍ଷିପ୍ତ ବକ୍ତବ୍ୟ ରଖି ରାଷ୍ଟ୍ରପତି କହିଥିଲେ ଯେ ଶିକ୍ଷାଦାନର ଗୁଣବତ୍ତା ଓ ଭଲ ଭିତ୍ତିଭୂମି ଏକ ଉତ୍ତମ ଶିକ୍ଷାଗତ ପରିବେଶ ସୃଷ୍ଟି କରିଥାଏ। ପୁନଃବିକାଶ ପ୍ରକଳ୍ପ ସମାପ୍ତ ହେବା ପରେ ଏହି ବିଦ୍ୟାଳୟର ସୁବିଧା ଆହୁରି ଉନ୍ନତ ହେବ ବୋଲି ସେ ବିଶ୍ୱାସ ପ୍ରକଟ କରିଥିଲେ। ଝିଅମାନଙ୍କ ଶିକ୍ଷା ସହ ଜଡ଼ିତ ଏହି ପ୍ରକଳ୍ପ ପାଇଁ ସେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଥିଲେ। ରାଷ୍ଟ୍ରପତି କହିଥିଲେ, ଝିଅମାନଙ୍କୁ ସମାନ ସୁବିଧା ଏବଂ ସୁଯୋଗ ଦିଆଗଲେ ସେମାନେ ଭଲ ପ୍ରଦର୍ଶନ କରନ୍ତି ବୋଲି ବିଭିନ୍ନ ସମାବର୍ତ୍ତନ ସମାରୋହରେ ସେ ଉଲ୍ଲେଖ କରିଛନ୍ତି । ଶିକ୍ଷା, ସାହିତ୍ୟ, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଶିଳ୍ପ ଓ ବାଣିଜ୍ୟ ଆଦି ବିଭିନ୍ନ କ୍ଷେତ୍ରରେ ଝିଅମାନେ ସକ୍ରିୟ ଭାବେ ଯୋଗଦାନ ଦେଉଥିବା ଶ୍ରୀମତୀ ମୁର୍ମୁ କହିଥିଲେ। ବିଭିନ୍ନ କ୍ଷେତ୍ରରେ ନୂତନ ମାନଦଣ୍ଡ ସ୍ଥାପନ କରୁଥିବା ମହିଳାମାନଙ୍କ ଠାରୁ ପ୍ରେରଣା ହାସଲ କରିବା ନିମନ୍ତେ ସେ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ନିଜର ଜ୍ଞାନ, ଆତ୍ମବିଶ୍ୱାସ, ଦକ୍ଷତା ଏବଂ ସମର୍ପଣର ଶକ୍ତି ବଳରେ ସେମାନେ ଅସମ୍ଭବକୁ ମଧ ସମ୍ଭବ କରି ଦେଖାଇବେ ବୋଲି ରାଷ୍ଟ୍ରପତି କହିଥିଲେ।

ଏଥିସହ ରାଷ୍ଟ୍ରପତି କଟକଠାରେ ଆଦିକବି ସାରଳା ଦାସଙ୍କ ଜୟନ୍ତୀ ସମାରୋହରେ ଅତିଥି ଭାବେ ଯୋଗଦାନ କରିଛନ୍ତି। ଏହି ଅବସରରେ ସେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଳିଙ୍ଗ ରତ୍ନ ପୁରସ୍କାର-୨୦୨୪ରେ ସମ୍ମାନିତ କରିଛନ୍ତି। ରାଷ୍ଟ୍ରପତି ଆଦିକବି ସାରଳା ଦାସଙ୍କ ପ୍ରତି ଏହି ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସେ କହିଛନ୍ତି, ଆଦିକବି ସାରଳା ଦାସ ମହାଭାରତ ରଚନା କରି ଭାରତୀୟ ସାହିତ୍ୟକୁ ସମୃଦ୍ଧ କରିଛନ୍ତି। ଏହି ମହାନ କବିଙ୍କ ଜନ୍ମବାର୍ଷିକୀ ପାଳନ ଏବଂ ବିଭିନ୍ନ ସାହିତ୍ୟିକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ସେ 'ସାରଳା ସାହିତ୍ୟ ସଂସଦ'କୁ ପ୍ରଶଂସା କରିଛନ୍ତି। କଳିଙ୍ଗ ରତ୍ନ ପୁରସ୍କାର ପାଇଥିବା ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ରାଷ୍ଟ୍ରପତି ଅଭିନନ୍ଦନ ଜଣାଇଛନ୍ତି। ସେ ମଧ 'ସାରଳା ସମ୍ମାନ' ସାହିତ୍ୟ ପୁରସ୍କାର ପାଇଥିବା ଶ୍ରୀ ବିଜୟ ନାୟକଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି ଯେ ଆମର ବିବିଧତା ଏକ ଇନ୍ଦ୍ରଧନୁ ପରି। ଆମର ଏକତା ଯୁଗ ଯୁଗ ଧରି ବହୁତ ସୁଦୃଢ଼ ରହିଛି।

## ଗୁରୁତ୍ୱପୂର୍ଣ୍ଣ...

କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ଭାବେ ଗ୍ରହଣ କରାଯିବ। ସୌମ୍ୟାଶ୍ରୀ ମାନସିକ ଯନ୍ତ୍ରଣା କାରଣରୁ ଆତ୍ମହତ୍ୟା କରିଛନ୍ତି। କିନ୍ତୁ ଏଥିପାଇଁ ତାଙ୍କୁ ଯେଉଁମାନେ ବାଧ କରିଛନ୍ତି, ସେମାନଙ୍କୁ ସରକାର ଖୋଜି ବାହାର କରିବା ସହ ଦଣ୍ଡିତ କରିବେ। ଘଟଣା ନେଇ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରାଯାଉଛି। କିନ୍ତୁ ଏହି ଘଟଣାକୁ ନେଇ ରାଜନୀତି ନ ହେଉ। ଛାତ୍ରୀଙ୍କୁ ନ୍ୟାୟ ଦେବା ସକାଶେ ସରକାର ସମସ୍ତ ପ୍ରକାର ପଦକ୍ଷେପ ନେଉଛନ୍ତି। କିନ୍ତୁ ତଦନ୍ତ ପାଇଁ ସମୟ ଲାଗିବ। ତେବେ ସଠିକ୍ ସମୟରେ ସଠିକ୍ ପଦକ୍ଷେପ ନିଆଯିବା ନେଇ ସରକାରଙ୍କ ଉପରେ ସମସ୍ତେ ଭରସା ରଖିବାକୁ ଶ୍ରୀ ପୂଜାରୀ କହିଛନ୍ତି। ସେହିପରି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ଘଟଣା ଆରମ୍ଭରୁ ସରକାର କଠୋର ପଦକ୍ଷେପ ନେଇଛନ୍ତି। ଏହି କାରଣରୁ ଦୁଇ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି। ସେମାନଙ୍କୁ ନିଲମ୍ବିତ କରାଯିବା ସହ ଗିରଫ କରାଯାଇଛି। ଘଟଣା ସହ ଯେଉଁମାନଙ୍କର ସମ୍ପୃକ୍ତି ପ୍ରମାଣିତ ହେବ, ସେମାନଙ୍କୁ ଦଣ୍ଡିତ କରିବା ସକାଶେ ମୁଖ୍ୟମନ୍ତ୍ରୀ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଆଜି ରାଜ୍ୟ ବିଜେପି ସଭାପତିଙ୍କ ଉପସ୍ଥିତିରେ ବାଲେଶ୍ୱର ଘଟଣା ସମ୍ପର୍କରେ ଆଲୋଚନା ହୋଇଛି। ଆଗକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହ ଭବିଷ୍ୟତରେ ଯେପରି ଏଭଳି ଅଘଟଣର ପୁନରାବୃତ୍ତି ନ ହେବ, ସେଥିସକାଶେ ସରକାର ଚେଷ୍ଟିତ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।

## ନୂଆ...

ବୋଲି ମଙ୍ଗଳବାର ଏହି ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ସମାରୋହରେ ରାଷ୍ଟ୍ରପତିଙ୍କଠାରୁ ସମ୍ମାନସୂଚକ ଉପାଧି ଓ ପିଏଚଡି ଉପାଧି ଗ୍ରହଣ କରିଥିବା ବିଦ୍ୟାର୍ଥୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ। ସେ କହିଛନ୍ତି ଯେ ଓଡ଼ିଶାର ବହୁ ଐତିହାସିକ ଘଟଣାର ବହୁ ଉତ୍‌ଥାନ ପତନର ଜୀବନ୍ତ ସାକ୍ଷୀ ଭାବେ ବିଦ୍ୟମାନ ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ଆସିବା ମୋ' ପାଇଁ ବହୁତ ଆନନ୍ଦର ମୁହୂର୍ତ୍ତ। ବିଶ୍ୱରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଯୋଗଦାନ ରଖିଥିବା ଏହି ବିଶ୍ୱବିଦ୍ୟାଳୟ ଏକ ସମ୍ମାନସ୍ପଦ ଅନୁଷ୍ଠାନ। ଇଂରେଜମାନଙ୍କୁ ବିତାଡ଼ିତ କରିବା ପାଇଁ ବଡ଼ ଜନଆନ୍ଦୋଳନ ହୋଇଥିଲା ଏହି ଅନୁଷ୍ଠାନରେ। ତତ୍କାଳୀନ ମହାପୁରୁଷଙ୍କ ନେତୃତ୍ୱରେ ଏହି ଅନୁଷ୍ଠାନ ଭାଷାଭିତ୍ତିକ ଆନ୍ଦୋଳନ ସହ ଓଡ଼ିଶାରେ ନବସୃଜନର କଳ୍ପନା କରିଛି। ମହାପ୍ରଭୁଙ୍କ ତୀର୍ଥକ୍ଷେତ୍ର ଯେତେ ପବିତ୍ର ରେଭେନ୍ସା ବି ସେତେ ପବିତ୍ର। ରେଭେନ୍ସା ଯାହା ଆଜି ଭାବେ ସେହି କଥାକୁ ଓଡ଼ିଶା ପରବର୍ତ୍ତୀ ସମୟରେ ଭାବେ। ଆଜିର ସମସାମୟିକ ଜୀବନରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ଚାହିଦା ବଢ଼ିଛି, ଯେଉଁ ଏଆଇକୁ ରେଭେନ୍ସା ଓ ଜାତୀୟତାବାଦର ସମ୍ପର୍କ ଉପରେ ପ୍ରଶ୍ନ କଲେ ଉତ୍ତର ଆସୁଛି, ଓଡ଼ିଆ ଜାତୀୟତାବାଦ ଓ ରେଭେନ୍ସାର ଅନନ୍ୟ ସମ୍ପର୍କ ରହିଛି। ଓଡ଼ିଆ ଜାତୀୟତାବାଦୀ ଆନ୍ଦୋଳନର ମୁଖ୍ୟ ମଞ୍ଚ ହେଉଛି ରେଭେନ୍ସା ବିଶ୍ୱବିଦ୍ୟାଳୟ।

## ଟ୍ୱିଟ୍ ମାଷ୍ଟର...

ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି।

ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣାରେ ନବୀନ ସୋସିଆଲ ମିଡିଆରେ ପାଖେ ପାଖେ ଲେଖିଲେ ହେଲେ ଥରେ ହେଲେ ତାଙ୍କୁ ଦେଖା କରିବାକୁ ଗଲେନି। ସରକାର ଯଦି ସୌମ୍ୟାଶ୍ରୀଙ୍କ ସୋସିଆଲ ମିଡିଆକୁ ଗୁରୁତ୍ୱ ଦେଲେନି, ବିରୋଧୀ ଦଳ ନେତା ତ ଏତେ ଆକ୍ଟିଭି ସେ କିମ୍ବା ତାଙ୍କ ପରାମର୍ଶଦାତାଙ୍କ ନଜରରୁ ଏହା କେମିତି ହଟିଗଲା। ନବୀନ ବି ଚାହିଁଥିଲେ ସୌମ୍ୟାଶ୍ରୀଙ୍କ ବାବଦରେ ସରକାରଙ୍କୁ ଅବଗତ କରିପାରିଥାନ୍ତେ। କିନ୍ତୁ ତାହା ନକରି ସୌମ୍ୟାଶ୍ରୀଙ୍କ ଆତ୍ମାହୁତୀ ପର୍ଯ୍ୟନ୍ତ ଅପେକ୍ଷା କରିଥିଲା ବିଜେଡି। ବିଜେଡିର ବାଲେଶ୍ୱର ଜିଲ୍ଲାର ନେତାମାନେ ଏତେ ତେଉଁଛନ୍ତି, ସେମାନେ କିଭଳି ଏକଥା ପୂର୍ବରୁ ଜାଣି ସରକାରଙ୍କୁ ଚେତାଇପାରିଲେନି। ବିରୋଧୀ ଦଳର ଭୂମିକା କଣ କେବଳ ସମାଲୋଚନା, ବିକ୍ଷୋଭ, ରାଲି। ବିରୋଧୀ ଦଳ ଗଠନମୂଳକ କାହିଁକି ହେଉନି ବୋଲି ପ୍ରଶ୍ନ କରିଛନ୍ତି ସମୀକ୍ଷକମାନେ।

## ରେଭେନ୍ସା...

ପଢୁଥିବା ଆମ ସାଙ୍ଗସାଥୀଙ୍କୁ ପଚାରୁଥିଲୁ, ସେମାନେ ସଗର୍ବେ କହୁଥିଲେ ସେମାନେ ରେଭେନ୍‌ସାରେ ପଢୁଛନ୍ତି, ରେଭେନ୍ସା ଆଗରେ କଲେଜ ବି ଲଗଉ ନ ଥିଲେ। ଆଜି ବି ଯେତେବେଳେ କେହି ଆପଣଙ୍କୁ ପଚାରୁଥିବେ କେଉଁଠି ପଢୁଛନ୍ତି, ମୁଁ ନିଶ୍ଚିତ ଯେ ଆପଣମାନେ ବି କହୁଥିବେ, 'ରେଭେନ୍‌ସା'। ପ୍ରାୟ କେହି କହୁ ନ ଥିବେ 'ରେଭେନ୍‌ସା ବିଶ୍ୱବିଦ୍ୟାଳୟ'।

ଏହି ସୁନାମ କେବଳ ଶିକ୍ଷା ଅନୁଷ୍ଠାନର ଭିତ୍ତିଭୂମି କିମ୍ବା ଏହି ଐତିହାସିକ ନାଲି ରଙ୍ଗର କୋଠାରୁ ଆସିନାହିଁ। ଏହା ସମ୍ଭବ ହୋଇଛି କେବଳ ଏହି ଅନୁଷ୍ଠାନର ମଣିଷ ଗଢ଼ା ମହନୀୟ କାର୍ଯ୍ୟ ପାଇଁ। ପ୍ରାୟ ୧୫୭ ବର୍ଷ ହେବ ଅନବରତ ଭାବେ ଏହି ଅନୁଷ୍ଠାନ କେବଳ ଓଡ଼ିଶା ନୁହେଁ ଦେଶକୁ ଦେଇଛି ଅନେକ ରାଜନେତା, ପ୍ରଶାସକ, ବୈଜ୍ଞାନିକ, ଲେଖକ, କବି, ଖେଳାଳି। ଏମିତି କିଛି କ୍ଷେତ୍ର ନାହିଁ, ଯେଉଁଥିରେ ରେଭେନ୍‌ସାର ଅବଦାନ ନାହିଁ। ୧୮୬୮ରେ ପ୍ରତିଷ୍ଠା ହୋଇଥିବା ରେଭେନ୍ସା ହେଉଛି ଓଡ଼ିଶାର ସର୍ବପୁରାତନ ଶିକ୍ଷାନୁଷ୍ଠାନ। ଏହା ମଧ୍ୟ ଭାରତ ବର୍ଷର ସର୍ବପୁରାତନ ଉତ୍କର୍ଷ ପ୍ରତିଷ୍ଠାନ ମଧ୍ୟରୁ ଗୋଟିଏ। ରେଭେନ୍‌ସା କେବଳ ଶିକ୍ଷା କ୍ଷେତ୍ରରେ ନୁହେଁ, ବରଂ ବିଭିନ୍ନ ସମୟରେ ଦେଶର ସାମାଜିକ-ରାଜନୈତିକ ଓ ସାଂସ୍କୃତିକ ଜାଗରଣ ସମୟରେ ମଧ୍ୟ ଅବିସ୍ମରଣୀୟ ଅବଦାନ ଦେଇଆସିଛି। ସ୍ୱାଧୀନତା ପୂର୍ବରୁ ବ୍ରିଟିଶ ଶାସନ ବିରୁଦ୍ଧରେ ସଂଗ୍ରାମ ହେଉ କିମ୍ବା ସତୁରୀ ଦଶକର ଜରୁରୀ କାଳୀନ ପରିସ୍ଥିତି ହେଉ। ସବୁଥିରେ ରେଭେନ୍‌ସାର ଛାତ୍ରମାନେ ସକ୍ରିୟ ଭାବେ ଜଡ଼ିତ ଥିଲେ। ଏହି ଅନୁଷ୍ଠାନ ଯଦିଓ ବ୍ରିଟିଶ ଶାସନ କାଳରେ ପ୍ରତିଷ୍ଠିତ ହୋଇଥିଲା, ବ୍ରିଟିଶ ଶାସନରୁ ଦେଶକୁ ମୁକ୍ତ କରିବା ପାଇଁ ବି ଏଠାରେ ଆନ୍ଦୋଳନ ହୋଇଥିଲା। ଏହି ରେଭେନ୍‌ସା ଗ୍ରାଉଣ୍ଡରେ ୧୯୪୨ରେ ଭାରତ ଛାଡ଼ ଆନ୍ଦୋଳନ ସମୟରେ ୟୁନିଅନ୍ ଜ୍ୟାକ୍ ପୋଡ଼ାଯାଇଥିଲା, ଯାହା ସେତେବେଳେ ସମଗ୍ର ଓଡ଼ିଶାରେ ଆଲୋଡନ ସୃଷ୍ଟି କରିଥିଲା। ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠନ ଆନ୍ଦୋଳନ ସମୟରେ ଏହି ଅନୁଷ୍ଠାନର ଛାତ୍ରଛାତ୍ରୀ ଏବଂ ଅଧ୍ୟାପକମାନେ ଆନ୍ଦୋଳନକୁ ବୌଦ୍ଧିକ ସହଯୋଗ ଦେଇଥିଲେ।

ସମୟ ଚକ୍ରରେ ଆଜି ରେଭେନ୍‌ସା ବିଶ୍ୱବିଦ୍ୟାଳୟର ଅନେକ ପରିବର୍ତ୍ତନ ଘଟିଛି। ହୁଏତ ନବେ ଦଶକର ରେଭେନ୍‌ସା ଓ ଆଜିର ରେଭେନ୍‌ସା ଭିତରେ ଆକାଶ ପାତାଳ ଫରକ। ସମ୍ମାନ ଜନକ ୟୁଜିସି ନାକ୍ ଏ+++ ହାସଲ କରିବା ବିଷୟରେ ଏଠାରେ ଉଲ୍ଲେଖ କରିବାକୁ ମୁଁ ଭୁଲିବି ନାହିଁ। ବିଶ୍ୱବିଦ୍ୟାଳୟ ପ୍ରଶାସନ, ଅଧ୍ୟାପକ, ଛାତ୍ରଛାତ୍ରୀ ଓ ବିଶ୍ୱବିଦ୍ୟାଳୟର ସହ ସମ୍ପୃକ୍ତ ସମସ୍ତଙ୍କୁ ଏହି ମାଇଲଖୁଣ୍ଟ ହାସଲ କରିବା ପାଇଁ ଅଭିନନ୍ଦନ। ରେଭେନ୍‌ସା ଏହି ଅନନ୍ୟ ପାର୍ଥକ୍ୟ ହାସଲ କରିବାରେ ଓଡ଼ିଶାର ଏକମାତ୍ର ସରକାରୀ ବିଶ୍ୱବିଦ୍ୟାଳୟ। ଏବଂ ଆହୁରି ମଧ୍ୟ ଖୁସିର କଥା ଯେ ରେଭେନ୍‌ସା ବିଶ୍ୱବିଦ୍ୟାଳୟରେ ଜାତୀୟ ଶିକ୍ଷାନୀତି-୨୦୨୦ ତୁରନ୍ତ କାର୍ଯ୍ୟକାରୀ ହୋଇଛି। ଉଚ୍ଚ ଶିକ୍ଷା କ୍ଷେତ୍ରରେ ଆମ ସରକାରଙ୍କ ଏହି ସବୁ କାର୍ଯ୍ୟକ୍ରମ ୨୦୩୬ ମସିହା ସୁଦ୍ଧା ଓଡ଼ିଶାକୁ ଏକ ସମୃଦ୍ଧ ଓଡ଼ିଶା ଭାବେ ଗଠନ କରିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ସୋସିଆଲ...

ମାରୁଛନ୍ତି। କେବଳ କାମ ଚଳାଇବା ପାଇଁ ମନ୍ତ୍ରୀଙ୍କ ଟୁଇଟର ଆକାଉଣ୍ଟରୁ ଶୋକ, ଶୁଭେଚ୍ଛା ବାର୍ତ୍ତା ପଠାଉଛନ୍ତି। ଯଦି ମନ୍ତ୍ରୀ କେଉଁଠାକୁ ଗଲେ ଅତି କଷ୍ଟରେ ତାହାର ଫଟୋ ସମ୍ବଳିତ ଧାଡିକିଆ ସୂଚନାକୁ ଟୁଇଟ କରି କାମ ସାରୁଛନ୍ତି। ବର୍ତ୍ତମାନ ଟୁଇଟରର ଯୁଗ ଚାଲିଛି ବୋଲି କହି ମନ୍ତ୍ରୀ, ସଚିବ ଓ ଅଫିସରମାନଙ୍କୁ ସ୍ୱପ୍ନ ଦେଖାଉଛନ୍ତି। ହେଲେ ସେମାନ କରୁଥିବା ଟୁଇଟକୁ କେତେଜଣ ଲାଇକ୍, ସେୟାର, କମେଣ୍ଟ କରୁଛନ୍ତି କି ପ୍ରକାର ମତ ଦେଉଛନ୍ତି ତାହାର ହିସାବ କାହାରି ପାଖରେ ନାହିଁ। ଯିଏ ବି ଜାଣିଛନ୍ତ ସିଏ କହୁନି। କାରଣ ମାସିକ ୮/୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଗୋଟିଏ ଟୁଇଟକୁ ୮/୧୦ଟି ଲାଇକ୍ ମିଳିବା କଷ୍ଟ ହୋଇଯାଉଛି। କେବଳ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଓ କେନ୍ଦ୍ରମନ୍ତ୍ରୀଙ୍କୁ ବାଦ ଦେଲେ ଅନ୍ୟମାନଙ୍କ ଟୁଇଟ୍‌କୁ ପ୍ରାୟତଃ କେହି ଗୁରୁତ୍ୱ ଦିଅନ୍ତି ନାହିଁ।

ତେବେ ଟୁଇଟ୍‌ର ଯୁଗରେ ଯେଉଁମାନେ ନିଜର ଅଭିଯୋଗ ଜଣାଇବା କିମ୍ବା କୌଣସି ଗୁରୁତ୍ୱପୂର୍ଣ୍ଣ ସୂଚନା ଦେବାକୁ ତତ୍କାଳ ମନ୍ତ୍ରୀ, ସଚିବ ଓ ଅନ୍ୟ ଅଧିକାରୀମାନଙ୍କୁ ଟୁଇଟ୍ କରୁଛନ୍ତି ହାତଗଣତି କେତେଜଣଙ୍କୁ ବାଦ୍ ଦେଲେ ତାହାକୁ ପ୍ରାୟତଃ କେହି ଦେଖୁ ନାହାନ୍ତି। ମୃତ୍ୟୁବରଣ କରିଥିବା ଫକୀର ମୋହନ କଲେଜର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଘଟଣାରୁ ଏହା ସ୍ପଷ୍ଟ ହେବାରେ ଲାଗିଛି। ମନ୍ତ୍ରୀଙ୍କ ଠାରୁ ସଚିବ, ଜିଲ୍ଲାପାଳଙ୍କ ଠାରୁ ସାଂସଦଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଟୁଇଟ୍ କରିଥଲେ ମଧ ଜଣେ ହେଲେ କେହି ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେନାହିଁ।

ରାଜ୍ୟର ମନ୍ତ୍ରୀ, ସଚିବ ଆଦିଙ୍କ ନିକଟରେ ଟୁଇଟର ସମ୍ଭାଳିବାପାଇଁ ମୋଟା ଅଙ୍କର ପାଉଣା ନେଇ ଥିବା ବାବୁମାନେ ବି କାଳେ ଅଧିକ କାମ କରିବାକୁ ପଡିବ ସେଥିବାପାଇଁ ଟୁଇଟରରେ କୌଣସି ସୂଚନା ଦେଖିଲେ ମଧ ତାହା ମନ୍ତ୍ରୀ, ସଚିବ କିମ୍ବା ବଡ ଅଧିକାରୀମାନଙ୍କ ନଜରକୁ ଆଣୁ ନାହାନ୍ତି। ମୋଟାମୋଟି ଭାବେ ଟୁଇଟର ନାଁରେ ରାଜ୍ୟରେ କିଛି ସଂସ୍ଥା ଓ କିଛି ବ୍ୟକ୍ତି ବିଶେଷ ଲାଭବାନ୍ ହେଉଥିବାବେଳେ ସାଧାରଣ ଲୋକଙ୍କର କିନ୍ତୁ ସେଭଳି କିଛି ଲାଭ ହେଉନାହିଁ। ଗରିବ ଲୋକଙ୍କ ରାଜକୋଷରୁ ଯାହା ପୁଳା ପୁଳା ଅର୍ଥ ଖର୍ଚ୍ଚ ହେଉଛି। ତେବେ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗ ବିଶେଷକରି ପ୍ରଧାନମନ୍ତ୍ରୀଙ୍କ ଦପ୍ତର କିନ୍ତୁ ଏ କ୍ଷେତ୍ରରେ ବ୍ୟତିକ୍ରମ। ସେଠାରୁ କୌଣସି ବିଷୟରେ ଟୁଇଟ୍ କଲେ କେବଳ ତତ୍କାଳ ତାହାର ଉତ୍ତର ଆସେନାହିଁ, ଆବଶ୍ୟକ ସ୍ଥଳେ କାର୍ଯ୍ୟାନୁଷ୍ଠାନ ବି ଗ୍ରହଣ କରାଯାଏ। ଯାହା ଆଜି ପର୍ଯ୍ୟନ୍ତ ଓଡିଶାରେ ଦେଖିବାକୁ ମିଳୁନାହିଁ।

## ଧୈର୍ଯ୍ୟହରା...

ଅଭିଯୋଗ ସହ ସମ୍ପୂର୍ଣ୍ଣ ଭାବେ ଏକମତ ହୋଇପାରିନଥିଲେ ବୋଲି କମିଟି ସଦସ୍ୟମାନେ କହିଛନ୍ତି।

ତେଣୁ ୭ ଦିନର ତଦନ୍ତ ପରେ କମିଟି ତାଙ୍କ ରିପୋର୍ଟ ଅଧକ୍ଷଙ୍କୁ ଦେଇଥିଲା। ରିପୋର୍ଟରେ କମିଟି ସମୀର ସାହୁଙ୍କୁ ତୁରନ୍ତ ଏଚଓଡି ପଦରୁ ହଟେଇଦେବାକୁ ସୁପାରିସ୍ କରିଥିଲା। ଏଥିସହ ଏଚଓଡିଙ୍କୁ ତାଙ୍କ ବ୍ୟବହାରରେ ପରିବର୍ତ୍ତନ ପାଇଁ ମଧ ତାଗିଦ କରିଥିଲା। ଶିକ୍ଷାର୍ଥୀଙ୍କ ମାନସିକତାକୁ ବୁଝିବାକୁ କମିଟି ଏଚଓଡିଙ୍କୁ ପରାମର୍ଶ ଦେଇଥିଲା। ତେଣୁ ୯ ତାରିଖ ରାତିରେ କମିଟି ରିପୋର୍ଟ ଆଧାରରେ ଅଧକ୍ଷ କାର୍ଯ୍ୟାନୁଷ୍ଠାନ ନେବାକୁ ପରିଚାଳନା କମିଟି ଏବଂ ସରକାରଙ୍କ ସହ ଆଲୋଚନା କରିଥାନ୍ତେ। କିନ୍ତୁ ସୌମ୍ୟାଶ୍ରୀ ବୋଧହୁଏ ଟିକେ ଧର୍ଯ୍ୟହରା ହୋଇଗଲେ ବୋଲି ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଦସ୍ୟମାନେ କହିଛନ୍ତି। ତା' ସାଙ୍ଗକୁ ପୁଣି ସୌମ୍ୟାଶ୍ରୀ ଛାତ୍ର ରାଜନୀତିରେ ଯୋଡି ହୋଇଥିଲେ। ଆସନ୍ତା ସେପ୍ଟେମ୍ବର ମାସରେ ହେବାକୁ ଥିବା ସମ୍ଭାବ୍ୟ ଛାତ୍ର ସଂସଦ ନିର୍ବାଚନ ପାଇଁ ବି ଆଶାୟୀ ଥିବା କୁହାଯାଉଛି। ଏସବୁ ଭିତରେ ଅଧକ୍ଷ ନିଜ ଦାୟିତ୍ୱ ସଠିକ ଭାବେ ନିର୍ବାହ କରିଥିବା କମିଟି ସଦସ୍ୟମାନେ କହିଛନ୍ତି। କେଉଁଠି ନା କେଉଁଠି ଗଣମାଧମ ଟ୍ରାଏଲରେ ଅଧକ୍ଷ ବଳିପଡ଼ି ଗିରଫ ହୋଇଥିବା ଚର୍ଚ୍ଚା ହେଉଛି।

## ଯାଦୁଆ...

କାରଣ ଏହିସବୁ ଘଟଣାରେ ସେ ସମୟରେ ସରକାରରେ ଥିବାରୁ ବିଜେଡି ମୁଖିଆ ନିଜ ଦଳର ନେତାଙ୍କୁ ସବୁ ଆଇନ କାନୁନକୁ ଜଳାଞ୍ଜଳି ଦେଇ ସୁରକ୍ଷା ଯୋଗାଇଦେବାରେ ସକ୍ଷମ ହୋଇଥିଲେ। ଯେମିତି ନବ ଦାସଙ୍କ ହତ୍ୟା ଘଟଣାରେ ଫାଇଲ ରିଓପନ କରିବାକୁ ଦାବି ପରି ଜାଲରେ ପଡିଯାଇଛନ୍ତି ତାଙ୍କ ପୁଅ, ସେହିଭଳି ଏହିସବୁ ଘଟଣାରେ ବିଜେଡିର ଏହି କୁହାଳିଆ ଓ ଡାହୁକ ନେତାଙ୍କୁ ପୁଣି ଥରେ ଛନ୍ଦିବାକୁ ଯୋଜନା ହୋଇଛି।

## ମହାକାଶରୁ...

ରହଣି ପରେ ପୃଥିବୀପୃଷ୍ଠକୁ ସୁରକ୍ଷିତ ଭାବେ ଫେରିଥିଲେ ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଳା। ପ୍ରଶାନ୍ତ ମହାସାଗରର କାଲିଫର୍ଣ୍ଣିଆ ତଟ ନିକଟରେ ଲ୍ୟାଣ୍ଡ କରିଥିଲା ସ୍ପେଶ ଏକ୍ସର ଡ୍ରାଗନ କ୍ୟାପସୁଲ। ସାଥୀ ୩ ମହାକାଶଚାରୀଙ୍କ ସହ ସୁରକ୍ଷିତ ଭାବେ ଶୁଭାଂଶୁ ବାହାରିବା ପରେ ପୂରା ବିଶ୍ୱ ଆଶ୍ୱସ୍ତ ହୋଇଥିଲା।

ଶୁଭାଂଶୁ ପୃଥିବୀ ପୃଷ୍ଠରେ ପାଦ ଦେବା ପରେ ଚାରିଆଡୁ ଛୁଟିଛି ଶୁଭେଚ୍ଛାର ସୁଅ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ୍ସ ହ୍ୟାଣ୍ଡେଲରେ ପୋଷ୍ଟ ସେୟାର କରି ଶୁଭେଚ୍ଛା ଜଣାଇଛନ୍ତି। ଶୁଭାଂଶୁଙ୍କ ଏହି ଯାତ୍ରା ଲକ୍ଷ ଲକ୍ଷ ଭାରତୀୟଙ୍କ ପାଇଁ ପ୍ରେରଣା ସାଜିବ। ଗଗନଯାନ ମିଶନ ଦିଶାରେ ଏହା ବେଶ ସହାୟକ ହେବ। ଦୀର୍ଘ ୨୨ ଘଣ୍ଟାରୁ ଅଧିକ ସମୟର ବିପଦପୂର୍ଣ୍ଣ ଯାତ୍ରା ପରେ ମହାକାଶରୁ ପୃଥିବୀ ପୃଷ୍ଠରେ ପହଞ୍ଚିଛନ୍ତି ଶୁଭାଂଶୁ। ଆଗାମୀ ୧୦ ଦିନ ଶୁଭାଂଶୁଙ୍କୁ ସଙ୍ଗରୋଧରେ ରଖାଯିବ। ଏହି ସମୟରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ଅନ୍ତର୍ଜାତୀୟ ସ୍ପେଶ ଷ୍ଟେସନରେ ସଫଳତାର ସହ ମିଶନ ଶେଷ କରି ପୃଥିବୀପୃଷ୍ଠକୁ ଫେରିଥବା ପ୍ରଥମ ଭାରତୀୟ ହେଉଛନ୍ତି ଶୁଭାଂଶୁ ଶୁକ୍ଳା। ଏହି ଐତିହାସିକ ମିଶନ ଆଗକୁ ଭାରତ ପାଇଁ ବିଭିନ୍ନ ମହାକାଶ ମିଶନରେ ବେଶ ସହାୟକ ସାଜିବ।

# ମିଥ୍ୟା ମାମଲା ପ୍ରତିବାଦରେ ତହସିଲ ସାମ୍ନାରେ ଶାନ୍ତିପୂର୍ଣ୍ଣ ଧାରଣା



**କାକଟପୁର/ଅସ୍ତରଙ୍ଗ,୧୫।୭ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅନ୍ତର୍ଗତ ନଗର ଗ୍ରାମ ପଞ୍ଚାୟତ ଅଧୀନ କାଳିଆକଣ ଠାରେ ରାସ୍ତା ସଂଯୋଗୀକରଣକୁ ନେଇ ବିବାଦୀୟ ପରିସ୍ଥିତି। ଉଭୟ ଗୋଷ୍ଠୀ ମଧ୍ୟରେ ତୀବ୍ର ଗଣ୍ଡଗୋଳ ପରେ କାବେରୀ ଦଳାଇଙ୍କ ଅଭିଯୋଗକୁ ଭିତ୍ତିକରି ଅସ୍ତରଙ୍ଗ ପୁଲିସ ୧୧ଜଣ ନାଁରେ ମାମଲା ରୁଜୁ କରିଛି। ଯାହାକୁ ସମ୍ପୂର୍ଣ୍ଣ ବିରୋଧ କରି କାହିଁକି ପୁଲିସ ମିଥ୍ୟା ଅଭିଯୋଗରେ ମାମଲା ରୁଜୁ କରିଛନ୍ତି ଏହାର ପ୍ରତିବାଦରେ ତହସିଲ ସାମ୍ନାରେ ଶତାଧିକ ପୁରୁଷ ଓ ମହିଳା ଶାନ୍ତିପୂର୍ଣ୍ଣ ଗଣଧାରଣା ଦେଇଛନ୍ତି।

ଖବର ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନଗର ଗ୍ରାମ ପଞ୍ଚାୟତ ଅଧୀନ କାଳିଆକଣ ମୁଖ୍ୟ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ନିର୍ମାଣ ଓ ମରାମତି କାମ ଜାରି ରହିଛି। କିନ୍ତୁ କାଳିଆକଣ ପୁଷ୍କରଣୀ ନିକଟବର୍ତ୍ତୀ ସ୍ଥାନରେ ବିବାଦୀୟ ପରିସ୍ଥିତି ଥିବାରୁ ୧୩୦ମିଟର ସ୍ଥାନରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ରାସ୍ତା ସଂଯୋଗୀକରଣ ହୋଇନାହିଁ। ଯାହା ଫଳରେ ମୁଖ୍ୟ ରାସ୍ତାରେ ଏଭଳି ସମସ୍ୟା ଯୋଗୁଁ ସାଧାରଣ ଲୋକ ଯାତାୟାତ କରିବାକୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିନ୍ତୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଉକ୍ତ ଠିକାଦାର ଶୁକ୍ରବାର ଦିନ ରାସ୍ତା କାମ କରୁଥିବା ବେଳେ ଉଭୟ ଗୋଷ୍ଠୀ ମଧ୍ୟରେ ବଚସା ଓ ଗଣ୍ଡଗୋଳ ହୋଇଥିଲା। ସ୍ଥାନୀୟ ଅଂଚଳର କାବେରୀ ଦଳାଇ ଅସ୍ତରଙ୍ଗ ଥାନାରେ ଏକ ଲିଖିତ ଅଭିଯୋଗରେ ଦର୍ଶାଇଥିଲେ ଏହି ଜାଗା ଉପରେ ପୂର୍ବରୁ କୋର୍ଟରେ କେଶ ରହିଅଛି, ଏହାସହ କିଛି ପୁରୁଷ ଓ ମହିଳାଙ୍କ ନାମରେ ଅଭିଯୋଗ ମଧ କରିଥିଲେ। କାବେରୀ ଦଳାଇଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ଅସ୍ତରଙ୍ଗ ଥାନାରେ କେଶ ନମ୍ବର ୧୩୭/୨୫ରେ ୧୧ଜଣ ନାଁରେ ମାମଲା ରୁଜୁ କରିଛି ପୁଲିସ।

କିନ୍ତୁ ମିଥ୍ୟା ଅଭିଯୋଗରେ ମାମଲା ରୁଜୁ କରିବା ପ୍ରତିବାଦରେ ମଙ୍ଗଳବାର ଦିନ କାଳିଆକଣ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଅସ୍ତରଙ୍ଗ ଭଉଁରିଆ ସେତୁ ଠାରୁ ଅସ୍ତରଙ୍ଗ ତହସିଲ ପର୍ଯ୍ୟନ୍ତ ବିଶାଳ ଶୋଭାଯାତ୍ରାରେ ବାହାରି ତହସିଲ ସାମ୍ନାରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିଥିଲେ। ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି, ଅତିରିକ୍ତ ତହସିଲଦାର ପ୍ରଭୁ ପ୍ରସାଦ ପଣ୍ଡା, ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ତାଡ଼ଙ୍କ ମଧ୍ୟରେ ରାସ୍ତା ସମସ୍ୟା ସମ୍ପର୍କରେ ଆଲୋଚନା ପରେ ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାର ସିଂ, ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି ରାସ୍ତା ସମସ୍ୟା ସ୍ଥାନ ପରିଦର୍ଶନ କରିଥିଲେ। ଆଗାମୀ ୨୨ତାରିଖରେ ରାସ୍ତା ସମସ୍ୟା ଥିବା ସ୍ଥାନରେ ମାପଚୁପ ହେବ ବୋଲି ଆଲୋଚନା ହୋଇଛି।

ନିମାପଡା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ ଧାରଣାସ୍ଥଳରେ ପହଂଚି ପ୍ରତିବାଦକାରୀଙ୍କ ସହ ଆଲୋଚନା କରିଥିଲେ। ଅଭିଯୋଗ ପରେ ମାମଲା ରୁଜୁ ହୋଇଛି କିନ୍ତୁ ଘଟଣାର ତଦନ୍ତ କରାଯିବାର ପ୍ରତିଶ୍ରୁତି ଦେବା ପରେ ଲୋକେ ଧାରଣାରୁ ଉଠିଥିଲେ।



## ନାଉଗାଁ ବ୍ଲକରେ ବିଧାୟକଙ୍କ ଦ୍ୱାରା ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ

**ନାଉଗାଁ,୧୫।୭ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ପରିସରରେ ମଙ୍ଗଳବାର ବିଧାୟକ ଅମରେନ୍ଦ୍ର ଦାସଙ୍କ ଦ୍ୱାରା ଅନ୍ତ୍ୟୋଦୟ ଗୃହ ଯୋଜନାରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ବିତରଣ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଡିଓ ନିରଞ୍ଜନ ପରିଡ଼ା, ଜିଲ୍ଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, ଏବିଡିଓ ଦିନେଶ ରାୟ, ତିରୁଣା ସରପଞ୍ଚ ଲକ୍ଷ୍ମଣ ସ୍ୱାଇଁ, ପୂର୍ବତନ ସମିତି ସଭ୍ୟ ଗଳଧାରୀ ପ୍ରଭାତ ସ୍ୱାଇଁ, କୋରୁଅ ସମିତି ସଭ୍ୟ ପପୁରଞ୍ଜନ ମଲ୍ଲିକ ଆଦି ଉପସ୍ଥିତ ଥିଲେ। ବ୍ଲକର ୧୬ଟି ପଞ୍ଚାୟତର ଅସହାୟ, ବିଧବା, କ୍ୟାନସର ପୀଡିତା, ଭିନ୍ନକ୍ଷମ ବ୍ୟକ୍ତି ଆଦି ଯେଉଁମାନଙ୍କର ପକ୍କା ଗୃହ ନାହିଁ, ସେମାନଙ୍କୁ ଏହି ଯୋଜନାରେ ସାମିଲ କରାଯାଇ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଗ୍ରାମୀଣ ଆବାସ ବ୍ଲକ ସଂଯୋଜକ ମାନସ କୁମାର ଜେନା, ଗ୍ରାମୀଣ ଆବାସ ସହାୟକ ଅଜିତ କୁମାର ସାହୁ ପରିଚାଳନା କରୁଥିଲେ।

## ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଶୋକସଭା



**ନାଉଗାଁ,୧୫।୭ (ସଂଚାର ବ୍ୟୁରୋ):** ବାଲେଶ୍ୱରସ୍ଥିତ ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁକୁ ନେଇ ନାଉଗାଁ ବ୍ଲକ ଅନ୍ତର୍ଗତ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ମହମବତୀ ଜଳାଇ ମଙ୍ଗଳବାର ଶୋକସଭା କରିଥିଲେ। ଏଥିରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗ ଦେଇ ସୌମ୍ୟାଶ୍ରୀ ଯେଉଁଭଳି ଭାବେ ଅଧାପକଙ୍କ ଦ୍ୱାରା ନିର୍ଯ୍ୟାତିତ ହୋଇ ମୃତ୍ୟୁବରଣ କଲେ ତାହାକୁ ଦୃଢ ନିନ୍ଦା କରିବା ସହ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଚିନ୍ମୟ ଲେଙ୍କା, ସୌଭାଗ୍ୟ ରଞ୍ଜନ ଜେନା, ଚିତ୍ରସେନ ପରିଡ଼ା, ଓମ ପ୍ରକାଶ ବେହୁରା, ସ୍ମୃତି ରଞ୍ଜିତା ସାହୁ, ଲକ୍ଷ୍ମୀପ୍ରିୟା ମହାନ୍ତି, ରୁପଶ୍ରୀ ବରିକ, ଇପ୍ସିତ ବରାଳଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

● ଏଫ୍‌ଏମ୍ ବିଶ୍ୱ ବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ଘଟଣା

## ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ




**ନୟାଗଡ଼,୧୫।୭ (ସଂଚାର ବ୍ୟୁରୋ):** ବାଲେଶ୍ୱର ଏଫ୍‌ଏମ୍ ବିଶ୍ୱ ବିଦ୍ୟାଳୟରେ ଘଟିଥିବା ଅଘଟଣରେ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁକୁ ନେଇ ନୟାଗଡ଼ ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ ପଦର୍ଶନ କରାଯାଇଛି । ବିଜୁ ଛାତ୍ର ଜନତା ଦଳ ଜିଲ୍ଲା ସଭାପତି ନୀଳମାଧବ ପଣ୍ଡାଙ୍କ ଆହ୍ୱାନ କ୍ରମେ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସାମ୍ନାରେ ଅନୁଷ୍ଠିତ ବିକ୍ଷୋଭ କାର୍ଯ୍ୟକ୍ରମରେ ଶହ ଶହ ଛାତ୍ରଛାତ୍ରୀ ସାମିଲ ହୋଇ ସରକାରଙ୍କ ବିରୁଦ୍ଧରେ ନାରାବାଜି କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ବ୍ୟାନରରେ ନିଆଁ ଲଗାଇ ଦିଆଯାଇଛି । ରାଜ୍ୟ ସରକାରଙ୍କ ଅବହେଳା ପାଇଁ ଜଣେ ଛାତ୍ରୀଙ୍କ ଜୀବନ ଚାଲି ଯାଇଥିବା ଛାତ୍ରନେତାମାନେ ଅଭିଯୋଗ କରିଛନ୍ତି । ଛାତ୍ର କଂଗ୍ରେସ ନେତା ଅମୂଲ୍ୟ ସାହୁ, ସଞ୍ଜୀବ କୁମାର ମିଶ୍ର, ପ୍ରମୋଦ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ସଂନ୍ଧ୍ୟାରେ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ନାରାୟଣୀ ମନ୍ଦିରଠାରୁ ଗୋଲେଇ ଛକ ପର୍ଯ୍ୟନ୍ତ ଏକ କ୍ୟାଣ୍ଡେଲ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମୃତ ସୌମ୍ୟାଶ୍ରୀଙ୍କ ଅମରଆତ୍ମର ସଦଗତି କାମନା କରିଯିବା ସହ ତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି କରାଯାଇଥିଲା ।

## ସୌମ୍ୟାଶ୍ରୀଙ୍କ ଆତ୍ମହତ୍ୟାକୁ ନେଇ ବିଜେଡିର ଟାୟାର ଜାଳି ପ୍ରତିବାଦ




**ଗୋପ,୧୫।୭ (ସଂଚାର ବ୍ୟୁରୋ):** ବହୁଚର୍ଚ୍ଚିତ ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଦେହରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରି ଦୀର୍ଘ ୩ଦିନ କାଳ ଛଟପଟ ହୋଇ ଶେଷରେ ମୃତ୍ୟୁବରଣ କରିଛନ୍ତି,ବଞ୍ଚିଥିବା ସମୟରେ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ସାଂସଦ ଓ କେନ୍ଦ୍ରମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ , କଲେଜ ଅଧକ୍ଷଙ୍କ ସହ ଆରକ୍ଷୀ ଅଧିକ୍ଷକଙ୍କୁ ନିଜର ସମସ୍ୟା ଜଣାଇଥିଲେ ବି କୈଣସି ନ୍ୟାୟ ନ ପାଇବାରୁ ଶେଷରେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଥିଲେ ପୀଡିତା। ଏହି ପ୍ରତିବାଦରେ ଗୋପ ବ୍ଲକ ପୂର୍ବତନ ଉପାଧକ୍ଷ ତଥା ବିଜେଡି ବରିଷ୍ଠ ନେତା ନିରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଗୋପ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଗୋପ କୋଣାର୍କ ମୁଖ୍ୟରାସ୍ତା ଅବରୋଧ ସହ ଗୋପ ବଜାର ଠାରେ ଟାୟାର ଜାଳି ପ୍ରତିବାଦ କରିଥିଲେ। ସରକାରଙ୍କ ବିରୋଧରେ ନାରାବାଜି କରିବା ସହିତ ଗୋପ ବଜାରରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ,ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ କୁଶପୋତାଳିକା ଦାହ କରିଥିଲେ । ସୌମ୍ୟାଶ୍ରୀଙ୍କ ପରିବାରକୁ ଉଚିତ୍ ନ୍ୟାୟ ସହ ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ ଙ୍କ ଇସ୍ତଫା ଦାବି କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ ଗୋପ ବିଜେଡିର ଶତାଧିକ କର୍ମୀ। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା କୁନା ଦାଶ, ବନ୍ତଳୀଗ୍ରାମ ସରପଞ୍ଚ ମହେଶ୍ୱର ସ୍ୱାଇଁ, ବିକ୍ରମ ନାୟକ, ରମେଶ ବାରିକ, ଚିତରଞ୍ଜନ ପାତ୍ର, ଦିବାକର ସାହୁ, ବିଜେଡି ଯୁବନେତା ଯୋଗେନ୍ଦ୍ର ବେହେରା, ପ୍ରଦୀପ୍ତ ସିଂ, ପ୍ରସାର ପ୍ରାତ୍ର ସମେତ ଶତାଧିକ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ମୃଦଙ୍ଗର ବାଦଶାହ ଗୋବର୍ଦ୍ଧନ ବେହେରାଙ୍କ ପରଲୋକ

● ଝୁରୁଛି ଗାଁ ମାଟି, ଝୁରୁଛନ୍ତି ଶିଷ୍ୟ, ଶୁଭେଚ୍ଛୁ

**ନୟାଗଡ଼,୧୫।୭ (ସଂଚାର ବ୍ୟୁରୋ):** ସାରା ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବା ମୃଦଙ୍ଗର ବାଦସାହା ବାୟକ ସମ୍ରାଟ ଗୋବର୍ଦ୍ଧନ ବେହେରାଙ୍କ ପରଲୋକ। ଗୋବର୍ଦ୍ଧନଙ୍କ ପରଲୋକରେ ନିରବି ଗଲେ ବନ୍ଧୁ ପରିଜନ, ଶିଷ୍ୟ ଓ ଶୁଭେଚ୍ଛୁ। ସୂଚନାନୁସାରେ, ନୟାଗଡ ସଦର ବ୍ଲକ୍ ଅନ୍ତର୍ଗତ ନାଟୁଗାଁ ପଞ୍ଚାୟତ ଅଧିନରେ ଥିବା ସାଲୁଣୀ ଗ୍ରାମରେ ୧୯୩୯ ମସିହା ଜନ୍ମ ଗ୍ରହଣ କରିଥିବା ଗୋବର୍ଦ୍ଧନ ବେହେରା ପଞ୍ଚମ ପାସ କରି ସାଂସ୍କୃତିକ ଲୋକକଳା ପାଲା ଜଗତରେ ମନ ବଳାଇଥିଲେ। ଏବଂ ୧୫ବର୍ଷ ବୟସରୁ ପାଠକୁ ପଛରେ ପକାଇ ପାଲା ଜଗତରେ ମୃଦଙ୍ଗ ଧରିଥିଲେ। ଗାୟକ କେଶରୀ ସ୍ୱର୍ଗତ ଉଦୀୟନାଥ ଶର୍ମାଙ୍କ ସହ ମିଶି ପାଲା ପରିବେଷଣ କରିଆସୁଥିଲେ। ମୃଦଙ୍ଗରେ ସିଦ୍ଧହସ୍ତ ହୋଇ ସାରା ରାଜ୍ୟରେ ବାୟକ ସମ୍ରାଟର ମୁକୁଟ ପିନ୍ଧି ସାଲୁଣୀ ଗାଁକୁ ପରିଚିତ କରାଇବାରେ ଯୋଦ୍ଧା ପାଲଟିଥିଲେ।



## ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ବିଜେଡିର ବିକ୍ଷୋଭ ପ୍ରଦର୍ଶନ



**କାକଟପୁର/ଅସ୍ତରଙ୍ଗ,୧୫।୭ (ସଂଚାର ବ୍ୟୁରୋ):** ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ମୃତ୍ୟୁ ରାଜ୍ୟ ସରକାରଙ୍କ ନ୍ୟାୟ ପ୍ରଦାନ ବିଫଳତାକୁ ଜଳଜଳ କରି ଦେଖାଇ ଦେଉଛି। ପ୍ରଥମେ ନ୍ୟାୟ ପାଇଁ ଆଉ ଏହା ପରେ ଜୀବନ ଯୁଦ୍ଧରେ ସଂଗ୍ରାମ କରି କିପରି ସୋମ୍ୟାଶ୍ରୀ ହାରିଗଲା ତାହା ରାଜ୍ୟବାସୀଙ୍କୁ ବିଚଳିତ କରୁଛି।

ସୋମ୍ୟାଶ୍ରୀକୁ ନ୍ୟାୟ ଦାବିରେ ପ୍ରତିବାଦ ସହ ଉଚ୍ଚ ଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଫୋଟ ଦାହ କରିଛି କାକଟପୁର ଯୁବ ଛାତ୍ର ବିଜେଡି। ରାଜ୍ୟରେ ଛାତ୍ରୀମାନଙ୍କୁ ଅସଦାଚରଣ, ଦୁଷ୍କର୍ମ, ହତ୍ୟା ଭଳି ଘଟଣା ଅହେତୁକ ବୃଦ୍ଧି ପାଉଥିବା ବେଳେ ରାଜ୍ୟ ବିଜେପି ସରକାର ନିରବ ଦ୍ରଷ୍ଟା ସାଜିଛନ୍ତି ବୋଲି ପୁରୀ ଜିଲ୍ଲା କାକଟପୁରରେ ବିଜୁ ଯୁବ ଛାତ୍ର ଜନତା କର୍ମକର୍ତ୍ତା କହିଛନ୍ତି। ଏହା ସହ ବାଲେଶ୍ୱର ସ୍ଥିତ ଏଫ ଏମ କଲେଜ ଛାତ୍ରୀ ସୋମ୍ୟାଶ୍ରୀ ଶନିବାର ଦିନ କଲେଜରେ ଆତ୍ମାହୂତି ଉଦ୍ୟମ କରିଥିଲେ। ସଙ୍କଟା ପର୍ଣ୍ଣ ଅବସ୍ଥାରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭର୍ତ୍ତି କରାଯାଇଥିଲା। ସୋମବାର ରାତି ୧୧ଘ ୪୬ମିନିଟରେ ଆଖି ବୁଜି ଥିଲେ। ଛାତ୍ରୀ ସୋମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ରାଜ୍ୟ ସରକାରଙ୍କ ନ୍ୟାୟ ପ୍ରଦାନ ବିଫଳତାକୁ ଜଳ ଜଳ କରି ଦେଖା ଦେଉଛି। ପ୍ରଥମେ ନ୍ୟାୟ ପାଇଁ ଆଉ ଏହା ପରେ ଜୀବନ ଯୁଦ୍ଧରେ ସଂଗ୍ରାମ କରି କିପରି ସୋମ୍ୟାଶ୍ରୀ ହାରିଗଲା ତାହା ରାଜ୍ୟବାସୀଙ୍କୁ ବିଚଳିତ କରିଛି। ଏ ନେଇ କାକଟପୁର ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ କାକଟପୁର ମଙ୍ଗଳା କଲେଜ ଫାଟକ ନିକଟରୁ କାକଟପୁର ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ବିଶାଳ ଶୋଭାଯାତ୍ରା ଆସି ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ବର୍ଷିବା ସହ ରାଜ୍ୟ ଉଚ୍ଚ ଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଦାହ କରିବା ସହ ବିକ୍ଷୋଭ କରିଥିଲେ। ସରକାରଙ୍କ ଦାୟିତ୍ୱ ହୀନତା, ଅପରାଗତ ଓ ବ୍ୟବସ୍ଥାରେ ସ୍ଥାଣୁତା ପାଇଁ ପୀଡିତା ଜୀବନ ଯୁଦ୍ଧରେ ହାରିଗଲେ। ତୁରନ୍ତ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ଇସ୍ତଫା ଦାବୀ କରିଛନ୍ତି। ଏହି ପ୍ରତିବାଦରେ କାକଟପୁର ଯୁବ ବିଜେଡି ସଭାପତି ରଞ୍ଜନ କୁମାର ନାୟକ, ଜିଲ୍ଲା ଯୁବ ବିଜେଡି ଉପସଭାପତି ବିଶ୍ୱଜିତି ଦାଶ, ସରଫରାଜଖାନ ପ୍ରମୁଖ ଉପସ୍ଥିତ ଥିଲେ।

ଦିଲୀପ ପାତ୍ର ହତ୍ୟାକାଣ୍ଡ ଘଟଣା

## ଦ୍ୱିତୀୟ ଅଭିଯୁକ୍ତ ଚେନ୍ନାଇରୁ ଗିରଫ



**ବ୍ରହ୍ମପୁର,୧୫।୭ (ସଂଚାର ବ୍ୟୁରୋ):** ଗୋଳନ୍ଥରା ଥାନା ଅନ୍ତର୍ଗତ ସିଙ୍ଗବାଡି ଗ୍ରାମରେ ମାତ୍ର ୫ ହଜାର ଟଙ୍କା ପାଇଁ ଘଟିଥିବା ଜଘନ୍ୟ ହତ୍ୟାକାଣ୍ଡ ଘଟଣାରେ ପୁଲିସ ଏଥିରେ ସମ୍ପୃକ୍ତ ଦ୍ୱିତୀୟ ଅଭିଯୁକ୍ତକୁ ଚେନ୍ନାଇରୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ସିଙ୍ଗାବାଡିର ମାନସ ଓରଫ କାମନା ଗୌଡ(୨୪) ବୋଲି ପୁଲିସ ସୂଚନା ଦେଇଛି। ଗତ ୬ ତାରିଖ ରାତିରେ ମୃତ ଦିଲିପ କୁମାର ପାତ୍ର ନିଜ ଘରେ ବସିଥିବା ବେଳେ ହଠାତ ପିତବାସ ସାହୁ ଏବଂ ମାନସ ସେଠାରେ ପହଞ୍ଚିଥିଲେ। ପୂର୍ବରୁ ଘଟିଥିବା ମୋଟରସାଇକେଲ ଦୁର୍ଘଟଣା ବାବଦରେ ମିମାସାଂ ହୋଇଥିବା ୫ ହଜାର ଟଙ୍କା ଦେବାକୁ କହିଥିଲେ। କିନ୍ତୁ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହେବା ସହ ପିତବାସ ଓ ମାନସ ଉଭୟେ ଘୋଷାଡି ଆଣି ଘର ସମ୍ମୁଖରେ ଦିଲୀପଙ୍କୁ ଖଣ୍ଡାରେ ହାଣି ହତ୍ୟା କରିଥିଲେ। ଘଟଣାରେ ପୁଲିସ ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ପିତବାସକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟତମ ଅଭିଯୁକ୍ତ ମାନସ ଘଟଣା ପରଠାରୁ ଚେନ୍ନାଇ ଫେରାର ହୋଇଯାଇଥିଲା।

ଗୁହାରି ଶୁଣିଲାନି ପ୍ରଶାସନ

## ଚାନ୍ଦାରେ ରାସ୍ତା ମରାମତି କଲେ ଗ୍ରାମବାସୀ



**ରାଇଘର,୧୫।୭ (ସଂଚାର ବ୍ୟୁରୋ):** ନାହିଁ ଭଲ ରାସ୍ତା। ପ୍ରଶାସନ ଓ ରାଜନେତାଙ୍କୁ ଦୀର୍ଘ ବର୍ଷ ଧରି ଗୁହାରି କରି ନୟାନ୍ତ ହେଲେ ଗ୍ରାମବାସୀ। ଶେଷରେ ବାଧହୋଇ ନିଜ ଖର୍ଚ୍ଚ ଓ ଶ୍ରମରେ ୭ କିଲୋମିଟର ଗାଁ ରାସ୍ତାକୁ ମରାମତି କରି ଯାତାୟାତ ପାଇଁ ପ୍ରସ୍ତୁତ କଲେ ଗ୍ରାମବାସୀ।

ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ମୁଣ୍ଡିବେଡ଼ା ପଂଚାୟତର କପାଟପାଣି ଗ୍ରାମ। ଗାଁରେ ୧୨୦ରୁ ଉର୍ଦ୍ଧ ପରିବାର ରହୁଥିବା ବେଳେ ଜନସଂଖ୍ୟା ପ୍ରାୟ ୫୫୦ରୁ ଅଧିକ। କିନ୍ତୁ ଗାଁରେ ଗମନାଗମନ ପାଇଁ ନାହିଁ ପକ୍କା ରାସ୍ତା । କପାଟପାଣି ଗ୍ରାମରୁ ଖୀଡୀଙ୍ଗମାଳ ଗ୍ରାମ ପର୍ଯ୍ୟନ୍ତ ଦୂରତା ପ୍ରାୟ ସାତ କିଲୋମିଟର ହୋଇଥିବା ବେଳେ କେବେ ମଧ ରାସ୍ତା ନିର୍ମାଣ ହୋଇନାହିଁ। ଯାହାଫଳରେ ଗ୍ରାମବାସୀ ନାହିଁ ନଥିବା ଅସୁବିଧା ହେବାକୁ ପଡୁଛି । ବ୍ଲକ ହେଉ କି ପଂଚାୟତ, ମେଡିକାଲ ହେଉକି ବ୍ୟାଙ୍କ ଅବା ହାଟ ହେଉ କି ବଜାର ଯଦି ଯିବାକୁ ହୁଏ ତେବେ ଏହି ଗୋଟିଏ ମାତ୍ର ରାସ୍ତା ଉପରେ ନିର୍ଭର କରିବାକୁ ପଡିଥାଏ। ପ୍ରତିଦିନର ଅସୁବିଧାକୁ ଏଡାଇବା ପାଇଁ କପାଟପାଣି ଗ୍ରାମବାସୀ ଗ୍ରାମର ପ୍ରତ୍ୟେକ ଘରୁ ଚାନ୍ଦା କରିବା ସହ ନିଜେ ଶ୍ରମଦାନ କରି ପ୍ରସ୍ତୁତ କରୁଛନ୍ତି ରାସ୍ତା। ଅନ୍ୟ ପକ୍ଷରେ ସ୍ଥାନୀୟ ସରପଞ୍ଚ କହିଛନ୍ତି ରାସ୍ତା ପାଇ ପାଞ୍ଚ ଲକ୍ଷ ପୂର୍ବରୁ ମଂଜୁର ହୋଇ କାମ ହୋଇଥିଲା, ଆଗକୁ ମେଟାଲ ମୁରୁମ ରାସ୍ତା ପାଇଁ ପ୍ରସ୍ତାବ ଦିଆହୋଇଛି। ଅଳ୍ପ ଦିନରେ କାମ ଆରମ୍ଭ ହେବ।

## ସାଇଲୋରେ ବିଜେପିର ପଞ୍ଚାୟତ ପ୍ରମୁଖ ଓ ସହ ପ୍ରମୁଖ ମନୋନୀତ





**ଜଗତସିଂହପୁର,୧୫।୭ (ସଂଚାର ବ୍ୟୁରୋ):** ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀର କୁଜଙ୍ଗ ବ୍ଲକ ଅନ୍ତର୍ଗତ ସାଇଲୋ ଗ୍ରାମପଞ୍ଚାୟତରେ ଭାରତୀୟ ଜନତା ଦଳର ଯୁବ ସଂଗଠକ ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ସ୍ୱାଇଁ ଙ୍କୁ ପଞ୍ଚାୟତ ପ୍ରମୁଖ ଓ ସହପ୍ରମୁଖ ଭାବେ ଅବସର ପ୍ରାପ୍ତ ଖେଳ ଶିକ୍ଷକ ଗଙ୍ଗାଧର ସ୍ୱାଇଁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ମାନ୍ୟବର ପାରାଦ୍ୱୀପ ବିଧାୟକ ତଥା ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉଭୟଙ୍କ ସାଙ୍ଗଠନିକ କାର୍ଯ୍ୟ ଦକ୍ଷତା ପ୍ରତି ପୂର୍ଣ୍ଣ ଆସ୍ଥା ପ୍ରକଟ କରି ବିଜେପିର ପଞ୍ଚାୟତ ସ୍ତରୀୟ ସାଙ୍ଗଠନିକ ଦାୟିତ୍ୱ ପ୍ରଦାନ କରିଛନ୍ତି। ସାଇଲୋ ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣ ଓ ବିଜେପି ପରିବାର ତରଫରୁ ମନ୍ତ୍ରୀ ମହୋଦୟଙ୍କୁ ସାଧୁବାଦ ଓ କୃତଜ୍ଞତା ପ୍ରଦାନ ସହ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ପଞ୍ଚାୟତ ପ୍ରମୁଖ ଓ ସହ ପ୍ରମୁଖ ଆଗାମୀ ଦିନରେ ଦଳର ସଂଗଠନ କୁ ବଳିଷ୍ଠ ଓ ସୁଦୃଢ଼ କରିବାରେ କୃତକାର୍ଯ୍ୟ ହେବା ନିମନ୍ତେ ବିପୁଳ ସଂମ୍ମାନ ଓ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।

## ସୋଆରେ ମ୍ୟାଥମେଟିକ୍ସ ଇନ୍ ମେସିନ୍ ଲର୍ଣ୍ଣିଂ-୨୦୨୫ ଆରମ୍ଭ




**ଭୁବନେଶ୍ୱର,୧୫।୭ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ରେ ମ୍ୟାଥମେଟିକ୍ସ ଇନ୍ ମେସିନ୍ ଲର୍ଣ୍ଣିଂ (ଡବ୍ଲ୍ୟୁଏମ୍‌ଏମ୍‌ଏଲ୍-୨୦୨୫) କର୍ମଶାଳା ସୋମବାର ଆରମ୍ଭ ହୋଇଛି। ଆଇଟିଇଆର୍‌ର ମ୍ୟାଥମେଟିକ୍ସ ବିଭାଗ ପକ୍ଷରୁ ଆୟୋଜିତ ଏହି ୫ ଦିନିଆ କର୍ମଶାଳା ଜୁଲାଇ ୧୪ ରୁ ୧୮ ତାରିଖ ପର୍ଯ୍ୟନ୍ତ ଜାରି ରହିବ।

କର୍ମଶାଳାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଡଭାନ୍ସିଂ ମେସିନ୍ ଲର୍ଣ୍ଣିଂ ଟେକ୍ନୋଲଜିରେ ମ୍ୟାଥମେଟିକ୍ସର ପ୍ରମୁଖ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ।

କାର୍ଯ୍ୟକ୍ରମରେ ଏକ୍ସଆଇଏମ୍ ବିଶ୍ୱ ବିଦ୍ୟାଳୟର ପ୍ରଫେସର ସ୍ୱରୂପ ଚଟ୍ଟୋପାଧାୟ, ସୋଆର କଂଟ୍ରୋଲର ଅଫ୍ ଏଗ୍‌ଜାମିନେସନ୍ ପ୍ରଫେସର ମଞ୍ଜୁଳା ଦାସ, ଆଇଟିଇଆରର ଡିନ୍ ପ୍ରଫେସର ପ୍ରଦୀପ କୁମାର ସାହୁ, କର୍ମଶାଳାର ଅର୍ଗାନାଇଜିଂ ଚେୟାର ତଥା ମ୍ୟାଥମେଟିକ୍ସ ବିଭାଗର ମୁଖ୍ୟ ପ୍ରଫେସର ସୁନିତା ଚାନ୍ଦ, ଆବାହକ ଡକ୍ଟର ପିନାକୀ ପ୍ରସାଦ କର ଏବଂ ସହ-ଆବାହକ ଡକ୍ଟର ହୃଷିକେଶ ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

ପ୍ରଫେସର ସ୍ୱରୂପ ଚଟ୍ଟୋପାଧାୟ ନିଜ ବକ୍ତବ୍ୟରେ ମେସିନ୍ ଲର୍ଣ୍ଣିଂ କାର୍ଯ୍ୟରେ ମ୍ୟାଥମେଟିକାଲ୍ ଟେକ୍ନିକ୍‌ର କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ପାଞ୍ଚ ଦିନିଆ କାର୍ଯ୍ୟକ୍ରମରେ ଏନଆଇଟି ଦୁର୍ଗାପୁରର ପ୍ରଫେସର ସମରଜୀତ କର ଏବଂ ଏନ୍‌ଆଇଟି ରାଉରକେଲା ପ୍ରଫେସର ରତ୍ନାକର ଦାଶ ମଧ ବକ୍ତବ୍ୟ ରଖିବାର କାର୍ଯ୍ୟକ୍ରମ ରହିଛି।



## ବରେଲିରେ ଗୁରୁଜୀଙ୍କ ଦ୍ୱାରା ଜଗନ୍ନାଥ ମନ୍ଦିର ଉଦ୍‌ଘାଟିତ

● ୟୁପିରେ ତିନୋଟି ଶ୍ରୀଗୁରୁ ଭାଗବତ ଟୁଙ୍ଗୀ ପ୍ରତିଷ୍ଠା

**ଲକ୍ଷ୍ନୌ,୧୫।୭ (ସଂଚାର ବ୍ୟୁରୋ):** ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ ଉତ୍ତରପ୍ରଦେଶକୁ ଦୁଇଦିନିଆ ଗସ୍ତରେ ଯାଇ ବରେଲିଠାରେ ଶ୍ରୀଜଗନ୍ନାଥ ମନ୍ଦିର ଉଦ୍‌ଘାଟନ କରିଥିବାବେଳେ ତିନୋଟି ସ୍ଥାନରେ ଶ୍ରୀଗୁରୁ ଭାଗବତ ଟୁଙ୍ଗୀ ପ୍ରତିଷ୍ଠା କରିଛନ୍ତି । ଓଡ଼ିଶା ବାହାରେ ଦୁଇଦିନରେ ତିନୋଟି ଟୁଙ୍ଗୀ ପ୍ରତିଷ୍ଠା ହେବା ଏକ ଉଲ୍ଲେଖନୀୟ ଘଟଣା। ଆୟୋଜିତ ଉତ୍ସବରେ ସ୍ଥାନୀୟ ଅଞ୍ଚଳର ଶତାଧିବ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମେତ ଉତ୍ତର ପ୍ରଦେଶ ଓ ବିଭିନ୍ନ ରାଜ୍ୟ ତଥା ବିଦେଶର ବହୁ ଭକ୍ତ ଯୋଗଦେଇଥିଲେ।

ଗୁରୁଜୀ ଲକ୍ଷ୍ନୌରେ ଶିରିଡ଼ି ସାଇବାବା ମନ୍ଦିରର ରୌପ୍ୟ ଜୟନ୍ତୀ ଉତ୍ସବରେ ଯୋଗଦେଇଥିଲେ । ଏହି ଅବସରରେ ସେଠାରେ ଶ୍ରୀଗୁରୁ ଭାଗବତ ଟୁଙ୍ଗୀ ସ୍ଥାପନା କରିବା ସହ ଏକ ଶିବଲିଙ୍ଗ ପ୍ରତିଷ୍ଠା କରିଥିଲେ ।

ବରେଲିଠାରେ ବୈଦିକ ରୀତିନୀତି ଅନୁସାରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା । ଗତକାଲି ମୋରାଦାବାଦଠାରେ ଶିରିଡ଼ି ସାଇ ମନ୍ଦିରରେ ଆୟୋଜିତ ଉତ୍ସବରେ ଗୁରୁଜୀ ଯୋଗଦେଇଥିଲେ । ଏଠାରେ ନୂତନ ଭାବରେ ନିର୍ମିତ ଶ୍ରୀଗୁରୁ ଭାଗବତ ଟୁଙ୍ଗୀକୁ ଗୁରୁଜୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସ୍କୁଲ ପିଲାମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ମୋରାଦାବାଦରେ ଗୁରୁଜୀଙ୍କ ପ୍ରେରଣାରେ ଏକ ସ୍କୁଲ ଗଢ଼ିଉଠିଛି । ଭୁବନେଶ୍ୱରସ୍ଥିତ ସାଇ ଇଣ୍ଟରନ୍ୟାସନାଲ ସ୍କୁଲର ପିଲାମାନେ ମଧ ମୋରାଦାବାଦ ଯାଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ୫ ଅଭିଯୁକ୍ତଙ୍କୁ ଜାମିନ୍



**ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ମାଡ଼ ଘଟଣା**

**ଭୁବନେଶ୍ୱର,୧୫।୭(ସଂଚାର ବ୍ୟୁରୋ):** ବିଏମ୍‌ସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ମାଡ଼ ଘଟଣା। ଗିରଫ ୫ ଅଭିଯୁକ୍ତଙ୍କୁ ଜାମିନ୍ ପ୍ରଦାନ କରିଛନ୍ତି ଖୋର୍ଦ୍ଧା ଜିଲ୍ଲା ଦୌରାଜଜ୍। ୨୯ ନଂ ୱାର୍ଡ କର୍ପୋରେଟର ଅପରୂପ ନାରାୟଣ ରାଉତ (ଜୀବନ), ରଶ୍ମି ରଞ୍ଜନ ମହାପାତ୍ର, ଦେବାଶିଷ ପ୍ରଧାନ, ସଚିକାନ୍ତ ସ୍ୱାଇଁ ଓ ସଞ୍ଜୀବ ମିଶ୍ରଙ୍କୁ ଜାମିନ୍ ମିଳିଛି। ପୂର୍ବରୁ ମଧ୍ୟ ୯ରେ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କୁ ସମାନ ମାମଲାରେ ଜାମିନ୍ ମିଳିସାରିଛି। ସୂଚନା ଅନୁଯାୟୀ, ଗତ ଜୁନ୍ ୩୦ ତାରିଖରେ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ବିଏମସି ଅଫିସ ଭିତରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ତାଙ୍କୁ ଅଭିଯୋଗ ପ୍ରକୋଷ୍ଠରୁ ଘୋଷାଡ଼ି ବିଧା, ଗୋଇଠା ମାଡ଼ ମାରିବା ସହ ଅପହରଣ ଉଦ୍ୟମ ହୋଇଥିଲା। ଘଟଣାରେ ବିଜେପି ନେତା ଜଗନ୍ନାଥ ପ୍ରଧାନ ହିଁ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଥିବା ନେଇ ଆରମ୍ଭରୁ ଅଭିଯୋଗ ଉଠିଥିଲା। ଏହାକୁ ନେଇ ବିଜେଡି ଧାରଣାରେ ବସିଥିଲା। ପୁଲିସ ଏହି ମାମଲାରେ ବିଜେପି କର୍ପୋରେଟର ଜୀବନ ରାଉତଙ୍କ ସମେତ ୫ ଜଣଙ୍କୁ ଗିରଫ କରିଥିଲେ। ପରେ ସମାନ ମାମଲାରେ ଜଗନ୍ନାଥଙ୍କୁ ଗିରଫ ପରେ ୧୪ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିଲା। ଗତ ୯ ତାରିଖରେ ଖୋର୍ଦ୍ଧା ଜିଲ୍ଲା ଓ ଦୌରାଜଜଙ୍କ କୋର୍ଟରେ ବିଜେପି ନେତା ଜଗନ୍ନାଥଙ୍କ ଜାମିନ ଆବେଦନର ଶୁଣାଣି ହୋଇଥିଲା। ତାଙ୍କୁ ସର୍ତ୍ତମୂଳକ ଜାମିନ୍ ପ୍ରଦାନ କରିଥିଲେ କୋର୍ଟ। ଜଣେ ଜାମିନ୍‌ଦାର ଓ ୩୦ ହଜାର ଟଙ୍କା ବଦଳରେ ଏହି ଜାମିନ୍ ମଞ୍ଜୁର ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ ଜଗନ୍ନାଥଙ୍କ ବିରୋଧରେ ଦଫା ୩୩୩ (ଆଘାତ, ଆକ୍ରମଣ ନିରୋଧ ଯୋଜନା ପରେ ଅନଧିକାର ଗୃହ ପ୍ରବେଶ), ୧୩୨ (ସରକାରୀ କର୍ମଚାରୀଙ୍କୁ କର୍ତ୍ତବ୍ୟ ନିର୍ବାହରୁ ଭୟଭୀତ କରିବା), ୧୨୧(୧) (ସରକାରୀ ଅଧିକାରୀଙ୍କୁ ଆଘାତ ଦେବା), ୧୨୧(୨) (ଜୀବନ ହାନି ଉଦ୍ଦେଶ୍ୟରେ ସରକାରୀ ଅଧିକାରୀଙ୍କୁ ଆଘାତ), ୩୫୧(୨) ଅପରାଧିକ ଭୟ ପ୍ରଦର୍ଶନ, ୬୨, ୩୦୪ (ଝାମ୍ପିବା ବା ଲୁଟିନେବା), ୫୪ (ସଙ୍ଗଠିତ ଅପରାଧ), ୬୧(୨) (ଅପରାଧିକ ଷଡ଼ଯନ୍ତ୍ର), ୧୮୯(୨) (ବେଆଇନ ସମାବେଶ) ଓ ୧୯୦ (ଅପରାଧ ପାଇଁ ବେଆଇନ ସମାବେଶ) ଓ ୩(୫) ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଦଫା ଲାଗିଛି।

**ସାରଳା ଦାସଙ୍କ ଜନ୍ମବାର୍ଷିକୀରେ କେନ୍ଦ୍ରମନ୍ତ୍ରୀ ସମ୍ବର୍ଦ୍ଧିତ**

# ଧର୍ମେନ୍ଦ୍ରଙ୍କୁ ମର୍ଯ୍ୟାଦାଜନକ 'କଳିଙ୍ଗ ରତ୍ନ-୨୦୨୪' ସମ୍ମାନ



ରାଷ୍ଟ୍ରପତି ଓ ସାରଳା ସାହିତ୍ୟ ସଂସଦକୁ ଧନ୍ୟବାଦ ଜଣାଇଲେ

**କଟକ,୧୫।୭(ସଂଚାର ବ୍ୟୁରୋ):** ଏକବିଂଶ ଶତାବ୍ଦୀରେ ଆମେ ଆମର ଓଡ଼ିଆ ଭାଷାକୁ ଶିଖରକୁ ନେବା ପାଇଁ ଉଦ୍ୟମ କରିବା ପାଇଁ ହେବ । ବର୍ତ୍ତମାନର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପ୍ଲାଟଫର୍ମରେ ଆମର ଭାଷା ଓ ସାହିତ୍ୟକୁ ସୁସମୃଦ୍ଧ କରିବା ପାଇଁ ବ୍ୟକ୍ତିଗତ ସ୍ତରରେ ପ୍ରଚେଷ୍ଟା କରିବାକୁ ହେବ। ପ୍ରତ୍ୟେକ ଶିକ୍ଷିତ ଓଡ଼ିଆ ପ୍ରତିଦିନ ଗୁଗୁଲ ପରି ପ୍ଲାଟଫର୍ମରେ ଓଡ଼ିଶାର ସଂସ୍କୃତି ଓ ଇତିହାସ ସମ୍ପର୍କରେ କିଛି ପ୍ରଶ୍ନ ପଚାରିବା ଆବଶ୍ୟକ । ଏହା ଦ୍ୱାରା ଆମର ଓଡ଼ିଶା ସମ୍ପର୍କରେ ଡିଜିଟାଲ ଜ୍ଞାନ ଭଣ୍ଡାର ସୁସମୃଦ୍ଧ ହେବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ଆଦିକବି ସାରଳା ଦାସଙ୍କ ୬୦୦ତମ ଜନ୍ମବାର୍ଷିକୀ ଏବଂ ସାରଳା ସାହିତ୍ୟ ସଂସଦର ୪୫ତମ ବାର୍ଷିକ ଉତ୍ସବରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଜଗତସିଂହପୁର ଜିଲ୍ଲାରେ ଜନ୍ମଗ୍ରହଣ କରିଥିବା ଆଦିକବି ସାରଳା ଦାସ ଓଡ଼ିଆ ମହାଭାରତ ରଚନା କରି ଆମ ସାହିତ୍ୟ ଜଗତକୁ ନୂଆ ଦିଗଦର୍ଶନ ଦେଇଥିଲେ। ସେ ଜନ୍ମ ଗ୍ରହଣ କରିଥିବା ଜଗତସିଂହପୁର ଜିଲ୍ଲା ହଜାର ହଜାର ବର୍ଷର ପୁରାତନ ଐତିହ୍ୟର ମୂକସାକ୍ଷୀ । ଏହି ଅଞ୍ଚଳରୁ ଓଡ଼ିଆ ସାଧବ ପୁଅମାନେ ନୌବାଣିଜ୍ୟ କରି ଓଡ଼ିଶାକୁ ବୈଭବ ଆଣିଛନ୍ତି। କଣ୍ଟିଲୋର ପାତ୍ର ସାମଗ୍ରୀ ପରି ଆମ ରାଜ୍ୟରେ ଉତ୍ପାଦନ ହେଉଥିବା ଉତ୍ପାଦ ବିଦେଶରେ ବିକ୍ରି ହେଉଛି, ଯାହା ଆମ ରାଜ୍ୟର ସମୃଦ୍ଧ ବାଣିଜ୍ୟ ଇତିହାସକୁ ପ୍ରତିଫଳିତ କରୁଛି । ଆମର ମହାନ ବିଭୂତିମାନଙ୍କ ପ୍ରୟାସରେ ଓଡ଼ିଆ ଭାଷା; ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଓଡ଼ିଆ ଭାଷା ସମେତ ଦେଶରେ ସବୁ ମାତୃଭାଷାକୁ ଗୁରୁତ୍ୱ ଦିଆଯାଇଛି। ସବୁ ମାତୃଭାଷା ରାଷ୍ଟ୍ରୀୟ ଭାଷା ବୋଲି ପ୍ରଧାନମନ୍ତ୍ରୀ ନିଜେ କହିଛନ୍ତି। ଜାତୀୟ ଶିକ୍ଷା ନୀତିର ପରାମର୍ଶ ଅନୁସାରେ ଛାତ୍ରଛାତ୍ରୀଙ୍କୁ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ମାତୃଭାଷାରେ ପାଠ ପଢାଇବାର ବ୍ୟବସ୍ଥା ହୋଇଛି। ସାରଳା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ରାଷ୍ଟ୍ରପତିଙ୍କ ଦ୍ୱାରା ମର୍ଯ୍ୟାଦାଜନକ 'କଳିଙ୍ଗ ରତ୍ନ-୨୦୨୪' ସମ୍ମାନରେ ବିଭୂଷିତ ହୋଇଛନ୍ତି। ଏ ସମ୍ପର୍କରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ରାଷ୍ଟ୍ରପତିଙ୍କଠାରୁ ଏହି ସମ୍ମାନ ଗ୍ରହଣ କରିବା ମୋ ପାଇଁ ଗର୍ବ ଓ ଅତ୍ୟନ୍ତ ଭାବାବେଗର ବିଷୟ। ପୂର୍ବରୁ ଏହି ସମ୍ମାନ ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ରଙ୍ଗନାଥ ମିଶ୍ର, ଲୋକସଭାର ପୂର୍ବତନ ବାଚସ୍ପତି ରବି ରାୟ, ଜଷ୍ଟିସ ଅରିଜିତ ପଶାୟତ, ପଦ୍ମଭୂଷଣ ରମାକାନ୍ତ ରଥ, ପଦ୍ମବିଭୂଷଣ ସୀତାକାନ୍ତ ମହାପାତ୍ର, ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ଜଷ୍ଟିସ ଡ. ଅନଙ୍ଗ ପଟ୍ଟନାୟକ, ପଦ୍ମଭୂଷଣ ଡ. ପ୍ରତିଭା ରାୟ ଓ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ପ୍ରଦାନ କରାଯାଇଛି। ଜଣେ ଓଡ଼ିଆ ଭାବେ ମୋ ପାଇଁ ଏହା ବହୁତ ବଡ଼ ସମ୍ମାନ। ଏହାକୁ ମୁଁ ଶବ୍ଦରେ ବାଖ୍ୟା କରିପାରିବି ନାହିଁ। ଏହି ସମ୍ମାନ ମୋର ନୁହେଁ, ବରଂ ପ୍ରତ୍ୟେକ ଓଡ଼ିଆଙ୍କର। ଏକ ସାରସ୍ୱତ ସାହିତ୍ୟ ସଭାରେ ମୋତେ ଏହି ସମ୍ମାନର ଅଧିକାରୀ ଭାବେ ଯୋଗ୍ୟ ଭାବିଥିବାରୁ ଶ୍ରୀ ପ୍ରଧାନ ରାଷ୍ଟ୍ରପତି, ସାରଳା ସାହିତ୍ୟ ସଂସଦ ଓ ଚୟନ କମିଟିକୁ ଧନ୍ୟବାଦ ଦେଇଛନ୍ତି।



## ୧୯ ପର୍ଯ୍ୟନ୍ତ ପ୍ରବଳ ବର୍ଷିବ

**ଭୁବନେଶ୍ୱର,୧୫।୭(ସଂଚାର ବ୍ୟୁରୋ):** ଗତକାଲିଠାରୁ ସକ୍ରିୟ ଥିବା ଅବପାତ ଦୁର୍ବଳ ହୋଇ ଝାଡ଼ଖଣ୍ଡ ଓ ବିହାର ଉପରେ ସକ୍ରିୟ ରହିଛି। ଏହା ପ୍ରଭାବରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ଆକଳନ କରାଯାଇଛି। ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛ ଯେ ଦକ୍ଷିଣ-ପଶ୍ଚିମ ବାଂଲାଦେଶ ଓ ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ଥିବା ଏକ ସ୍ପଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ର କ୍ରମଶଃ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଗତି କରୁଛି। ଏଥିପାଇଁ ମୟୂରଭଞ୍ଜ, କେଉଁଝର, ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଏବଂ ବରଗଡ଼ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ଉକ୍ତ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ଘଡ଼ଘଡ଼ି ଓ ବଜ୍ରପାତ ହେବା ନେଇ ପୂର୍ବାନୁମାନ କରାଯାଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ପାଣିପାଗ ବିଜ୍ଞାନୀ ସଞ୍ଜୀବ ଦ୍ୱିବେଦୀ କହିଛନ୍ତି ଯେ ଯାଜପୁର, ନୂଆପଡ଼ା, ବଲାଙ୍ଗୀର, ସୁବର୍ଣ୍ଣପୁର, ଢେଙ୍କାନାଳ, ଅନୁଗୁଳ ଓ ଦେବଗଡ଼ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି। ବଜ୍ରପାତ ସହ ଝଡ଼ବର୍ଷା ହେବାର ସମ୍ଭାବନା ମଧ୍ୟ ରହିଛି। ଏଥିସହ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିବ ବୋଲି କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏହାର ପ୍ରଭାବରେ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ ବୋଲି କୁହାଯାଇଛି।

## ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଯୋଜନାବଦ୍ଧ ଅନ୍ୟାୟ: ନବୀନ



**ଭୁବନେଶ୍ୱର,୧୫।୭ (ସଂଚାର ବ୍ୟୁରୋ):** ଏଫଏମ କଲେଜ ଛାତ୍ରୀଙ୍କ ଦେହାନ୍ତକୁ ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ଏମ୍‌ସରେ ଚିକିତ୍ସିତ ହେଉଥିବା ବାଲେଶ୍ୱର ଏଫଏମ କଲେଜ ପୀଡ଼ିତାଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ ଓ ମର୍ମାହତ। ମନକୁ ଏହା ବିଚଳିତ କରୁଛି ଯେ କିପରି ଗୋଟିଏ ବିଫଳ ବ୍ୟବସ୍ଥା ଜଣଙ୍କ ଜୀବନ ନେଇପାରେ। ଏହା କୌଣସି ଦୁର୍ଘଟଣା ନୁହେଁ ବରଂ ଏକ ବ୍ୟବସ୍ଥାର ଫଳ। ନ୍ୟାୟ ପାଇବା ସଂଗ୍ରାମ କରି କରି ଶେଷରେ ଝିଅଟି ଆଖି ବୁଜିଲା। ପୂରା ଘଟଣାକ୍ରମରୁ ଜଣାପଡୁଛି ଏହା ଏକ ଆନୁଷ୍ଠାନିକ ବିଶ୍ୱାସଘାତକତାରୁ କିଛି କମ୍ ନୁହଁ, ଯାହା ଏକ ଯୋଜନାବଦ୍ଧ ଅନ୍ୟାୟ। ଜଣେ କେହି ବି ଯଦି ଉତ୍ତରଦାୟିତ୍ୱ ନେଇ ବ୍ୟକ୍ତିଗତ ଭାବେ ଏଥିରେ ହସ୍ତକ୍ଷେପ କରିଥାନ୍ତେ ତେବେ ହୁଏତ ଝିଅଟିର ଜୀବନ ବଞ୍ଚାଯାଇଥାଆନ୍ତା। ନବୀନ କହିଛନ୍ତି ମୁଁ ପୁଣି ରାଜ୍ୟପାଳଙ୍କୁ ଅନୁରୋଧ କରୁଛି ସେ ସୁନିଶ୍ଚିତ କରନ୍ତୁ ଯେ ନା କେବଳ କଲେଜ କର୍ତ୍ତୃପକ୍ଷ ବରଂ କ୍ଷମତାରେ ଥିବା ବ୍ୟକ୍ତିମାନେ ଉତ୍ତରଦାୟୀ ହୁଅନ୍ତୁ। ଯେଉଁମାନେ ପୀଡ଼ିତାଙ୍କ ଆକୁଳ ଗୁହାରୀ ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେନାହିଁ। ପୀଡ଼ିତାଙ୍କ ଆମର ଆତ୍ମାର ସଦଗତି ପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ଏପରି ସମୟକୁ ସାମ୍ନା କରିବା ପାଇଁ ମହାପ୍ରଭୁ ପରିବାର ଲୋକଙ୍କୁ ଅସୀମ ଧୈର୍ଯ୍ୟ ଦିଅନ୍ତୁ ବୋଲି ନବୀନ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି।

# ୨୦.୫୮ ଲକ୍ଷ ହିତାଧିକାରୀଙ୍କ ଚାଉଳ ବନ୍ଦ

## ଇ-କେୱାଇସି ପାଇଁ ୩ ମାସ ମହଲତ

**ଭୁବନେଶ୍ୱର,୧୫।୭(ସଂଚାର ବ୍ୟୁରୋ):** ରାସନ କାର୍ଡକୁ ନେଇ ଆଜି ରାଜ୍ୟ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଏକ ଗୁରୁତ୍ୱପୂର୍ଣ୍ଣ ଖବର ଦେଇଛନ୍ତି। ଜାତୀୟ ଖାଦ୍ୟ ନିରାପତ୍ତା ଆଇନ (ଏନ୍‌ଏଫ୍‌ଏସ୍‌ଏ)ର ହିତାଧିକାରୀମାନଙ୍କୁ ଇ-କେୱାଇସି କରାଇବାକୁ ସରକାର ଦେଇଛନ୍ତି ଶେଷ ଚେତାବନୀ। ଆଗାମୀ ୩ ମାସ ମଧ୍ୟରେ ଇ-କେୱାଇସି ନକଲେ ହିତାଧିକାରୀମାନଙ୍କ କାର୍ଡ କଟିଯିବ। ଏନେଇ ଆଜି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରୋକଠୋକ୍ ଶୁଣାଇଛନ୍ତି। ତାଙ୍କ କହିବାନୁସାରେ, ରାଜ୍ୟରେ ରାସନ କାର୍ଡ ପାଇଁ ୨୦ ଲକ୍ଷ ୫୮ ହଜାର ଲୋକ ଇ-କେୱାଇସି କରିନଥିବା ବେଳେ ସେମାନଙ୍କ ଚାଉଳ ବନ୍ଦ କରାଯାଇଛି। ତେବେ ସେମାନେ ଆସନ୍ତା ୩ ମାସ ମଧ୍ୟରେ ସେମାନଙ୍କ ଚାଉଳ ପାଇବା ସକାଶେ ତୁରନ୍ତ ଇକେୱାଇସି କରାଇନେବାକୁ ମନ୍ତ୍ରୀ କହିଛନ୍ତି। ଏହି ସମୟ ମଧ୍ୟରେ ଯେଉଁମାନେ ଇ-କେୱାଇସି କରାଇବେନି, ସେମାନଙ୍କ କାର୍ଡକୁ କାଟିଦିଆଯିବ। ସେହିପରି ଯେଉଁସବୁ ସ୍ଥାନରେ ନେଟୱର୍କ ସମସ୍ୟା ରହିଥିଲା, ସେସବୁ ସ୍ଥାନରେ ଇତିମଧ୍ୟରେ ନେଟୱାର୍କ ବ୍ୟବସ୍ଥା ଯୋଗାଇ ଦିଆଯାଇଛି। ସେହିଭଳି ୫ ବର୍ଷରୁ ଅଧିକ ବୟସର ପିଲାମାନେ ରାସନ କାର୍ଡରେ ସାମିଲ ହୋଇପାରିବେ ବୋଲି ବିଭାଗୀୟ ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି।



# ବିବାହିତ ମହିଳାଙ୍କୁ ଗଣଦୁଷ୍କର୍ମ ଅଭିଯୋଗ

## ତଦନ୍ତ ପରେ ଅଭିଯୋଗକୁ ଖଣ୍ଡନ କଲା ପୁଲିସ୍

**ବ୍ରହ୍ମପୁର,୧୫।୭ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ନିମଖଣ୍ଡି ଥାନା ଅଞ୍ଚଳରେ ଜଣେ ବିବାହିତ ମହିଳାଙ୍କୁ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି ବ୍ରହ୍ମପୁର ଏସପି। ଅଭିଯୋଗର ତଦନ୍ତ ପରେ ଏହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଜଣାପଡ଼ିଛି। ଅଭିଯୋଗକାରୀ ମହିଳାଙ୍କ ମାନସିକ ସ୍ଥିତି ସଠିକ୍ ନଥିବା ପୁଲିସ୍ କହିଛି। ନିଜ ସ୍ୱାମୀ ଓ ଅନ୍ୟ ୩ ଜଣଙ୍କ ବିରୋଧରେ ମହିଳା ଜଣଙ୍କ ନିଶା ଦେଇ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ଆଣିଥିଲେ। ଏପରିକି ନିଜର ଅଳଙ୍କାର ଓ ମୂଲ୍ୟବାନ ଜିନିଷପତ୍ର ଚୋରି ହୋଇଥିବା ନେଇ ମଧ୍ୟ ସେ ଅଭିଯୋଗ କରିଥିଲେ। ନିମଖଣ୍ଡି ଥାନାରେ ମାମଲା ପଞ୍ଜିକୃତ ହେବା ପରେ ତଦନ୍ତ ପାଇଁ ସଦର ଏବଂ ଟାଉନ ଏସଡିପିଓଙ୍କ ସମେତ ନିମଖଣ୍ଡି ଥାନା ଅଧିକାରୀ ଓ ୩ ଜଣ ସବଇନ୍ସପେକ୍ଟରଙ୍କୁ ନେଇ ଏକ ଟିମ୍ ଗଠିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳରେ ରହୁଥିବା ଭଡ଼ା ଘରର ସିସିଟିଭି ଯାଞ୍ଚ ସହ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇଥିଲା। ଏହାପରେ ଅଭିଯୋଗରେ କୌଣସି ସତ୍ୟାସତ୍ୟ ନଥିବା ଜଣାପଡ଼ିଥିଲା। ସିସିଟିଭି ଫୁଟେଜରୁ ମିଳିଥିବା ତଥ୍ୟ ଅନୁଯାୟୀ, ଅଭିଯୋଗକାରୀ ତାଙ୍କ ସ୍ୱାମୀଙ୍କ ସହ ସକାଳ ଓ ଅପରାହ୍ନ ସମୟରେ ଘର ଫାଟକ ସମ୍ମୁଖରେ ଝଗଡ଼ା କରିଥିଲେ। ପରେ ତାଙ୍କ ସ୍ୱାମୀ ଲିଫ୍ଟ ମାଗି ବାଇକ ଯୋଗେ ଘରୁ ବାହାରି ପଡ଼ିଥିଲେ। ଅଭିଯୋଗ ପ୍ରକାରେ, ମହିଳା ଜଣକ ନିଦରୁ ଉଠିବା ପରେ ତାଙ୍କ ସ୍ୱାମୀଙ୍କୁ ପାଇନଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ, କେହି ଜଣେ ଅଭିଯୋଗକାରୀଙ୍କୁ ବଳାତ୍କାର ମାମଲା ଦେବାକୁ କହିଥିଲେ। ଯାହା ଫଳରେ ତାଙ୍କ ସ୍ୱାମୀଙ୍କୁ ଗିରଫ କରାଯିବ। ତଦନ୍ତରେ ମହିଳା ଜଣକ ମାନସିକ ସ୍ୱାସ୍ଥ୍ୟ ସମସ୍ୟାର ଚିକିତ୍ସା ପାଇଁ ବ୍ୟବହୃତ ମେଡ଼ିସିନ ବ୍ୟବହାର କରୁଥିବା ଜଣାପଡ଼ିଥିଲା। ତାଙ୍କ ୬ ବର୍ଷର ଝିଅ ସ୍କୁଲ ଫି ଦେବାକୁ ନେଇ ଝଗଡ଼ା ହୋଇଥିବା କହିଛନ୍ତି। ତେବେ ନିମଖଣ୍ଡି ପୁଲିସ୍‌କୁ ତାଙ୍କ ସ୍ୱାମୀ ଅସ୍ୱୀକାର କରିଛନ୍ତି।

**ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣା**

# ବିରୋଧୀ ଦଳର ବନ୍ଦ ଡାକରା

**ଆଜି ବାଲେଶ୍ୱର ବନ୍ଦ, ୧୭ରେ ଓଡ଼ିଶା**

**ଭୁବନେଶ୍ୱର,୧୫।୭(ସଂଚାର ବ୍ୟୁରୋ):** ସୌମ୍ୟାଶ୍ରୀଙ୍କ ମୃତ୍ୟୁ ପ୍ରତିବାଦରେ ବିରୋଧୀ ଦଳ ପକ୍ଷରୁ ବନ୍ଦ ଡାକରା ଦିଆଯାଇଛି। ରାଜ୍ୟର ମୁଖ୍ୟ ବିରୋଧୀ ଦଳ ବିଜେଡି ପକ୍ଷରୁ ଆସନ୍ତାକାଲି ବାଲେଶ୍ୱର ଜିଲ୍ଲା ବନ୍ଦ ପାଇଁ ଡାକରା ଦିଆଯାଇଛି। ସେହିପରି ଆସନ୍ତା ୧୭ ତାରିଖରେ କଂଗ୍ରେସ ଓ ଅନ୍ୟ ୭ଟି ଦଳ ପକ୍ଷରୁ ଓଡ଼ିଶା ବନ୍ଦ ପାଇଁ ଆହ୍ୱାନ ଦିଆଯାଇଛି। ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଏହି ବନ୍ଦ ଡାକରା ଦିଆଯାଇଛି। ବିଜେଡି ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ, ଆସନ୍ତାକାଲି ବାଲେଶ୍ୱରରେ ସକାଳ ୬ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବନ୍ଦ ପାଳନ ହେବ। ତେବେ ଏହି ସମୟରେ ଜରୁରୀ ସେବା ଜାରି ରହିବ। କିନ୍ତୁ ବନ୍ଦ ସମୟରେ ଦୋକାନ ବଜାର, ଗାଡ଼ି ମୋଟର ଚଳାଚଳ, ବସ, ଟ୍ରେନ, ସ୍କୁଲ ଓ କଲେଜ ଆଦି ବନ୍ଦ ରହିବ। ସେହିପରି ଆସନ୍ତା ୧୭ ତାରିଖରେ ରାଜ୍ୟର ଅନ୍ୟତମ ପ୍ରମୁଖ ବିରୋଧୀ ଦଳ କଂଗ୍ରେସ ଓ ୭ଟି ରାଜନୈତିକ ଦଳ ପକ୍ଷରୁ ଓଡ଼ିଶା ବନ୍ଦ ଡ଼ାକରା ଦିଆଯାଇଛି। ଏହି ବନ୍ଦରେ ସ୍କୁଲ, କଲେଜ, ଦୋକାନ, ବଜାର ଆଦି ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଛି। ଏଥିସହ ଗାଡ଼ି ଚଳାଚଳ ମଧ୍ୟ ବନ୍ଦ ରହିବ ବୋଲି ଆଜି ପିସିସ ସଭାପତି ଭକ୍ତ ଚରଣ ଦାସ ସୂଚନା ଦେଇଛନ୍ତି।

**ଯୁବକଙ୍କୁ ବୀଭତ୍ସ ହତ୍ୟା**

# ହାତ, ଗୋଡ଼ ବାନ୍ଧି ଯୌନାଙ୍ଗ କାଟି ଫିଙ୍ଗିଦେଲେ

**ବ୍ରହ୍ମପୁର,୧୫।୭(ସଂଚାର ବ୍ୟୁରୋ):** ଯୁବକଙ୍କୁ ବିଭତ୍ସ ହତ୍ୟା। ହାତ, ଗୋଡ଼ ବାନ୍ଧି ଯୌନାଙ୍ଗ କାଟି ଫିଙ୍ଗିଦେଇଛନ୍ତି ଦୁର୍ବୃତ୍ତ। ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଖେଳ ପଡିଆ ଆଗରୁ ଯୁବକଙ୍କ ଦରପୋଡ଼ା ମୃତଦେହ ଉଦ୍ଧାର। ମିଳୁନି ପରିଚୟ। ଖବର ପାଇ ଘଟଣାସ୍ଥଳରେ ବୈଦ୍ୟନାଥପୁର ଥାନା ପୁଲିସ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

ସୂଚନାନୁଯାୟୀ, ଏମକେସିଜି ମେଡିକାଲ କଲେଜ ଖେଳ ପଡିଆ ଆଗରୁ ଜଣେ ଯୁବକଙ୍କ ଦରପୋଡ଼ା ଶବ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଏନେଇ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ବୈଦ୍ୟନାଥପୁର ଥାନା ପୁଲିସ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ଯୁବକଙ୍କ ହାତ, ଗୋଡ଼ ବାନ୍ଧି ଯୌନାଙ୍ଗ କାଟି ଦିଆଯାଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ହତ୍ୟା ବୋଲି ଜଣାପଡୁଛି। ମୃତକଙ୍କ ପରିଚୟ ଅସ୍ପଷ୍ଟ ରହିଛି। ତେବେ ଯୁବକଙ୍କ ବୟସ ୪୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଶବ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଯାଇଛି। ପରିଚୟ ଅସ୍ପଷ୍ଟ ଥିବାରୁ ଶବକୁ ସଂରକ୍ଷିତ ଗୃହରେ ରଖାଯାଇଛି। ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଯାଞ୍ଚ କରାଯାଉଛି ବୋଲି ଆଇଆଇସି ପରିଡ଼ା କହିଛନ୍ତି। ତେବେ ସେହି ରାସ୍ତା ଦେଇ ବହୁ ଲୋକ ନିୟମିତ ଯାତାୟାତ କରୁଛନ୍ତି। ମେଡିକାଲ ପଡିଆରୁ ଭାବାନଗରକୁ ସେହି ରାସ୍ତା ସଂଯୋଗ କରୁଛି। ଶବ ପଡିଥିବା ଜାଗା ପାଖ୍ୱରେ କ୍ୟାନ୍ସର ବିଭାଗ କୋଠା ନିର୍ମାଣ ଚାଲିଛି। ତେଣୁ ସେଠାରେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ସେହି ଜାଗାରେ କିଛି ନିର୍ଦ୍ଦିଷ୍ଟ ଲୋକ ଆଡ୍ଡା ଜମାଉଛନ୍ତି। ସେମାନଙ୍କ ଉପରେ ପୁଲିସ ସନ୍ଦେହ କରୁଛି। ବିଭିନ୍ନ ଦିଗରୁ ତଦନ୍ତ ଜାରି ରହିଥିବା ବେଳେ ଅପରାଧୀଙ୍କୁ ଧରିବା ପୁଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ମେଡିକାଲ କ୍ୟାମ୍ପସ୍ ଏକ ସୁରକ୍ଷିତ ଜାଗା କୁହାଯାଉଥିବା ବେଳେ ଏଭଳି ଏକ ହତ୍ୟାକାଣ୍ଡ ପରେ ବିଦ୍ୟାର୍ଥୀମାନେ ଭୟଭୀତ ହୋଇଛନ୍ତି। ଦୁଇ ମାସ ପୂର୍ବରୁ ବ୍ରହ୍ମପୁର ଜେଲ୍ ନିକଟରେ ଜଣେ ବଙ୍ଗୀୟ ଯୁବକଙ୍କୁ ହତ୍ୟା କରି ଟାଙ୍ଗି ଦେଇଥିଲେ। ସମ୍ପୃକ୍ତ ମାମଲାରେ ପୁଲିସ କାହାକୁ ଗିରଫ କରିନଥିବା ବେଳେ ପୁଣି ଏକ ହତ୍ୟାକାଣ୍ଡ ଚିନ୍ତାର କାରଣ ହୋଇଛି।



# ସୌମ୍ୟାଶ୍ରୀଙ୍କ ବିୟୋଗରେ ରାଜ୍ୟପାଳଙ୍କ ଶୋକ

**ଭୁବନେଶ୍ୱର,୧୫।୭(ସଂଚାର ବ୍ୟୁରୋ):** କଠୋର କାର୍ଯ୍ୟାନୁଷ୍ଠାନ ହେବ। ଛାତ୍ରୀ ମୃତ୍ୟୁ ଘଟଣାରେ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡ ମିଳିବ। ଏଫଏମ କଲେଜ ଛାତ୍ରୀଙ୍କ ଦେହାନ୍ତକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି। ସୋସିଆଲ ମିଡିଆରେ ପୋଷ୍ଟ କରି ରାଜ୍ୟପାଳ କହିଛନ୍ତି ଯେ ଛାତ୍ରୀଙ୍କ ଦେହାନ୍ତ କେବଳ ଏକ ଦୁଃଖଦ ଘଟଣା ନୁହେଁ। କ୍ୟାମ୍ପସକୁ ସୁରକ୍ଷିତ ରଖିବାର ନିହାତି ଆବଶ୍ୟକତା ରହିଛି। ଆଇନ ତା' ବାଟରେ ଯିବ ବୋଲି ରାଜ୍ୟପାଳ କହିବା ସହ ଅମର ଆତ୍ମାର ସଦଗତି କାମନା କରିଛନ୍ତି। ଏଥିସହ ସେ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।



# ମୋବାଇଲ ଟାୱାର ଜାଳିଦେଲେ ମାଓବାଦୀ

● ସହିଦ ସପ୍ତାହ ପୂର୍ବରୁ ହିଂସା

**ମାଲକାନଗିରି,୧୫।୭(ସଂଚାର ବ୍ୟୁରୋ):** ଛତିଶଗଡ ନାରାୟଣପୁର ଜିଲ୍ଲାରେ ପୁଣି ମାଓ ହିଂସା। ଛୋଟେଡଙ୍ଗର ଥାନା ମାଧେନାର ଗାଁର ମୋବାଇଲ ଟାୱାରକୁ ନିଆଁ ଲଗାଇ ପୋଡ଼ିଦେଇଛନ୍ତି ଲାଲ୍ ବାହିନୀ। ଛୋଟେ ଡଙ୍ଗର ଥାନାଠାରୁ ମାତ୍ର ୬ କିମି ଦୂରରେ ଥିବା ମାଧେନାର ଗାଁରେ ୫୦ ରୁ ୬୦ ଜଣ ମାଓବାଦୀ ଆସି ଟାୱାରକୁ ଜାଳିଦେଇଛନ୍ତି। ଟାୱାରକୁ ନିଆଁ ଲଗାଇବା ସହ ମାଓବାଦୀମାନେ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରିଦେଇଛନ୍ତି। ଖବର ପାଇ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମାଓବାଦୀମାନଙ୍କୁ ଧରିବା ପାଇଁ ସର୍ଚ୍ଚ ଅପରେସନ ଆରମ୍ଭ କରିଛି। ତେବେ ସହିଦ ସପ୍ତାହ ପୂର୍ବରୁ ହିଂସାକାଣ୍ଡ ଘଟାଇ ନକ୍ସଲମାନେ ପୁଣିଥରେ ସେମାନଙ୍କ ଉପସ୍ଥିତି ଜାହିର କରିଛନ୍ତି।

# ଛାତ୍ରୀଙ୍କୁ ଅସଦାଚରଣ: ବନ୍ଧାହେଲେ ଶିକ୍ଷକ

**ଝାରସୁଗୁଡ଼ା,୧୫।୭(ସଂଚାର ବ୍ୟୁରୋ):** ଦୁଇ ଜଣ ଛାତ୍ରୀଙ୍କୁ ଅସଦାଚରଣ କରି ଜଣେ ଶିକ୍ଷକ ଗିରଫ ହୋଇଛନ୍ତି। ଉକ୍ତ ଛାତ୍ରୀ ଜଣଙ୍କ ଯୁକ୍ତ ଦୁଇରେ ପଢୁଥିବା ବେଳେ ସମ୍ପୃକ୍ତ ଶିକ୍ଷକଙ୍କୁ ଝାରସୁଗୁଡ଼ା ଜିଲ୍ଲା ଲଇକେରା ଥାନା ପୁଲିସ୍ ଗିରଫ କରିଛି। ଉକ୍ତ ଶିକ୍ଷକଙ୍କ ନାମ ହେଉଛି ତ୍ରୈଲୋକ୍ୟନାଥ ମହାପାତ୍ର। ଅଭିଯୋଗ ଅନୁଯାୟୀ, ଶିକ୍ଷକ ଶ୍ରୀ ମହାପାତ୍ର ଛାତ୍ରୀମାନଙ୍କୁ ପାଖକୁ ଡାକି ଆପତ୍ତିଜନକ ଆଚରଣ କରିଆସୁଥିଲେ। ପୂର୍ବରୁ ଏନେଇ ଛାତ୍ରୀଦ୍ୱୟ ପରିବାର ଲୋକଙ୍କୁ ଜଣାଇବା ସହ ବ୍ଲକ ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ। ଏଥିରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ବ୍ଲକ ଶିକ୍ଷାଧିକାରୀ ତୁରନ୍ତ ସମ୍ପୃକ୍ତ ଶିକ୍ଷକଙ୍କୁ ଡେପୁଟେସନରେ ପଠାଇବାକୁ ନିଷ୍ପତ୍ତି ନେଇଥିଲେ। ତେବେ ଗତକାଲି ୨ ଛାତ୍ରୀଙ୍କ ପରିବାର ଲୋକେ ଲଇକେରା ଥାନାରେ ଅଭିଯୋଗ କରିଥିବା ବଳେ ଏହା ଉପରେ ପଦକ୍ଷେପ ନେଇ ପୁଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଶିକ୍ଷକ ଶ୍ରୀ ମହାପାତ୍ରଙ୍କୁ ଗିରଫ କରିଛି।

# କେବେ ଆଦାୟ ହେବ ବରିଷ୍ଠ କିରାଣିଙ୍କଠୁ ହଡ଼ପ ୧.୩୯ କୋଟି

**କଟକ,୧୫।୭(ସଂଚାର ବ୍ୟୁରୋ):** ସ୍ୱାସ୍ଥ୍ୟ ବିଭାଗର ଜ୍ଞାତସାରରେ କୋଟି କୋଟି ଟଙ୍କା ଲୁଟ ଚାଲିଛି ଆଉ ସ୍ୱାସ୍ଥ୍ୟ ବିଭାଗକୁ ଅଡିଟ୍ ସଂସ୍ଥାଠାରୁ ଆରମ୍ଭ କରି ସାଧାରଣ ସଚେତନ ନାଗରିକମାନେ ତଥ୍ୟ ସହ ଇମେଲଠାରୁ 'ଏକ୍ସ' ମାଧ୍ୟମରେ ଅବଗତ କଲା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ ଯେତେବେଳେ କି ହଡ଼ପକାରୀ ସରକାରୀ ଅନୁଦାନକୁ ଲୁଟ୍ କରି ବିଳାସପୂର୍ଣ୍ଣ ଜୀବନ ବିତାଇବା ସହ କେତେକ ଦୁର୍ନୀତିଖୋର ଉପରିସ୍ଥ ଅଧିକାରୀଙ୍କ ସହଯୋଗରେ ସହଜରେ ଖସିଯାଉଛି। ଯାହାର ସଦ୍ୟତମ ଉଦାହରଣ ହେଉଛି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କଟକରେ କାର୍ଯ୍ୟରତ ବରିଷ୍ଠ କିରାଣି କିଶୋର କୁମାର ସାହାଣୀ। ସିଡିଏମ୍‌ଓଙ୍କ ଚିଠିକୁ ଆଧାର କରି ଅଡିଟ କରାଯାଇଥିବା ବେଳେ ଏଥିରେ ସାଙ୍ଘାତିକ ଲୁଟ୍ ତଥ୍ୟ ପଦାକୁ ଆସିଛି। ଶ୍ରୀ ସାହାଣୀ ଗତ ୯ ବର୍ଷ ଭିତରେ ସମୁଦାୟ ୧ କୋଟି ୩୯ ଲକ୍ଷ ୭୭ ହଜାର ଟଙ୍କା ହଡ଼ପ କରିଥିବା ଅଡିଟ୍ ରିପୋର୍ଟରେ ଦର୍ଶାଯାଇଛି। ଏଥିରେ ଆଦାୟ ରାଶିଠାରୁ ୩୪ ଲକ୍ଷ ୭ ହଜାର ୪୩୨ ଟଙ୍କା କମ୍ ଜମା କରିଥିବା ବେଳେ ୧ କୋଟି ୫ ଲକ୍ଷ ୭୦ ହଜାର ୪୫୦ ଟଙ୍କାର ବିଲ୍ ଭାଉଚର ଲୁଚାଉଛନ୍ତି କିମ୍ବା ନଷ୍ଟ କରି ଦେଇ ମିଛ କହୁଛନ୍ତି ଯେ ନିଆଁରେ ପୋଡ଼ିଯାଇଛି। ଏପରି ମିଛ ଅଡିଟ ଟିମ ଧରିବା ସହ ରିପୋର୍ଟରେ ମଧ୍ୟ ଏହା ଉଲ୍ଲେଖ କରିଛନ୍ତି। ଏଥିସହ ଶ୍ରୀ ସାହାଣୀଙ୍କଠାରୁ ତୁରନ୍ତ ହଡ଼ପ ଟଙ୍କା ଆଦାୟ କରିବା ସହ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ଟିମ୍ ସୁପାରିସ୍ କରିଥିଲେ। କିନ୍ତୁ ଅଦ୍ୟାବଧି ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ବରଂ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ କରାଯାଇଛି। ତାଙ୍କ ସହ ମିଶି ସିଡିଏମ୍‌ଓ ବିଭିନ୍ନ ଘରୋଇ ମେଡିକାଲ ଓ ଡାଇଗ୍ନୋଷ୍ଟିକ କେନ୍ଦ୍ରଠାରୁ ମୋଟା ଅଙ୍କର ଚାନ୍ଦା ଆଦାୟ କରି ମିଳିମିଶି ଖାଉଥିବା ନେଇ କଟକର ଗଳିକନ୍ଦିରେ ଆଲୋଚନା ହେଉଛି। ଜନସାଧାରଣଙ୍କ ଅର୍ଥ ହଡ଼ପକାରୀ କିରାଣି ଶ୍ରୀ ସାହାଣୀଙ୍କୁ ତୁରନ୍ତ ଚାକିରିରୁ ବହିଷ୍କାର କରିବା ସହ ହଡ଼ପ ରାଶି ଆଦାୟ ଓ ତାଙ୍କ ନାମରେ ଅପରାଧିକ ମାମଲା ରୁଜୁ ସହ ତାଙ୍କ ସମ୍ପତ୍ତି ଉପରେ ଭିଜିଲାନ୍ସ ତଦନ୍ତ ଏବଂ କାର୍ଯ୍ୟାନୁଷ୍ଠାନ ବଦଳରେ ଘଣ୍ଟ ଘୋଡାଉଥିବା ସିଡିଏମଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଦାବିରେ ସୂଚନାଧିକାର କର୍ମୀ ପ୍ରତାପ ମହାନ୍ତି ସ୍ୱାସ୍ଥ୍ୟ ସଚିବ, ମୁଖ୍ୟ ଶାସନ ସଚିବ, ବିଭାଗୀୟ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଗତ ୧୨ ତାରିଖରେ ଅଭିଯୋଗ କରିଛନ୍ତି। ତେବେ ଏହି ମାମଲାରେ ସରକାର କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି, ତା' ଦେଖିବାକୁ ବାକି ରହିଲା।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଭାରତରେ ଲଞ୍ଚ ହେଲା ଟେସ୍‌ଲା ମଡେଲ୍ ୱାଇ

ମୁମ୍ବାଇ, ୧୫।୭: ଆମେରିକାର ଇଲେକ୍ଟ୍ରିକ୍ କାର କମ୍ପାନି ଟେସଲା ଦେଶରେ ଏହାର ପ୍ରଥମ ଶୋ'ରୁମ ଖୋଲିଛି। ମଙ୍ଗଳବାର ମୁମ୍ବାଇ ବାନ୍ଦ୍ରା- କୁର୍ଲା କମ୍ପ୍ଲେକ୍ସରେ ଶୋ'ରୁମ୍ ଖୋଲିଥିବାବେଳେ, କମ୍ପାନି ଏହାର ଲୋକପ୍ରିୟ ଏସୟୁଭି ମଡେଲ ୱାଇକୁ ମଧ ଭାରତରେ ଆନୁଷ୍ଠାନିକ ଭାବରେ

## ମୂଲ୍ୟ ଆମେରିକା-ଚୀନ୍‌ଠାରୁ ଦୁଇଗୁଣ ଅଧିକ

ଲଞ୍ଚ କରିଛି । ଆଉ ଏହି ଲଞ୍ଚ୍ ସହ କମ୍ପାନି ଦୀର୍ଘ ଅପେକ୍ଷା ପରେ ଭାରତରେ ଏହାର ଗାଡ଼ିର ବିକ୍ରି ଆରମ୍ଭ କରିଛି। ଟେସଲା ମଡେଲ ୱାଇକୁ ଭାରତରେ ଦୁଇଟି ଭାରିଆଣ୍ଟରେ ଲଞ୍ଚ କରାଯାଇଛି। ପ୍ରଥମ ଭାରିଆଣ୍ଟ ରିୟର-ହ୍ୱିଲ୍ ଡ୍ରାଇଭ (ଆରଡବ୍ଲ୍ୟୁଡି) ଯାହାର ଦାମ୍ ୬୦ ଲକ୍ଷ ଟଙ୍କା ରଖାଯାଇଛି। ଅନ୍ୟ ଭାରିଆଣ୍ଟ ଲଙ୍ଗ ରେଞ୍ଜ ଆରଡବ୍ଲ୍ୟୁଡି, ଯାହାର ଦାମ୍ ୬୮ ଲକ୍ଷ ଟଙ୍କା ରଖାଯାଇଛି। ଅବଶ୍ୟ କମ୍ପାନି ଏପର୍ଯ୍ୟନ୍ତ କୌଣସି ଫାଇନାନ୍ସିଂ, ଇଏମଆଇ ଦ୍ୱାର କାର କିଣିବା ନେଇ ସୂଚନା ଦେଇନାହିଁ। ଏହାର ଅର୍ଥ ଯଦି କେହି ଗ୍ରାହକ ଏହି ଗାଡ଼ିକୁ କିଣିବାକୁ ଚାହୁଁଛନ୍ତି ତେବେ ଏବେ କେବଳ ସିଧା



ପେମେଣ୍ଟ କରିବାକୁ ହେବ। ଅବଶ୍ୟ ହୁଏତ ପରବର୍ତ୍ତୀ ସମୟରେ କମ୍ପାନି ଫାଇନାନ୍ସର ସୁବିଧା ଉପଲବ୍ଧ କରାଇପାରେ। ତେବେ ଟେସଲା ମଡେଲ ୱାଇର ଯେଉଁ ଦାମ୍ ଭାରତରେ ରଖାଯାଇଛି, ତାହା ଅନ୍ତର୍ଜାତୀୟ ବଜାର ତୁଳନାରେ ବେଶ ଅଧିକ ରହିଛି। କାରଣ ଆମେରିକାରେ ଏହି କାର ପ୍ରାୟ ୩୭.୫ ଲକ୍ଷ ଟଙ୍କାରେ ଉପଲବ୍ଧ। ସେହିଭଳି ଚୀନର ଏହାର ମୂଲ୍ୟ ପ୍ରାୟ ୩୦ ଲକ୍ଷ ଏବଂ ଜର୍ମାନୀ ଭଳି ୟୁରୋପୀୟ ଦେଶରେ ମଧ ଏହାର ଦାମ୍ ୪୨ ଲକ୍ଷ ଟଙ୍କା ପାଖାପାଖି ରହିଛି। ଅର୍ଥାତ୍ ଭାରତୀୟ ଗ୍ରାହକଙ୍କୁ ଏହି ଇଲେକ୍ଟ୍ରିକ ଏସୟୁଭି ପାଇଁ ଅଧିକ ପ୍ରିମିୟମ ଦେବାକୁ ପଡ଼ିବ। ଏହାର ଦାମ୍ ଅନ୍ତର୍ଜାତୀୟ ଦାମ୍ ଠାରୁ ୪୦% ପର୍ଯ୍ୟନ୍ତ ଅଧିକ। କୁହାଯାଉଛି ଭାରତରେ ଲାଗୁଥିବା ଇମ୍ପୋର୍ଟ ଟ୍ୟାକ୍ସ ଏବଂ ଶୁଳ୍କ ଯୋଗୁ ଏହି ମୂଲ୍ୟ ଦେବାକୁ ପଡ଼ିବ। ଏବେ ବୁକିଂ ଆରମ୍ଭ ହୋଇଥିବାବେଳେ, ଅକ୍ଟୋବର ଠାରୁ ଏହାର ଡେଲିଭରି ଆରମ୍ଭ ହେବ। ମଡେଲ ୱାଇର ଏହି ଭାରିଆଣ୍ଟରେ ଅତ୍ୟାଧୁନିକ ଫିଚର୍ସ ସହ ୫୦୦ କିଲୋମିଟରର ଡ୍ରାଇଭିଂ ରେଞ୍ଜ ମିଳିବ। ଏହି କାର୍‌ର ଟପ୍ ସ୍ପିଡ୍ ୨୦୧ କିମି ପ୍ରତି ଘଣ୍ଟା ରହିଥିବାବେଳେ, ଏହା ମାତ୍ର ୫.୯ ସେକେଣ୍ଡରେ ୦ରୁ ୧୦୦ କିମି ପ୍ରତିଘଣ୍ଟା ସ୍ପିଡ ଧରିପାରିବ। ସୁପରଚାର୍ଜ ଦ୍ୱାରା କାରକୁ ୧୫ ମିନିଟର ଚାର୍ଜରେ ୨୩୮ କିମିର ମାଇଲେଜ ଦେଇପାରିବ। ସେହିଭଳି ମଡେଲ ୱାଇର ଲଙ୍ଗ ରେଞ୍ଜ ଆରଡବ୍ଲ୍ୟୁଡି ଭାରିଆଣ୍ଟରେ ମଧ ସମାନ ଫିଚର୍ସ ମିଳୁଥିବାବେଳେ ଏହାର ଅଧିକ ବଡ଼ ବ୍ୟାଟେରୀ ପ୍ୟାକ୍ ୬୨୨ କିଲୋମିଟରର ଡ୍ରାଇଭିଂ ରେଞ୍ଜ୍ ଦେବ। କାର୍‌ର ଟପ୍ ସ୍ପିଡ୍ ୨୦୧ କିମି ରହିଛି।

# ୪ ଦିନ ପରେ ସବୁଜ ସଂକେତରେ ବଜାର ବନ୍ଦ



ନୂଆଦିଲ୍ଲୀ, ୧୫।୭: ଭାରତୀୟ ସେୟାର ବଜାର ମଙ୍ଗଳବାର ବଡ଼ ବୃଦ୍ଧି ସହ ବନ୍ଦ ହୋଇଛି। ଏହାସହ ସେନ୍‌ସେକ୍ସ ଓ ନିଫ୍ଟିରେ ଗତ ଚାରି ଦିନ ଧରି ଚାଲିଥିବା ହ୍ରାସରେ ବିରାମ ଲାଗିଛି। ବିଏସ୍‌ଇ ସେନ୍‌ସେକ୍ସ ୩୧୭.୪୫ ଅଙ୍କ ବଢ଼ି ୮୨,୫୭୦.୯୧ ସ୍ତରରେ ବନ୍ଦ ହୋଇଛି। ଅନ୍ୟପଟେ ଏନ୍‌ଏସ୍‌ଇ ନିଫ୍ଟି ୧୧୩.୫୦ ଅଙ୍କ ବଢ଼ି ୨୫,୧୯୫ ସ୍ତରରେ ବନ୍ଦ ହୋଇଛି। ଜୁନ୍ ମାସରେ ଖୁଚୁରା ମୁଦ୍ରାସ୍ଫୀତି ହାର ଖସି ୨.୧ ପ୍ରତିଶତ ହେବା ପରେ ନିବେଶକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ବିଶେଷଜ୍ଞ ଅନୁସାରେ ଜୁନରେ ମୁଦ୍ରାସ୍ଫୀତି ୭୭ ମାସର ସର୍ବନିମ୍ନ ସ୍ତରରେ ରହିବା ଆରବିଆଇ ପାଇଁ ଆଶ୍ୱସ୍ତିର ବିଷୟ। ଏହାଦ୍ୱାରା ସୁଧ ହାର ହ୍ରାସ ହେବାର ଅନୁମାନ କରାଯାଉଛି। ନିବେଶକଙ୍କ ନଜର ଏବେ ଆମେରିକାର ମୁଦ୍ରାସ୍ଫୀତି ଡାଟା ଉପରେ ରହିଛି, ଯାହା ଆଜି ରାତିରେ ଜାରି ହୋଇପାରେ। ଆଜିର କାରବାରରେ ସମସ୍ତ ସେକ୍ଟୋରାଲ୍ ଇଣ୍ଡେକ୍ସ ସବୁଜ ସଂକେତରେ ବନ୍ଦ ହୋଇଛି। ଫାର୍ମା, ଅଟୋ, ମିଡିଆ, ପିଏସୟୁ ବ୍ୟାଙ୍କ୍, କଞ୍ଜୁମର ଡ୍ୟୁରେବଲ୍ସ ଓ ରିୟଲ୍ଟି ସେକ୍ଟରରେ ଭଲ ବୃଦ୍ଧି ଦେଖିବାକୁ ମିଳିଛି। ବିଏସଇ ମିଡ୍‌କ୍ୟାପ୍ ଓ ସ୍ମଲ୍‌କ୍ୟାପ୍ ଇଣ୍ଡେକ୍ସ ବି ପ୍ରାୟ ୧ ପ୍ରତିଶତ ବଢ଼ିଛି। ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନିଗୁଡ଼ିକର ମାର୍କେଟ୍ କ୍ୟାପ୍ ଆଜି ଜୁଲାଇ ୧୫ରେ ବଢ଼ି ୪୬୦.୩୭ ଲକ୍ଷ କୋଟି ଟଙ୍କା ହୋଇଛି। ପୂର୍ବ କାରବାର ଦିନ ଏହା ୪୫୭.୬୪ ଲକ୍ଷ କୋଟି ଟଙ୍କା ଥିଲା। ଏହିପରି ବିଏସଇରେ ସୂଚୀବଦ୍ଧ କମ୍ପାନିଗୁଡ଼ିକର ମାର୍କେଟ୍ କ୍ୟାପ୍ ଆଜି ପ୍ରାୟ ୨.୭୩ ଲକ୍ଷ କୋଟି ଟଙ୍କା ବଢ଼ିଛି। ଅନ୍ୟ ଶବ୍ଦରେ କହିବାକୁ ଗଲେ ନିବେଶକଙ୍କ ସମ୍ପତ୍ତିରେ ପ୍ରାୟ ୨.୭୩ ଲକ୍ଷ ଟଙ୍କା ବୃଦ୍ଧି ପାଇଛି। ବିଏସ୍‌ଇ ସେନ୍‌ସେକ୍ସର ୩୦ରୁ ୨୨ ସେୟାର ଆଜି ସବୁଜ ସଂକେତରେ ବନ୍ଦ ହୋଇଛି। ସନ୍ ଫାର୍ମା ସେୟାରରେ ସବୁଠୁ ଅଧିକ ୨.୭୧ ପ୍ରତିଶତ ବୃଦ୍ଧି ହୋଇଛି। ଅନ୍ୟପଟେ ୩.୩୧ ପ୍ରତିଶତ ହ୍ରାସ ସହ ଏଚ୍‌ସିଏଲ୍ ଟପ୍ ଲୁଜର ହୋଇଛି।

# ଓଡ଼ିଶା ଦେଶର ତୃତୀୟ ଶସ୍ତା ବଜାର

ଭୁବନେଶ୍ୱର, ୧୫।୭: ଗତ ଜୁନ୍ ମାସରେ ରାଜ୍ୟରେ ଦରଦାମ୍ ସ୍ଥିତି ବେଶ୍ ନିୟନ୍ତ୍ରଣରେ ଥିଲା। ଗାଁଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ, ସବୁଆଡ଼େ ବଜାରରେ ଅପେକ୍ଷାକୃତ ଶସ୍ତାରେ ଜିନିଷ ଉପଲବ୍ଧ ହେଉଥିଲା। କେନ୍ଦ୍ର ପରିସଂଖ୍ୟାନ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଖୁଚୁରା ମୁଦ୍ରାସ୍ଫୀତି ତଥ୍ୟରୁ ଏହି ଚିତ୍ର ସାମ୍ନାକୁ ଆସିଛି। ଏହି ମାସରେ ଓଡ଼ିଶାର ମୁଦ୍ରାସ୍ଫୀତି ହାର ମାତ୍ର ୦.୫୨ ପ୍ରତିଶତ ରହିଛି ଯାହା ଗତ ମେ' ମାସରେ ୨.୨୮ ପ୍ରତିଶତ ଥିଲା। ଜୁଲାଇ ମାସରେ କିନ୍ତୁ ସ୍ଥିତି ବଦଳିଯାଇଛି। ବର୍ଷାଜନିତ କାରଣରୁ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହେବା ଦ୍ୱାରା ପନିପରିବା ଓ ଖାଦ୍ୟ ସାମଗ୍ରୀ ଦରରେ ବୃଦ୍ଧି ଦେଖାଦେଇଛି।

ସୂଚନା ଅନୁଯାୟୀ, ଗତ ମେ'ରେ ଗ୍ରାମୀଣ ମୁଦ୍ରାସ୍ଫୀତି ୧.୭୨ ପ୍ରତିଶତ ଓ ସହରାଞ୍ଚଳ ମୁଦ୍ରାସ୍ଫୀତି ୨.୫୬ ପ୍ରତିଶତ ଥିଲା। ଗୋଟିଏ ମାସ ପରେ ଜୁନ୍‌ରେ ଗ୍ରାମୀଣ ମୁଦ୍ରାସ୍ଫୀତି ୦.୪୬ ପ୍ରତିଶତ ଓ ସହରାଞ୍ଚଳରେ ତାହା ୦.୬୪ ପ୍ରତିଶତକୁ ହ୍ରାସ ପାଇଛି। ଜୁନ୍ ମାସେ ଓଡ଼ିଶା ଦେଶର ତୃତୀୟ ଶସ୍ତା ବଜାର ଥିଲା। ତେଲେଙ୍ଗାନାର ମୁଦ୍ରାସ୍ଫୀତି ହାର ବିଯୁକ୍ତ ୦.୯୩ ପ୍ରତିଶତ ଓ ଆନ୍ଧ୍ରପ୍ରଦେଶରେ ଶୂନ ପ୍ରତିଶତ ରହିଛି। ତା'ପଛକୁ ଓଡ଼ିଶାର ମୁଦ୍ରାସ୍ଫୀତି ୦.୫୨ ପ୍ରତିଶତ ରହିଛି। ଏହା ତିନି ରାଜ୍ୟ ବ୍ୟତୀତ ବିହାରରେ ମୁଦ୍ରାସ୍ଫୀତି ୦.୭୫ ପ୍ରତିଶତ ରହିଛି। ଆଲୋଚ୍ୟ ମାସରେ ମଧ ୬.୭୧ ପ୍ରତିଶତ ସହ



କେରଳ ମୁଦ୍ରାସ୍ଫୀତି ସର୍ବାଧିକ ଥିବା ସହ ପଞ୍ଜାବର ଦ୍ୱିତୀୟ ସର୍ବାଧିକ ୪.୬୭ ପ୍ରତିଶତ ରହିଛି। ଜାତୀୟ ସ୍ତରରେ ଖୁଚୁରା ମୁଦ୍ରାସ୍ଫୀତି ହାର ସାତ ବର୍ଷର ସର୍ବନିମ୍ନ ସ୍ତର ୨.୧୦ ପ୍ରତିଶତକୁ ହ୍ରାସ ପାଇଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଏହି ହାର ଯଥାକ୍ରମେ ୧.୭୨ ପ୍ରତିଶତ ଓ ୨.୫୬ ପ୍ରତିଶତ ରହିଛି। ଏହି ରିପୋର୍ଟରୁ ଜଣାପଡୁଛି ଯେ ଯାହା ବି କିଛି ଦରଦାମ୍ ଜନିତ କଷ୍ଟ ରହିଛି ତାହା ସହରାଞ୍ଚଳରେ ଅଧିକ ଅନୁଭୂତ ହେଉଛି। ଅର୍ଥାତ ପ୍ରକ୍ରିୟାକରଣ ଓ ପ୍ୟାକେଟ୍‌ରେ ଉପଲବ୍ଧ ହେଉଥିବା ଖାଦ୍ୟ ସାମଗ୍ରୀଗୁଡ଼ିକର ଦାମ୍ ଅଧିକ ରହିଛି। ଯେହେତୁ ମୁଦ୍ରାସ୍ଫୀତି ନିର୍ଦ୍ଧାରିତ ଲକ୍ଷ୍ୟ ୬ ପ୍ରତିଶତଠାରୁ ଯଥେଷ୍ଟ କମ୍ ରହିଛି, ତାହା ଭାରତୀୟ ରିଜର୍ଭ ବ୍ୟାଙ୍କ ପାଇଁ ସୁଧ ହାରରେ ଆଉ ଏକ ହ୍ରାସ କରିବାର ସୁଯୋଗ ସୃଷ୍ଟି କରିଛି।

# ବିକାଶ ମେଳାରେ ବେଦାନ୍ତ ଆଲୁମିନିୟମ୍‌ର 'ପ୍ରୋଜେକ୍ଟ ସଖୀ'

ଭୁବନେଶ୍ୱର, ୧୫।୭: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ସରକାରଙ୍କ ପ୍ରଥମ ବାର୍ଷିକୀ ପାଳନ ଉପଲକ୍ଷେ ଆୟୋଜିତ ବିକାଶ ମେଳା ୨୦୨୫ରେ ବେଦାନ୍ତ ଆଲୁମିନିୟମ୍‌ର ମହିଳା ସଶକ୍ତୀକରଣ ଅଭିଯାନ 'ପ୍ରୋଜେକ୍ଟ ସଖୀ'ର ଉତ୍ପାଦଗୁଡ଼ିକୁ ପ୍ରଦର୍ଶିତ କରାଯାଇଥିଲା। କମ୍ପାନିର ଷ୍ଟଲ୍‌କୁ କଳାହାଣ୍ଡି ଜିଲ୍ଲା ମାଜିଷ୍ଟ୍ରେଟ୍ ପାୱାର ସଚିନ, ଓରମାସ୍, ଆଇଟିଡିଏ ଓ ଡିପିଏମ୍‌ୟୁର ଅଧିକାରୀମାନେ ପ୍ରଶଂସା କରିଥିଲେ। ଏହି ଅବସରରେ ବେଦାନ୍ତ




ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ କଳାହାଣ୍ଡିର ବିକାଶ ମହିଳା ସଶକ୍ତୀକରଣ ସହ ଆନ୍ତରିକ ଭାବେ ଜଡ଼ିତ। ମହିଳାମାନେ ଅନ୍ତର୍ଭୁକ୍ତୀକରଣ ଅଭିବୃଦ୍ଧିର ମୂଳଦୁଆ ବୋଲି ବେଦାନ୍ତ ଆଲୁମିନିୟମ୍‌ରେ ଆମେ ବିଶ୍ୱାସ କରୁ। ପ୍ରୋଜେକ୍ଟ ସଖୀ ମାଧ୍ୟମରେ ଆମେ ସେମାନଙ୍କୁ ଆତ୍ମନିର୍ଭରଶୀଳ ଉଦ୍ୟୋଗୀ ଓ ସାମାଜିକ-ଆର୍ଥିକ ପରିବର୍ତ୍ତନର ସକ୍ରିୟ ଭାଗିଦାରୀ ହେବାକୁ ସକ୍ଷମ କରୁଛୁ। ୨୦୧୬ରେ ଆରମ୍ଭ ହୋଇଥିବା ପ୍ରୋଜେକ୍ଟ ସଖୀରେ ୪୭୦୧ ସ୍ୱୟଂ ସହାୟକ ଗୋଷ୍ଠୀରେ ୪୯୦୦ରୁ ଅଧିକ ମହିଳା ଯୋଡ଼ିହୋଇଛନ୍ତି।

# ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ୍‌ର ଇ-ଶିକ୍ଷା, କନ୍ୟା ଏକ୍ସପ୍ରେସ୍

ଭୁବନେଶ୍ୱର, ୧୫।୭: ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ୍ ଫେରୋ ଆଲଏଜ୍ ଲିମିଟେଡ୍ (ଇମ୍ଫା)ର ସିଏସ୍‌ଆର୍ ଶାଖା ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ୍ (ବିଆଇପିଏଫ୍) ପକ୍ଷରୁ ଯାଜପୁରର କଳିଙ୍ଗନଗରରେ ଇ-ଶିକ୍ଷା ଏକ୍ସପ୍ରେସ୍ ଓ କନ୍ୟା ଏକ୍ସପ୍ରେସ୍ ଆରମ୍ଭ କରାଯାଇଛି। ଏହାକୁ ଯାଜପୁର ଜିଲ୍ଲାପାଳ ପି ଅନୱେସା ରେଡ୍ଡି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଯାଜପୁର ଉପ ଜିଲ୍ଲାପାଳ ସ୍ୱପନ କୁମାର ନନ୍ଦ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପାର୍ବତୀ ସାହୁ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଜୟ ମିଶ୍ର, ବ୍ଲକ୍ ବିକାଶ ଅଧିକାରୀ ପ୍ରଦୀପ ସେଠୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ନନ୍ଦିନୀ ପ୍ରଭା ମିଶ୍ର, ଭାରାପ୍ରାପ୍ତ ଚିକିତ୍ସା ଅଧିକାରୀ ଡକ୍ଟର ଜ୍ୟୋତି ମହାପାତ୍ର ଉପସ୍ଥିତ ଥିଲେ।



# ରାଜନୈତିକ ଦାନ ନାଁରେ ଟିକସ ଠକେଇ

ନୂଆଦିଲ୍ଲୀ, ୧୫।୭: ରାଜନୈତିକ ଦାନ, ଟ୍ୟୁସନ୍ ଫି' ଓ ମେଡିକାଲ୍ ଖର୍ଚ୍ଚ ଭଳି ଜାଲ୍ ଦାବି ଜରିଆରେ ବ୍ୟାପକ ଟିକସ ଠକେଇ ହୋଇଥିବା ଜାଣିବା ପରେ ଆୟକର ବିଭାଗ ପକ୍ଷରୁ ଦେଶବ୍ୟାପୀ ୨୦୦ ସ୍ଥାନରେ ଚଢ଼ଉ କରାଯାଇଛି। ଆୟକର ନିୟମର ଧାରା ୮୦ଜିଜିସି ଅଧୀନରେ ବହୁ ଜାଲ୍ ବିଲ୍ ସୃଷ୍ଟି କରାଯାଇଛି। ଏହି ଧାରା ରାଜନୈତିକ ଦାନ ଓ ଯେକୌଣସି ଇଲେକ୍ଟୋରାଲ୍ ଟ୍ରଷ୍ଟକୁ ଦିଆଯାଇଥିବା ଦାନ ଉପରେ ଟିକସ କାଟ ସୁବିଧା ଦେଉଛି। ଅଧିକ ରିଫଣ୍ଡ୍ ପାଇବା ଲାଗି ନକଲି ଟିଡିଏସ୍ ରିଟର୍ଣ୍ଣ ଦାଖଲ କରାଯାଉଛି। ନକଲି ଓ ଜାଲ୍ ଦାବି ଉପସ୍ଥାପନ କରୁଥିବା ଟିକସଦାତାଙ୍କ ବିରୋଧରେ ଜରିମାନା ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ଆୟକର ବିଭାଗ ବିଚାର କରୁଛି। କିଛି ଦିନ ପୂର୍ବେ ମହାରାଷ୍ଟ୍ର, ତାମିଲନାଡୁ, ଦିଲ୍ଲୀ, ଗୁଜରାଟ, ପଞ୍ଜାବ ଓ ମଧ୍ୟପ୍ରଦେଶରେ କରାଯାଇଥିବା ଚଢ଼ଉ ଓ ଜବତ କରାଯାଇଥିବା କାଗଜପତ୍ରରୁ ଜାଲ୍ ଓ ନକଲି ଦାବି ବିଷୟରେ ଜଣାପଡ଼ିଥିଲା। ଟିକସ ଛାଡ଼ ଓ କାଟ ସୁବିଧା ପାଇବା ଲାଗି ଦେଶରେ ସଂଗଠିତ ର୍ୟାକେଟ୍ ଚାଲିଛି। ଆୟକର ରିଟର୍ଣ୍ଣ ପ୍ରସ୍ତୁତି କରୁଥିବା ଏବଂ ମଧ୍ୟସ୍ଥତା କରୁଥିବା ସଂସ୍ଥାଗୁଡ଼ିକ ସେଥିରେ ଲିପ୍ତ ରହିଛନ୍ତି। ସାଧାରଣ ଟିକସଦାତାଙ୍କଠାରୁ ଆରମ୍ଭ କରି ବହୁଦେଶୀୟ କମ୍ପାନି, ରାଷ୍ଟ୍ରାୟତ୍ତ ଉଦ୍ୟୋଗ, ସରକାରୀ ସଂସ୍ଥା, ଶିକ୍ଷାନୁଷ୍ଠାନ ଓ ଉଦ୍ୟୋଗୀ ଭଳି ବିଭିନ୍ନ ବର୍ଗର ଟିକସଦାତାଙ୍କୁ ଫସାଇବାକୁ ଉଦ୍ୟମ କରାଯାଇଛି। ଏକକାଳୀନ ବହୁ ସଂଖ୍ୟାର ଦାବି ଉପସ୍ଥାପନ କରିବା ଲାଗି ସାମୟିକ ଇ-ମେଲ୍ ଆଇଡି ସୃଷ୍ଟି କରାଯାଉଛି ଏବଂ ପରବର୍ତ୍ତୀ ସମୟରେ ତାହାର ବ୍ୟବହାର ବନ୍ଦ କରିଦିଆଯାଉଛି। ଫଳରେ ପରବର୍ତ୍ତୀ ସମୟରେ ଆୟକର ବିଭାଗ ପଠାଉଥିବା ନୋଟିସ୍ ଓ ବାର୍ତ୍ତାକୁ କେହି ପଢୁନାହାନ୍ତି।

# ଭୁବନେଶ୍ୱରରେ ବଢ଼ୁଛି ଆଇଟି ଚାକିରି

ଭୁବନେଶ୍ୱର, ୧୫।୭(ସଂଚାର ବ୍ୟୁରୋ): ସୂଚନା ପ୍ରଯୁକ୍ତି (ଆଇଟି) ନିଯୁକ୍ତି ସୃଷ୍ଟି କରିବାରେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ବିଶେଷ କରି ନଲେଜ୍ ପ୍ରୋସେସ୍ ଆଉଟ୍‌ସୋର୍ସିଂ (କେପିଓ) ବର୍ଗରେ ଏଠାରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇଛି। ଫିନ୍‌ଟେକ୍ ପ୍ଲାଟଫର୍ମଗୁଡ଼ିକର ଅଭିବୃଦ୍ଧି ବଳରେ ଚଳିତ ଆର୍ଥିକ ବର୍ଷର ପ୍ରଥମ ଛଅ ମାସରେ ଭୁବନେଶ୍ୱରରେ କେପିଓ ନିଯୁକ୍ତି ୨୧ ପ୍ରତିଶତ ବୃଦ୍ଧି ପାଇଛି ବୋଲି ଟିମ୍‌ଲିଜ୍‌ର ଏକ ରିପୋର୍ଟରୁ ଜଣାପଡ଼ିଛି।

ଭୁବନେଶ୍ୱର ସମେତ ଇନ୍ଦୋର, ଉଦୟପୁର, ଭାଇଜାଗ, ଲକ୍ଷ୍ନୌ, ଅହମଦାବାଦ, ଭଦୋଦରା ଓ ୱାରାଙ୍ଗଲରେ ସରକାରୀ ଅଭିଯାନ, ଆଇଟି ଭିତ୍ତିଭୂମିରେ ନିବେଶ ଏବଂ ବିଶ୍ୱସ୍ତରୀୟ କମ୍ପାନିଗୁଡ଼ିକ



ସେମାନଙ୍କ ଉପସ୍ଥିତି ବଢ଼ାଉଥିବାରୁ ଅଧିକ ନିଯୁକ୍ତି ସୃଷ୍ଟି ହୋଇଛି। ଫିନ୍‌ଟେକ୍ ଅଭିବୃଦ୍ଧି ପାଇଁ ଭୁବନେଶ୍ୱରରେ

## କେପିଓ ନିଯୁକ୍ତିରେ ୨୧% ବୃଦ୍ଧି

କେପିଓ ନିଯୁକ୍ତି ବଢ଼ୁଥିବା ସିଆଇଏଲ୍ ଏଚ୍‌ଆର୍‌ର ସିଇଓ ଆଦିତ୍ୟ ନାରାୟଣ ମିଶ୍ର କହିଛନ୍ତି। ବଡ଼ ସହରଗୁଡ଼ିକରେ ଷ୍ଟାର୍ଟଅପ୍‌ଗୁଡ଼ିକ ବଡ଼ ସଂସ୍ଥା ପାଇଁ ଆହ୍ୱାନ ସୃଷ୍ଟି କରିଛନ୍ତି। ସେଥିପାଇଁ ଅଧିକାଂଶ ପ୍ରତିଷ୍ଠିତ କମ୍ପାନି ନିଜ କାର୍ଯ୍ୟାଳୟଗୁଡ଼ିକ ପାଇଁ ସ୍ଥାନୀୟ ଇଞ୍ଜିନିୟରିଂ କଲେଜରୁ ପିଲାମାନଙ୍କୁ ନିଯୁକ୍ତି ଦେଉଛନ୍ତି। ବର୍ତ୍ତମାନ ସମୟରେ ଫୁଲ୍ ଷ୍ଟାକ୍ ଡେଭେଲପର୍, ଏଆଇ ଓ ମେସିନ୍ ଲର୍ଣ୍ଣିଂ ଇଞ୍ଜିନିୟର, ସାଇବର ନିରାପତ୍ତା ଆନାଲିଷ୍ଟ ଓ କ୍ଲାଉଡ୍ ଆନାଲିଷ୍ଟ ଚାକିରିର ଚାହିଦା ରହିଛି। ଉତ୍ପାଦ ଇଞ୍ଜିନିୟରିଂ ସଂସ୍ଥା ଓ ଗ୍ଲୋବାଲ କାପାବିଲିଟି ସେଣ୍ଟରଗୁଡ଼ିକର ଅଧିକ କର୍ମଚାରୀ ନିଯୁକ୍ତ କରୁଛନ୍ତି। ଏହି ରିପୋର୍ଟରେ କୁହାଯାଇଛି ଯେ ବର୍ଷର ପ୍ରଥମ ଛଅ ମାସରେ ଆଇଟି ନିଯୁକ୍ତି ବଢ଼ାଇବାରେ ଛୋଟ ସହରଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଚଳିତ ବର୍ଷର ଜାନୁଆରିରୁ ଜୁନ୍ ଭିତରେ ଏହି ସହରଗୁଡ଼ିକରେ ନିଯୁକ୍ତି ୫୦ ପ୍ରତିଶତ ବଢ଼ିଛି। ଏହା ତୁଳନାରେ ବେଙ୍ଗାଲୁରୁ, ଦିଲ୍ଲୀ ଭଳି ବଡ଼ ସହରରେ ଆଇଟି ନିଯୁକ୍ତି ମାତ୍ର ୧୨-୧୫% ବଢ଼ିଛି। ଉଦୟପୁର, ଭାଇଜାଗ, କୋଏମ୍ବାଟୁର, ନାଗପୁର ଆଦି ସହର ନିଯୁକ୍ତି ସୃଷ୍ଟିରେ ଆଗରେ ରହିଛନ୍ତି। କୋଏମ୍ବାଟୁର, ନାଗପୁର ଓ ନାସିକ୍‌ରେ ଆଇଟି ନିଯୁକ୍ତି ୨୦-୨୫ ପ୍ରତିଶତ ବଢ଼ିଥିବା ବେଳେ ଇନ୍ଦୋର ଓ ଜୟପୁରରେ ୩୦-୪୦ ପ୍ରତିଶତ ବଢ଼ିଛି। ଏଆଇ ନିଯୁକ୍ତି ସୃଷ୍ଟିରେ ମହୀଶୂର ଆଗରେ ରହିଛି।

## ଆଜିର ସୁନା ଦର



ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା, ୯୯, ୭୭୦ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୧ ,୪୫୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୯, ୭୭୦ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୧ ହଜାର ୪୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୯,୭୭୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୧ ହଜାର ୪୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୯, ୯୨୦ ଟଙ୍କା ଓ ୨୨ କ୍ୟାରେଟ୍ ୯୧,୬୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୯,୭୭୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୧ ହଜାର ୪୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୯, ୭୭୦ ଓ ୯୧ ହଜାର ୪୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୧୯ ,୦୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ ଦର



ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ପଇସା ରହିଛି।

### ଇଣ୍ଡିଆ ନୂଆ ବିସ୍ଥାପିତ କଲୋନୀ

# ଘର ଭିତରେ ଆଣ୍ଠୁଏ ପାଣି, କଲବଲ ବାସିନ୍ଦା

**କଳିଙ୍ଗନଗର,୧୫।୭ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳାଞ୍ଚଳ ସ୍ଥିତ ଯଖପୁରା ପଞ୍ଚାୟତ କୁଡୁମୀ ସାହିର ୪୪ ପରିବାର ଓ ଚାନ୍ଦିଆ ପଞ୍ଚାୟତ କଚେରୀ ଗାଁର ୩୫ପରିବାର ନୂଆ ନିର୍ମାଣ ହେଉଥିବା ଇଣ୍ଡିଆ କାରଖାନା ପାଇଁ ତିନିମାସ ହେଲା ବିସ୍ଥାପିତ ହୋଇ ଲଗାଣ ବର୍ଷାରେ ନାହିଁ ନ ଥିବା ହିନସ୍ତା ହେଉଛନ୍ତି। ଏହି ପରିବାରର ଲୋକମାନଙ୍କୁ ସବୁ ସୁବିଧା ଯୋଗାଇ ଭଲରେ ରଖିବା ପାଇଁ ନୂଆ ବିସ୍ଥାପିତ କଲୋନୀ ମାନତିରା ପଞ୍ଚାୟତର ମନୋହରପୁର ଠାରେ ଥଇଥାନ କରାଯାଇଛି। କଳିଙ୍ଗନଗର ବିସ୍ଥାପିତ ଓ ଥଇଥାନ ପ୍ୟାକେଜ ଅନୁସାରେ ୧୮ ବର୍ଷରୁ ଉର୍ଦ୍ଧ ୫୬ ଜଣ ନୂଆ ପରିବାରକୁ ଇଡିକୋ ତରଫରୁ ଚାରି ଡ଼ିସିମିଲ ଜାଗା ଓ ଇଣ୍ଡିଆ କମ୍ପାନୀ ତରଫରୁ ଦୁଇ ଲକ୍ଷ ଟଙ୍କା ଘର ନିର୍ମାଣ କରି ରହିବା ପାଇଁ ଦିଆଯାଇଛି। କିନ୍ତୁ ଦୁଃଖ ଦୁର୍ଭାଗ୍ୟର କଥା ଇଡ଼ିକୋର ଜେସିଡିଏଲ ଦ୍ୱାରା ଯେଉଁ ଠିକାଦାର ଏହି କଲୋନୀ କାମ କରୁଛନ୍ତି ସେ ବହୁତ ମନମୁଖୀ କାମ କରୁଛନ୍ତି। କାମ ଗୁଡିକ ମଧ ନିମ୍ନମାନର ହେଉଛି। ଦୀର୍ଘ ଦିନ ହେବ କାମ ଆରମ୍ଭ ହୋଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ କଲୋନୀ କାମ ସରିଲା ନାହିଁ। କଲୋନୀର



ଡ୍ରେନେଜ କାମ ହୋଇନାହିଁ, ମୁଖ୍ୟ ରାସ୍ତାର ଫାଟକ ଭାଙ୍ଗି ବାହାର ବର୍ଷା ଜଳକଲୋନୀର ଘର ଭିତରେ ପଶୁଛି। କିଛି ପରିବାର ଅଧା ଗଢ଼ା ହୋଇଥିବା ଘରେ ବହୁ ଦୟନୀୟ ଅବସ୍ଥାରେ ପରିବାର ଧରି ରହୁଛନ୍ତି। ପ୍ଲଟ ଗୁଡିକ ଅତ୍ୟଧିକ ଗାଡ଼ ହୋଇଥିବାରୁ ଘର ଭିତରେ ବର୍ଷା ହେଲେ ଆଣ୍ଠୁଅ ଲେଖାଁ ପାଣି ଜମି ରହୁଛି। ରୋଷେଇବାସ କରି ହେଉନାହିଁ। ଛୋଟ ଛୋଟ ଶିଶୁ ମାନେ ବର୍ଷା ପାଗରେ ପାଣି ଘେରରେ ରହି ଅସୁସ୍ଥ ହୋଇ ପଡୁଛନ୍ତି।

କୁଡୁମି ସାହି ବାସିନ୍ଦାଙ୍କୁ ଏ ପର୍ଯ୍ୟନ୍ତ ଘର ଯୋଗାଇ ଦିଆଯାଇନାହିଁ। ପାଚେରୀକୁ ଲଗାଇ ଖଣ୍ଡେ ଖଣ୍ଡେ ଟିଣ ପକାଇ ଅସ୍ଥାୟୀ ଭାବେ ବହୁ ଦୁଃଖ କଷ୍ଟରେ ରହୁଛନ୍ତି, ଅଙ୍ଗନ ବାଡ଼ି କେନ୍ଦ୍ର ଶିଶୁ ମାନଙ୍କ ପାଇଁ ନାହିଁ। ତେଣୁ ଶିଶୁମାନେ ପାଠ ପଢ଼ାରୁ ବଞ୍ଚିତ ହେଉଛନ୍ତି। ବିଦ୍ୟାଳୟକୁ ଛାତ୍ରଛାତ୍ରୀମାନେ ବହୁତ ଅସୁବିଧାରେ ଆସୁଛନ୍ତି। ନୂଆ କଲୋନୀ ଠାରୁ ଯଖପୁରା ବିଦ୍ୟାଳୟ ୮ କିଲୋମିଟର ହେବ। ଆଜି ପ୍ରଯ୍ୟନ୍ତ କୌଣସି ପରିବାରକୁ ପଟ୍ଟା ଯୋଗାଇ ଦିଆଯାଇନାହିଁ। ତେଣୁ ବାସିନ୍ଦା, ଜାତିଗତ ପ୍ରଣାମ ପତ୍ର ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନୂଆ ବିସ୍ଥାପିତ କଲୋନୀର ପିଲାମାନଙ୍କ ପାଠପଢା ଓ ଭବିଷ୍ୟତ ପାଇଁ ପଟ୍ଟା ନିହାତି ଆବଶ୍ୟକ ହେଉଛି। ଗୋଟିଏ ନଳକୂଅରୁ ପାଣି ବ୍ୟବହାର ପାଇଁ ପ୍ରଯ୍ୟାପ୍ତ ହେଉନାହିଁ। ସବୁ ସୁବିଧା ମିଳିବ, ଭଲରେ ରହିବେ ସ୍ୱପ୍ନ ଦେଖି ବିସ୍ଥାପିତ ହୋଇଥିବା ଜନଜାତି ଭୂମିପୁତ୍ରମାନେ ନାହିଁ ନ ଥିବା ହଇରାଣ ହରକତ ହେଉଛନ୍ତି। ଇଡିକୋ, ଜେସିଡିଲ କି କମ୍ପାନୀ କର୍ତ୍ତୃପକ୍ଷ କେହି ସମସ୍ୟା ଶୁଣି ନାହାନ୍ତି। ବର୍ଷାଦିନ ଆହୁରି ଆଗକୁ ଅଛି ଆଉ କେତେ ଦିନ ଜଳବନ୍ଦୀ ଓ ଅସ୍ୱାସ୍ଥ୍ୟକାର ପରିବେଶରେ ଜୀବନ କାଟିବେ ଇଣ୍ଡିଆ ବିସ୍ଥାପିତ ନୂଆ କଲୋନୀ ବାସିନ୍ଦା। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସେମାନେ ଦାବୀ କରିଛନ୍ତି।



### ଅବ୍ୟବସ୍ଥା ଘେରରେ ୨ନଂ ୱାର୍ଡ

## ରାସ୍ତା ଓ ନାଳ ନିର୍ମାଣ ଦାବିକଲେ ସ୍ଥାନୀୟ ବାସିନ୍ଦା

**ବ୍ରହ୍ମପୁର,୧୫।୭ (ସଂଚାର ବ୍ୟୁରୋ):** ସ୍ଥାନୀୟ ଦୁଇ ନମ୍ବର ୱାର୍ଡର ବିଭିନ୍ନ ଅଞ୍ଚଳ ସମ୍ପୂର୍ଣ୍ଣ ଅବ୍ୟବସ୍ଥା ଘେରରେ ରହିଛି। ରାସ୍ତା ଓ ନାଳ ସମସ୍ୟା ଏବେ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ବିଶେଷ କରି ଅଂଚଳର ବାଙ୍କେଶ୍ୱରୀ ନଗର ଏବଂ ଲକ୍ଷ୍ମୀ ନୃସିଂହ ସାହି ୧୧ନଂ ଗଳିର ଅବସ୍ଥା ନ କହିବା ଭଲ। ବର୍ଷା ହେଲେ ଏଠି ଜଳବନ୍ଦୀ ସମସ୍ୟା ଉପୁଜୁଛି। କଦର୍ଯ୍ୟ ରାସ୍ତା ସାଙ୍ଗକୁ ବର୍ଷା ଜଳ ସଠିକ୍ ଭାବେ ନିଷ୍କାସନ ହୋଇପାରୁନଥିବାରୁ ନାଳ ପାଣି ଘରେ ପଶୁଛି। ସାମାନ୍ୟ ବର୍ଷାରେ ଉକ୍ତ ଅଂଚଳ ବିଛିନ୍ନାଂଚଳରେ ପରିଣତ ହେଉଛି। ଏନେଇ ଆଜି ସ୍ଥାନୀୟ ଯୁବ ନେତା ତଥା ପୂର୍ବତନ ବିଜେପି କର୍ପୋରେଟର ପ୍ରାର୍ଥୀ ଅନୁପ ପଣ୍ଡାଙ୍କ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳବାସୀ ମହାନଗର ନିଗମର ଦ୍ୱାରସ୍ଥ ହୋଇ ସମସ୍ୟା ସମ୍ପର୍କିତ ଏକ ଦାବି ପତ୍ର ପ୍ରଦାନ କରିଥିଲେ। ଖୋଦ କମିଶନର ଉକ୍ତ ଅଂଚଳ ପରିଦର୍ଶନ କରି ଲାଗିରହିଥିବା ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଲୋକେ ଦାବି ଜଣାଇଛନ୍ତି। ପୂର୍ବରୁ ବହୁବାର ଅବଗତ ପରେ ବି କର୍ତ୍ତୃପକ୍ଷ ଧ୍ୟାନ ଦେଉନଥିବା ୱାର୍ଡବାସୀ ଅଭିଯୋଗ କରିଛନ୍ତି। କମିଶନରଙ୍କ ଅନୁପସ୍ଥିତିରେ ଡେପୁଟି କମିଶନର କଲ୍ୟାଣି ସଂଘମିତ୍ରାଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଥିଲା।

## ଯୁବ ସାମ୍ବାଦିକଙ୍କୁ ନିର୍ମମ ହତ୍ୟାର ଦୃଢ଼ ନିନ୍ଦା କଲା ମୟୁରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘ

**ବୈଶିଙ୍ଗା,୧୫।୭ (ସଂଚାର ବ୍ୟୁରୋ):** ମାଲକାନଗିରି ଜିଲାମୁରଲିଗୁଡ଼ାରର ଯୁବ ସାମ୍ବାଦିକ ସି. ନରେଶ କୁମାରଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିବାରୁ ମୟୁରଭଞ୍ଜ ଜିଲା ସାମ୍ବାଦିକ ସଂଘ ଏହାର ତିବ୍ର ନିନ୍ଦା କରିବା ସହ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରିବା ଦାବି କରିଛି। ଏତଦ ବ୍ୟତିତ ମୃତ ସାମ୍ବାଦିକଙ୍କ ପରିବାରକୁ ୫୦ଲକ୍ଷ ଟଙ୍କାର ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଏହି ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରିଛି। ସରକାର ଯଥାଶୀଘ୍ର ସାମ୍ବାଦିକଙ୍କ ସୁରକ୍ଷା ଓ ନିରାପତ୍ତା ଆଇନ ଲାଗୁ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେବାକୁ ଜିଲା ସାମ୍ବାଦିକ ସଂଘ ଦାବି କରିଛି। ଏହି ଘଟଣାର ସଠିକ ତଦନ୍ତକରି ଦୋଷୀକୁ ଦୃଷ୍ଟାନ୍ତ ମୂଳକ ଦଣ୍ଡ ବିଧାନ କରିବାକୁ ସଂଘ ଦାବି କରିଛି।

## ସୌମ୍ୟାଶ୍ରୀଙ୍କ ସ୍ମୃତିରେ ଶୋକସଭା



**ହିଞ୍ଜିଳିକାଟୁ,୧୫।୭ (ସଂଚାର ବ୍ୟୁରୋ):** ଫକୀର ମୋହନ ବିଶ୍ୱବିଦ୍ୟାଳୟର ଛାତ୍ରୀ ସୌମ୍ୟଶ୍ରୀ ବିଶିଙ୍କ ଅକାଳ ବିୟୋଗରେ ହିଞ୍ଜିଳିକାଟୁର ନେକ୍ସଟଜେନ କମ୍ପ୍ୟୁଟର ଏକାଡେମୀ ପକ୍ଷରୁ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠିତ ସଭାରେ ଏକାଡେମୀ ପରିବାର ପକ୍ଷରୁ ଦିବଙ୍ଗତ ସୌମ୍ୟଶ୍ରୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ତାଙ୍କ ଆତ୍ମାର ଶାନ୍ତି ପାଇଁ ପ୍ରାର୍ଥନା କରାଯାଇଥିଲା। ଭାଜପା ଯୁବମୋର୍ଚ୍ଚା ଜିଲ୍ଲା ସଂଯୋଜକ ରୋଶନ ଖୁଣ୍ଟିଆ, ନଗର ସଭାପତି ବଳରାମ ପଣ୍ଡା, ନୀତେଶ ପଣ୍ଡା, ସରୋଜ ପାତ୍ର ବକ୍ତା ରୂପରେ ଯୋଗ ଦେଇଥିବା ବେଳେ ଏକାଡେମୀର ନିର୍ଦ୍ଦେଶକ ଶ୍ରୀଧର ପାଣିଗ୍ରାହୀ, ଆଲୋକ ନାୟକ, ରଜନୀକାନ୍ତ ସାହୁ, ବିକ୍ରମ ପ୍ରଧାନ, ଚିନ୍ମୟ ପୋଲାଇ ପରିଚାଳନା କରିଥିଲେ । କମ୍ପ୍ୟୁଟର ଏକାଡେମୀର ସମସ୍ତ ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

## ପେନସନଗ୍ରାହୀ ସଙ୍ଘ ପକ୍ଷରୁ ବିଭିନ୍ନ ଦାବି ନେଇ ବିଡ଼ିଓଙ୍କ ଜରିଆରେ ଦାବିପତ୍ର ପ୍ରଦାନ



**ଭବାନୀପାଟଣା,୧୫।୭ (ସଂଚାର ବ୍ୟୁରୋ):** କୋକସରା ବ୍ଲକ ପେନସନ ଗ୍ରାହୀ ସଙ୍ଘ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ କୋକସରା ବିଡ଼ିଓ ଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୃଥକ ପୃଥକ ଭାବେ ୨ଗୋଟି ଦାବିପତ୍ର ବିଡ଼ିଓଙ୍କ ଅନୁପସ୍ଥିତ କାରଣରୁ ହିସାବ ରକ୍ଷକ ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ଏହି ପ୍ରମୁଖ ଦାବି ଗୁଡିକ ମଧରେ ଅର୍ଥ ଆଇନ ସଂଶୋଧିତ ଚତୁର୍ଥ ପରିଚ୍ଛେଦକୁ ପ୍ରତ୍ୟାହାର, ୨୦୨୫ ଅଷ୍ଟମ ବେତନ କମିଶନ ଗଠନ କରାଯାଇ ପ୍ରତି ୫ ବର୍ଷରେ ଦରମା ଓ ପେନସନ ସଂଶୋଧନ, କ୍ୟାସ ଲେସ ସ୍ୱାସ୍ଥ୍ୟ ବୀମା ଲାଗୁ, ଶ୍ରମିକ କର୍ମଚାରୀ ବିରୋଧୀ ୪ ଗୋଟି ଶ୍ରମ ବର୍ଷକୁ ପ୍ରତ୍ୟାହାର, ଏନପିଏସ ଓ ୟୁପିଏସ ଯୋଜନାକୁ ପ୍ରତ୍ୟାହାର କରି ପୁରୁଣା ପେନସନ ଯୋଜନା ଲାଗୁ କରିବା, କରୋନା ସମୟର ୧୮ ମାସର ମହଙ୍ଗା ଭତ୍ତା ପ୍ରଦାନ, ବରିଷ୍ଠ ନାଗରିକଙ୍କୁ ରେଳ ଯାତ୍ରାରେ ରିହାତି,କମ୍ୟୁଟେସନର ଅବଧି ୧୫ ପରିବର୍ତ୍ତେ ୧୦.୮ ମାସକୁ ହ୍ରାସ, କେନ୍ଦ୍ର ଅନୁରୂପ ଚିକିତ୍ସା ଭତ୍ତା ପ୍ରଦାନ, ପିଡିପିଏ ବିଭାଗର ପୁନଃ ପ୍ରଚଳନ, ୬୫ ବର୍ଷ ରୁ ଅତିରିକ୍ତ ପେନସନ, କେନ୍ଦ୍ର ଅନୁରୂପ ୯ ହଜାର ସର୍ବନିମ୍ନ ପେନସନ ପ୍ରଦାନ, ପେନସନ ନିର୍ଦ୍ଧାରିତ ତ୍ରୁଟିକୁ ପେ ମାଟ୍ରିକ ଆଧାର ରେ ସଂଶୋଧନ, ପେନସନର ମାନଙ୍କ ପାଇଁ ଭୁବନେଶ୍ୱରରେ ସରକାରୀ ବାସଗୃହ ଆଦି ଦାବି ପ୍ରମୁଖ ରହିଛି।

## ୧୫ଦିନ ହେଲା କଣାସରେ ଲାଗିରହିଛି ଝାଡ଼ାବାନ୍ତି

● ପୁଣି ୨୦ ଆକ୍ରାନ୍ତ



**କଣାସ,୧୫।୭ (ସଂଚାର ବ୍ୟୁରୋ):** କଣାସ ବ୍ଲକରେ ୧୫ଦିନ ହେଲା ଝାଡାବାନ୍ତି ଲାଗିରହିଥିବା ବେଳେ ଆଜି କରମଳା ଗ୍ରାମରୁ ୪ଜଣ ଗୋଟିଏ ପରିବାରୁ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଜି ଆସିଥିବା ବେଳେ ବିଭିନ୍ନ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ୧୬ଜଣ ଝାଡାବାନ୍ତି ରୋଗୀ ଚିକିତ୍ସିତ ହେଉଛନ୍ତି। ଦୀର୍ଘ ୧୫ଦିନ ହେଲା ଝାଡାବାନ୍ତି ଲାଗିରହିଛି। ଏସମ୍ପର୍କରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର କ୍ଷେମାନିଧି ସେଠିଙ୍କୁ ପଚାରିବାରୁ ସେକୁହନ୍ତି ଜନସାଧାରଣଙ୍କ ସଚେତନତା ଅଭାବରୁ ଝାଡାବାନ୍ତି ଲାଗିରହିଛି। ବିଶେଷକରି ଗ୍ରାମବାସୀମାନେ ପାଇଖେନା ବ୍ୟବହାର ନ କରି ବାହାରେ ମଳତ୍ୟାଗ କରୁଥିବା ଏବଂ ନଦୀନାଳର ବିଶୁଦ୍ଧ ପାଣିକୁ ବ୍ୟବହାର କରୁଥିବାରୁ ଝାଡାବାନ୍ତି ଲାଗିରହିଛି।

## ବିଧାୟକଙ୍କୁ ଭେଟିଲେ ସୋନପୁର ମହାବିଦ୍ୟାଳୟର ପୁରାତନ ଛାତ୍ର



**ସୁବର୍ଣ୍ଣପୁର,୧୫।୭ (ସଂଚାର ବ୍ୟୁରୋ):** ସୋନପୁର ମହାବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀ ସଂଘର ସଭାପତି ପ୍ରଫୁଲ୍ଲ କୁମାର ରଥଙ୍କ ନେତୃତ୍ୱରେ ଏକ ଚାରି ଜଣିଆ ପ୍ରତିନିଧି ଦଳ ସୋନପୁର ବିଧାୟକ ନିରଞ୍ଜନ ପୂଜାରୀଙ୍କୁ ତାଙ୍କ ରାମପୁର ସ୍ଥିତ ବାସଭବନରେ ସାକ୍ଷାତ ଆଲୋଚନା କରିଥିଲେ। ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ହୋଇଥିବା ଏହି ଆଲୋଚନାରେ ସୋନପୁର ମହାବିଦ୍ୟାଳୟ କିପରି ସରକାରୀ ମାନ୍ୟତା ପାଇ ପାରିବ ସେ ଦିଗରେ ସାହାଯ୍ୟ ସହଯୋଗ ଯୋଗାଇ ଦେବା ସହ ସୋନପୁର କଲେଜରେ କେମିତି ପିଜି ଖୋଲାଯିବ ତାର ଚେଷ୍ଟା ମଧ କରାଯିବ ଆଲୋଚନା ହେଇଚି ସଂଘ ପକ୍ଷରୁ ଅନୁରୋଧ କରାଯାଇଥିଲା। ସରକାରୀ ମାନ୍ୟତା କିପରି ମିଳିବ ସେ ସମସ୍ତ ଚେଷ୍ଟା ସହ ଆଗାମୀ ବିଧାନସଭା ଅଧିବେଶନରେ ପ୍ରଶ୍ନ ଉଠାଇବେ ବୋଲି ଶ୍ରୀ ପୂଜାରୀ ନିର୍ଭର ପ୍ରତିଶୃତି ଦେଇଥିଲେ। ଏହା ସହିତ ସୋନପୁର ମହାବିଦ୍ୟାଳୟ ପରିସରରେ ଏକ ସୁନ୍ଦର ସଭାଗୃହ ନିର୍ମାଣର ପ୍ରତିଶୃତି ତାଙ୍କ ନିଜ ପକ୍ଷରୁ ଶ୍ରୀ ପୂଜାରୀ ସଂଘକୁ ସୂଚନା ଦେଇଥିଲେ। ଏହି ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧରେ ସଂଘର ଯୁଗ୍ମ ସମ୍ପାଦକ ବିଶ୍ୱବିର ମିଶ୍ର, ଅଭିଷେକ ଶର୍ମା ଓ କାର୍ଯ୍ୟକାରିଣୀ ସଦସ୍ୟ ରାମ ଶଙ୍କର ଭୋଇ ପ୍ରମୁଖ ସାମିଲ ଥିଲେ।

### ଅସୁରକ୍ଷିତ ସ୍କୁଲ କୋଠା

# ପିଇଓଙ୍କ କ୍ୱାର୍ଟରରେ ଚାଲୁଛି ପ୍ରାଥମିକ ବିଦ୍ୟାଳୟ





**ଭବାନୀପାଟଣା,୧୫।୭ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ଗୋଷ୍ଠି ଶିକ୍ଷା ବିଭାଗ ଅନ୍ତର୍ଗତ କାଶିବାହଲ ପଞ୍ଚାୟତ ନୂଆପଡାରେ ଥିବା ପ୍ରାଥମିକ ବିଦ୍ୟାଳୟ ଜରାଜୀର୍ଣ୍ଣ ଓ ଅସୁରକ୍ଷିତ ହୋଇ ପଡ଼ିଥିବାରୁ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଗତ ଏକ ମାସ ହେବ ସ୍ଥାନୀୟ ପଞ୍ଚାୟତ ପିଇଓଙ୍କ ପାଇଁ ରହିଥିବା କ୍ୱାର୍ଟରରେ ଅସ୍ଥାୟୀ ଭାବେ ବିଦ୍ୟାଳୟ ଖୋଲାଯାଇଛି। ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମରେ ୭୦ ଜଣ ଛାତ୍ରଛାତ୍ରୀ ପଢୁଥିବା ବେଳେ ଅସ୍ଥାୟୀ ବିଦ୍ୟାଳୟରେ ଶିକ୍ଷା ଦାନ ଚାଲିଛି।

ତେବେ ୫ ଶ୍ରେଣୀ ପାଇଁ ୨ ଜଣ ଶିକ୍ଷକ ରହିଥିବା ବେଳେ ସ୍କୁଲ କୋଠା ଅସୁରକ୍ଷିତ ଥିବା ଓ ଛାତରୁ କଂକ୍ରିଟ ଚକଡ଼ା ପଡୁଥିବା ଓ ବର୍ଷା ହେଲେ ଛାତରୁ ପାଣି ଝରୁଥିବା ଯୋଗୁଁ ଶିକ୍ଷା ଦାନରେ ସମସ୍ୟା ସମ୍ପର୍କରେ ପ୍ରଧାନ ଶିକ୍ଷକ ବେଣୁଧର ନାଏକ ଗୋଷ୍ଠି ଶିକ୍ଷା ଅଧିକାରୀ,ବ୍ଲକ ପ୍ରଶାସନ ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇବା ପରେ ସ୍କୁଲ ମରାମତି ନହେବା ପର୍ଯ୍ୟନ୍ତ ପିଓଙ୍କ କ୍ୱାଟର ରେ ସାମୟିକ ଭାବେ ଶିକ୍ଷାଦାନ କରିବାକୁ କହିଥିଲେ। ତେବେ ଏହି ପିଇଓ କ୍ୱାର୍ଟରରେ କେତେଦିନ ଅସ୍ଥାୟୀ ବିଦ୍ୟାଳୟ ଚାଲିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏନେଇ କୋକସରା ବ୍ଲକ ବିଆରସିସି ତୋଫାନ ମାଝୀ ଙ୍କ ପ୍ରତିକ୍ରିୟା ନେବାର ସେ ଫୋନ ଉଠାଇନଥିଲେ । ଏ ଦିଗରେ ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଗ୍ରାମବାସୀ ମାନେ ଦାବୀ କରିଛନ୍ତି।

# ସରପଞ୍ଚ ସ୍ୱାମୀଙ୍କୁ ହତ୍ୟା ଘଟଣାରେ ୪ଗିରଫ

● ସାମ୍ବାଦିକ ସମ୍ମିଳନୀରେ ଖୁଲାସା କଲେ ସୁବର୍ଣ୍ଣପୁର ଏସ୍‌ପି



**ସୁବର୍ଣ୍ଣପୁର,୧୫।୭ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ରାମପୁର ଥାନା ତଥା ଡୁଙ୍ଗୁରିପାଲି ବ୍ଲକର ଗଜବନ୍ଧ ପଂଚାୟତର ପୂର୍ବତନ ସରପଞ୍ଚ ତଥା ବର୍ତ୍ତମାନର ସରପଞ୍ଚ ବାସନ୍ତୀ କ୍ଷେତୀଙ୍କ ସ୍ୱାମୀ ବଲ୍ଲଭ କ୍ଷେତିଙ୍କୁ ଗତ ୧୦ ତାରିଖରେ ନିର୍ମମ ହତ୍ୟା କରାଯାଇଥିବା ଘଟଣାରେ ଚାରି ଜଣ ହତ୍ୟାକାରୀଙ୍କୁ ଗିରଫ କଲା ସୁବର୍ଣ୍ଣପୁର ଜିଲ୍ଲା ପୁଲିସ। ଏହି ଘଟଣାରେ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି ସୁବର୍ଣ୍ଣପୁର ଜିଲ୍ଲା ପୁଲିସର ସହାୟତାରେ ରାମପୁର ପୁଲିସ ଜେଲ ପଠାଇବାରେ ସମର୍ଥ ହୋଇଛି। ଘଟଣା ଦିନ ରାତିରେ ସ୍ୱର୍ଗତ ବଲ୍ଲଭ ଖେତୀ ବାଇକରେ ନିଜ ଗ୍ରାମ ଗଜବନ୍ଧ ପଂଚାୟତ କେନ୍ଦୁପାଲିକୁ ଯାଉଥିବା ସମୟରେ ପ୍ରାୟ ରାତି ୧୦ଟା ସମୟରେ ଗଜବନ୍ଧଠାରୁ ୨କିମି ଦୂର ବ୍ରାହ୍ମଣିପାଲି, ପଣ୍ଡରାପାଲି ଓ କେନ୍ଦୁପାଲି ଗ୍ରାମର ମଧଭାଗରେ ଥିବା ଛକ ନିକଟରେ ଅଭିଯୁକ୍ତ ୪ ଯୁବକ ବ୍ରାହ୍ମଣିପାଲିର ଯୋଗେଶ୍ୱର ଭୋଇ (୪୨), ପଣ୍ଡରାପାଲିର ଗୋବିନ୍ଦ ବେହେରା (୨୬), ଗଜବନ୍ଧର ସୁଜେଇ ଧନଞ୍ଜୟ ପ୍ରଶାୟତ(୪୦), ଗଜବନ୍ଧ ର ଜଗଦିଶ ହୃଷିକେଶ ବଗର୍ତ୍ତି (୫୪) ଛପି ରହି ଅତର୍କିତ ଭାବରେ ଏହି ଆକ୍ରମଣ କରିଥିଲେ । ପରିବାର ଏବଂ ସଂପର୍କୀୟମାନେ ତାଙ୍କୁ ଡୁଙ୍ଗୁରିପାଲି ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ମାଇଁ ଭାରତ ତରଫରୁ ବିଶ୍ୱ ଯୁବ ଦକ୍ଷତା ଦିବସ କାର୍ଯ୍ୟକ୍ରମ




**ଫୁଲବାଣୀ,୧୫।୭ (ସଂଚାର ବ୍ୟୁରୋ):** କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଭାରତ ସରକାର ଶାଖା ମାଇଁ ଭାରତ ଫୁଲବାଣୀ ତରଫରୁ କେବି ହିଷ୍ଟ କଲେଜ୍ ଫୁଲବାଣୀଠାରେ ବିଶ୍ୱଯୁବ ଦକ୍ଷତା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଅଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେ ବି ହିଷ୍ଟ୍ସ କଲେଜର ଅଧକ୍ଷ ଅନିଲ କୁମାର ଚୌଧୁରୀ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବରେ ଶିକ୍ଷାବିତ୍ ନବ କିଶୋର ରଥ, ଅଧାପିକା ସୁରଭିବା ଲା ପାଣିଗ୍ରାହୀ, ପ୍ରତିମା କୁମାରୀ ପଣ୍ଡା, ଅକ୍ଷୟ କୁମାର୍ ଦାସ, କମଳ ନାଥ ବେହେରା,ଏବଂ ମାଇ ଭାରତ ଫୁଲବାଣୀର ସହକର୍ମୀ ସତ୍ୟବାନ ଦଳବେହେରା , ପ୍ରମୁଖ ଯୋଗଦେଇ ଥିଲେ। ଏହି ଦିବସରେ ଯୁବକ ଓ ଯୁବତୀ ମାନଙ୍କର ମଧରେ ଯେଉଁ ଦକ୍ଷତା ଅଛି ତାହାରି ଉପରେ ଉପରେ ଆଲୋଚନା ମୁଖ୍ୟ ବିଷୟ ବସ୍ତୁ ଥିଲା। ଯୁବ ଭାଇ ଓ ଭଉଣୀ ମାନଙ୍କ ମଧରେ କୁଇଜ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏଥିରେ ବର୍ଷା ରାଣୀ ପ୍ରଧାନ ରୋଜି ବାରିକ, ଶ୍ରୀତମ ଦିଗାଲ ପ୍ରମୁଖ ବିଜୟୀ ହୋଇଥିଲେ। କୁଇଜ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ନୂତନ ଡିଲରଙ୍କ ଠାରୁ ରାସନ ଚାଉଳ ନ ନେବାକୁ ନନ୍ଦିଗୋଡା ଗ୍ରାମବାସୀ ବିଡିଓଙ୍କ ଦ୍ୱାରସ୍ଥ



**କଣାସ,୧୫।୭ (ସଂଚାର ବ୍ୟୁରୋ):** କଣାସ ବ୍ଲକ ବିଜିପୁର ପଞ୍ଚାୟତ ନନ୍ଦିଗୋଦା ଗ୍ରାମର ୧୧୮ଜଣ ମହିଳା ଆଜି କଣାସ ବ୍ଲକ ବିଡିଓଙ୍କ ନିକଟରେ ପହଞ୍ଚି ଏକ ଦାବିପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି। ତତ୍‌ସହିତ ବ୍ଲକ ଯୋଗାଣ ଅଧିକାରୀଙ୍କ ନିକଟରେ ମଧ ଦାବିପତ୍ର ପ୍ରଦାନ କରିଛନ୍ତି। ଖବର ନେବାରେ ଜଣାପଡ଼ିଛି ନନ୍ଦିଗୋଦା ଗ୍ରାମବାସୀମାନେ ପୂର୍ବରୁ ଯେଉଁ ଡଲରଙ୍କ ଠାରୁ ରାସନ ଚାଉଳ ନେଉଥିଲେ ପ୍ରଶାସନ ଅଧିକାରୀ ତାକୁ ବଦଳାଇ ନୂତନ ଡିଲରଙ୍କ ଠାରୁ ଚାଉଳ ନେବାକୁ ଆଦେଶ ଦେଇଥିଲେ। ଆଜି ୧୧୮ଜଣ ମହିଳା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ ଏବଂ ଯୋଗାଣ ଅଧିକାରିଣୀ କବିତା ବେବେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

# ଅବସର ପରେ ଚାଷ କାମକୁ ଆପଣାଇ ନେଇଛନ୍ତି ପୂର୍ବତନ ବିଧାୟକ

**ଫୁଲବାଣୀ,୧୫।୭ (ସଂଚାର ବ୍ୟୁରୋ):** ଚାରିଚାରି ଥର ସରପଞ୍ଚ, ଜିଲ୍ଲା ପରିଷଦ ସଦସ୍ୟ, ବ୍ଲକ ଅଧକ୍ଷ ପୁଣି ବିଧାୟକ। ରାଜନୀତିରେ ସୋପାନ ପରେ ସୋପାନ ଚଢ଼ି ସାରିବା ପରେ ମଧ ସେ ଛାଡ଼ିପାରି

**ପରିଣତ ବୟସରେ ବିଲରେ ଚାଷ କରି ଅନ୍ୟ ଚାଷୀଙ୍କ ପାଇଁ ସାଜିଛନ୍ତି ପ୍ରେରଣା**

ନାହାନ୍ତି ନିଜ କୌଳିକ ବୃତ୍ତି । ବର୍ତ୍ତମାନ ଚାଷ କରି ନିଜ ପରିବାର ଚଳାଉଛନ୍ତି । ଏବେବି ନଙ୍ଗଳ ଧରି ତାଙ୍କୁ ବିଲରେ ଚାଷ କରୁଥିବା ଦେଖିବାକୁ ମିଳୁଛି । ଏମିତି ଜଣେ ନିଆରା ନେତା ହେଲେ ଫୁଲବାଣୀର ପୂର୍ବତନ ବିଧାୟତ ଅଙ୍ଗତ କହଁର ।

ବର୍ତ୍ତମାନ ସମୟରେ ଜଣେ ଗାଉଁଲି ନେତା ଥରେ ବିଧାୟକ କିମ୍ବା ସାଂସଦ ହେଲେ ତାଙ୍କର ଢାଞ୍ଚା ବଦଳି ଯାଉଛି। ଘରଦ୍ୱାର କରି କେତେକ



ନେତା ସହରୀ ବାବୁ ପାଲଟି ଯାଉଛନ୍ତି । ପୂର୍ବତନ ବିଧାୟକ ଙ୍କ ରାଜନୀତିରେ ଏତେ ସଫଳତା ପରେ ମଧ ତାଙ୍କ ସରଳତାରେ ସାମାନ୍ୟ ପରିବର୍ତ୍ତନ ମଧ ଆସିନାହିଁ। ୨୦୧୯ରୁ ୨୦୧୪ ପର୍ଯ୍ୟନ୍ତ ବିଜୁ ଜନତା ଦଳର ବିଧାୟକ ଥିଲେ ଅଙ୍ଗଦ। ସେତେବେଳେ ମଧ ସମୟ ମିଳିଲେ ସେ ହାତରେ ଲଙ୍ଗଳ ଧରି ବିଲକୁ ଯାଉଥିଲେ । ଗତ ନିର୍ବାଚନରେ ପରାଜିତ ହେବା ପରେ ସେ ସମ୍ପୂର୍ଣ୍ଣ ରୂପେ କୃଷି କର୍ଯ୍ୟରେ ମନୋନିବେଶ କରିଛନ୍ତି। ଜଣେ ଦକ୍ଷ ଚାଷୀ ଭଳି ପାୱାର ଟିଲର ଜମିରେ ଚଳାଉଛନ୍ତି, ବିହନ ବୁଣିବା ଠାରୁ ଆରମ୍ଭ କରି କୋଡା ତୋଷା ପର୍ଯ୍ୟନ୍ତ ସବୁ ନିଜେ କରୁଛନ୍ତି ।

ନିଜ ଗ୍ରାମ ଫିରିଙ୍ଗିଆ ବ୍ଲକ ଅଧୀନରେ ଥିବା ପକାରୀ ନିକଟରେ ରହିଛି ତାଙ୍କର ଚାଷଜମି। ଏଠାରେ ଧାନ ଚାଷ ସହିତ ବିଭିନ୍ନ ରକମର ପନିପରିବା ମଧ ଉତ୍ପାଦନ କରୁଛନ୍ତି। ଦୁଇ ଏକର ଜମିରେ କଳାବତୀ ଧାନ ଚାଷ ଏବଂ କିଛି ଜମିରେ ଜଳା ହଳଦୀ ମଧ ଲଗାଇଛନ୍ତି । ତାଙ୍କର ପାଖରେ ଥିବା ୨୯ ଏକର ଜମିରୁ ୨୦ ଏକର ଜମିରେ ଧାନ ଫସଲ ଏବଂ ଆଉ କିଛି ଜମିରେ ବିଭିନ୍ନ ରକମର ପନିପରିବା ଚାଷ କରିଛନ୍ତି। ଚାଷ କାର୍ଯ୍ୟରେ ତାଙ୍କୁ ସହଯୋଗ କରୁଛନ୍ତି ତାଙ୍କ ପତ୍ନୀ ଏବଂ ପୁଅ, ବୋହୂ। ସଫଳ କୃଷକ ପରିବାର ହିସାବରେ ଅଞ୍ଚଳରେ ତାଙ୍କର ଖ୍ୟାତି ରହିଛି। ଜଣେ ରାଜନେତା ଅପେକ୍ଷା ଜଣେ କୃଷକର ପରିଚୟ ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କହନ୍ତି ଅଙ୍ଗଦ। ଏଥିରେ ହିଁ ତାଙ୍କ ପରିବାର ଚଳେ ବୋଲି ସେ କହିଛନ୍ତି । ଜଣେ ସରଳ, ନମ୍ର, ପରପୋକାରୀ ଓ ମେଳାପୀ ବ୍ୟକ୍ତି ହିସାବରେ ରାଜନେତା ମାନଙ୍କ ମଧରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଯାଇଛନ୍ତି ପୂର୍ବତନ ବିଧାୟକ ଅଙ୍ଗତ କହଁର ।



## ରକତ ବଡ ନାଁ ବିଶ୍ୱାସ ବଡ

**ଡଃ ନାରାୟଣ ଚନ୍ଦ୍ର ସେନାପତି**

କିଏ କ'ଣ କହିପାରିବ ତାକୁ ଛୋଟ
ସେ ଟାଣିଲେ ....
ଜଣେ ପରା ଭାଙ୍ଗିଦେବ ଲୁହାର ବାଡ
ସାତ ତାଳେ ପାଣିରୁ ମୁକୁଳି ଆସିବ
ଅଗ୍ନି ବାୟୁ ତେଜରୁ ବି ବର୍ତ୍ତି ଆସିବ
ଆନନ୍ଦରେ ଲଙ୍ଘି ......
କେତେ ନଦ ନଦୀ ବିଲ ବଣ ପାହାଡ।

ସେ କାନ୍ଦିଲେ
ସେ ଥିବା ମଣିଷ ଛାତିଟା ଫାଟିଯିବ
ତାକୁ ଆଘାତ ହେଲେ
ତା ସମ୍ପର୍କର ମଣିଷ ହୃଦରେ ବଜ୍ର ପଡିବ
ଲୋଡେନା ସେ ପରିଚୟ
ଖୋଜେନା କା ନିର୍ଦ୍ଦେଶ ଆଦେଶ
ଅଡକରା ବିନା ନିମନ୍ତ୍ରଣରେ ପହଞ୍ଚି
ପ୍ରୀତି ପରଶରେ ଏ ରକତ ପରା ସରାଗରେ ଦୁଃଖ ଧୋଇଦେବ।

ଗାଢ଼ ଅନ୍ଧକାର ମୟ ଜୀବନରେ
ସେ ପରା ପଥ ପ୍ରଦର୍ଶକ
ଦିଗହଜା ନାଆର
ସେ ପରା ଦକ୍ଷ ନାବିକ
ଯେଉଁଠି ବିଶ୍ୱାସ ସେଇଠି ନିଃଶ୍ୱାସ
ତା ପାଇଁ ଏ ସୃଷ୍ଟି ସ୍ରଷ୍ଟା ସଂପର୍କ
ତା ପାଇଁ ସବୁ ଆଶା ଆକାଂକ୍ଷା ଅଭିଳାଷ
ତାକୁ ପ୍ରେମ କଲେ ଜଣେ ବଞ୍ଚିବ
ଆଉ ଘୃଣା କଲେ
ସେ ପରା ସଢି ସଢି ଅବିଳମ୍ବେ ମରିଯିବ।

ସେ ଏତେ ମହାନ୍ ଯେ
କେବେ ଦେଖେନା ଅଜଣା ଅଚିହ୍ନାଙ୍କ ଜାତକ
ଯାହାକୁ ଭରସି ଯାଏ ତାକୁ ଜୀବନ ଦିଏ
ଅଗୋଚରରେ ବନିଯାଏ ସଚ୍ଚା ସାଧକ ପ୍ରେମିକ ଆଉ ରକ୍ଷକ
ତାକୁ କଳିବାକୁ ବିଧାତା ଙ୍କ ପାଖେ ବି ନାହିଁ ମାପକ
ଅଦୃଶ୍ୟ ଅକାଟ୍ୟ ଅଖଣ୍ଡ ଅବିଭାଜ୍ୟ ଚିଜଟିଏ ସେ
ଅବିଳମ୍ବେ ଗଢ଼ିଦିଏ ସମ୍ପର୍କର କୋଣାର୍କ।

ଯେଉଁଟି ରକତ ଚିହ୍ନେନା ନିଜର କିଏ
ସେଇଠି ବିଶ୍ୱାସ ସାହା



## ଦୁଃଖରେ ବିତିବ ଦିନ

**ଧୀରେନ୍ଦ୍ର ମଲ୍ଲିକ**

ମଦୁଆ ଭାଇରେ ମଦୁଆ ଭାଇ
ମଦ ତୁ ପିଉଛୁ କହ କି ପାଇଁ ?
ପିଇଲେ ଲାଭ ଯେ ମିଳୁଛି କିଶ
ପୁରା ଦେହଯାକ ହେଉଛି ବିଷ।
ପରିବାର କଥା ଚିନ୍ତା ନ'କରି
ପେଟରେ ମଦକୁ ରଖୁଛୁ ଭରି।
ଜାଣିନୁ କି' ଏହା ବିପଦ ଅଟେ
ଦେହରୁ ଶକତି ଝଅଟ ହଟେ।
ମୁଖରେ ପଶିବ ଖରାପ ଭାଷା
କରିବେନି କେହି ତୋ' ପରେ ଆଶା।
ରାସ୍ତା ଘାଟେ ଅପମାନିତ ହୋଇ
ଯେଉଁଠି ପାରିବୁ ଯିବୁରେ ଶୋଇ।
ଅକାରଣେ ହେବ ଝଗଡ଼ା କଳି
ଭାବିବେ ସଭିଏଁ ଦେହର ମଳି।
ଭୋକ ଉପାସରେ ବିତିବ ଦିନ
ପଶୁଠାରୁ ଲୋକ ମଣିବେ ହୀନ।
ଖୋଜିବେନି କେହି କୌଣସି କାମେ
ମଦୁଆ ଯୋଡିବେ ତୋହରି ନାମେ।
ଦୂରେଇ ରହିବେ ତୋ ଠାରୁ ସବୁ
ମାଡିବେନି ପାଖ ନାମଟି ନବୁ।
ଶେଷରେ ବେମାର ନିହାତି ହେବ
ଯକୃତ ପଚିକି ମରଣ ଦେବ।
ସ୍ତ୍ରୀ ପିଲା ଛୁଆ କାନ୍ଦିବେ ନିତି
ଦୁଃଖେ ଦିନ ତାଙ୍କ ଯିବରେ ବିତି।
ବେଳ ଥାଉ ଥାଉ ସୁଧୁରୀ ଯାଆ
ସଭିଙ୍କ ସେନେହ ଶରଧା ପାଆ।
ଖୁସିରେ ରହିବୁ ଜୀବନ ଯାକ
କଟିବନି କେବେ ତୋହରି ନାକ।
ମାନିବୁ ଯଦି ତୁ ଏତିକି କଥା
ଉଚ୍ଚ ହେବ ନିଶ୍ଚେ ତୋହରି ମଥା।।
**ନୀଳକଣ୍ଠପୁର,ମଙ୍ଗଳପୁର, ଯାଜପୁର**
**ଫୋନ-୭୯୦୪୩୯୨୬୮୬**



## ଶ୍ରାବଣୀ

**ଡ.ଶୁଭେନ୍ଦୁ ମେହେର**

ଶ୍ରାବଣୀ........!
ତୁମେ ଉଛୁଳା ନଈର ପାଣି ।

ମୁକ୍ତ ଆକାଶର କାଉଁରୀ କନ୍ୟା ଗୋ
ଅପରୂପ ତୁମ ପୀୟୂଷର ଧାରା
ଅମୃତର ସଂଜିବନୀ ।
ଶ୍ରାବଣୀ........!
ତୁମେ ଉଛୁଳା ନଈର ପାଣି ।

ଆଦ୍ୟ ବରଷାର କୁଆଁରୀ କନ୍ୟା ଗୋ
ମେଦୁର ଆକାଶେ ମହନୀୟ ତୁମେ
ନିଦାଘ ତାପ ନାଶିନୀ ।
ଶ୍ରାବଣୀ........!
ତୁମେ ଉଛୁଳା ନଈର ପାଣି ।

କଳା ବଉଦରେ କୁଆଁରୀ ଛନ୍ଦେ
କାଗଜ ଡଙ୍ଗାରେ ମଲ୍ଲାର ତୁମେ
ଶ୍ରାବଣର ପାଟରାଣୀ ।
ଶ୍ରାବଣୀ........!
ତୁମେ ଉଛୁଳା ନଈର ପାଣି ।

ମ୍ଳାନ ମୌସୁମୀର ମହନୀୟତା ଗୋ
ସାଧବ ବୋହୂର କୁଆଁରୀ ମଥାରେ
ସତେ କି' ନାଲି ଓଢ଼ଣୀ ।
ଶ୍ରାବଣୀ........!
ତୁମେ ଉଛୁଳା ନଈର ପାଣି ।

ନିଃଶବ୍ଦ ରାତିର ଶବ୍ଦର ଝଙ୍କାରେ
ରୂପ ସୁଷମାର ଲାବଣ୍ୟବତୀ ଗୋ
ଆସ ଜଗତ କଲ୍ୟାଣୀ ।
ଶ୍ରାବଣୀ........!
ତୁମେ ଉଛୁଳା ନଈର ପାଣି ।

ତୁମ ଆଗମନେ ତୃପ୍ତ ଲଭୁ ଧରା
ଶିହରଣ ଖେଳୁ ବିଶ୍ୱ ବୁକୁରେ ଗୋ
ରୌଦ୍ର ହୁଏ ଅସହଣୀ ।
ଶ୍ରାବଣୀ........!
ତୁମେ ଉଛୁଳା ନଈର ପାଣି ।

ଶୁଖିଲା ନଈରେ ଯଉବନ ଆଜି
ପୂର୍ଣ୍ଣଗର୍ଭା ହେଉ ସବୁଜ କ୍ଷେତ ଗୋ
ନଈ ନାଳ ନିର୍ଝରିଣୀ ।
ଶ୍ରାବଣୀ........!
ତୁମେ ଉଛୁଳା ନଈର ପାଣି ।

ମେଘ ମଲ୍ଲାରେ ଛମ୍ ଛମ୍ ହୋଇ
ଭିଜାମାଟି ଗନ୍ଧେ ମୟୁର ନାଚେ ଗୋ
ବଜାଇ ମେଘ ରୋଷଣୀ ।
ଶ୍ରାବଣୀ........!
ତୁମେ ଉଛୁଳା ନଈର ପାଣି ।

ଶାଶ୍ୱତ ପ୍ରେମର ପୁଣ୍ୟ ମହନୀୟା
ଶୂନ୍ୟ ଆକାଶର ବକ୍ଷ ଚିରି ତୁମେ
ଢାଳିଦିଅ ସ୍ରୋତସ୍ୱିନୀ ।
ଶ୍ରାବଣୀ........!
ତୁମେ ଉଛୁଳା ନଈର ପାଣି ।

ତୋ' ପାଇଁ ଲେଖିଛି ପ୍ରୀତିର କବିତା
ଆସ ପ୍ରିୟତମା ନ' ରଖି ଦୂରତା
ତୁମେ ପ୍ରେମ ପ୍ରଣୟିନୀ ।
ଶ୍ରାବଣୀ........!
ତୁମେ ଉଛୁଳା ନଈର ପାଣି ।

ଗାଁ ବିଲ ବଣେ କାଦୁଅ ରାସ୍ତାରେ
ଅଧାଲେଖା ମୋ' କବିତାରେ ତୁମେ
ସବୁଜିମା ଦିଅ ବୁଣି ।।
ଶ୍ରାବଣୀ........!
ତୁମେ ଉଛୁଳା ନଈର ପାଣି ।
ଶ୍ରାବଣୀ...........!
ତୁମେ ଯୌବନ ନଈ ଉଜାଣି ।।
**ଯାଲୋଏ, ସୁବର୍ଣ୍ଣପୁର**
**ମୋବାଇଲ୍: ୯୯୩୮୪୩୩୬୬୪**



## ଶ୍ରାବଣର ବର୍ଷା ଛିଟା

**ସ୍ୱାଗତିକା ସାହୁ**

ଋତୁ ଆସୁଥିଲା ଓ ଯାଉଥିଲା
ଗୋଟିଏ ମୁହୂର୍ତ୍ତରୁ ଆଉ ଗୋଟେ
ମୁହୂର୍ତ୍ତକୁ ଡେଇଁଲା ବେଳେ
ଋତୁ କୁ ମାଗିଲି ବର୍ଷା ଛିଟା ଟିକେ
ସେଇ ଜଳ ସ୍ପର୍ଶରେ ନଇଁ...
ମୁଁ ଖୋଜି ବୁଲେ ମୋ ସମସ୍ତ ଆଳାପ
ସିକ୍ତ ହୁଏ ପ୍ରତିଟି ମୁହୂର୍ତ୍ତ
ସେଇ ଚିକ୍ ମିକ୍ କାଳରୂପ...
ରିମ୍ ଝିମ୍ ଶବ୍ଦ ସୁରେ
କୋଳେଇ ନିଅ ଟାଙ୍ଗରା ଭୂଇଁ ବେଦନା
ଶବ୍ଦ କିମ୍ବା ଭାବରେ...!
ସେ କସ୍ତୁରୀ ବାସ୍ନାର ମାଟି ସୁଗନ୍ଧେ
ରାଗିଣୀ ସଜେ ନାଚିବାକୁ
ମନ ପ୍ରଜାପତି ଉଡ଼ିବୁଲେ
ଛାତି ତଳ ସୁଡ଼ଙ୍ଗରେ....
ଦେହେ କି ଶିହରଣ ନବୀନ ଠାଣି
ସର୍ବାଙ୍ଗ ଆଦରି ନିଏ...!

ହଁ ତୁମେ ଏକ ଅପ୍ରକାଶ୍ୟ ଅନୁଭବ
ହେଇ ବର୍ଷା ଆସିଲା...
ଆସ ଘରକୁ ଯିବା କହି
ଅଜଣାତରେ ହାତକୁ ଟାଣି ଧର
ତୁମ ଆଶଙ୍କାର ଅନୁଭୂତିକୁ
ଅନୁଭବ କରେ !
ଦେହ ଭିଜି ଥଣ୍ଡା ପଡ଼ିଯିବ...!
ସେ ଯାହା ବି ହେଉ....
ତୁମ ପ୍ରୀତିର ଏ ଅଘୋଷିତ ସନ୍ତକେ
ମୋ ମନ ବେଳ ଭୂଇଁ କୁ
ଏମିତି ତିନ୍ତାଏ...
ଆସ ତୁମେ ମୁଁ ଭିଜିବାର ମଜା ନେବା
କି ,କାଦମ୍ବିନୀ ନିଶା ସେ...
ଭାବ ମୟ କରେ ତୁମ ଦେହ ବାସ୍ନା
ମନ ମଥାରୁ ଝରୁଥିବା
ଟପ୍ ଟପ୍ ଜଳ ବିନ୍ଦୁ
ତୁମ ଆପଦ ମସ୍ତକରୁ
ଝରି ପଡ଼ି ମୋ ମଥା ଓଠ ସ୍ପର୍ଶ କରେ
ଗୋଲାପୀ ଓଠରେ ଖିଲ ଖିଲ ହସ
ଚତୁର୍ଦ୍ଦିଗ ବ୍ୟାପିଯାଏ....

ଆଳସୀ ଆଖିରେ କାଚ କେନ୍ଦୁ ପାଣି
କେଜାଣି କିଜାଣୁ ଯାଦୁ....
ମିଶି ମଜି ଯିବା ହୋଇଥିଲେ କଥା
ନାଇଁ ନାଇଁ ର ସମ୍ପର୍କ ଭିତରେ
ଓଠ ଯାଇଥିବ ଟିକେ ନୁଇଁ...
ଯେଉଁଠି ନରମ ଛାତି ତଳ ଦରଜା
ଧାରା ଶ୍ରାବଣ ଜଳରେ
ଗଢ଼ିବ ଏକ ନୂତନ
ସଂଯୋଗର ଉପନ୍ୟାସ....
ସେଠି ଥିବ ମୁଁ,ତୁମେ ଓ ଶ୍ରାବଣ...!!!
ଉମରକୋଟ, ନବରଙ୍ଗପୁର



## ଗୀତ ଗାଏ ଚଷା ବରଷା ଦେଖି

**କବି ଭାରତୀ ବାସନ୍ତୀ ଲତା ଜେନା**

ମୌସୁମୀ ଆସିଲା ଉତ୍କଳ ପ୍ରଦେଶ
ବହିଲା ଶୀତଳ ବାଆ
ଆକାଶରେ କଳା ବଉଦ ଘୋଟିଲା
ବିଜୁଳି କରେ ଛାନିଆ ।୧।

ଟୁପୁରୁ ଟୁପୁରୁ ମେଘ ବରଷାରେ
ଭିଜିଗଲା ବସୁମତୀ
ଶୁଷ୍କ ମରୁଭୂମି ଦୁର୍ବାଦଳ ହେଲା
ଧରଣୀର ବକ୍ଷ ଶାନ୍ତି ।୨।

ନଈ ନାଳ ପାଣି ଭରପୁର ହେଲା
କେଦାରେ ସବୁଜ ଶୋଭା
ଶୁଷ୍କ ତରୁ ଲତା ପଲ୍ଲବିତ ହେଲେ
କି ସୁନ୍ଦର ମନ ଲୋଭା ।୩

ସାଗରର ଗର୍ଭ ପ୍ରଫୁଲ୍ଲିତ ହୁଏ
ତଟିନକୁ କୋଳେ ଧରି
ବାଲୁକା ଶେଯକୁ ତରଙ୍ଗ ଆସଇ
ଖୁସିର ପସରା ଧରି ।୪।

କୃଷକର ମନ ଆନନ୍ଦିତ ହୁଏ
ଦେଖି ବରଷାର ଜଳ
ଗୀତ ଗାଇ ଚାଷି କ୍ଷେତକୁ ବାହାରେ
ଧରି ଜୁଆଳି ଲଙ୍ଗଳ ।୫।

ରୁଆ ପୋତା କରେ ମଇ ଦେଉ ଥାଏ
ଝିପି ଝିପି ବରଷାରେ
ଅମୀୟ ସୁଷମା ତା' ହୃଦେ କମ୍ପନ
ମିଠା ସ୍ୱରେ ମଧୁ ଝରେ ।୬।

ଜଗତ ଜନକୁ ଆହାର ଯୋଗାଏ
ମୁଣ୍ଡ ଝାଳ ତୁଣ୍ଡେ ମାରି
ଅଭିମାନ କେବେ କରେ ନାହିଁ ସିଏ
ଅଭାବରେ ଯାଏ ସରି ।୭।
**ଗାନ୍ଧୀନଗର, ପୋଷ୍ଟ/ ଜିଲ୍ଲା: ନବରଙ୍ଗପୁର**



## କାଗଜରେ ଲେଖିଦେଲି ତୋର ନାଆଁ

**ଶାନ୍ତିଲତା ପଣ୍ଡା**

ସମୟ ସୂତାରେ ଛନ୍ଦି ହେଲା ଯେବେ
ଆମ ହୃଦୟ ପଞ୍ଜୁରୀ
ମନ ମଲାଟରେ ଲେଖି ହୋଇଗଲା
ପ୍ରୀତି ଗୀତି ଅନ୍ତାକ୍ଷରୀ
ଗୋଧୂଳି ବେଳାର ସୂରୁଯ ନଇଁଲେ
ତମ ଚନ୍ଦ୍ରମୁଖ ଦିଶେ
ନୀଳ ଆକାଶର ନୀଳ ଢେଉ କୋଳେ
ପ୍ରେମର ଫଲଗୁ ଭାସେ
ସପନରେ ଆସି ହସି ହସି ବସି
କହିଯାଅ ମିଠା କଥା
କେବେ କେବେ ପୁଣି ମୋ ମନକୁ ପଢି
ହରି ଦିଅ କେତେ ବ୍ୟଥା
ଦୁଃଖର ଦଦରା ନାଆରେ ମୋହର
ନାଉରୀଟିଏ ତ ସାଜି
କଥା ଦେଉଥିଲ ସୁଖର ସଳିତା
ଜାଳିବ ଲଗାଇ ବାଜି
ସମ୍ପର୍କର ଶବ୍ଦ ଲେଖିବି କେଉଁଠି
ଭାବିଲି ବସି ମୁଁ ଦିନେ
କେଉଁଠି ଲେଖିବି କିପରି ଲେଖିବି
ଚିନ୍ତିଲି ମୁଁ ମନେ ମନେ
ପାହାଡ଼ ଛାତିରେ ଲେଖିବି ଯଦି ମୁଁ
ବରଷା ବଇରି ହେବ
ଅଭିମାନେ ତାର ନହୁଲି ଛିଟାରେ
ଅକାଳରେ ଧୋଇଦେବ
ଯଦି ଲେଖେ କେବେ ବେଳାଭୂମି ପରେ
ସାଗର ଶତ୍ରୁତା ହେବ
ତରଙ୍ଗ ରେ ତାର ଅନାଦର ପଣେ
ବାଲିଚର କରିଦେବ
କାଗଜରେ ତମ ନାଆଁ ଲେଖିଦେଲେ
ହେବ କି କେବେ ସାଇତା
ଅଭିମାନ ଲୁହେ ତିନ୍ତି ଚିରି ଯିବ
ଘାରିବ ଅନେକ ଚିନ୍ତା
ହୃଦୟଟି ମୋର ନିରାପଦ ବୋଲି
କରିଲି ରଙ୍ଗୀନ ତାକୁ
ସାତ ରଙ୍ଗ ଲେପି ତମ ନାଆଁ ଲେଖି
ସାଇତି ଅଛି ତମକୁ
**ବାଲେଶ୍ୱର**

## ଗୁରୁ ପୂର୍ଣ୍ଣିମା

**ଶୋଭାମୟୀ ପତ୍ରୀ**

ବରଷକେ ବାର ମାସ ଆଣିଦିଏ
ପୂଜା ପାର୍ବଣ ସଂଭାର,
ବ୍ୟାସ ଦେବଙ୍କର ପୁଣ୍ୟ ତିଥିଟିରେ
ଗୁରୁପୂର୍ଣ୍ଣିମା ଯେ ସାର ।।
ସାଧୁ ସନ୍ଥଙ୍କର ସ୍ମୃତି ସ୍ମରଣର
ଭାୟା ପୂର୍ଣ୍ଣିମାଟି ଏତ,
ଆଷାଢ଼ ଶୁକୁଳ ପୁତ ପୂର୍ଣ୍ଣିମାକୁ
ଗୁରୁ ପଦେ ସମର୍ପିତ ।।
ମହାନ ମହତ୍ୱପୂର୍ଣ୍ଣ ଅଟେ ଏହି
ପାବନ ପୂର୍ଣ୍ଣିମା ତିଥି,
ଆଦ୍ୟଗୁରୁ ଶିକ୍ଷାଗୁରୁ ଦେବଗୁରୁ
ଗୁରୁ ପୂଜନର ବିଧି ।।
ଶିକ୍ଷା, ସଂସ୍କୃତି ବିକାଶ ଅର୍ଥରେ
ଗୁରୁଙ୍କ ଭୂମିକା ମହାନ,
ମାନବ ହିତ ସାଧନାର୍ଥେ ସ୍ୱୟଂସିଦ୍ଧ
ସୁସ୍ଥ ସମାଜ ଗଠନ ।।
ଆତ୍ମ ସଂଯମତା ଓ ଶୃଙ୍ଖଳା ଦାନେ
ଗୁରୁ ହିଁ ଭାଗ୍ୟବିଧାତା,
ଶାସ୍ତ୍ର ଅଧ୍ୟୟନ ସଂସ୍କାର ସଂଯମ
ଗୁରୁ ପରମ ଜ୍ଞାନଦାତା ।।
ଅଧ୍ୟାତ୍ମିକ ଜ୍ଞାନର ମାର୍ଗ ଦର୍ଶକ
(ଗୁରୁ )ପାର୍ଥିବର ଉପଦେଷ୍ଟା,
ସ୍ନେହାଶିକ୍ତ ଓ ନିଷ୍କପଟ ଅନ୍ତରେ
(ବିତରି )ମାନବିକ ସତ୍ୟନିଷ୍ଠା ।।
ଚତୁର୍ଦ୍ଦିଗେ ବ୍ୟାପ୍ତ ଗୁରୁ ଧୂରନ୍ଧର
ଗୁରୁ ଜ୍ଞାନର ଭଣ୍ଡାର,
ଗୁରୁ ବ୍ରହ୍ମାବିଷ୍ଣୁ ଗୁରୁ ମହେଶ୍ୱର
ଗୁରୁ ସାକ୍ଷାତ ଈଶ୍ୱର ।।
**କେନ୍ଦ୍ରାପଡ଼ା**



## ମୌସୁମୀ ତୁମେ କୁଆଡେ ଗଲ

**ସାଗର କୁମାର ପରିଡ଼ା**

ମୌସୁମୀ ମୌସୁମୀ ଖୋଜା ପଡ଼ିଅଛି ଓଡ଼ିଶା ସାରା
କେବେ ଆସିବ ଏ ଉତ୍କଳ ଭୂମିକୁ ବରଷା ଧାରା ।।
ପ୍ରଚଣ୍ଡ ରୌଦ୍ରର ଅସମ୍ଭାଳ ତାତି ହଉନି ସହି
ଆସ ଆସ ଆମ ଉତ୍କଳ ଆକାଶେ ମୌସୁମୀ ଧାଇଁ ।।

ଶୁଣିଲୁଣି ତୁମେ ଆସିଲଣି କେବେଠାରୁ ବାହାରି
ବାଟରେ କାହାର ପ୍ରେମରେ କି ତୁମେ ଗଲଟି ପଡ଼ି।।
ବୃକ୍ଷଲତା ପଶୁପକ୍ଷୀଙ୍କ ସହିତ ମାନବ କୂଳ
ଚାହିଁ ରହିଛନ୍ତି ପାଇବାକୁ ତୁମ ସ୍ପର୍ଶ ଶୀତଳ ।।

ଜଙ୍ଗଲ କାଟିକି କଳକାରଖାନା ଗଢିଲୁ ଆମେ
ଯୁଆଡ଼େ ଦେଖିବ କଂକ୍ରିଟ ଜଙ୍ଗଲ ସହର ଗ୍ରାମେ।।
ମାଳ ମାଳ ଗାଡ଼ି ବାୟୁମଣ୍ଡଳକୁ ଅଙ୍ଗାରକାମ୍ଳ
ପଠାଇ ତୁମର ପଥ କିବା ରୋକିବାରେ ସକ୍ଷମ ।।

ଡେରି କର ନାହିଁ ମୌସୁମୀ ଗୋ ତୁମେ ଆଗେଇ ଆସ
ଜୀବ ଜଗତର ରକ୍ଷା ପାଇଁ ତୁମେ କର ପ୍ରୟାସ ।।
**ରାଇଘର, ନବରଙ୍ଗପୁର**



## ଆଦ୍ୟ ସେବକ ଗଜପତି

**ଅନୁପମା ବିଶ୍ୱାଳ**

ଧନ୍ୟ ଏ ଉତ୍କଳ ଧନ୍ୟ ଏ ସଂସ୍କୃତି
ଧନ୍ୟ ପ୍ରଭୁ ଜଗନ୍ନାଥ
ସେବା ପରମ୍ପରା ସୁନ୍ଦର ସୁଧାରା
ବହୁଛି ଦେଇ ସୁପଥ।
ପ୍ରଭୁଙ୍କ ସେବକ ସ୍ୱୟଂ ଗଜପତି
ଆଦର୍ଶ ତ୍ୟାଗ ପ୍ରତୀକ
ସେବା ବ୍ରତ ଧର୍ମ ଆଚରଣ କରି
ଦିଅନ୍ତି ଦିବ୍ୟ ମହକ ।
ରଥଯାତରାରେ ବଡଦାଣ୍ଡେ ରହି
କରନ୍ତି ଛେରାପହଁରା
ସୁନା ଝାଡିକାରେ ମାର୍ଜନ ସେ ଦୃଶ୍ୟ
ଆହା କେଡେ ମନୋହରା।
ଦେଖିବା ଲୋକ ଯେ ଦେଖେ ଏକଲୟେ
ନପଡ଼େ ଆଖି ପଲକ
ପ୍ରଭୁଙ୍କ ସେବାରେ ମନ ଲାଖିଯାଏ
ବହେ ଆନନ୍ଦ ଲୋତକ।
ଶୁକ୍ଳ ବର୍ଣ୍ଣ ବସ୍ତ୍ର ପରିଧାନ କରି
ରାଜବେଶେ ସୁସଜ୍ଜିତ
ସହାସ୍ୟ ବଦନେ ଝାଡୁ କରୁଥାନ୍ତି
ବେନି ନେତ୍ର ଉଲ୍ଲସିତ।
ଚତୁର୍ଦ୍ଦିଗେ ଥାନ୍ତି କେତେ ଯେ ଭକତ
କରନ୍ତି ରାଜାଙ୍କ ଜୟ
ଗଜପତି ହୋଇ ନିଷ୍ଠା ସହକାରେ
ପ୍ରଭୁ ପାଖେ ତୁମ ଲୟ ।
ଓଡ଼ିଆ ଜାତିର ଚିର ନମସ୍ୟ ହେ
ତୁମେ ଚିର ବନ୍ଦନୀୟ
ସମଗ୍ର ଜଗତେ ଉଡେ ତୁମ ବାନା
ଦୂରାଅ ଯେଣୁ ସଂଶୟ।
**ସମ୍ବଲପୁର**
**ମୋବାଇଲ୍: ୭୯୭୮୫୬୮୩୨୨**

ସାବିତ୍ରୀ ବ୍ରତ
ବରଷକୁ ଥରେ ହୁଏ ଏହି ବ୍ରତ
ଜ୍ୟେଷ୍ଠ ଅମାବାସ୍ୟା ତିଥିରେ ଜାଣ
ମୃତ୍ୟୁ ସହ ଲଢ଼ି ସତୀ ସାବିତ୍ରୀ ଯେ
ରଖିଥିଲେ ବୋଲି ସ୍ୱାମୀଙ୍କ ପ୍ରାଣ ....
ସଧବା ନାରୀଟି ସ୍ୱାମୀ ଦୀର୍ଘ ଆୟୁ
କାମନା କରନ୍ତି ପାଳିକି ବ୍ରତ
ସମସ୍ତ ସଧବା ନାରୀ ମାନଙ୍କର
ପ୍ରିୟ ବ୍ରତ ବୋଲି ସୁପରିଚିତ ....
ପୂଜାର୍ଚ୍ଚନା ପାଇଁ ବିଭିନ୍ନ ପ୍ରକାର
ନବ ଶାଢ଼ୀ ମାଳି କଜ୍ୱଳ ଚୁଡ଼ି
ପାନିଆ ଦର୍ପଣ ଅଳତା ସିନ୍ଦୂର
ବ୍ରତ ପାଇଁ ସବୁ ରଖେ ସଜାଡ଼ି ...
ଧୂପ ଦୀପ ସାଥେ ଆଳତି କର୍ପୁର
ଲକ୍ଷ୍ମୀ ନାରାୟଣ ବ୍ରତର ବହି
ପ୍ରଭାତରୁ ଉଠି ନିତ୍ୟକର୍ମ ସାରି
ନିର୍ଜଳ ଉପାସେ ନିଷ୍ଠାରେ ରହି ....
ପୂଜାର ଥାଳିରେ ନାନା ରକମର
କୁସୁମ ଚନ୍ଦନ କଳସ ରଖି
ଅତି ଆଡ଼ମ୍ବରେ ସଜାଇ ଦିଅନ୍ତି
ନବ ମୁରୁଜରେ ଝୋଟିକୁ ଲେଖି ....
ନଡ଼ିଆ କଦଳୀ ସପୁରି ପଣସ
ମୁଗ ଡାଲ ଲିଚି ଅଙ୍ଗୁର ଆମ୍ବ
ଖଜୁରି ଓ ଜାମୁ ବରକୋଳି ସାଥେ
ସ୍ୱାଦିଷ୍ଟ ରସାଳ କମଳା ଜାମ୍ବ ...
ଏହି ବ୍ରତ ପାଇଁ ଯୋଗାଡ଼ କରନ୍ତି
ପୂଜା ସ୍ଥଳେ ସବୁ ସାଇତି କରି
ବ୍ରତ ପୂଜା ବେଳେ ବ୍ରତ ବହି ପଢ଼ି
ଧ୍ୟାନରେ ଶୁଣନ୍ତି ଭକ୍ତିକୁ ଭରି ....
ବ୍ରତ ପୂଜା ଶେଷେ ସ୍ୱାମୀଙ୍କ ନିକଟେ
ଆଶିଷ ମାଗନ୍ତି ଚରଣ ଛୁଇଁ
ତାପରେ ପ୍ରସାଦ ସେବନ କରନ୍ତି
ଶୁଭ ମନାସିକି ସ୍ୱାମୀଙ୍କ ପାଇଁ ...
ସନ୍ତୋଷ କୁମାର ସାହୁ
ଗାନ୍ଧିନଗର,କୋରାପୁଟ

# ଯୁବକଙ୍କ ଅକାଳ ବିୟୋଗ, ଅଞ୍ଚଳରେ ଶୋକର ଛାୟା



**ହିଞ୍ଜିଳିକାଟୁ,୧୫।୭(ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁର ପୂର୍ବତନ ନଗରପାଳ ଶିବରାମ ଗୌଡ଼ଙ୍କ ବଡ଼ପୁଅ ଶାଶ୍ୱତ ଗୌଡ଼(୨୫)ଙ୍କ ସୋମବାର ଦିନ ଅକାଳ ବିୟୋଗ ଘଟିଛି। ହିଞ୍ଜିଳି ସାନସାହି ବାସିନ୍ଦା ଶାଶ୍ୱତ ଶ୍ରାବଣ ମାସର ପ୍ରଥମ ସୋମବାର ଉପଲକ୍ଷେ କାଉଡ଼ିଆ ଭାବେ ଜଳାଭିଷେକ ପାଇଁ ରବିବାର ରାତିରେ ଯାଇଥିଲେ। ସୋମବାର ସକାଳୁ ମନ୍ଦିରରେ ଜଳାଭିଷେକ କରି ପ୍ରସାଦ ସେବନ କରି ଘରକୁ ଫେରି ବିଶ୍ରାମ ନେଇଥିଲେ। ଦୀର୍ଘ ସମୟ ଧରି ନିଦରୁ ନଉଠିବା ପରେ ପରିବାର ବର୍ଗ ସଙ୍ଗେ ସଙ୍ଗେ ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ କିନ୍ତୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ଏହି ଖବର ପ୍ରଚାର ହେବା କ୍ଷଣି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ରୁଷିକୁଲ୍ୟା ନଦୀ ତଟରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିବା ବେଳେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

# ମିଥ୍ୟା ଭାଉଚର୍ ଦେଖାଇ ଅର୍ଥ ଲୁଟ କରିଛନ୍ତି ପ୍ରଧାନ ଶିକ୍ଷକ!

- ଟଙ୍କା ଆଦାୟ ପାଇଁ ଡିପିସିଙ୍କ ନିର୍ଦ୍ଦେଶ
- ଅନୁଦାନ ଅର୍ଥ ବ୍ୟୟରେ ବ୍ୟାପକ ଅନିୟମିତତା

**ବିଞ୍ଝାରପୁର,୧୫।୭(ସଂଚାର ବ୍ୟୁରୋ):** ବିଦ୍ୟାର ମନ୍ଦିର ବିଦ୍ୟାଳୟରେ ଅର୍ଥର ଆତ୍ମସାତ। ମିଥ୍ୟା ବିଲ କୁ ଢାଲ କରି ଅନୁଦାନ ଅର୍ଥକୁ ପ୍ରଧାନଶିକ୍ଷକ ଆତ୍ମସାତ କରିଥିବା ଅଭିଯୋଗ। ନିଜ ଦରମା ଟଙ୍କାରୁ ବାଇଶଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଫେରାଇବେ ପାଖାପାଖି ଚାରିଲକ୍ଷ ଟଙ୍କା। ମିଳିଥିବା ସୂଚନା ଅନୁଯାୟୀ ବିଞ୍ଝାରପୁର ବ୍ଲକର ୨୨ଟି ପ୍ରାଥମିକ, ଉଚ୍ଚ, ପ୍ରାଥମିକ, ଉଚ୍ଚ ଓ ଉଚ୍ଚତର ବିଦ୍ୟାଳୟ ମାନଙ୍କୁ ଯୋଗାଇ ଦିଆ ଯାଇଥିବା ଅନୁଦାନର ବିନିଯୋଗ ପ୍ରମାଣପତ୍ରରେ ବ୍ୟାପକ ଜାଲିଆତି ହୋଇଥିବାରୁ ଯାଜପୁର ଜିଲ୍ଲା ସମଗ୍ର ଶିକ୍ଷା ପ୍ରକଳ୍ପ ଅଧିକାରୀ ଏହି ସବୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନଙ୍କୁ ମୋଟ ପାଖାପାଖି ୪ଲକ୍ଷ ଟଙ୍କା ଫେରସ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣା ଯାଇଛି। ପ୍ରକାଶ ଯେ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ ସମଗ୍ରଶିକ୍ଷା, ଯାଜପୁରଙ୍କ ଚିଠିସଂଖ୍ୟା ୨୨୮୧ ତା ୧୦।୦୭।୨୦୨୫ରିଖରେ ବିଞ୍ଝାରପୁର ଗୋଷ୍ଠୀ ଶିକ୍ଷାଅଧିକାରୀଙ୍କୁ ପ୍ରଦାନ କରାଯାଇଥିବା ଚିଠିରେ ଦର୍ଶା ଯାଇଛି କି ବିଞ୍ଝାରପୁର ବ୍ଲକର ଅରେଇ ଠାରେ ଅନୁଷ୍ଠିତ ବିନିଯୋଗପତ୍ର ଆଦାୟ ଶିବିରରେ ବ୍ଲକର ୨୨ଟି ସ୍କୁଲ ଦାଖଲ କରିଥିବା ବିନିଯୋଗ ପତ୍ର ଓ ତତ୍ ସଂଲଗ୍ନ ଭାଉଚର ଯାଂଚବେଳେ ଅର୍ଥ ବିଭାଗର କର୍ମକର୍ତାଙ୍କ ନଜରରେ ୨୦୨୪ - ୨୫ ବର୍ଷର ଅନୁଦାନର ବ୍ୟୟ ବିବରଣୀରେ ବିଭିନ୍ନ ଅନୀୟମିତତା ପରିଦୃଷ୍ଟ ହୋଇଥିଲା। ତଦନୁଯାୟୀ କେତେକ ପ୍ରଧାନ ଶିକ୍ଷକ ଙ୍କ ନିମନ୍ତେ କ୍ୟାସମେମୋ, ନନ୍ ଜିଏସଟି ବିଲ୍, ମିଥ୍ୟା ଭାଉଚର ଆଦି ସମସ୍ୟା ସୃଷ୍ଟି କରିଥିଲା। ସମସ୍ତ କାଗଜପତ୍ର ଯାଂଚ ପରେ ଡିପିସି ଙ୍କ ଦ୍ୱାରା ପ୍ରେରିତ ଆର୍ଥ ବିଭାଗ ତରଫରୁ ଏହି ୨୨ଟି ସ୍କୁଲର ପ୍ରଧାନ ଶିକ୍ଷକମାନେ ଉଠାଇଥିବା ଅନୁଦାନ ମଧ୍ୟରୁ ମୋଟ ପାଖାପାଖି ୪ଲକ୍ଷ ଟଙ୍କା ଫେରସ୍ତ ଆଣିବା ନିମନ୍ତେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ପ୍ରକାଶ। ତେବେ ବିଞ୍ଝାରପୁର ବ୍ଲକର ଏହି ସ୍କୁଲ ମଧ୍ୟରେ ରାଁଶ ପ୍ରାଥମିକ ବିଦ୍ୟାଳୟ, ଝିଙ୍କିରୀ ପ୍ରାଥମିକ ବିଦ୍ୟାଳୟ, ବ୍ରାହ୍ମଣୀ ଗାଁ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗିରିଧାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବରୁଣେଶ୍ୱର ପ୍ରାଥମିକ ବିଦ୍ୟାଳୟ, ରାମଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ, ତଳବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟ, କେ.ସି. ହାଇସ୍କୁଲ, ଟିଣା, ମଇଁଦା ୟୁ.ଜି.ଏମ.ଇ, ସ୍କୁଲ, ଉତଙ୍ଗରା ସରକାରୀ ହାଇସ୍କୁଲ, ସିଦ୍ଧେଶ୍ୱର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପି.କେ. ୟୁଜି ଏମ.ଇ.ସ୍କୁଲ, ଏ.ସି, ହାଇସ୍କୁଲ, ଫଳପୁର, ପ୍ରହଲାଦ ସରକାରୀ ହାଇସ୍କୁଲ, ମଲ୍ଲୀପୁର ଚନ୍ଦ୍ରମୁଁ ପ୍ରାଥମିକ ବିଦ୍ୟାଳୟ, କାଣ୍ଡିସାହି ପ୍ରାଥମିକ ବିଦ୍ୟାଳୟ, ବରକୋଟି ପ୍ରାଥମିକ ବିଦ୍ୟାଳୟ, ରାମଚନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ମନେଇଶୁଣୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗଣ୍ଡକୂଳ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ଖରସ୍ରୋତା ହାଇସ୍କୁଲ (ଭୋକେସନାଲ ), ଏସ.ଜି. ହାଇସ୍କୁଲ ଆଦି ରହିଥିବା ଦେଖିବାକୁ ମିଳିଛି। ଡିପିସିଙ୍କ ଚିଠି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଂଚିବା ପରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ମେମୋ ସଂଖ୍ୟା - ୮୯୫ ତା ୧୪.୭.୨୦୨୫ ରିଖ ଅନୁଯାୟୀ ସମସ୍ତ ପ୍ରଧାନ ଶିକ୍ଷକ ମାନଙ୍କୁ ଏହି ମର୍ମରେ ଏହା ଜଣାଇ ଦିଆଯାଇଛି।



## ଛାତ୍ରୀ ଆତ୍ମାହୁତି ଘଟଣାରେ

# କଂଗ୍ରେସର କନ୍ଧମାଳ ଜିଲ୍ଲା ବନ୍ଦ ଡାକରା

**ଫୁଲବାଣୀ,୧୫।୭(ସଂଚାର ବ୍ୟୁରୋ):** ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଘଟଣାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି କନ୍ଧମାଳ ଜିଲ୍ଲା କଂଗ୍ରେସ।




ଏହାର ପ୍ରତିବାଦରେ ଆସନ୍ତା ୧୭ ତାରିଖ ଗୁରୁବାର କନ୍ଧମାଳ ଜିଲ୍ଲା ବନ୍ଦ ଡାକରା ଦିଆଯାଇଛି। ରାଜ୍ୟରେ ନାରୀ ନିର୍ଯାତନା ସୀମା ଅତିକ୍ରମ କରିଛି। ଏଭଳି ଘଟଣା ସାରା ଦେଶରେ ଓଡିଶାକୁ ନିନ୍ଦିତ କରିଛି ବୋଲି ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖିଛନ୍ତି ଜିଲ୍ଲା କଂଗ୍ରେସ ସଂଯୋଜକ ଚନ୍ଦ୍ର ଶେଖର ପରିଡା। ଏହି ପରିପ୍ରେକ୍ଷୀରେ ରାଜ୍ୟ ସଭାପତି ଭକ୍ତ ଚରଣ ଦାସଙ୍କ ପରାମର୍ଶ କ୍ରମେ ଆସନ୍ତା ୧୭ ତାରିଖରେ ଦଳ ପକ୍ଷରୁ ଜିଲ୍ଲା ବନ୍ଦ ଡାକରା ଦିଆଯାଇଥିବା ସେ ସୂଚନା ଦେଇଛନ୍ତି। ଏଥିରେ ସହଯୋଗ କରିବା ପାଇଁ ସେ ସମସ୍ତ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନ, ବସ, ଟ୍ରକ, ଅଟୋ ରିକ୍ସା, ଟ୍ୟାକ୍ସି ଆସୋସିଏସନ, ବଣିକ ସଂଘ ଓ ନାଗରିକ ସମାଜର କର୍ମକର୍ତାମାନଙ୍କୁ ନିବେଦନ କରିଛନ୍ତି।

# ବାଇକ ଦୁର୍ଘଟଣାରେ ଯୁବସାମ୍ବାଦିକ, ସାନଭାଇ ଗୁରୁତର

**ବୈଶିଙ୍ଗା,୧୫।୭ (ସଂଚାର ବ୍ୟୁରୋ):** ଥାନା ଅଧୀନ ବୈଶିଙ୍ଗା-ମାଣତ୍ରୀ ରାସ୍ତାର ବଡାମ ଠାକୁରାଣୀ ନିକଟରେ ଏକ ବାଇକ ଦୁର୍ଘଟଣାରେ ଯୁବସାମ୍ବାଦିକ ଓ ତାଙ୍କ ସମ୍ପର୍କୀୟ ସାନଭାଇ ଗୁରୁତର ଆହତ ହୋଇ କଟକର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ। ଗୁରୁତର ଆହତ ହେଲେ ସ୍ଥାନୀୟ ପତୁକା ଶାସନ ଗ୍ରାମର ଏକ ଦୈନିକ ଖବର କାଗଜର ବୈଶିଙ୍ଗା ପ୍ରତିନିଧି ଅବିନାଶ ପଣ୍ଡା ଓ ୩ୟ ଶ୍ରେଣୀରେ ପଢୁଥିବା ତାଙ୍କ ମାମୁଁଙ୍କ ପୁଅ ଆଦିତ୍ୟ ଶେଖର ଦାଶ। ସୂଚନା ଅନୁଯାଇ ଆଦିତ୍ୟ ମହୁରୀ ସ୍ଥିତ ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲରେ ୩ୟ ଶ୍ରେଣୀରେ ପଢୁଥିବାବେଳେ ତାଙ୍କ ଭାଇ ଅବିନାଶ ତାଙ୍କୁ ପ୍ରତ୍ୟହ ନିଜ ବ୍ୟାଟେରୀ ଚାଳିତ ସ୍କୁଟିରେ



ନେବା ଆଣିବା କରନ୍ତି। ଆଜି ମଧ୍ୟାହ୍ନରେ ସବୁଦିନ ପରି ସ୍କୁଲ ଛୁଟି ହେବା ପରେ ସେ ଆଦିତ୍ୟକୁ ନେଇ ଘରକୁ ଯିବା ରାସ୍ତାରେ ବୈଶିଙ୍ଗା -ମାଣତ୍ରୀ ରାସ୍ତାର ବଡାମ ଠାକୁରାଣୀ ନିକଟରେ ହଟାତ ତାଙ୍କ ମୁଣ୍ଡ ବୁଲାଇଦେବାରୁ ସ୍କୁଟି ଉପରୁ ନିଜର ଭାରସାମ୍ୟ ହରାଇ ଦେଇଥିଲେ ଓ ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛରେ ଧକ୍କା ଖାଇଥିଲେ। ତେବେ ଘଟଣା ସ୍ଥଳରେ ଅବିନାଶଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହୋଉଥିବାବେଳେ ଆଦିତ୍ୟଙ୍କ ଗୋଡ଼ ଭାଙ୍ଗି ଯାଇଥିଲା। ତେବେ ଦୁଇଭାଇ ଗୁରୁତର ଆହତ ହୋଇ ରାସ୍ତା ପାର୍ଶ୍ୱରେ ପଡ଼ିଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବୈଶିଙ୍ଗା ଡାକ୍ତରଖାନା ନେଇଯାଇଥିଲେ ଓ ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାଲେଶ୍ୱର ଡାକ୍ତରଖାନା ନିଆଯାଇଥିଲା। ତେବେ ସେଠାରେ ମଧ୍ୟ ତାଙ୍କର ଅବସ୍ଥା ଶଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଛି।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଦାବିପତ୍ର ପ୍ରଦାନ



**ବୈଶିଙ୍ଗା,୧୫।୭ (ସଂଚାର ବ୍ୟୁରୋ):** ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ସଂଘର ଆହ୍ୱାନ କ୍ରମେ ବେତନଟୀ ବ୍ଲକ୍ ସଂଘ ନଅଦଫା ସମ୍ମିଳିତ ଦାବିପତ୍ର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ, ବେତନଟୀ ବି.ଡ଼ି.ଓଙ୍କୁ ପ୍ରଦାନ କରିଅଛି। ସଂଘର ବ୍ଲକ୍ ସଭାପତି ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ ଓ ସଂପାଦକ ସଚ୍ଚିଦାନନ୍ଦ ମହାନ୍ତିଙ୍କ ମିଳିତ ଦସ୍ତଖତରେ ପ୍ରଦତ୍ତ ଦାବୀପତ୍ରରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ଚିକିତ୍ସା ଭତ୍ତା, କମ୍ୟୁଟେଡର ସମୟ ୧୫ ରୁ ୧୦ ବର୍ଷକୁ ହ୍ରାସ, ବସ୍ ଓ ଟ୍ରେନ ଭଡାରେ ରିହାତି, ସ୍ୱାସ୍ଥ୍ୟବୀମା ଲାଗୁ, ବକେୟା ୧୮ମାସର ମହଙ୍ଗାଭତ୍ତା ପ୍ରଦାନ. ଭଳି ଦାବିଗୁଡିକ ରହିଅଛି। ଦୀର୍ଘ ବର୍ଷ ଧରି ସଂଘର କୌଣସି ଗୋଟିଏ ବି ଦାବି କୌଣସି ସରକାର ନ ଶୁଣିବା କ୍ଷୋଭର ବିଷୟ ବୋଲି ଉପସ୍ଥିତ ସଂଘର କର୍ମକର୍ତା ପ୍ରକାଶ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ବରିଷ୍ଠ ସଦସ୍ୟ ଚୂଡାମଣି ମହାପାତ୍ର, ବାସୁଦେବ ନାପିତ ହରେନ୍ଦ୍ର ନାଥ ବାରିକ, ଯତୀନ୍ଦ୍ର ନାଥ ସାହୁ, ରାମଚନ୍ଦ୍ର ପଣ୍ଡା, ଅଜୟ କୁମାର କର, ଡଃ ରମାକାନ୍ତ ମହାନ୍ତ, ଦୁର୍ଯ୍ୟୋଧନ ସିଂ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ବେତନଟୀ ପ୍ରେସକ୍ଲବର ସଭାପତି ପ୍ରକାଶ ବେହେରା ଓ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା ମଧ୍ୟ ଉପସ୍ଥିତ ଥିଲେ।

## ଉଦଘାଟନ ପରେ ବି ଅବହେଳିତ

# ପାର୍କ ଫାଟକରେ ଝୁଲୁଛି ତାଲା



**ଆର.ଉଦୟଗିରି,୧୫।୭ (ସଂଚାର ବ୍ୟୁରୋ):** ଉଦଘାଟନ ହୋଇଗଲା। ହେଲେ ଲାଗୁନି କାମରେ। କୋଟିଏ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଅବହେଳିତ ହୋଇପଡିଛି ଗ୍ରାମୀଣ ଉଦ୍ୟାନ । ଆର.ଉଦୟଗିରି ବ୍ଲକ ଅବାରସିଂ ଡୁମ୍ବା ଗ୍ରାମୀଣ ପାର୍କରେ ଥିବା ସମସ୍ତ ଜିନିଷ ନଷ୍ଟ ହୋଇଗଲାଣି। ଲାଇଟ୍ ଭାଙ୍ଗିଯାଇଥିବା ବେଳେ ଅନାବନା ଗଛରେ ଭର୍ତ୍ତି ହୋଇଗଲାଣି । ସ୍ଥାନୀୟ ଲୋକଙ୍କ କାମରେ ପାର୍କ ଆସୁନଥିବା ବେଳେ ଖୁବଶୀଘ୍ର ପୁନରୁଦ୍ଧାର ଦାବି ହୋଇଛି । ଉଦଘାଟନର ଅଢେଇ ବର୍ଷ ପୂରିନି । ଏବେ କୋଟିଏ ଟଙ୍କାର ପାର୍କ ଖତ ଖାଇଲାଣି। ଏ ହେଉଛି ଆର.ଉଦୟଗିରି ବ୍ଲକ ଅବାରସିଂ ଡୁମ୍ବା ଗ୍ରାମୀଣ ପାର୍କ। ପାର୍କ ନିର୍ମାଣ ପରେ ମିଶନ ଶକ୍ତି ମହିଳାଙ୍କୁ ରକ୍ଷଣାବେକ୍ଷଣା ପାଇଁ ହସ୍ତାନ୍ତର କରାଯାଇଥିଲା। କିଛି ମାସ ସୁରୁଖୁରୁରେ ଚାଲିଲା ହେଲେ ଏବେ ଅବହେଳିତ ହୋଇପଡିଛି ପାର୍କ। ଚାରିଆଡେ ଅନାବନା ଗଛରେ ଭର୍ତ୍ତି ହୋଇଯାଇଥିବା ବେଳେ ଭିତରେ ଗଡୁଛି ମଦ ବୋତଲ। ଆଲୋକୀକରଣ ପାଇଁ ଅତ୍ୟାଧୁନିକ ଲାଇଟର ବ୍ୟବସ୍ଥା ହୋଇଥିଲେ ବି ସବୁ ଭାଙ୍ଗିରୁଜି ଗଲାଣି। ସାଜସଜା ପାଇଁ ନିର୍ମାଣ କରାଯାଇଥିବା ସମସ୍ତ ସାମଗ୍ରୀ ନଷ୍ଟ ହୋଇ ଗଲାଣି। ଏବେ ଲୋକଙ୍କ କାମରେ ଆସୁନଥିବା ବେଳେ ପାର୍କର ମୁଖ୍ୟ ଫାଟକରେ ପଡିଛି ତାଲା । ଖୁବଶୀଘ୍ର ଏହାର ପୁନରୁଦ୍ଧାର ଦାବି କରିଛନ୍ତି ସ୍ଥାନୀୟ ଲୋକ । ଲୋକଙ୍କ ମନୋରଂଜନ ତଥା ଅବସର ବିନୋଦନ ପାଇଁ ଗାଁରେ କରାଯାଉଛି ଏହି ଉଦ୍ୟାନ। ହେଲେ ଗ୍ରାମୀଣ ପାର୍କ ଗୁଡିକ ଲୋକଙ୍କ କାମରେ ଲାଗୁନି। ସଦର ମହକୁମାରରେ ନହୋଇ ରାସ୍ତା କଡରେ ନିଛାଟିଆ ଜାଗାରେ ପାର୍କ କରାଯାଉଥିବା ନେଇ ଉଠିଛି ପ୍ରଶ୍ନ। ପାର୍କ ନିର୍ମାଣ ବାହାନାରେ ବ୍ଲକ ପ୍ରଶାସନ ହରିଲୁଟ କରିଛି ଅଭିଯୋଗ ସହ ଉଚ୍ଚସ୍ତରୀୟ ତଦନ୍ତ ଦାବି ହୋଇଛି। ସେପଟେ ଲୋକ ଆସିଲେ ପାର୍କ ମରାମତି ହେବ କହି ଘଟଣା ଏଡାଇ ଦିଆଯାଇଛି। କୋଟି କୋଟି ଟଙ୍କା ବ୍ୟୟ କରାଯାଇ ପାର୍କ ନିର୍ମାଣ କରାଯାଇଥିବା ବେଳେ ଏଥିପ୍ରତି ଗୁରୁତ୍ୱ ଦିଆଯାଇ ମରାମତି କରିବା ଜରୁରି ହୋଇପଡିଛି ।

# ପଥର ଖାଦାନରେ ବୁଡି ଟାଟା କର୍ମଚାରୀଙ୍କ ମୃତ୍ୟୁ

**କଳିଙ୍ଗନଗର,୧୫।୭ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଦାନଗଦୀ ଟାଟା ତ୍ରିଜଙ୍ଗା କଲୋନୀରେ ଏକ ଅଭାବନୀୟ ଘଟଣା ଘଟିଛି। ପଥର ଖାଦାନ ରେ ବୁଡି ଜଣେ ଟାଟା କର୍ମଚାରୀ ଙ୍କର ମୃତ୍ୟୁ ହୋଇଯାଇଛି। ଖବର ମୁତାବକ କଳିଙ୍ଗନଗର ଚମ୍ପା କୋଇଲା ରୁ ଟାଟା କମ୍ପାନୀ ଦ୍ୱାରା ବିସ୍ଥାପିତ ହୋଇ ଦାନଗଦି ସ୍ଥିତ ତ୍ରିଜଙ୍ଗା ଟାଟା କଲୋନୀ ରେ ସ ପରିବାର ରହୁଥିବା ଫକୀର ଚାମ୍ପିୟା ଙ୍କ ପୁଅ ସିରିକା ଚାମ୍ପିୟା (୪୬) ଗତକାଲି ଅପରାହ୍ନ ସମୟରେ ଧୂଳିଗଡ଼ ଜଙ୍ଗଲ ପାଖରେ ଥିବା ଏକ ପଥର ଖାଦାନ ଆଡେ ଶୌଚ ହେବା ପାଇଁ ଆସିଥିଲେ। ଲଗାଣ ବର୍ଷା ରେ ପଥର ଖାଦାନ ପାଣିରେ ପରିପୂର୍ଣ ଥିଲା। ଅସାବଧାନତା ବଶତଃ ସିରିକା ଖାଦାନ ରେ ବୁଡି ଯାଇଥିଲେ। ପରିବାର ଲୋକ ଖବର ପାଇଲା ପରେ ତାଙ୍କୁ ଉଦ୍ଧାର କରି ଦାନଗଦି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚିକିତ୍ସା ପାଇଁ ଭର୍ତ୍ତୀ କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ, ଦାନଗଦି ପୋଲିସ ଏକ ଅପମୃତ ମାମଲା ରୁଜୁ କରି କେସ ନମ୍ବର ୨୩/୨୫ ରେ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହି ଅଘଟଣ କଲୋନୀ ରେ ଦୁଃଖ ର ଛାୟା ଖେଳି ଯାଉଥିବା ବେଳେ। ଦେଖାଯାଉ ଏହି ଅଘଟଣ ପରେ ଏହି ଅଞ୍ଚଳ ରେ ବିପଦ ପୂର୍ଣ୍ଣ ଭାବେ ଥିବା ମୋରମ ଗାଡ଼ ଗୁଡିକ ଉପରେ ପ୍ରଶାସନ ର କେବେ ଦୃଷ୍ଟି ପଡୁଛି।

# ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ହେଲେ ସାରାଂଶ

**ବଲାଙ୍ଗୀର,୧୫।୭ (ସଂଚାର ବ୍ୟୁରୋ):** ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ଭାବେ ବଲାଙ୍ଗୀର ଜିଲାରୁ ସାରାଂଶ ସାହୁଙ୍କୁ ନିଯୁକ୍ତି ଦିଆଯାଇଛି । ଜାତୀୟ ଛାତ୍ର କଂଗ୍ରେସ ସଭାପତି ବରୁଣ ଚୌଧୁରୀଙ୍କ ଅନୁମୋଦନ କ୍ରମେ ଜାତୀୟ ଇନଚାର୍ଜ କହ୍ନେୟା କୁମାର ନବନିଯୁକ୍ତ ସାଧାରଣ ସମ୍ପାଦକଙ୍କ ନାମ ଘୋଷଣା କରିଛନ୍ତି । ଏହି ନିଯୁକ୍ତି ପରେ ସାରାଂଶ ଜିଲା, ରାଜ୍ୟ ଓ ଜାତୀୟ ସ୍ତରର ବହୁ ନେତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଅତିରିକ୍ତ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣୀ



**ବାଲିପାଟଣା,୧୫।୭(ସଂଚାର ବ୍ୟୁରୋ):** ବାଲିପାଟଣା ବ୍ଲକ ଅନ୍ତର୍ଗତ ତୁରିନ୍ତିରା ଗ୍ରାମ ପଞ୍ଚାୟତ କଲ୍ୟାଣ ମଣ୍ଡପ ପରିସରରେ ସୋମବାର ଦିନ ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତି ଜନ ଅଭିଯୋଗ ଶୁଣାଣୀ କରିଛନ୍ତି। ଆଜିର ଏହି ଶିବିରରେ ମୋଟ ୧୨୩ ଟି ଅଭିଯୋଗ ଶୁଣାଣି ପାଇଁ ଆସିଥିଲା।ସେଥିମଧ୍ୟରୁ ୧୦୩ ଟି ବ୍ୟକ୍ତିଗତ ଓ ୨୦ ଗୋଟି ସାମୁହିକ ସମସ୍ୟା ରହିଥିବା ବେଳେ ୩ ଜଣଙ୍କର ସମସ୍ୟାର ତୁରନ୍ତ ସମାଧାନ କରାଯାଇଥିଲା। ଜିଲ୍ଲାପାଳ ଙ୍କ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶିକା କସ୍ତୁରୀବାଳା ସ୍ୱାଇଁ, ଉପ ଜିଲ୍ଲାପାଳ, ବିଡ଼ିଓ ତଥା ତହସିଲଦାର କଳ୍ପନା ଦାସ, ସରପଞ୍ଚ ମିତାରାଣୀ ମଲ୍ଲିକ, ସମିତି ସଭ୍ୟ ସନାତନ ସେଠୀ, ସାଂସଦ ଙ୍କ ପ୍ରତିନିଧି ନାରାୟଣ ଖୁଣ୍ଟିଆ, ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଶ୍ରୀକାନ୍ତ କୁମାର ବେହେରା ପ୍ରମୁଖ ଙ୍କ ସହିତ ସମସ୍ତ ବିଭାଗୀୟ ଅଧିକାରୀ ଓ ଲୋକ ପ୍ରତିନିଧି ସହଯୋଗ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦିବ୍ୟଜ୍ୟୋତି ଭୁତିଆ ଓ ସହଯୋଗୀ ସଂଗ୍ରାମ କେଶରୀ ଦାସ ଶିବିର ପରିଚାଳନା କରିଥିଲେ।

# ସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ଗନ୍ତାୟତଙ୍କର ବିଦାୟ ସମ୍ବର୍ଦ୍ଧନା ଅନୁଷ୍ଠିତ

**ବୈଶିଙ୍ଗା,୧୫।୭ (ସଂଚାର ବ୍ୟୁରୋ):** ମହୁଲିଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ଗନ୍ତାୟତ ଙ୍କର ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟର ଆଲୁମିନୀ ସଭାପତି ଡ଼କ୍ଟର ରମାକାନ୍ତ ମହାନ୍ତଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଭୀମ ଚରଣ ମହାନ୍ତ ଏବଂ ମୁଖ୍ୟ ବକ୍ତା ଭାବରେ ଉଗ୍ରେସନ ମଇ ବିଦ୍ୟାଳୟ ମହୁଲିଆର ଭାରପ୍ରାପ୍ତ ଶିକ୍ଷକ ଶ୍ୟାମପ୍ରସାଦ ମଧୁଆଲ ଯୋଗଦାନ କରି ବିଦାୟୀ ଶିକ୍ଷକ ଶ୍ୟାମ ସୁନ୍ଦର ଗନ୍ତାୟତଙ୍କର ବହୁମୁଖୀ ପ୍ରତିଭା ବିଷୟରେ ଆଲୋଚନା କରିଥିଲେ। ସେ ଜଣେ ସମୟାନୁବର୍ତ୍ତୀ, କର୍ତ୍ତବ୍ୟ ନିଷ୍ଠ, ମିଷ୍ଟଭାଷୀ, ଛାତ୍ର ବାତ୍ସଲ ଶିକ୍ଷକ ଭାବରେ ସୁପରିଚିତ ଥିଲେ ଏବଂ ବିଦ୍ୟାଳୟର ଉନ୍ନତି ମୂଳକ କାମରେ ସେ ସର୍ବଦା ଆଗଭର ହେଉଥିଲେ ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ମହାନ୍ତ ସ୍ୱାଗତ ଭାଷଣ ପ୍ରଦାନ କରି ପ୍ରକାଶ କରିଥିଲେ। ବିଦ୍ୟାଳୟ ତରଫରୁ ଫୁଲ ଚନ୍ଦନ, ପୁଷ୍ପ ଗୁଚ୍ଛ, ମାନପତ୍ର ଉପଢୌକନ ପ୍ରଦାନ ପୂର୍ବକ ବିଦାୟୀ ଶିକ୍ଷକ ଶ୍ୟାମ ସୁନ୍ଦର ଗନ୍ତାୟତଙ୍କୁ ସମ୍ମାନିତ କରାଯାଇଥିଲା କ୍ଷକ୍ଷସଭା କାର୍ଯ୍ୟକ୍ରମକୁ ସଂଯୋଜନା ଏବଂ ପରିଚାଳନା କରିଥିଲେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ମହାନ୍ତ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ସହକାରୀ ଶିକ୍ଷୟିତ୍ରୀ ସାଗରୀକା ମହାପାତ୍ର।

# ସ୍ୱାସ୍ଥ୍ୟ ପରୀକ୍ଷ୍ୟା ଓ ଯକ୍ଷ୍ମା ସଚେତନତା କାର୍ଯ୍ୟକ୍ରମ

**ସୁବର୍ଣ୍ଣପୁର,୧୫।୭ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସୋନପୁର ପଟାଭାଡ଼ି ସ୍ଥିତ କୋଶଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ଏହି ସ୍ୱାସ୍ଥ୍ୟ ଶିବିରରେ ଜନ୍ମରୁ ୧୮ ବର୍ଷ ବୟସର ଶିଶୁ ମାନଙ୍କ ରୋଗ ଚିହ୍ନଟ ସହ ସେମାନଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯାଇଥିଲା। ଶେଷରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଯକ୍ଷ୍ମା ବିଭାଗ ତରଫରୁ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ଏଥିରେ ଜିଲ୍ଲା ଯକ୍ଷ୍ମା ବିଭାଗ ର ସମୀର ସାହୁ ପ୍ରୋଗ୍ରାମ ସଂଯୋଜକ, ମୁଖ୍ୟ ଅତିଥି ଭାବେ ଯୋଗଦାନ ଦେଇଥିଲେ ଏହି ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଡ଼ା ସରୋଜ କୁମାର ପଟେଲ ଙ୍କ ତତ୍ତ୍ୱାବଧାନ ପରିଚାଳନା କରାଯାଇଥିଲା ଏହି ସ୍ୱାସ୍ଥ୍ୟ ଶିବିରରେ ସୋନପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ର ଯକ୍ଷ୍ମା ବିଭାଗ ର ଜ୍ଞାନଜିତ ଶତପଥି ଡୋଲେଶ୍ୱର ବେହେରା



( ସ୍ୱାସ୍ଥ୍ୟ ପରିଦର୍ଶକ ଯକ୍ଷ୍ମା ବିଭାଗ) ହୃଷିକେଶ ମିଶ୍ର ଫାର୍ମାସିଷ୍ଟ ଯୋଗଦାନ ଦେଇଥିଲେ ଓ ସମସ୍ତ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷ୍ୟା ଓ ଯକ୍ଷ୍ମା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରିଥିଲେ। ଏହି କାର୍ଯ୍ୟକ୍ରମ କୁ ସୁଚାରୁରୂପେ ତୁଳାଇବା ପାଇଁ ବିଦ୍ୟାଳୟ ର ନିର୍ଦ୍ଦେଶକ ସଞ୍ଜୟ ସାହୁ ମଞ୍ଚ ପରିଚାଳନା ସ୍ମିତାରାଣୀ ନାଏକ କାର୍ଯ୍ୟକ୍ରମ ସହଯୋଗ କରିଥିଲେ। ଦିପ୍ତୀଗୁରୁମା, ପ୍ରତିଭା ଗୁରୁମା, ବୁଲି ଗୁରୁମା, ରୂପା ଗୁରୁମା, ନମିତା, ଗୌରୀ, ଅନନ୍ୟା, ମମତା,ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ଏଡସ ସମ୍ପର୍କିତ କ୍ୱିଜ୍ ପ୍ରତିଯୋଗିତା

**ସୁବର୍ଣ୍ଣପୁର,୧୫।୭ (ସଂଚାର ବ୍ୟୁରୋ):** ଓଡ଼ିଶା ରାଜ୍ୟ ଏଡ଼ସ ନିୟନ୍ତ୍ରଣ ସମିତି, ଭୁବନେଶ୍ୱର ଓ ଭାରତୀୟ ରେଡକ୍ରାସ ଓଡ଼ିଶା ରାଜ୍ୟ ଶାଖା ମିଳିତ ଉଦ୍ୟମରେ ସୁବର୍ଣ୍ଣପୁର ଜିଲ୍ଲା ଅନ୍ତର୍ଗତ ସବୁ ବିଭିନ୍ନ ସ୍କୁଲର ରେଡ ରିବନ୍ କ୍ଲବର ଛାତ୍ରଛାତ୍ରୀ ମାନଙ୍କୁ ନେଇ ସୋନପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଏଚଆଇଭି /ଏଡସ ସମ୍ପର୍କିତ ଏକ କ୍ୱିଜ୍ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଲଙ୍କ ମାର୍ଗଦର୍ଶନରେ ଜିଲ୍ଲା ଜୁନିଅର ରେଡକ୍ରସ ଅଫିସର ରବିଚନ୍ଦ୍ର ପଶାୟତ କାର୍ଯ୍ୟକ୍ରମକୁ




ସଂଯୋଜନା କରିଥିଲେ। ସୁବର୍ଣ୍ଣପୁର ସ୍ୱାସ୍ଥ୍ୟ ବିଭାଗର ଏଚଆଇଭି/ଏଡସ ଜିଲ୍ଲା ସଂଯୋଜକ ସୁଦାମ ପଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରଥମେ ବିଭିନ୍ନ ବ୍ଲକରୁ ଆସିଥିବା ପ୍ରତିଭାଗୀ ମାନଙ୍କ ମଧ୍ୟରେ ଲିଖିତ ପ୍ରତିଯୋଗିତା ହୋଇଥିଲା। ଉଦଯାପନୀ ସଭାରେ ମୁଖ୍ୟ ଅତିଥି ଭାବରେ ସୋନପୁର ଏବିଇଓ କୃଷ୍ଣଚନ୍ଦ୍ର ପଣ୍ଡା, ମୁଖ୍ୟ ବକ୍ତା ଭାବରେ ଯୁବ ରେଡକ୍ରସ ଜିଲ୍ଲା ସଂଯୋଜକ ଉମାକାନ୍ତ ନାଗ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ପ୍ରଜ୍ଞା ପାରମିତା ଦାଶ ଓ ଅନ୍ୟ ମଞ୍ଚାସୀନ ଅତିଥି ବୃନ୍ଦ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ସାଧନ କର୍ମୀ ଚନ୍ଦ୍ରମଣି ବାଘ ସଂଯୋଜନା କରିଥିବା ବେଳେ ଚନ୍ଦ୍ର ଶେଖର ମହାପାତ୍ର, ବିସିସି ବିଜୟ ପଣ୍ଡା ଓ ଗୋପେଶ ପଣ୍ଡା ସହାୟତା କରିଥିଲେ। ସାଧନ କର୍ମୀ ସସ୍ମିତା ସାହୁ ବିଚାରକ ଭାବରେ କାର୍ଯ୍ୟ ନିର୍ବାହ କରିଥିଲେ। ସୋନପୁର ବାଳିକା ବିଦ୍ୟାଳୟର ପରାମର୍ଶଦାତ୍ରୀ ପ୍ରଜ୍ଞା ପାରିମିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସୌମ୍ୟଶ୍ରୀଙ୍କ ମୃତ୍ୟୁରେ ଏସ୍‌ୟୁସିଆଇ ପକ୍ଷରୁ ଶୋକସଭା

**ଯାଜପୁର,୧୫।୭ (ସଂଚାର ବ୍ୟୁରୋ):** ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟଶ୍ରୀ ମୃତ୍ୟୁର ଉଚ୍ଚସ୍ତରୀୟ ତଦନ୍ତ କରିବା, ଶାସକ ବିଜେପି ଦଳରେ ନିର୍ବାଚିତ ଜନ ପ୍ରତିନିଧିମାନଙ୍କୁ ଛାତ୍ରୀଙ୍କ ଅଭିଯୋଗ ପରେ କୌଣସି ପଦକ୍ଷେପ ନେଇନଥିବା ବ୍ୟକ୍ତିମାନଙ୍କୁ ଦୃଷ୍ଟାନ୍ତ ମୂଳକ ଶାସ୍ତିଦେବା ଛାତ୍ରୀ ଓ ମହିଳାମାନଙ୍କର ନିରାପତ୍ତା ସୁନିଶ୍ଚିତ କରିବା, ମୃତକଙ୍କ ପରିବାରକୁ ଏକ କୋଟି ଟଙ୍କା ପ୍ରଦାନ କରିବା, ଅଶ୍ଳୀଳତା ଓ ମଦ ମାଦକ ଦ୍ରବ୍ୟର ପ୍ରଚାର ପ୍ରସାର ବନ୍ଦ କରିବା ପ୍ରଭୃତି




ଦାବୀରେ ଏସ୍.ୟୁ.ସି.ଆଇ (ସି) ପକ୍ଷରୁ ଯାଜପୁର ଠାରେ ଏକ ଶୋକ ଦିବସ ପାଳିତ ହୋଇଯାଇଛି। ଦଳର କର୍ମୀ ଓ ସମର୍ଥକମାନେ ପ୍ଲାକାର୍ଡ଼ ଓ ବ୍ୟାନର ଧରି ଏକ ପଟୁଆରରେ ବାହାରି ସହର ପରିକ୍ରମା କରି ମେଡିକାଲ ଛକ ଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। କମ୍ରେଡ଼ ରାଧାବଲ୍ଲଭ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏସ.ୟୁ.ସି.ଆଇ (ସି) ଜିଲ୍ଲା ସମ୍ପାଦକ ତଥା ରାଜ୍ୟ କମିଟି ସଭ୍ୟ କମ୍ରେଡ଼ ସୁରେନ୍ଦ୍ର ମଲ୍ଲିକ, ରାଜ୍ୟ କମିଟି ସଭ୍ୟ କମ୍ରେଡ଼ ସୁବାସ ମଲ୍ଲିକ, ଜିଲ୍ଲା କମିଟି ସଭ୍ୟ ସୁଲୋଚନା ପ୍ରଧାନ, ଆଇନଜୀବୀ ସଂଘମିତ୍ରା ପଟ୍ଟନାୟକ, ପଲ୍ଲୀ ମଲ୍ଲିକ ପ୍ରଭୃତି ବକ୍ତାମାନେ ବିଜେପି ସରକାର ବେଟି ବଞ୍ଚାଓ, ବେଟି ପଢ଼ାଓ ଶ୍ଳୋଗାନ ଦେଉଥିବା ବେଳେ ବାସ୍ତବରେ ଛାତ୍ରୀ ଓ ମହିଳାମାନଙ୍କର ସୁରକ୍ଷା ବିପନ୍ନ ହେଉଛି ବୋଲି ଦୃଢ଼ ନିନ୍ଦା କରିବା ସଂଗେ ସଂଗେ ଆଗାମୀ ଦିନରେ ସମସ୍ତ ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ଦୁର୍ବାର ଗଣ ଆନ୍ଦୋଳନ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ମଧ୍ୟ ସଭାସ୍ଥଳରେ ଦାହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ଏସ୍.ୟୁ.ସି.ଆଇ (ସି) ରାଜ୍ୟ କମିଟି ସଭ୍ୟ କମ୍ରେଡ଼ ନୃସିଂହ ପଣ୍ଡା, ଜିଲ୍ଲା କମିଟି ସଭ୍ୟ ଅଜୟ ସାହୁ, ଅଭିମନ୍ୟୁ ମଲ୍ଲିକ, ଚୈତନ୍ୟ ମହାରଣା, ଶାନ୍ତିଲତା ପଣ୍ଡା, ବିରକିଶୋର ନାୟକ, ସଂଗଠକ ବିଶ୍ୱନାଥ ସାହୁ, ମଧୁସୂଦନ ସେଠୀଅଶୋକ ସାହୁ, ମମତା ସେଠୀ ପ୍ରଭୃତି ଯୋଗଦେଇଥିଲେ। ଏ.ଆଇ. ଏମ୍.ଏସ୍.ଏସ୍. ଏବଂ ଏ.ଆଇ.ଡି.ଏସ୍.ଓ ସଂଗଠନ ମଧ୍ୟ ସାମିଲ ହୋଇଥିଲେ।